ମୁଖା ନଥିବା ମଣିଷ

ଡକ୍ଟର ଖଗେଶ୍ୱର ମହାପାତ୍ର

Digitized by PPRACHIN, SOA

ମୁଖା ନଥିବା ମଣିଷ

ଡକ୍ଟର୍ ଖଗେଶ୍ୱର ମହାପାତ୍ର

ଫ୍ରେଣ୍ଡ୍ସ ପବ୍ଲିଶର୍ସ
ବିନୋଦବିହାରୀ, କଟକ

Digitized by PPRACHIN, SOA

ମୁଖା ନଥିବା ମଣିଷ—ଲେଖକ : ଖଗେଶ୍ୱର ମହାପାତ୍ର, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ପ୍ରଚ୍ଛଦପଟ : ଅସିତ୍ ମୁଖାର୍ଜୀ, ଡି.ଟି.ପି : ଫିୟୁଚର ଭିଜନ୍, କଟକ, ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, କଟକ ।

MUKHA NATHIBA MANISA — Author: Khageswar Mahapatra, Publisher: Sahadev Pradhan, Friends' Publishers, Binodbehari, Cuttack-2, Orissa (India), Cover Design: Asit Mukherjee, D.T.P. by: Future Vision, Cuttack, Printer: Jagannath Process, Cuttack.

First Edition 1995

Price Rs. 40

ISBN 81-7401-136-6

Digitized by PPRACHIN, SOA

ସୂଚୀ

୧. ମୁଖା ନଥିବା ମଣିଷ :

୧. ରୂପ ଶବର ୧

୨. ଶିକ୍ରୋ ୨

୩. କୁସୁମା ୩

୪. କିଲୋ ଆଇତା ୪

୫. ବାଡ଼ି ଚାଲାନ ୬

୬. ଡ଼ାବିକ୍ ୮

୭. ଶେଷଦେବ ଓ ସିଂଜାଗାଡୁ ୧୧

୮. ଧୁନ୍ଦୁ ହନ୍ତାଳ ୧୩

୨. ଓଡ଼ିଶାର ଆଦିବାସୀ ସମାଜର ସାଂସ୍କୃତିକ ପରିରେଖା ୧୭

୩. ଆଦିବାସୀ ସମାଜରେ ବିବାହ ପ୍ରଥା ୩୭

୪. ଆଦିବାସୀ ସମାଜ : ପରମ୍ପରା ଓ ଆଧୁନିକତା ୪୨

୫. ଆଦିବାସୀ ଘର ୪୬

୬. ସଉରା ଭାଷା ଓ ସଂସ୍କୃତି ୪୯

୭. ଶବର ଦେବତା ଜଗନ୍ନାଥଙ୍କ ଅକ୍ଷରବ୍ରହ୍ମ ରୂପ ୫୨

୮. କେନ୍ଦୁ ୫୫

Digitized by PPRACHIN, SOA

୯. ଆଦିବାସୀ ଭାଷା ଓ ଲିପି ୫୯

୧୦. ଆଦିବାସୀ ସମାଜରେ ଶିକ୍ଷାର ପ୍ରସାର ୬୭

୧୧. ଆଦିବାସୀ ବିଦ୍ୟାଳୟରେ ଶିକ୍ଷାଦାନର ମାଧ୍ୟମ ୭୧

୧୨. ପଣ୍ଡିତ ରଘୁନାଥ ମୁର୍ମୁ ୭୩

୧୩. ସାନ୍ତାଳୀ ଭାଷା ଓ ଅଲ୍‌ଚିକି (ଲିପି) ୭୯

୧୪. ପାତୁଆ ପାତୁଇ ୮୩

୧୫. ଆଦିବାସୀଙ୍କ କଷଣ : ସମାଧାନର ଉପାୟ ୮୬

Digitized by PPRACHIN, SOA

''ଉତ୍ସର୍ଗ''

—ଆପଣ ବାହାରେ ରହି ଯେପରି ଆଦିବାସୀ କାମ କରୁଛନ୍ତି ସେପରି କାମରେ ଆମ ସରକାରକୁ ସହାୟତା ଦେଇପାରନ୍ତେ— ଏକଥା କହିପାରିଥିବା ମୋଠାରୁ ବଳି ଆଦିବାସୀଙ୍କ ପ୍ରତି ଦରଦୀ ସେହି ବରେଣ୍ୟ ଜନନାୟକଙ୍କୁ—

Digitized by PPRACHIN, SOA

ସ୍ୱ ଭାଷ୍ୟ

ବତିଶ ବର୍ଷ ହେଲାଣି ମୁଁ ଆଦିବାସୀଙ୍କ ସାଙ୍ଗରେ ଅଛି । ୧୯୬୩ ମେ ମାସରେ ଗୋପୀନାଥ ମହାନ୍ତିଙ୍କ ପରଜା ଓ ଅମୃତର ସନ୍ତାନଙ୍କ ରାଜ୍ୟରେ ମୋର ପ୍ରଥମ ପ୍ରବେଶ । ଚିକାଗୋ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ନରମାନ୍ ଜାଇଡ୍ ସଶରୀରେ ମତେ ସେଠି ପହୁଞ୍ଚାଇଲେ ଯେଉଁଠିକି ଗୋପୀନାଥ ମତେ ମନୋଜଗତରେ ନେଇଯାଇଥିଲେ । ଯିବାର, ରହିବାର, ଖାଇବାର କିଛି ସୁବିଧା ନଥାଇ ସେହି ସୁନ୍ଦର ସଂସାର ଓ ସହଜ ମଣିଷଗୁଡ଼ିକ ମତେ ମୋହମୁଗ୍ଧ କରିଦେଲେ । ବିଶ୍ୱବିଦ୍ୟାଳୟରେ ଛୁଟି ପଡ଼ିଲେହିଁ ମୁଁ ସେଠିକି ଛୁଟିଯାଏଁ, କେତେବେଳେ ନିଜେ ଛୁଟିନେଇ ବି ଚାଲିଯାଏଁ । ଏମିତି ଭାବରେ ବର୍ଷ-ବର୍ଷ ଛିଣ୍ଡା-ଯୋଡ଼ା ସଂପର୍କ ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସୁଯୋଗ ମିଳିଲା ଯେ ଆଦିବାସୀ ଏକାଡେମୀ କାମରେ ପାଞ୍ଚବର୍ଷ (୧୯୮୮-୯୩) ଏକାଦିକ୍ରମେ ରହିପାରିଲି । ସେମାନଙ୍କ ସହ ଏତେଦିନର କିଛି ଅଙ୍ଗେନିଭା ସୁଖ-ଦୁଃଖର କଥା କେବେ କେବେ ଅନ୍ୟମାନଙ୍କୁ ଶୁଣାଇବାକୁ, ଜଣାଇବାକୁ ଇଚ୍ଛା ହୋଇଥାଏ । ବିକ୍ଷିପ୍ତ ଭାବରେ କହିଥିବା ଏପରି କଥା ସବୁକୁ ଏକତ୍ର କରି ସଂକଳନଟିଏ ତିଆରି କରିଛନ୍ତି ଶ୍ରୀ ସହଦେବ ପ୍ରଧାନ । ତାଙ୍କୁ ଧନ୍ୟବାଦ ।

ଆଦିବାସୀଙ୍କ ବିଷୟରେ ନୃତତ୍ତ୍ୱ ବହୁତ; ମାନବିକତାବୋଧ ସ୍ୱଳ୍ପ । ବୈଜ୍ଞାନିକ ସିଦ୍ଧାନ୍ତ ପର୍ଯ୍ୟାପ୍ତ; ଅନ୍ତରଙ୍ଗ ଉପଲବ୍ଧି ଅପ୍ରତୁଳ । ମୁଁ ବି ପ୍ରଥମେ ଏକ ଭାଷା-ବିଜ୍ଞାନୀ ରୂପରେ ଜ୍ଞାନବାଦୀ ହୋଇ ଆଦିବାସୀ-ମୁଖୀ ହେଇଥିଲି । ମୋର କାମ ଥିଲା ତାଙ୍କୁ ଯେତେବେଶୀ କଥା କୁହାଇବି ମୋର ତଥ୍ୟ-ଭାଣ୍ଡ ସେତେ ଭର୍ତ୍ତି ହେବ । ଏଣୁ ଆମ ଭିତରେ ଆଳାପର ସୀମା ନଥିଲା, ସଂକୋଚ ନଥିଲା, ଶଙ୍କା ନଥିଲା କି ବିଧିନିଷେଧ ନଥିଲା । ସେହି ଅସୁମାରି କଥାବାର୍ତ୍ତାରୁ ଛାଣି ନେଲି ଭାଷା-ତତ୍ତ୍ୱ, ଶବ୍ଦ-ତତ୍ତ୍ୱ ଇତ୍ୟାଦି । ତାପରେ ମୋର ତଥ୍ୟ-ଭାଣ୍ଡ ଦରାଣ୍ଡିବାରୁ ମତେ ମିଳିଲା ମଣିଷଗୁଡ଼ିଏଙ୍କ ସଭା, ସ୍ୱଭାବ, ସମସ୍ୟା ଓ ସ୍ୱପ୍ନ । ସେହି ଅଧଲଙ୍ଗଳା, ଅପାଠୁଆ, ଆଦିମ ମଣିଷ ଭିତରେ ଅନେକ ଅନେକ ଚିତ୍ତବୃତ୍ତି ଅପ୍ରକଟିତ, ଯାହା ସେ ଅନୁଭବ କରେ ମାତ୍ର ଦର୍ଶାଇ ପାରେନା, ଅଥବା ଆମେ ଦେଖିପାରୁନା । ମୁଁ ଯେତେ ଯେତେ ମିଶିଲି, କ୍ରମେ କ୍ରମେ ସେତେ ବେଶୀ ଅନୁଭବ କଲି ଯେ ବାସ୍ତବରେ ଆମ ଭଳି ସବୁ ବିଷୟରେ ତାଙ୍କର ବି ଚିନ୍ତା-ଭାବନା ଅଛି, କେବଳ ମାପକାଠି ଅଲଗା ଅଲଗା । ତାଙ୍କୁ ଜାଣିବାପାଇଁ ଲୋଡ଼ା

Digitized by PPRACHIN, SOA

ସମାନୁଭୂତି; ସହାନୁଭୂତି ନୁହେଁ । ଶିକ୍ଷାୟତନିକ ଏବଂ ପ୍ରଶାସନିକ ବୋଧାମାନେ ବୈଧୀ ମାର୍ଗରେ କେବଳ ଦେଖିପାରନ୍ତି ସେମାନଙ୍କ ମୁଖା; ମୁହଁ ନୁହେଁ ।

୧୯୯୨-୯୩ରେ ଶ୍ରୀ ଗୋପାଳ ମିଶ୍ର ଓ କେତେକ ବନ୍ଧୁ ଏକ ପାକ୍ଷିକ ପତ୍ରିକା 'ବାଟେଘାଟେ' ବୋଲି ବାହାର କଲେ । ମତେ ସେମାନେ ଆଦିବାସୀଙ୍କ ସମ୍ବନ୍ଧରେ କିଛି ଲେଖିବାକୁ ପ୍ରବର୍ତ୍ତାଇଲେ । ମୋର ପରିଚିତ ଆଦିବାସୀ ନର-ନାରୀମାନଙ୍କର ମୁଖାହୀନ ମୁହଁ ଠିକେ ଠିକେ ଦର୍ଶାଇବାକୁ ନିର୍ଦ୍ଦେଶ ଦେଲେ । ସେତେବେଳେ ମୁଁ ଆରମ୍ଭ କରିଥିଲି କେତୋଟି 'ମୁଖା ନଥିବା ମଣିଷ'ଙ୍କର ରେଖାଚିତ୍ର । ମୋ ବର୍ଣ୍ଣନା ଓ ବିବରଣୀରେ ଟିକେ ମାତ୍ର ଲେଖକୀୟ କଳ୍ପନା ପିହିତ ହୋଇନାହିଁ । ଧୁନ୍ଦୁ, ଡାବିକ୍, କାଡ଼ି, କିଲୋ, ନଇନା, କୁସୁମା, ଶିକ୍ରୋ ଇତ୍ୟାଦିଙ୍କ କଥା ଲେଖିଲି । ଆହୁରି ବାକି ରହିଛନ୍ତି ଅନେକ—ମୁରଲୀ ଖିଲ, ମୋତି ମିଞ୍ଜ, ଲସ ମାଝୀ, ଜୈସାର ଶବର, ଶଙ୍କର କହଁର, ରତନା ପୂଜାରୀ ପ୍ରଭୃତି କେତେ କେତେ ଲୋକ । ସମୟ-ସୁବିଧା ମିଳିଲେ ସମସ୍ତଙ୍କ କଥା କହିବି ।

ମନେପଡ଼େ ୧୯୮୯ରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପୁଅ ସହିତ ସାକ୍ଷାତ । ତାଙ୍କୁ ଭୁବନେଶ୍ୱର ଅଣାଯାଇଥାଏ ଲକ୍ଷ୍ମଣଙ୍କ ଶ୍ରାଦ୍ଧ-ଦିବସ ପାଳନ ଉପଲକ୍ଷରେ । ରବୀନ୍ଦ୍ର ମଣ୍ଡପ୍‌ରେ ମନ୍ତ୍ରୀ ଓ ଅଧିକାରୀଙ୍କ ଭାଷଣମାନ ସେ କାକୁସ୍ତଭାବରେ ମଞ୍ଚାସୀନ ହୋଇ ଶୁଣୁଥାନ୍ତି । ତା ପରଦିନ ତାଙ୍କୁ ଆଦିବାସୀ ପଡ଼ିଆକୁ ପାଛୋଟି ଆଣିଲି । ଆଜବେଷ୍ଟସ୍ ଛାଉଣିତଳେ ଲକ୍ଷ୍ମଣଙ୍କ କଦାକୃତି ମୂର୍ତ୍ତିଟିପାଖରେ ବସି କଥା ହେଲୁଁ । ସେ କହିଲେ, ତାଙ୍କ ଗାଆଁ ତେନ୍ତୁଳିଗୁମା ଲୋକେ ମନେକରନ୍ତି ଯେ ଲକ୍ଷ୍ମଣ ଜୀବିତ ଏବଂ ସେ ଫେରିଲେ ସେମାନଙ୍କ ସୌଭାଗ୍ୟ ଆସିବ ! ଆଦିବାସୀ ପଡ଼ିଆରେ ସୁରମ୍ୟ ମଣ୍ଡପରେ ଲକ୍ଷ୍ମଣଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସେହିବର୍ଷ ପ୍ରତିଷ୍ଠା କଲି ଏବଂ ତାଙ୍କ ଗାଆଁରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଓ ପୂର୍ଣ୍ଣାଙ୍ଗ ଉନ୍ନୟନ ପାଇଁ ଏକ ଯୋଜନା ଦେବାକୁ ପରିକଳ୍ପନା କଲି । ତେବେ ପ୍ରତିମୂର୍ତ୍ତିଟି ମୁଁ ବସାଇ ଦେଇଛି, ମାତ୍ର ଯୋଜନାଟି ଅଦ୍ୟାବଧି ସରକାର ନିଖାରୁଛନ୍ତି ! ଏହିଭଳି ଅନେକ କାଣ୍ଡ କାରଖାନା ମୁଁ କରିଛି । କେନ୍ଦୁଝର ଧରଣୀଧର କଲେଜରେ ବିପ୍ଳବୀ ଧରଣୀଧରଙ୍କ ମୂର୍ତ୍ତି ପ୍ରତିଷ୍ଠା, ଆଦିବାସୀ ଉନ୍ନୟନ ନିମନ୍ତେ ପରାମର୍ଶ ଦେବାପାଇଁ ଆଦିବାସୀ ନେତାଙ୍କ ସମ୍ମେଳନ, ଆଦିବାସୀ ଭାଷାରେ କବିତା ଲେଖା ଶିଖିବା ପାଇଁ ଛାତ୍ର-ଛାତ୍ରୀଙ୍କ ନିମନ୍ତେ କର୍ମଶାଳା, ରାଞ୍ଚିରେ ଜାତୀୟ ଆଦିବାସୀ ମେଳାରେ ଯୋଗଦାନ, ଆଦିବାସୀ ଭାଷା-କଳା-ସଙ୍ଗୀତ-ସାଂସ୍କୃତିକ ପରମ୍ପରା ଇତ୍ୟାଦି ବିଷୟରେ ଗ୍ରନ୍ଥ ପ୍ରକାଶନ, ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ନେତାମାନଙ୍କ ଅବଦାନର ଆକଳନ, ଦୂରଦର୍ଶନରେ 'ଅନ୍ତର୍ନିହିତ ଜ୍ୟୋତିଧାରା' ସିରିଏଲ୍‌ରେ

Digitized by PPRACHIN, SOA

ପ୍ରାମାଣିକ ଚିତ୍ର ପ୍ରସାରଣ ଇତ୍ୟାଦି ବହୁ ଘଟଣା ସହିତ କେତେ କାହାଣୀ ସଂଗୁପ୍ତ ତାହା କିଏ ଜାଣିବ ?

କଲ୍ୟାଣ ବିଭାଗୀୟ କଲ୍ୟାଣରୁ ଆଦିବାସୀମାନେ ପ୍ରଳୟ ପର୍ଯ୍ୟନ୍ତ ସଦା 'ସଂରକ୍ଷିତ' ରହିଯିବା ଅସମ୍ଭବ ମନେହୁଏନା । କାରଣ, ସରକାରଙ୍କ ନୀତି ଅଛି; ମାତ୍ର ନିୟତ ନାହିଁ । ଏହିରକମ ପରିସ୍ଥିତିରେ ବ୍ୟକ୍ତିଗତ ସ୍ତରରେ ଆମର ନୈତିକ ଦାୟିତ୍ୱ ନିଜର ବଡ଼ପଣିଆ ବର୍ଜନ କରିବା ସଙ୍ଗେ ଆଦିବାସୀଙ୍କ ମଧ୍ୟରେ ହୀନମନ୍ୟତା ସୃଷ୍ଟି ନ କରିବା । ଏହି ଦୃଷ୍ଟିରୁ ମୋ ମନରେ ଯାହା ଚେତନା ଆସିଥାଏ, ସେପରି କିଛି କଥା ଅନ୍ୟମାନଙ୍କ ମନରେ ଚେତାଇଦେବାକୁ କିଛି ଲେଖି ପକାଇଛି । ମୁଁ ଆଶାକରୁଛି, ମୋର ପ୍ରତିବେଦନ ଅନ୍ତତଃ କିଛି ଆଦିବାସୀ-ପ୍ରେମୀ ଲୋକେ ମନରେ ଘେନିବେ ଏବଂ ପଛୁଆ ଆଦିବାସୀଙ୍କ ମଧ୍ୟରେ ଟିକେ ତରଙ୍ଗ ସୃଷ୍ଟି କରିବ ।

ମୁଁ କ୍ୱଚିତ୍ ଲେଖେଁ । ତେବେ ବି ମତେ ଲେଖାଇ ଏହି ଲେଖାଗୁଡ଼ିକୁ ପ୍ରଥମେ ପ୍ରକାଶ କରିଥିବାରୁ ବାଟେଘାଟେ, ସମାଜ, ସମ୍ବାଦ, ଜନମତ, କ୍ରାନ୍ତିଧାରା, ସମାରୋହ, ପୂର୍ବାଶା, ଜିଗୀଷା, କୋଣାର୍କ ଆଦି ପତ୍ର-ପତ୍ରିକା ପ୍ରକାଶନ ସଂସ୍ଥା, ପାରଳାଖେମୁଣ୍ଡି ଗଜପତି କଲେଜ, ଆକାଶବାଣୀ ଓ ଦୂରଦର୍ଶନ ପ୍ରତି ମୁଁ କୃତଜ୍ଞ ।

ଶାନ୍ତିନିକେତନ
୨୯-୮-୯୫

ଖଗେଶ୍ୱର ମହାପାତ୍ର

Digitized by PPRACHIN, SOA

ମୁଖା ନଥିବା ମଣିଷ

ରୂପ ଶବର

ଚନ୍ଦ୍ରଗିରି ପାଖର ସଉରା ଗାଁଟିଏ ଜଗନ୍ନାଥପୁର । ସେଠି ରହେ ରୂପ ଶବର । ସେ ଜଣେ ରୂପକାର ଅର୍ଥାତ୍ ଚିତ୍ରଶିଳ୍ପୀ । ସଉରାମାନଙ୍କ ପ୍ରଥାଗତ କାନ୍ଥ-ଚିତ୍ର (ଇଡ଼ିତାଲ) ଆଙ୍କିବାରେ ସେ ସିଦ୍ଧହସ୍ତ । ଦିଲ୍ଲୀ-ବମ୍ବେ ଯାଏ ସେ ତାର କଳାକୁଶଳତା ଦେଖାଇଛି । ସଉରା ଧର୍ମାଚାରରେ ଚିତ୍ରଅଙ୍କା ଏକ ବିଧି । ରୂପ ଶବର ସେଇ ଚଳଣିରେ ଜଣେ ପ୍ରତିଷ୍ଠିତ ଚିତ୍ରକାର ।

ସଞ୍ଜସଞ୍ଜୁଆ ବେଳ । ଗାଁଆରେ ପହଞ୍ଚି ଦେଖିଲି, ରୂପ ନାହିଁ । ଲୋକେ କହିଲେ ଯେ ସେ ଏବେ ସବୁବେଳେ ତା ବାଡ଼ରେ ପଡ଼ିରହୁଛି । ଆଉ ଦୁଇ କିଲୋମିଟର ଗଲେ ତାର ବାଡ଼ (ବଗିଚା) । ରାତି ଘଡ଼ିଏ ହେବ । ତୃତୀୟା ଜହ୍ନର ମ୍ଳାନ ଆଲୁଅରେ ତା ବଗିଚାରେ ପହଞ୍ଚିଲୁ । ଦିଶିଲା ଛୋଟ କୁଡ଼ିଆଟିଏ । ତା ପାଖରେ ଚୁଲି ଜଳୁଛି । ସ୍ତ୍ରୀ ଲୋକଟିଏ ରାନ୍ଧୁଛି । ଛୋଟ ଝିଅ ଦୁଇଟି ଓ ପୁଅଟିଏ ଘେରିଛନ୍ତି । ଯୋଡ଼େ କୁକୁର ଭୁକି ଉଠିଲେ । ଆମେ ଡାକ ଛାଡ଼ିଲୁ । ରୂପ କୋଉଠୁଁ ଦୂରରୁ ଜବାବ ଦେଲା । ସ୍ତ୍ରୀ ଓ ପିଲାଙ୍କ ସହ କଥାଭାଷା ହେଉଁ ହେଉଁ ରୂପ ପହଞ୍ଚିଗଲା । ରୂପକାର ଭଳି ଚେହେରା ଓ ମିଜାଜ ।

କିନ୍ତୁ ତା ଅନ୍ତରର ଶିଳ୍ପ-ପୁରୁଷର ସଂଧାନ କରିବାକୁ ଯାଇ ଦେଖିଲି ଯେ ଆଉ ତାର ଚିତ୍ର ଆଙ୍କିବାପାଇଁ ମୋହ ନାହିଁ । ବଗିଚାଟି ଏବେ ତାର ସବୁ ସ୍ୱପ୍ନ ଓ ସାଧନାର କ୍ଷେତ୍ର । ଅନେକ ରକମର ଫସଲ କରିବାକୁ ତାର ଇଚ୍ଛା । ଦିନରାତି ସକୁଟୁମ୍ବ ସେଠି ପଡ଼ିରହୁଛି । ତାର ସଂସାର ଚଳାଇବାପାଇଁ ତାହାହିଁ ଏବେ ଏକମାତ୍ର ଅବଲମ୍ବନ । ଚିତ୍ରକଳା ସମ୍ବନ୍ଧରେ ତାର ମତ ହେଲା—ବେମାର ହେଲେ ତ ଲୋକେ ଡାକ୍ତରୀ ଔଷଧ ଖାଉଛନ୍ତି, ଦେବତାଙ୍କ ପୂଜାପାଇଁ ଚିତ୍ର ଆଙ୍କିବା ଆଉ ଲୋଡ଼ା ହେଉନାହିଁ । ତେଣୁ ସେଥିରୁ ଆୟର ସମ୍ଭାବନା କିଞ୍ଚିତ୍ ।

Digitized by PPRACHIN, SOA

ବିଶ୍ୱ ବିଖ୍ୟାତ ସଉରା ଚିତ୍ରକଳାର ଜଣେ ସିଦ୍ଧହସ୍ତ ଶିଳ୍ପୀର ଏହି ମନ୍ତବ୍ୟ ଶୁଣି ହତାଶ ହେଲି । ଇଡ଼ିତାଳର ସଂରକ୍ଷଣ ଓ ସମୃଦ୍ଧି ପାଇଁ, ଶିଳ୍ପୀ ରୂପ ଶବରମାନଙ୍କ ପରିପୋଷଣ ପାଇଁ କ'ଣ ଉପାୟ ନାହିଁ ? ରାଜ୍ୟର ଚିତ୍ରଶିଳ୍ପୀ ବୃନ୍ଦ ଓ ଲଳିତକଳା ଚର୍ଚ୍ଚା ପ୍ରତିଷ୍ଠାନ ସମୂହ ପକ୍ଷରେ ଏହା ବିଚାର୍ଯ୍ୟ ।

ଶିକ୍ରୋ

ମେରିଆ ପରବ ଦେଖିବାକୁ ଯାଇଥିଲି । ବେଲଘରରୁ କିଛି ଦୂରରେ ଉତେଇ ନଇ ସେପାରିରେ ଛୋଟିଆ କୁଟିଆ କନ୍ଧ ଗାଁଟିଏ—ତୁଆକେଲା । ଜାନିବୁଢ଼ା ଆଦର କଲା । କୁଟିଆ ବୋଲି ବରଣ କଲା । ଗାଁର ସାନ ବଡ଼ଙ୍କୁ ଭେଟିଲି । ସବୁ ଝିଅ ମାଇପିଙ୍କ ଭିତରେ ଜଣେ ଟିକେ ବାରି ହେଇଯାଉଥାଏ । ଅଳ୍ପ ଉଞ୍ଚ, ମାଠିଲା ପରି ଦେହ, ଲାଲ ନୀଳ ଛିଟ ଶାଢ଼ୀ ଖଣ୍ଡେ ତାଙ୍କ ଢଙ୍ଗରେ ପେଣ୍ଡିଗୋଡ଼ ଯାଏଁ ପିନ୍ଧିଥାଏ, କଥା ପଦେ କହୁଣୁ କ୍ଷଣକ୍ଷଣକେ ଗମ୍ଭୀର ଦିଶୁଥାଏ । କିଏ ସେ ? ଭରସି କରି ପଚାରିଲି । କହିଲା, ସେ ଶିକ୍ରୋ, ଜାନିବୁଢ଼ାର ଝିଅ । ଆଉ ପଦେ ଦି ପଦ କଥାପରେ ଗମ୍ଭୀର ହୋଇ ଭିଡ଼ରେ ମିଶିଗଲା ।

ରାତିରେ ନାଚ ଚାଲିଥାଏ । ପୁଅ ଝିଅ ମିଶି ପିଠିପଟେ ହାତକୁ ହାତ ଛନ୍ଦି ମଣିଷର ଶିକୁଳି ତିଆରି କରିଥାନ୍ତି ଏବଂ ଆଗକୁ ପଛକୁ ଗତି କରି ନାଚୁଥାନ୍ତି । କେତେଜଣ ସେହି ଧାଡ଼ି ଭିତରେ (**ଆଦିବାସୀ ଘରେ ଝିଅଟିଏ ବୋଝ ନୁହେଁ । ମାତ୍ର ଝିଅ ଜନମ ପାଇ ଶିକ୍ରୋ ନିଜ ଜୀବନରେ ଯାହା ହରାଇଛି ସେଥିପାଇଁ ତା ମନରେ କ'ଣ କିଛି ଆଲୋଡ଼ନ ନାହିଁ ?**) ଗୋଟେ ଫାଙ୍କ କରି ମୋତେ ଖଞ୍ଜିଦେଲେ । ଜଣେ ପୁରୁଷ ପରେ ମୋ ଡାହାଣ ହାତ ପଛପଟେ ଜଣେ ଝିଅର ହାତ ସହ ଛନ୍ଦିଦେଲା । ଦୁଇ ପାହୁଣ୍ଡ ଆଗକୁ ଧାଡ଼ି ଗତି କରି ନଥିବ, ଝିଅଟିର ହାତ ଧାଡ଼ିରୁ ଖସିଗଲା ଏବଂ ସେ ଖସି ଚାଲିଗଲା । ସେ ଥିଲା ଶିକ୍ରୋ !

ତାର ଏମିତି ଦୂରେଇ ଯିବାର, ଗମ୍ଭୀର ରହିବାର କାରଣ କ'ଣ ଜାଣିବାକୁ ଉତ୍ସୁକ ହେଲି । ଜଣକଠାରୁ ବୁଝିଲି—ତାର ପ୍ରଣୟ ଓ ବିବାହ ଘଟିତ ବିପର୍ଯ୍ୟୟ । ଗାଁ ସ୍କୁଲର ମାଷ୍ଟର ହରିଜନ ଯୁବକଟି ସହିତ ତାର ଭାବ ହୋଇଥିଲା । ସେ ଗର୍ଭବତୀ ହେଲା, ପୁଅଟିଏ ଜନ୍ମକଲା, କିନ୍ତୁ ଦୁହିଁଙ୍କର ବିବାହ ହୋଇପାରିଲା ନାହିଁ । ଏପରି ବିବାହ ସମାଜରେ ବାରଣ । ଏବେ ଶିକ୍ରୋ ନିଜ ସଂପ୍ରଦାୟର ଆଉ କାହା ପ୍ରତି ଆକୃଷ୍ଟ ହେଉନାହିଁ କିମ୍ବା ହରିଜନ ମାଷ୍ଟ୍ରଟି ପାଖକୁ ପଳାଇବାକୁ ଆଗ୍ରହୀ ନୁହେଁ । ବାପଘରେ

Digitized by PPRACHIN, SOA

ରହିଛି ଏବଂ ସାରା ଜୀବନ ରହିଯାଇପାରେ । ଆଦିବାସୀ ଘରେ ଝିଅଟିଏ ବୋଝ ନୁହେଁ ମାତ୍ର ଝିଅ ଜନମ ପାଇ ନିଜ ଜୀବନରେ ସେ ଯାହା ହରାଇଛି ସେଥିପାଇଁ ତା ମନରେ ସତରେ କଣ କିଛି ଆଲୋଡ଼ନ ନାହିଁ ? ତାହାହେଲେ କଣ ପାଇଁ ସେ ଦୂରେଇଯାଏ, ଗମ୍ଭୀର ରହେ, ନାଚରେ ପୁରୁଷର ହାତ ଛିଞ୍ଚାଡ଼ି ଖସି ପଳାଏ ?

କୁସୁମା

କୁସୁମା ମତେ ତାଙ୍କ ଭାଷାରେ କାହାଣୀ କହିବାକୁ ମୋ ସହିତ କାମ କରୁଥାଏ । ଅଧାବୟସୀ (**କୁସୁମାର ଆଖିରୁ ଧାର ଧାର ଲୁହ ଓ ଗଳାରେ କୋହ । ... ମାଇକୀ ପରି ସେ ବି ଅଳସେଇ ଓ ଖାଉରୀ ଥିଲା । ସେଥିଲାଗି ତାର ମନୁଷ୍ୟ ତାକୁ ଛାଡ଼ିଦେଲା ।**), ଖୁସି ମିଜାଜୀ ଡିଡ଼ାୟୀ ସ୍ତ୍ରୀ ଲୋକଟିଏ । ଭାବଦେଇ ଆସ୍ତେ ଆସ୍ତେ ମତେ କାହାଣୀ ଶୁଣାଏ । ଦିନକର କଥା : ଗୋଟିଏ ଟୋକା କନିଆ ଖୋଜୁଥାଏ । ଦିନେ ହାଟ ବାହୁଡ଼ା ବାଟରେ ସେ ଗଛ ମୂଳରେ ବସି ଅଳସ ଭାଙ୍ଗୁଥାଏ । କୁଆଡୁ ଗୋଟିଏ ମାଇକୀ ପ୍ରାୟ ଦୌଡ଼ିଲା ଭଳି ଆସି ସେଠି ପହଞ୍ଚିଲା । ଦୁହେଁ କଥାବାର୍ତ୍ତା ହେଲେ । ଜଣାପଡ଼ିଲା ଯେ, ମାଇକୀ ମଧ୍ୟ ତାର ମନୁଷ୍ୟକୁ ଛାଡି ପଳାଇ ଆସିଛି । ଟୋକା ଭାବିଲା ଆଉ କନିଆ ନ ଖୋଜି ତାକୁ ହିଁ ବିଭା କରିବ—ମାଇକୀର ବୟସ ହେଇଛି, ସବଳ ଅଛି, କାମକୁ ଭଲ ପାରିବ । ତାପରେ ଦୁହେଁ ଆଲୋଚନା କରି ରାଜିରୁଜା ହେଲେ । ଟୋକା ତାକୁ ନେଇ ଘରକୁ ଆସିଲା । ମା' କହିଲା—ଅଜଣା ଲୋକକୁ ଆଣିଲୁ, କ'ଣ ନାହିଁ କ'ଣ କିଏ ଜାଣେ ? ତୋର ମନ ବାବୁ ! ଯାହା ହେଉ ଦୁହେଁ ବିଭା ହୋଇ ରହିଲେ । ଅଳ୍ପଦିନ ପରେ ମା ଦେଖିଲା ଯେ, ବୋହୂ ବହୁତ ଖାଉରୀ । ସବୁ ଲୁଚାଇ ଖାଇଯାଉଛି । ପୁଅକୁ ସାବଧାନ କଲା । ଟୋକା କହିଲା—ରହ ମୁଁ ତାକୁ ଶିକ୍ଷା ଦେବି । ସେ ଦିନ ବଣକୁ ଯାଇ ଗୋଟେ ମହୁଫେଣାରେ ତୀରଟିଏ ଫୋଡ଼ି ଦେଇ ଆସିଲା । ତା' ପରଦିନ ମାଇକୀକୁ ବଣକୁ କାମ ବାହାନାରେ ଡାକିନେଇ କହିଲା—ମୁଁ କିଛି ନଦେଖି ଏଇଠୁ ବିନ୍ଧିଦେଲେ ଯେଉଁଠି ମହୁବସା ଥିବ ସେଠି ପାଇବ । ମାଇକୀ ଚକିତ ହେଲା । ଟୋକା ଶର ବିନ୍ଧିଦେଲା । ତାପରେ ତାକୁ ନେଇ ଦୂରରେ ମହୁ ବସାରେ ତୀର ଫୁଟି ରହିଥିବା ଦେଖାଇଦେଲା । ଟୋକା ଆଖିରେ ନଦେଖି ମଧ୍ୟ ଦେଖିପାରୁଛି ଜାଣି ତା ଚୋରେଇ ଖାଇବା ସେ ଦେଖିପାରୁଥିବ ବୋଲି ଭୟ ପାଇଲା । ଯାହା ହେଉ, ସେ ଦିନଟି ଗଲା । ଆଉ ଦିନେ ଟୋକା ମା'କୁ ଗୋଟେ କୁକୁଡ଼ା ରାନ୍ଧି ଖାଇବାକୁ କହି ମାଇକୀ ସହିତ ବିଲକୁ ବାହାରିଗଲା । କିଛି ସମୟ ପରେ

Digitized by PPRACHIN, SOA

କହିଲା—ଜାଣୁ ମୋ ମା'ଟା ବହୁତ ଖାଉରୀ । ଆଜି ଆମେ ଘରେ ନଥିବାରୁ ଗୋଟେ କୁକୁଡ଼ା ମାରି ଲୁଚାଇ ଖାଉଛି । ମାଇଜୀ "ସତେ କି" ବୋଲି ଘରକୁ ଛୁଟିଲା । ଛପିକି ଦେଖିଲା ଟୋକାର କଥା ସତ । ତାର ମଧ ଏପରି ଲୁଚାଇ ଖାଇବା କଥା ଟୋକା ଜାଣିଥିବ ବୋଲି ଭୟ ଓ ଲଜ୍ଜାରେ ସେ ଛୁଟିବାରେ ଲାଗିଲା । ଟୋକା ଜଗିଥିଲା । ଧରି ପକାଇଲା । ମାଇଜୀ ଦୋଷ ମାନି ଆଉ କେବେ ସେପରି କରିବ ନାହିଁ ବୋଲି ସତ୍ୟ କରି ଘରକୁ ଫେରିଲା । ଦୁହେଁ ସୁଖରେ ଖାଇପିଇ ରହିଲେ—କଥା ସରିଲା ।

କିନ୍ତୁ ଏ କ'ଣ ? କୁସୁମାର ଆଖିରୁ ଧାର ଧାର ଲୁହ ଓ ଗଳାରେ କୋହ !

ତାକୁ ଶାନ୍ତି କଲି । ତାପରେ ସେ ଆତ୍ମପ୍ରକାଶ କଲା । କାହାଣୀର ମାଇଜୀଟା ପରି ସେ ବି ଖୁବ୍ ଅଳସେଇ ଓ ଖାଉରୀ ଥିଲା, ସେଥିଲାଗି ତାର ମନୁଷ୍ ତାକୁ ଛାଡ଼ିଦେଲା । ତିନି ବରଷ ହେଲାଣି । କେହି ତାକୁ ଆଉ ବିଭା ହେଉନାହିଁ । ଚଳିବାକୁ କଷ୍ଟ । ଖାଦୀପିଦି ନାହିଁ । ରୋଗବ୍ୟାଧିକି ସାହା ଭରସା ନାହିଁ । ଛାଡ଼୍ରା ଅଣ୍ଡା ଆଉ ଗୋଟେ ବିଭା କଲାଣି । ସେ ଏବେ କ'ଣ କରିବ ? କୁସୁମାର ଦୁଃଖ ଅନୁଭବ କଲି । ତାଙ୍କର ପ୍ରଥାବଦ୍ଧ ସାମାଜିକ ନିୟମ ବଡ଼ ନିଗଡ଼ । କୁସୁମା ଆଉ ବିଭା ହେବାର ବିଶ୍ୱାସ ନାହିଁ । ସେ ଏବେ ଅଛି କି ନା ଓ କିପରି ଅଛି କେଜାଣି ? ସତରେ ଏପରି କୁସୁମାମାନଙ୍କର ଭବିଷ୍ୟତ କାହାର ଦାୟିତ୍ୱ ?

କିଲୋ ଆଇତା

ଗ୍ରାମ - କଞ୍ଚଣା, ବ୍ଲକ୍ - ଲମତାପୁଟ, ଜିଲ୍ଲା - କୋରାପୁଟ । ସ୍ୱଳ୍ପ ଖ୍ୟାତ ଓ ସଂଖ୍ୟାଲଘୁ ପାରେଙ୍ଗା ଆଦିବାସୀ ସଂପ୍ରଦାୟର ଏକ ଗାଆଁ । ସେଇଠି ରହେ ପାରେଙ୍ଗା ବୁଢ଼ା କିଲୋ ଆଇତା । ତାକୁହିଁ ଭେଟିବାକୁ ଜଣକର ମଟର ସାଇକେଲ୍‌ରେ ଯାଇ କୌଣସିମତେ ଗାଆଁ ପାଖରେ ପହଞ୍ଚିଲୁ । ଗାଡ଼ିଟି ରାସ୍ତାରେ ଛାଡ଼ି ବିଲ ମଝିରେ ଚାଲିଲୁ । ଗାଆଁର ପୁରୁଷ ଲୋକ ସବୁ ବିଲରେ ବା ପାହାଡ଼ରେ । ସ୍ତ୍ରୀ ଲୋକମାନେ ବି ଦାରୁ-ପତର ପାଇଁ ଜଙ୍ଗଲକୁ ଯାଇଥିବାରୁ ଅଳ୍ପ କେତେଜଣ ଘରେ ଥା'ନ୍ତି । ଯାହେଉ, ଆଇତା ବୁଢ଼ାର ଝିଅ ନଇନା ଘରେ ଥିଲା । ଆମକୁ ଦେଖି ଛାନିଆ ହେଲା । ପଚାରିଲା—ବାବା ନାଇଁ, କାଇଲାଗି ଆଇଲାସ୍ ବାବୁ ? ନଇନାର ସାହସିକତା ଓ ସଂଭ୍ରମବୋଧଭରା ଆଖି ଦୁଇଟି ଦେଖି ଟିକେ କେମିତି କୌତୁକ କରିବାକୁ ମନ ହେଲା । କହିଲି—ତୋକେ ମୋର ଲୋଡ଼ା, ତୋକେ ମାଗ୍‌ବାକେ ଆଇଲି । ହସିଦେଇ ଘରେ ପୂରିଦେଲା । ଭିତରୁ କହିଲା, ବାବା ନାହିଁ ।

Digitized by PPRACHIN, SOA

କ୍ରମଶଃ ଗାଆଁରେ ଯିଏ ଯେଉଁଠି ଥିଲେ ଜମିଗଲେ । କିଏ ଆଇତାକୁ ଖବର ଦେଲା । ସେ ମଧ ପୁଅ ସହିତ ଆସି ପହଞ୍ଚିଗଲା । ସେ ଆଶ୍ଚର୍ଯ୍ୟ ହେଉଥିଲା ଯେ ମୁଁ କେମିତି ତାକୁ ଜାଣିଲି ? ତେଣୁ ମୁଁ ଆଗତୁରା କହିପକାଇଲି—ତମର ଲୋକ ସେ ସେମ୍‌ଲା ଗାଆଁର ସମାମୁଦ୍‌ଲିର ପୁଅ ବଲ୍‌ରାମ୍ କହିଛି ତୋର କଥା । ସେ ଖୁସି ହେଲା । ମତେ ବିଶ୍ୱାସକଲା । କାହିଁକି ଖୋଜିଲୁ ବୋଲି ପଚାରିବା ଆଗରୁ ଆଉଥରେ କୌତୁକ କରି କହିଲି—ନଇନାକୁ ମାଗି ଆସିଲି । କି ହସ ବୁଢ଼ାର । ସନ୍ଦେହ ଓ ସଙ୍କୋଚର ବ୍ୟବଧାନ ଆମ ଭିତରୁ ଦୂରେଇ ଗଲା । ମୋର ଉଦ୍ଦେଶ୍ୟ କହିଲି—ଆମକୁ ତୋର କଥା ଗୋରୁମ୍ ଭାଷା ଶିଖାଇବୁ, ମୋ ସାଙ୍ଗରେ ଯିବୁ, ବଲ୍‌ରାମ୍ ବି ଆସିବ । ବୁଢ଼ା ଟିକେ ଚିନ୍ତାକଲା । ପୁଅ ସମରା ଓ ଝିଅ ନଇନା ବି ଆମ ପରି ଉତ୍କଣ୍ଠିତ । ହଠାତ୍ କହିଲା—ଯିବି ବାବୁ, ପୁଅର ବାହାଲାଗି ଝୋଲା ଟଙ୍କା ଦରକାର । କାଇଟା କହିବାର୍‌ରେ ପିଲା-ଟୋକୀ ? ପୁଅ-ଝିଅ କୃତଜ୍ଞତାରେ ବିଗଳିତ ହେଲେ—ତାଙ୍କର ଭଲ ପାଇଁ ବୁଢ଼ା କମାଣି କରିବ ।

ଆମ କ୍ୟାମ୍ପରେ ଆଇତା ମିଶିଲା । ସମସ୍ତଙ୍କଠୁଁ ବୟସ୍କ, ମାତ୍ର ସମସ୍ତଙ୍କ ସହିତ ସମବୟସୀ ଭାବ । ଦିନେ ସେମାନଙ୍କ ରହିବା ବଖରାରେ ପଶି (କିଲୋ ଆଇତା **୧୯୪୨ ସ୍ୱାଧୀନତା ଆନ୍ଦୋଳନର ଜଣେ ସଂଗ୍ରାମୀ । ହେଲେ ୧୯୬୮ ସାଲରେ ସେ ଠିକ୍ ଭାବରେ ଜାଣିନଥିଲା, କିଏ ଜିତିଲା ? ଆଇତା କହିଲା—କ'ଣ ସବୁ ବଦଳିଛି ବୋଲି ସେ ଶୁଣୁଛି । ହେଲେ ତାର, ତା' ଜାତି ଭାଇଙ୍କର କିମ୍ବା ତାଙ୍କ ଗାଁ ଗଣ୍ଡାର କିଛି ବଦଳିଛି ବୋଲି ସେ ବୁଝିପାରୁ ନାହିଁ ।)** ସତରଞ୍ଜି ଉପରେ ବସି ମୁଁ ଗପ କରୁଥାଏଁ । ଆଇତା ପହଞ୍ଚିଲା । ଆସ ଆସ ବୋଲି ଡାକିଲି । ସେ ଆଗେଇ ଆସିଲା । କିଏ ଜଣେ ପାଟି କରିଦେଲା—ହେ ହେ, ଯୋତାରେ ବିଛଣା ମାଡ଼ିଲୁ ? ଆଇତା ଚମକି ପଡ଼ି କହି ଉଠିଲା - ୟାଲ୍ଲୁ ପାଣ୍ଡୋଇ ଚଗି ଦେଲାରେ ! ସମସ୍ତଙ୍କର କି ହସ ! ଆଇତାର କଥା—ତାର ନୁହେଁ, ଯୋତାରହିଁ ଦୋଷ ! ତାକୁ ଯୋତାହଳକ ଦେଇଥିବାରୁ ମୋର ବି କିଛିଟା ଦୋଷ ! ଯାହେଉ, ସେହି ଆସରରେ ସେ ଆମକୁ ଶିଖାଇଲା ଏକରୁ କୋଡ଼ିଏ ଯାଏ ସଂଖ୍ୟା ଗଣନାର ସୂତ୍ର : ''ଅକଡ଼ ଦଅଡ଼ ସଇତି ମାନ୍ଦଲ, କୁକେ କାକେ ଦଲିଆ ପିଁପଲ୍, ଏକସୋ ରାଜା କର୍‌ବି କିସ, ଆତର କଡୁ ଗୋଡ଼କେ ନାଚେ, ତୁଡ଼େ ତାଡ଼େ ଉନ୍‌ସି ବିସେ ।''

ଗପସପ ବେଳେ ଦିନେ ଆଇତା ଜୀବନର ଏକ ସ୍ମରଣୀୟ ଘଟଣାଭାବେ ଯାହା କହିଲା ଆମେ ଚମକି ଗଲୁ । ତା ହେଲା ସ୍ୱାଧୀନତା ଆନ୍ଦୋଳନରେ ସେମିଲିଗୁଡ଼ା ଥାନା ଆକ୍ରମଣ । ସମା ମୁଦ୍‌ଲି ସଙ୍ଗେ ସିଏ ବି ଜଣେ ପାରେଙ୍ଗା ସଂଗ୍ରାମୀ ଭାବେ ଆସିଥିଲା । ସତ କଥା, ୧୯୪୨ ଅଗଷ୍ଟ ୧୭ ତାରିଖରେ ଏ ଘଟଣା ଘଟିଥିଲା ।

Digitized by PPRACHIN, SOA

ଆଇତାକୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଆଦିବାସୀଭାବେ ଆବିଷ୍କାର କରି ଆମେ ଅଭିଭୂତ ହୋଇଥିଲୁ । କିନ୍ତୁ ଆଇତା ୧୯୬୮ ଜୁନ୍ ସୁଦ୍ଧା ବି ଠିକ୍ ଭାବେ ଜାଣିନଥିଲା ସେମାନଙ୍କ ସଂଗ୍ରାମରେ କିଏ ଜିତିଲା, ଗାନ୍ଧି ରାଜା ହେଲେ କି ନାହିଁ, ବ୍ରିଟିଶ୍ ସରକାରର ଏବେ ଆମେ ଗୋଟି ଅଛୁ କି ? ଆଇତା ଅବଶ୍ୟ କହିଲା ଯେ, କ'ଣ ସବୁ ବଦଳିଛି ବୋଲି ସେ ଶୁଣୁଛି, ହେଲେ ତାର, ତା ଜାତିଭାଇଙ୍କର କିମ୍ୱା ତାଙ୍କ ଗାଆଁ ଗଣ୍ଡାର କିଛି ବଦଳିଛି ବୋଲି ସେ ବୁଝିପାରୁନାହିଁ ।

ଏବେ ଆଇତା ବୋଧେ ଜୀବନରେ ନଥିବ । ନଇନା ଓ ସମରା ନିଜ ନିଜର ସଂସାର କରୁଥିବେ । ସେମାନେ ହୁଏତ ବୁଝୁଥିବେ ତାଙ୍କ ବାପା ବୁଝି ନପାରିଥିବା କଥା—ଦେଶରେ ରାଜାର, କି ଗାନ୍ଧିର ଶାସନ ଚାଲିଛି ?

କାଡ଼ି ଚାଲାନ

କଣ୍ଡାକମ୍ବେରୁ ପର୍ବତମାଳାର କଟୀ ଦେଶରେ ବାୟାପଡ଼ା ଗାଆଁ । ଗୋଟେ ପଟେ ତଳକୁ ଗଡ଼ିଲେ ମାଛକୁଣ୍ଡ, ଆଉ ଗୋଟେ ପଟେ କୁଡୁମୁଲ ଗୁମା । ଡିଡାୟା ଲୋକ କେତେ ଘର ସେଠି ବାସ କରନ୍ତି । ସମତଳ ଜମି ନାହିଁ କହିଲେ ଚଳେ । ଡଙ୍ଗର କାଟି ପୋଡୁଚାଷକରି ସେମାନେ ଚଳନ୍ତି । ଖଣ୍ଡିଏ ପ୍ରଥମ ଆବାଦ ଜମି ତିନି-ଚାରି ବର୍ଷ ପରେ ସେହି ଖେତରେ ପୁଣି ଲଟା-ବୁଟା ଭରିଯାଏ । ସେଠି ପୁଣି ନୂଆ ଚାଷ ଆରମ୍ଭ ହୁଏ । ଗଛପତ୍ର ହଣାହଣି କରି ଛାଡ଼ିଦିଅନ୍ତି । ଶୁଖିଗଲେ ନିଆଁ ଲଗାଇ ପୋଡ଼ି ଦିଅନ୍ତି । ପାଉଁଶ ହୁଏ ସାର । କଡ଼କୀରେ ମାଟି କୋଡ଼ି ଦିଆଯାଏ । ତା'ପରେ ବର୍ଷା ଆରମ୍ଭ ବେଳକୁ ବୁଣାଯାଏ ମାଣ୍ଡିଆ, ଶୁଆଁ, ଜନା, ଅଳସି ଏମିତିକା ଫସଲ ସବୁ । ବଣଜନ୍ତୁଙ୍କ ଦାଉରୁ ଫସଲ ରକ୍ଷା କରିବାକୁ ମଞ୍ଚାଟିଏ କରି ଜଗି ରହନ୍ତି ଦିନ ରାତି । ବଡ଼ କଠିନ, ବହୁତ ବିପଦ, ଏଇ ପୋଡୁଚାଷ ।

ସେଇ ଗାଆଁର ଜଣେ ଧାଙ୍ଗଡ଼ା କାଡ଼ି ଚାଲାନ । ତାର ବୟସ ୧୭-୧୮ ବେଳକୁ ମୋ ସହିତ ତାର ପ୍ରଥମ ପରିଚୟ । ଅଳ୍ପ ଉଚ, ରଙ୍ଗ ଫର୍ସା, ବପୁ ନାହିଁ, ଟହଟହ ହସେ । ସେ ରାଜି ହେଲା ଯେ ମତେ ତାର ପାହାଡ଼ିଆ ଡିଡାୟୀ ଭାଷା ଶିଖାଇବ । ମୋ ଠାରୁ ଦରମା ନେଇ ବିଭା ହେବ, ଦୁଇ ତିନି ବର୍ଷ ଯାଏଁ ମଝିରେ ମଝିରେ ମୁଁ ତାକୁ କାମରେ ଲଗାଏ । କେତେବେଳେ ଆମେ ଗୁମାରେ କାମ କରୁ ତ କେତେବେଳେ ଦିଲ୍ଲୀ, ଅଲ୍ଲୀଗଡ଼, ଶାନ୍ତିନିକେତନ ବା ଭୁବନେଶ୍ୱରରେ । ତା ଟଙ୍କା ସେ ମଦ-ସଲପରେ ଉଡ଼ାଇ ଦିଏନା । କିଛି କିଛି ସଞ୍ଚୟ କରୁଥାଏ । ଗୋଟାଏ କିସ୍ତି କାମ ସରିଲା । ଆମେ

Digitized by PPRACHIN, SOA

ପରସ୍ପରଠାରୁ ଦୂରେଇ ଗଲୁ ।

ଫେର୍ ପାଞ୍ଚବର୍ଷ ପରେ ଆମର ଭେଟ ହେଲା ଗୁମା ହାଟରେ । ସେ ବହୁତ ଖୁସି ହେଲା ଏବଂ ଜଣାଇଲା ଯେ ତାର ବିବାହ ହେଇଛି । ତା ପରେ ଟିକିଏ ଥମେଇ ଏଆଡ଼େ ସେଆଡ଼େ ଚାହିଁ ଲାଜେଇ କରି ପଚାରିଲା -‘ତୁ ତାକୁ ଦେଖିବୁ କି ?’ ମତେ ହାଟର ଗୋଟିଏ ପାଖକୁ ଡାକିନେଲା । ଦଳେ ବଣ୍ଡା ଓ ଡିଡ଼ାୟୀ ସ୍ତ୍ରୀ ଲୋକ କିଣାବିକା କରୁଥାନ୍ତି । କାହାକୁ ଠିକ୍ ନିର୍ଦ୍ଦେଶ ନ କରି ମତେ କହିଲା—ଦେଖ୍, ଏଇ ସେଇଠି । ମୁଁ ତାକୁ ଚିହ୍ନି ନ ପାରିବାରୁ ମତେ ସେମାନଙ୍କର ଆହୁରି ପାଖକୁ ନେଇଗଲା ଏବଂ ଆଖିଠାରରେ ଜଣକୁ ନିର୍ଦ୍ଦେଶ କଲା । ମୁଁ ଚକିତ ହେଲି, କାରଣ ସେ ସ୍ତ୍ରୀ ଲୋକଟି ଉଚ୍ଚରେ, ବଳରେ, ବପୁରେ ତଥା ନିଶ୍ଚିତ ଭାବେ ବୟସରେ କାଡ଼ିଠାରୁ ଢେର୍ ବଡ଼ । ବହୁତ ଶିଖାଇ ମାଇଜୀକୁ ରାଜି କରାଇ ଦୁହିଁଙ୍କର ଗୋଟେ ଫଟ ଉଠାଇଲି । ତାପରେ କାଡ଼ି ସାଙ୍ଗରେ ଆସି ଚାହା ପିଇଲୁ ।

ବିଦାୟ ନେଲା ବେଳକୁ କାଡ଼ିକୁ ମୁଁ ବିଶ୍ୱାସରେ ପଚାରିଲି—ତୁ ଏତେବଡ଼ ମାଇଜୀ ଗୋଟେ କାହିଁକି ଘେନିଲୁ ? ସେ ଜବାବ୍ ଦେଲା—ମୋର ତ କେହି ନାହିଁ । ଡଙ୍ଗର ଚାଷ ବହୁତ କଷ୍ଟ । ମୋ ସରିକା ସାନ୍‌ଲି ଗୋଟେ ଆଣିଥିଲେ ପାଇଟିକୁ ପାରି ନଥାନ୍ତା, ଇଏ ଭଲ, ମୁଁ ଆଉ ଟିକିଏ ବଡ଼ ହେଇଗଲେ ଆମ ଦୁହିଁଙ୍କର ଭଲ ପଡ଼ିବ ।

ମୁଁ ନିରବରେ ଭାବିଲି, କାଡ଼ିମାନଙ୍କ ନିକଟରେ ଜମି ପାଇଁ ସ୍ତ୍ରୀ ନାଁ ସ୍ତ୍ରୀ ପାଇଁ ଜମି ଅଥବା ଉଭୟ ଏକାକାର ଏବଂ ପରସ୍ପରର ପରିପୂରକ ? କାଡ଼ି ଚାଲାନ୍ ଓଡ଼ିଶାର ୬୨ଟି ଜନଜାତି ମଧ୍ୟରେ ଅନ୍ୟତମ ଆଦିମ ଜନଜାତି ଡିଡାୟୀ ସମ୍ପ୍ରଦାୟର ବଂଶଧର । ଏମାନଙ୍କର ସଂଖ୍ୟା ସ୍ୱଳ୍ପ, ମାତ୍ର ୪ ହଜାର ହେବ; ବାସସ୍ଥାନ ମଧ୍ୟ ସୀମିତ, ମାଲ୍‌କାନ୍‌ଗିରି ଜିଲ୍ଲାର ଖଇରିପୁଟ ଓ କୁଡୁମୁଲ ଗୁମା ବ୍ଲକ୍‌ର ଛୋଟ ବଡ଼ ୪୨ଟି ଗାଁ । ଗୁମା ନିକଟବର୍ତ୍ତୀ ୪ ଖଣ୍ଡି ଗାଁ ଛାଡ଼ିଦେଲେ ବାକିସବୁ ସଦାଦିନେ ଅଗମ୍ୟ । ପାହାଡ଼ ଚଢ଼ି ଚଢ଼ି ଚାଲିବାକୁ ପଡ଼ିବ କେତୋଟି ଗାଆଁକୁ, ବାକି କେତୋଟିକୁ ଡଙ୍ଗାରେ ବୁଲି ବୁଲି ଯାଇ ହେବ । ଏହି ସ୍ଥାନର ଓ ଏହି ଜନଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଷ୍ଠା କରିଛନ୍ତି ଅଣୁ-ଉନ୍ନୟନ ଯୋଜନା । ଗୁମାରେ କାର୍ଯ୍ୟାଳୟ ସ୍ଥାପିତ । ଉନ୍ନୟନ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ବାସସ୍ଥାନ ନାହିଁ, ଆବଶ୍ୟକ ସଂଖ୍ୟକ ନୈଷ୍ଠିକ ସହକାରୀ ନାହାନ୍ତି । ଆଭ୍ୟନ୍ତରୀଣ ଗାଆଁଗୁଡ଼ିକୁ ଯିବାର ସୁବିଧା ନାହିଁ । ଗୁମା ହାଟ ପାଳିକୁ ସପ୍ତାହରେ ଥରେ ପ୍ରକୃତ ପକ୍ଷେ ଅଫିସ୍ ଚାଲେ, ଲୋକଙ୍କ ଭଲମନ୍ଦ ଶୁଣିବାର ଅବକାଶ ମିଳେ । ଗୋଟିଏ ଆଦିମତମ ଜନଜାତିର ସର୍ବାଙ୍ଗୀନ ଉନ୍ନୟନ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ ଏହି ପରିସ୍ଥିତିରେ କେଉଁ ଲକ୍ଷ୍ୟ ହାସଲ କରିପାରିବ ?

Digitized by PPRACHIN, SOA

ଅତଏବ କାଡ଼ି ଚାଲାନ ଚିରକାଳ ଖାଡ଼ି ଭଳି ଶୁଖିଲା-ଜୁଗୁଲା ହୋଇ ପଡ଼ିବାରୁ ମୁକ୍ତି କାହିଁ ? ସରକାରଙ୍କ ନୀତି ସହିତ ଯଦି ନିୟତ ନ ରହେ ଏ ଦେଶରେ ଆଦିବାସୀ ଉନ୍ନୟନ ପ୍ରଳୟ ପର୍ଯ୍ୟନ୍ତ ଚାଲିଥିବ । ବ୍ରହ୍ମା ପୁନରାୟ ନୂଆ ସୃଷ୍ଟି କରିବା ଯାଏଁ ଆମ ସମସ୍ତଙ୍କୁ ସମାଙ୍କନ୍ଧ ଆଦିବାସୀ ହେବାପାଇଁ ଅପେକ୍ଷା କରିବାକୁ ପଡ଼ିବ ।

ଡାବିକ୍

କୁଡୁମୁଲୁଗୁମାରେ ରାତି ପାହିଲା । ଯାହାପାଇଁ ଆସିଥିଲି ଏବଂ ଯାହାକୁ କାଲି ସଞ୍ଜବେଳୁ ଅପେକ୍ଷା କରିଥିଲି ସିଏ ଆସି ଦେଖାଦେଲା । ଜୁଆର କଲା । ମୁଁ ପଚାରିଲି କାଇ ନାଓଁ ତୋର୍ ? "ଡାବିକ୍ ଆଜ୍ଞା । ଓରିଙ୍ଗିନୁ ଆଇଲି ଆଛି" ମୁଁ ତାର ଆପାଦମସ୍ତକ ନିରୀକ୍ଷଣ କଲି । ବୟସ କୋଡ଼ିଏ ବାଇଶ ହେବ । ବାଙ୍ଗରାଟିଏ, ପାଟିଟା ଚଉଡ଼ା, ନାକ ଟିକେ ଚେପ୍‌ଟା, ମୁହଁରେ କେମିତି ଏକ ହିଂସ୍ରତା । ପରିଚୟକୁ ଟିକେ ସହଜ କରିବାପାଇଁ ପଚାରିଲି, ତୋର ନାଁ କାହିଁକି ହେଲା ଡାବିକ୍ ? ସେ କହିଲା ବୁଣାବୁଣି (ବିକ୍) ଶେଷରେ (ଡା) ମୁଇଁ ଜନମ୍ ହେଲି ବୋଲି ସେମିତି ନାମ୍ ଦେଲେ । ଏତିକିରୁ ତାର ପରୀକ୍ଷା ନେଇ ସନ୍ତୁଷ୍ଟ ହେଲି ଯେ କାମକୁ ସେ ପାରିବ ଏବଂ ସେ ମତେ ତାର ଡିଡାୟୀ ଭାଷା ଶିଖାଇବ । ଗୋବିନ୍ଦପାଲି ଆଶ୍ରମ ସ୍କୁଲରେ ସିଏ ବି ଦୁଇକ୍ଲାସ ପଢ଼ିଛି ।

ତାପରେ ଡାବିକ୍ ହେଲା ମୋର ସାଥୀ । କୋରାପୁଟରୁ ଦିଲ୍ଲୀ, ଆଲିଗଡ଼, ଶାନ୍ତିନିକେତନ, ଭୁବନେଶ୍ୱର ଏମିତି କେତେ ଜାଗାରେ ଆମେ ଏକାଠି ହେଲୁ ଓ ଆମର କାମ ଚାଲିଲା । ପ୍ରଥମେ ଯେତେବେଳେ ଥରେ ମୁଁ ଡାବିକ୍‌କୁ ଦିଲ୍ଲୀ ଯିବାପାଇଁ କହିଲି ସେ ବଡ଼ ଆନନ୍ଦରେ ଆସିଲା । ଦିଲ୍ଲୀ ସହର ଦେଖି ଖୁସି ହେଲା । ଦୁଇମାସ ପର୍ଯ୍ୟନ୍ତ ସେ ବେଶ୍ ଖୁସିବାସିରେ ରହିଲା । ତାପରେ ଧୀରେ ଧୀରେ ଅନୁଭବ କଲି ସେ ଟିକେ ଉଦାସ ମନେହେଉଛି, ଅନ୍ୟମନସ୍କ ରହୁଛି, କେବେକେବେ ଅସୁସ୍ଥତା ଅନୁଭବ କରୁଛି । ଦିନେ ପଚାରିଲି । ସିଏ କହିଲା ଟିକେ ଗାଁ ଆଡ଼େ ବୁଲି ଆସିଲେ ଭଲ ହୁଅନ୍ତା, ପିଲା କୁଟୁମ୍ବଙ୍କୁ ହେତୁ ହେଉଛି । ମୁଁ ପନ୍ଦରଦିନ ଛୁଟି ଦେଇ ତାକୁ ପଠାଇଦେଲି । ଅବଶ୍ୟ ଆଶଙ୍କା କରିଥିଲି ସେ ଆଉ ମୋତେ ଆସିବନାହିଁ କିମ୍ବା ବହୁତ ଡେରିରେ ଫେରିବ ।

କିନ୍ତୁ ପନ୍ଦର କୋଡ଼ିଏ ଦିନ ଭିତରେ ସେ ସପରିବାର ଆସି ପହଞ୍ଚିଗଲା । ପରିବାର ମାନେ ତା ସ୍ତ୍ରୀ—ସତର ଅଠର ବର୍ଷର ଗୋଟିଏ ସ୍ତ୍ରୀଲୋକ (ଏଥର ଡାବିକ୍ । ସରଳ, ନିଷ୍କପଟ, ଆଦିବାସୀ ଯୁବକ । ଧର୍ମପାଳନ ଓ ଜୀବିକା ଅର୍ଜନର

Digitized by PPRACHIN, SOA

ସଂକଟ ଭିତରେ ଚାଲିଥିବା ତା'ର ଜୀବନ ସଂଗ୍ରାମ) ଏବଂ ଛଅବର୍ଷର ଗୋଟିଏ ପୁଅ । ଛାତ ଉପରେ ବର୍ଷାତିରେ ସେମାନେ ବସା କଲେ । ପ୍ରାୟ ଚାରିମାସ ଦିଲ୍ଲୀରେ ସେମାନେ ରହିଲେ । ଡାବିକ୍ ମୋ ସହିତ କାମକଲାବେଳେ ତାର ସ୍ତ୍ରୀ ତା ରନ୍ଧାବଢ଼ା କରେ । କାମରୁ ଛୁଟି ମିଳିଲେ ଦିହେଁ ପାଖ ବଜାରଆଡ଼େ ବୁଲନ୍ତି । ପିଲାଟି କିନ୍ତୁ ସବୁବେଳେ ମୋ ଉପରେ ନିଘା ରଖିଥାଏ । ମୁଁ ଯାହା କରୁଥିବି ଖଣ୍ଡେ ଦୂରରେ ଠିଆହୋଇ ସେ ଲକ୍ଷ୍ୟ କରୁଥିବ, ଡାକିଲେ ବି ପାଖକୁ ଆସିବ ନାହିଁ, କିଛି ଦେଲେ ବି ନେବନାହିଁ । ଯାହା କହିଲେ ତାର ଏକମାତ୍ର ଜବାବ—''ଣ୍ଡୁ'' (ନାହିଁ) ।

କ୍ରମଶଃ ଦେଖିଲି ଡାବିକ୍‌ର ସ୍ତ୍ରୀ ନୂଆଧରଣର ବେଶ ପୋଷାକ ପିନ୍ଧିଲା । ଶସ୍ତା ଗହଣା ଓ ସିନ୍ଥେଟିକ୍ ଶାଢ଼ୀ ଇତ୍ୟାଦି କିଣିଲା । ଖୋଷାରେ କୁରେଇଫୁଲ ଜାଗାରେ ପ୍ଲାଷ୍ଟିକ୍ ଫୁଲ ଲଗେଇଲା । ଦିଲ୍ଲୀର ଝିଅ ବୋହୂମାନଙ୍କ ଭଳି ଡାବିକ୍ ତାର ସ୍ତ୍ରୀ, ଯାହାକୁ ସେ ରତ୍ନା ବୋଲି କହୁଥାଏ, ତାକୁ ସେଇ ଭାବରେ ସଜାଇଲା । ପ୍ରକୃତରେ ରତ୍ନାକୁ ଡାବିକ୍ ବହୁତ ଭଲପାଉଥିଲା । ସେ ଥିଲା ତା ପ୍ରଥମ ସ୍ତ୍ରୀର ସମ୍ପର୍କୀୟା । ଶ୍ୱଶୁରଘରେ ଦୁହିଁଙ୍କର ପରିଚୟ ହେବାପରେ ଭାବ ହୋଇଯାଇଥିଲା । ପ୍ରଥମ ସ୍ତ୍ରୀ ଏକଥା ଜାଣିବାପରେ ତାର ଛୁଆଟିକୁ ଛାଡ଼ିଦେଇ ଆଉ ଗୋଟେ ଲୋକ ସହିତ ବାହାହୋଇଗଲା । ପୁଅଟିକୁ ଡାବିକ୍ ଭଲପାଉଥିଲା । ପିଲାଟି ପ୍ରତି ରତ୍ନା ଖରାପ ବ୍ୟବହାର ନ କରୁଥିଲେ ବି ସେ କେମିତି ତାକୁ ଟିକେ ଡରୁଥିଲା । ଗୋଟିଏ ପରିବାର ଭଳି କ୍ରମଶଃ ଆମେ ଚଳିଲୁ । ମୋର ରାନ୍ଧୁଣିଆ ଆସିବାର ଡେରିହେଲେ କି ନ ଆସିଲେ ଡାବିକ୍ ରତ୍ନାକୁ ତଳକୁ ଡକେଇ ମୋର ଚା ଜଳଖିଆ ବି କରେଇଦେଉଥିଲା । ଚାରିମାସ ପରେ ସେମାନେ କାମସାରି କୋରାପୁଟ ଫେରିଆସିଲେ । ସେତେବେଳେ ଡାବିକ୍‌ର ସଞ୍ଚିତ ଦରମା ଟଙ୍କାରେ ତାକୁ ଗୋଟିଏ ସିଲେଇ ମେସିନ୍ କିଣିଦେଲି ଏବଂ ଗୋଟେ ଦରଜି ପାଖରେ ଶିଖିବାର ବ୍ୟବସ୍ଥା କରିଦେଲି । ବିଦାୟବେଳକୁ କହିଥିଲି, ତୁ ତ ସୁକୁମାରିଆ ହୋଇଗଲୁ, ଆଉ ବଣଜଙ୍ଗଲ କାମ ପାରିବୁନାହିଁ । ଏଇ ମେସିନ୍‌ରେ ସିଲେଇ କରି କିଛି ରୋଜଗାର କରି ଚଳିବୁ । ସେମାନେ ବହୁତ ଖୁସି ହୋଇଥିଲେ ।

ଫେର୍ ତିନିବର୍ଷପରେ ଆଉଥରେ ଡାବିକ୍ ସହିତ ପରାମର୍ଶ ଆବଶ୍ୟକ ପଡ଼ିଲା । କୁଟୁମୁଲୁଗୁମାରେ ତାକୁ ଖୋଜିଲି । ଓରିଙ୍ଗି ଗାଁଲୋକେ କହିଲେ ସେ କୋଟପାଡ଼ରେ ଅଛି । ମିଶନ୍ ଅଫିସ୍‌ରେ କାମ କରୁଛି । ବହୁତ ଆଶ୍ଚର୍ଯ୍ୟ ଓ ଶଙ୍କିତ ହେଲି । ସେଠୁ ଫେରି ଜୟପୁରରେ ରାତିଟା କଟେଇ ସକାଳୁ ଯାଇ କୋଟପାଡ଼ ମିଶନ୍‌ରେ ପହଞ୍ଚିଲି । ମୋର ଆଶଙ୍କା ସତ୍ୟ ପ୍ରମାଣିତ ହେଲା । ଡାବିକ୍ ବର୍ଷକତଳେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଛି ଏବଂ ମିଶନରେ ଚାକିରି କରିଛି । ତାକୁ ଏପରି କରିବାର କାରଣ ପଚାରି ଜାଣିଲି ଯେ ସିଏ ସହରରେ ରହି ଆଉ ବଣ ଜଙ୍ଗଲ କାମକୁ ପାରିଲା ନାହିଁ, ସିଲେଇ ମେସିନ୍‌ରୁ

Digitized by PPRACHIN, SOA

ବେଶୀ ରୋଜଗାର ହେଲାନାହିଁ । ଏମିତି ଅଭାବରେ ଥିଲାବେଳେ ପାଷ୍ଟର ତାକୁ ଚାକିରି ଦେବେ ବୋଲି ଏଠିକି ନେଇ ଆସିଲେ ଏବଂ ଚାକିରି କରୁକରୁ ସେ ଖ୍ରୀଷ୍ଟିଆନ୍ ହୋଇଗଲା । ତଥାପି ମୁଁ ତାକୁ ପଚାରିଲି ମୋ ସାଙ୍ଗରେ କାମ କରିବାପାଇଁ ଆସିପାରିବ କି ? ସେ ଖୁବ୍ ଖୁସିହେଲା ଏବଂ କହିଲା, ମିଶନ୍‌ରୁ ଛୁଟି ମିଳିଲେ ମୁଁ ଯିବାକୁ ମନଅଛି । ମୁଁ ମିଶନ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କଲି ଏବଂ ସେମାନେ ବିନା ବେତନରେ ଦୁଇମାସ ପାଇଁ ଛୁଟିଦେବାକୁ ରାଜିହେଲେ ।

ଡାବିକ୍ ଯଥାସମୟରେ ମୋ ପାଖକୁ ଆସିଲା । ସେ ଆସିବାର ଦୁଇତିନି ଦିନ ପରେ ରବିବାର ପଡ଼ିଲା । ସେ କହିଲା ମୁଁ ଆଜି ଚର୍ଚ୍ଚକୁ ଯିବି । ମୁଁ ଜଣାଇଲି ଯେ ଆମ ସହରରେ ଚର୍ଚ୍ଚନାହିଁ । ସେ ଟିକେ ଚିନ୍ତାରେ ପଡ଼ିଲା । ତା ମନରେ କଣ ଭାବିଲା କେଜାଣି କହିଲା—ଏଠି ମୁଁ ଚର୍ଚ୍ଚକୁ ଗଲି କି ନାହିଁ ପାଷ୍ଟର କେମିତି ଜାଣିବ ? ମୁଁ କୋଟପାଡ଼ ଗଲେ ପୁଣି ଚର୍ଚ୍ଚକୁ ଯିବି । ଏତିକିରୁ ମୁଁ ବିଝୁଲି ଯେ ତାର ଧର୍ମାନ୍ତର ଗ୍ରହଣ କେଉଁ କାର୍ଯ୍ୟକାରଣ ଭିତ୍ତିକ । ତାପରେ ମୁଁ ସେଦିନ ତା ସହିତ ପରିଚୟ କରାଇଦେଲି ମୋ ଅଫିସ୍‌ର ପିଅନ ବାଲକ୍ ମାଝି ସହିତ । ବାଲକ୍ ବୀରଭୂମ ଜିଲ୍ଲାର ସାନ୍ତାଳ ଲୋକ । ଦୁଇ ଆଦିବାସୀ ଭିନ୍ନ ଅଞ୍ଚଳର ଭିନ୍ନ ସମ୍ପ୍ରଦାୟର ହେଲେ ବି ମୁହୂର୍ତ୍ତକରେ ଏକାତ୍ମ ହୋଇଗଲେ । ନିଜ ଭିତରେ ଗପସପ କିଛିଟା ଭାଷାରେ କିଛିଟା ଠରାଠରିରେ ଚଳାଇଦେଲେ । ବାଲକ୍ ସହିତ ଆନ୍ତରିକତା ଯେମିତି ହଠାତ୍ ନିବିଡ଼ ହୋଇଗଲା । ଶେଷରେ ବାଲକ୍ ତାକୁ ନିମନ୍ତ୍ରଣ କରି ଘରକୁ ଡାକିନେଲା । ରାତି ଦଶଟାରେ ଡାବିକ୍ ଯେତେବେଳେ ଘରକୁ ଫେରିଲା ଆମ ସହିତ ତା ଫେରିବାକୁ ଚାହିଁ ବସିଥିବା ମୋର ପାଞ୍ଚବର୍ଷର ନାତିଟି ମଧ ଡାବିକ୍‌ର ପରିବର୍ତ୍ତିତ ଚେହେରା ଦେଖି ଚକିତ ହୋଇଯାଇଥିଲା । ସକାଳୁ ଚର୍ଚ୍ଚକୁ ବାହାରୁଥିବା ଡାବିକ୍ ଆଉ ବର୍ତ୍ତମାନର ଡାବିକ୍ ଭିତରେ ଆମେ ଲକ୍ଷ୍ୟ କରୁଥିଲୁ ଯେମିତି କେତେ ଯୋଜନ ଓ କେତେ ଯୁଗର ବ୍ୟବଧାନ ! ଡାବିକ୍ ଏବେ ତା ଗାଁରେ ଅଛି । ମିଶନ୍‌ରୁ କିଛି ଟଙ୍କାପାଏ ପ୍ରଚାରକ ବୋଲି । ମାତ୍ର ଏପର୍ଯ୍ୟନ୍ତ ମୋ ଜାଣିବାରେ ସେ ପ୍ରଚାର କରି ଜଣେ ହେଲେ ଆଦିବାସୀକୁ ନିଜ ଧର୍ମରେ ଦୀକ୍ଷିତ କରିପାରିନାହିଁ । ଏବେ ତାର ଏକମାତ୍ର ଇଚ୍ଛା ଯଦି ସରକାର ତାକୁ ଚାକିରି ଖଣ୍ଡିଏ ଦିଅନ୍ତେ, ମିଶନ୍ ପକ୍ଷରୁ ପ୍ରଚାରକ କାମ କରିବାର ବାହାନା ଆଉ କରନ୍ତା ନାହିଁ । କିନ୍ତୁ ସରକାରୀ କାମଖଣ୍ଡିଏ କେମିତି ମିଳେ ସେ କୌଶଳ ସେ ଜାଣେନା । ସେ ଭାବୁଛି ପାଷ୍ଟର ଭଳି ସରକାରୀ ଅଫିସର ଆସି ତାକୁ ଡାକିନେଇ ଚାକିରି ଦେବେ । ଧର୍ମପାଳନ ଓ ଜୀବିକା ଅର୍ଜ୍ଜନର ଏମିତି ଏକ ସଂକଟ ଭିତରେ ଡାବିକ୍‌ର ଜୀବନସଂଗ୍ରାମ ଚାଲିଛି ।

Digitized by PPRACHIN, SOA

ଶେଷଦେବ ଓ ସିଂଜାଗାଡୁ

ଫୁଲବାଣୀ ଜିଲ୍ଲାର ଅଗନାଅଗନି ବନସ୍ତ ଭିତରେ ଗାଁଟିଏ ଉସାବାଲି । ଗାଆଁଟି ଛୋଟ । ଚଉଡ଼ା ଦାଣ୍ଡର ଦୁଇପାଖେ ଦୁଇଧାଡ଼ି ଘର । ବାସିନ୍ଦାମାନେ କୁଟିଆ କନ୍ଧ । ଚଇତ ମାସ ସଂଜସଂଜୁଆ ବେଳ । ସେଠି ହେଉଥାଏ ଏକ ବାହାଘର । ବର ସେ ଗାଆଁର ଶେଷଦେବ ମାଝି, କନ୍ୟା ସକଡ଼ ଗାଁର ସିଂଜାଗାଡୁ ମାଝି ।

ପାହାଡ଼-କାଛି ସଡ଼କରେ ଗାଡ଼ି ରଖି ଧୀରେ ଧୀରେ ଓହ୍ଲାଇଲୁ । ତଳେ ନାଳଟିଏ, ବାଉଁଶ ଚାରା (ଶେଷଦେବ କହିଲା—ଆଗ ସ୍ତ୍ରୀ କାମକୁ ଅପାରଗ । ଏବେ ସିଂଜାଗାଡୁ ସଙ୍ଗେ ମନ ମିଳିଲା । ଭୋଜିଭାତ ପରେ ସେ ବାପଘର ଗାଁକୁ ଫେରିଯିବ । ଆମେ ପୁଣି ଯାଇ ଭୋଜିଭାତ ଦେଇ କନିଆ ଆଣିବୁ । ମୋର ଜମି ବେଶୀ ଅଛି । ଦୁହେଁ କାମ କରି ଭଲରେ ଖାଇପିଇ ରହିବେ ।) ପଡ଼ିଛି । ପାରହେଲେ ଗାଆଁ । ବାସ୍ନାରେ ନାକ ଫାଟିଯିବ । ଖୋଲା ଆକାଶ ତଳେ ଧୁଧୁ ଚୁଲି ଜଳୁଛି । ତା ଉପରେ ବଡ଼ ବଡ଼ ହାଣ୍ଡିରେ ମହିଁଷି ମାଉଁସ ସିଝୁଛି । ଦାଣ୍ଡଭର୍ତ୍ତି ଲୋକ । ଗହଳ ଚହଳ । ମଝିଦାଣ୍ଡରେ ଦାରୁନି ପେନୁ-ଶାଳ ଗଣ୍ଡିରେ ତିଆରି ମହିଁଷି ଶିଙ୍ଗିଆ ଯୂପଖୁଣ୍ଟ । ସେହି ପାଖରେ ଦୁଇତିନି ହାଣ୍ଡି କାଡୁଲ (କୁଏରିଶସ୍ୟର ମଦ) ! ପତ୍ରଦନାରେ ପରଶା ଯାଉଥାଏ । ସମସ୍ତେ ସେତେବେଳକୁ ପ୍ରାୟ ଦର ମାତିଲା ।

ରାତି ହେଲା । ରନ୍ଧା ସରିଲା । ଲମ୍ୱଲମ୍ୱ କାଠ ଦଣ୍ଡା ଦୁଇଟା ଦାଣ୍ଡରେ ପିଢ଼ା ସ୍ୱରୂପ ପଡ଼ିଲା । ମାଇପେ ଓ ପିଲାମାନେ ବସିଲେ ଧାଡ଼ିଏ । ଅଣ୍ଡିରାଲୋକେ ଆଉ ଧାଡ଼ିଏ । ବଡ଼ବଡ଼ ଦନାରେ ଆଗ ପିଆଗଲା ମାଉଁସର ସିଝାପାଣି । ତାପରେ ଆସିଗଲା ଭାତ ଓ ମାଂସ । କିଏ ବସି ଖାଇଲା ତ କିଏ ତା ଭାଗ ଉଠାଇନେଇ ଘରେ କି ପିଣ୍ଡାରେ ବସି ଖାଇଲା ।

ତାପରେ ଆରମ୍ଭ ହୋଇଗଲା ନାଚ । ଗୋଟିଏ ଦଳ ପୁଅ, ଆଉ ଦଳେ ଝିଅ । ପୁଅମାନେ ଅତି ସହଜଲବ୍ଧ ପିଣ୍ଡାରେ ଲାଗିଥିବା ବାଉଁଶ ବତା ଭାଙ୍ଗିଆଣି ଦୁଇଖଣ୍ଡ କରି ଖଣ୍ଡିଏ କାନ୍ଧରେ ପକାଇ ଆଉ ଖଣ୍ଡିଏ ତା ଉପରେ ବାଡ଼େଇ ବାଡ଼େଇ ତାଳଦେଲେ ।

Digitized by PPRACHIN, SOA

ପୁଅ ଦଳ ଆଗେଇଲେ, ଝିଅଦଳ ପଛାଇଲେ, ପୁଣି ଦାଣ୍ଡର ଶେଷମୁଣ୍ଡ ହେଲାକ୍ଷଣି ଝିଅମାନେ ଆଗେଇଲେ ଓ ପୁଅମାନେ ପଛାଇଲେ । ଗୀତର ସ୍ୱର ଓ ବାଜାର ତାଳ ଐକତାନିକ । ଏମିତି ଚାଲିଥାଏ, କିଏ ହାଲିଆହୋଇ ଫିଟିଗଲେ, ତା ସ୍ଥାନରେ ଆଉଜଣେ ଯୋଡ଼ି ହେଉଥାଏ । ସାରା ରାତି ଏବଂ ଆରଦିନ କନ୍ୟା ବିଦା ଯାଏଁ ଏହା ଏମିତି ଚାଲେ ।

ସେହି ଗହଳି ଓ କୋଳାହଳ ଭିତରେ ସେ ସନ୍ଧ୍ୟାର ନାୟକକୁ ଠାବକଲି । ଫରସାବର୍ଣ୍ଣ, ୨୨-୨୪ ବର୍ଷର ସୁନ୍ଦର ଟୋକାଟାଏ । ଆନନ୍ଦରେ, ଗର୍ବରେ, ତୃପ୍ତିରେ ଏବଂ ପ୍ରଚୁର ନିଶାହେତୁ ତାର ଚେହେରା, ଆଖି ଓ କଥା ଖୁବ୍ ଉଦାର ଓ ନିସ୍ତରଙ୍ଗ ଦିଶୁଥାଏ । ଆମଭଳି ଅତିଥି ଦେଖି ସେ ଖୁବ୍ ଖୁସି । କିଛି ଭୋଜିଭାତ ଦେଇପାରୁନାହିଁ ବୋଲି ତାର ବିନୟ ଓ କାରୁଣ୍ୟ । ପଚାରିଲି—ତୋର ତ ମାଇଜୀ ଗୋଟେ ଅଛି । ପୁଣି କାହିଁକି ଆଉଗୋଟେ ଘେନିଲୁ ? ଦ୍ୱିତୀୟଟି କିମିତି ରାଜି ହେଲା ? ଦୁହେଁ ମିଳିମିଶି କିମିତି ଚଳିବେ ? ଏମିତିକା ପ୍ରଶ୍ନ ତାକୁ ବୋଧେ ଅବାନ୍ତର ମନେହେଲା । ତାର ବିବରଣୀର ସାରାଂଶ ହେଲା—ଆଗ ସ୍ତ୍ରୀ କାମକୁ ଅପାରଗ । ନୂଆ କନିଆକୁ ହାଟରେ ଭେଟି ଦୁହିଁଙ୍କର ମନ ମାନିଲା । ଗୋଟେ ଦିନ ଗାଁ ଟୋକାଙ୍କ ସାହାଯ୍ୟରେ ତାକୁ ଝିଙ୍କି ଆଣିଲେ ଗାଆଁକୁ, କନିଆ ଘର ଓ ଗାଁ ବାଲେ ପରେ ପାଟିତୁଣ୍ଡ କଲେ । ମାତ୍ର କନ୍ୟା ପଣ ଦେବା ଛିଡ଼ିଲାରୁ ସବୁ ଠିକ୍ ହେଲା । ଆଜି କନିଆଘର ଗାଆଁର ଝିଅମାନେ ଆସିଲେ, ତେଣୁ ବିଭାଘର ହେଲା । ଭୋଜିଭାତ ଖାଇ ସମସ୍ତେ ମଉଜ କରିବେ । କାଲି ଦିପହରେ କନିଆକୁ ନେଇ ଝିଅମାନେ ଗାଆଁକୁ ଫେରିଯିବେ । ପରେ ଆମେ ପୁଣି ଯାଇ ଭୋଜିଭାତ ଦେଇ କନିଆକୁ ଆଣିବୁ । ମୋର ଜମି ବେଶୀ ଅଛି । ଦୁହେଁ କାମ କରି ଭଲରେ ଖାଇପିଇ ରହିବେ ।

ତାପରେ ଖୋଜିଲି ନାୟିକାଙ୍କୁ—ଆଗର ସ୍ତ୍ରୀ ନିରଳସ ଭାବରେ ସବୁ କାମ କରୁଥାଏ । ମୁହଁଟି ଉଦାସ, କିନ୍ତୁ ସହଜ ଚଞ୍ଚଳତା ହାତରେ, ଗୋଡ଼ରେ । ନୂଆ ସ୍ତ୍ରୀ ସଖୀକଣ୍ଢେଇଟି ପରି ସାଜିଥାଏ । ତେଲ ମଚମଚ ଓ ଅନେକ ପାନିଆ ମଣ୍ଡିତ କେଶଗୁଚ୍ଛତଳେ ମୁହଁଟିରେ ନା ସୁଖ ନା ଦୁଃଖ ? ଯେମିତି ଦୁହେଁଯାକ ଧରି ନେଇଛନ୍ତି ଯାହା ଘଟୁଚି ତାହା ଘଟିବାର କଥା । ବରକନ୍ୟାଙ୍କର ଏକମାତ୍ର ଦୁଃଖ ଓ ଚିନ୍ତା ଯେ କାଲି କନିଆ ଯେ ବାପଘରକୁ ଯିବ, ଏହାପରେ ସେମାନେ ପୁଣି କେବେ ତାକୁ ଶାଶୁଘରକୁ ଛାଡ଼ିବେ—ଦୁଇ ବର୍ଷ, ପାଞ୍ଚବର୍ଷ କି ସାତବର୍ଷ ପରେ ??

Digitized by PPRACHIN, SOA

ଧୁନ୍ଦୁ ହନ୍ତାଳ

କୋରାପୁଟ ନନ୍ଦପୁର । ସଂଧ୍ୟା ସାଢ଼େ ସାତଟା ହେବ ପରା, କୋରାପୁଟରୁ ଦିନକୁ ଥରେ ମାତ୍ର ସେଆଡ଼େ ଯାଉଥିବା ବସ୍ ଖଣ୍ଡିକ ନନ୍ଦପୁରରେ ପହଞ୍ଚିଲା । ଜାଙ୍କ୍‌ସିନିରେ ବସ୍ ଅଟକିଲା ମାତ୍ରେ ଲୋକ ଗହଳ ଚହଳ । କେତେ ଲୋକଙ୍କ ସହିତ ମୁଁ ମଧ ଓହ୍ଲାଇଲି । ଦଶ-ପନ୍ଦର ମିନିଟ୍ ପରେ ବସ୍ ପାଢୁଆ ଆଡ଼େ ଚାଲିଲା । ପୁଣି କାଲି ସକାଳ ଆଠଟା ବେଳକୁ ଏହିବାଟେ ଫେରିବ । ବସ୍ ଯିବା ପରେ ପରେ ଗହଳି ଭାଙ୍ଗୁଥାଏ । ଏକମାତ୍ର ଆଲୁଅ ବିଛାଉଥିବା ଚିଟି ଦୋକାନରେ କେତେଜଣ ଭିଡ଼ କରିଥାନ୍ତି । ଆଉ କିଛି ଲୋକ ତାର ସାମ୍ନାରେ ମିଞ୍ଜିମିଞ୍ଜି ଆଲୁଅରେ ଦିଶୁଥିବା ରାମଣା ଦୋକାନରେ ଚା ପିଉଥାନ୍ତି । ମୁଁ ଠିଆ ଠିଆ ଚା ପିଇଲି । ଗଲି ଚିଟି ପାଖକୁ । ରହିବା-ଖାଇବା ପାଇଁ କଣ ବ୍ୟବସ୍ଥା ହୋଇପାରେ ତାର ଖବରନେବା ଦରକାର । ଜାଣିଲି ବି.ଡ଼ି.ଓ. ନାହାନ୍ତି । ଏସ୍.ଇ.ଓ. ଦାୟିତ୍ୱରେ ଅଛନ୍ତି । ସେ ସେତେବେଳକୁ ଟିକିଏ ଦୂରକୁ ପାଢୁଆ ରାସ୍ତା କଡ଼ରେ ଥିବା ମଦରଇଣ୍ଡିଆ ହୋଟେଲରେ ଖାଇବାକୁ ଯାଇପାରିଥାନ୍ତି । ସେଠିକିଗଲେ ଖାଇବାର ବ୍ୟବସ୍ଥା ହେବ ଏବଂ ଏସ.ଇ.ଓ.ଙ୍କ ସହିତ ସାକ୍ଷାତରେ ରହିବା ବ୍ୟବସ୍ଥା ମଧ ହେଇପାରିବ । ଏଇତକ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଚିଟି ଦୋକାନ ବନ୍ଦ କରିବାର ଉପକ୍ରମ କରି ଚାଲିଥାଏ । ମୋ ସହିତ କଥା ଶେଷହେବା ବେଳକୁ ପେଟ୍ରୋମାକ୍ସ ଲିଭିଲା । ଜାଙ୍କ୍‌ସିନିରୁ ସାରା ନନ୍ଦପୁରରେ ରାତି ମାଡ଼ି ଚାଲିଲା ।

ମଦରଇଣ୍ଡିଆ ହୋଟେଲ । ଦୁଇତିନିଟି ଡିବିରି ଜଳୁଛି । ଛାପଛାପିକିଆ ଆଲୁଅରେ ଏଠି ସେଠି କେତେଜଣ ଖାଉଛନ୍ତି । ଖାଇବା ପଦାର୍ଥ ଏକା ଓ ଦାମ୍ ଏକା ହେଲେ ବି ବସିବାସ୍ଥାନ ଦୁଇ ରକମର—ଅପର୍ ଓ ତଳ । ଅପର୍ ମାନେ ବାଉଁଶ ଖୁଣ୍ଟ ଉପରେ ପଟା ପକାଇ ଗୋଟିଏ ବେଞ୍ଚ୍ ଓ ଗୋଟିଏ ଡେସ୍କ । ମୁଁ ବେଞ୍ଚ ଆସନରେ ବସିଲି । ଖାଦ୍ୟ ମିଳୁଥାଏ ଭାତ, କାନ୍ଦୁଲଡାଲି, ଶିମମଞ୍ଜି ତରକାରି । ବିଶେଷ ଚାହିଦାରେ ସିଝା ଅଣ୍ଡା ମିଳିବାର ସମ୍ଭାବନା । ତରକାରି ଅଳସୀ ତେଲରେ ରାନ୍ଧଣା ଓ ରାଗ ରାଗ । ଖାଉଥିବା ଅନ୍ୟଲୋକମାନେ ମୋ ପ୍ରତି କୌତୂହଳୀ ହେବା ସ୍ୱାଭାବିକ । ସେହି ଭିତରେ ମୁଁ ମାଲିକାଣୀ ବୁଢ଼ୀ ଓରଫ୍ ମଦରଇଣ୍ଡିଆକୁ ପଚାରିଲି—ବ୍ଲକ କୋଉଠି, ଏସ୍.ଇ.ଓ.ଙ୍କ ଘର ପାଇବି କି ? ଆହା, ଏସ୍.ଇ.ଓ. ସେହି ଭୋକ୍ତାମାନଙ୍କ ମଧରେ ଉପସ୍ଥିତ ଥିଲେ । କିଏ **ଆପଣ** ? ମୋ ନାମ କହିଲି । ସେ ଟିକେ ଚମକିତ ଜଣାପଡ଼ିଲେ । କହିଲେ ହଉ,

Digitized by PPRACHIN, SOA

ଖାଇ ସାରନ୍ତୁ, କଥାବାର୍ତ୍ତା ହେବା । କଣ ବା ସେ ଖିଆ ? ତାଙ୍କୁ ସାମ୍ନାସାମ୍ନି ଭେଟିବାରୁ ଚିହ୍ନା ମନେହେଲେ । ତାପରେ ସେ ନିଜେ ପରିଚୟ ଦେଇ, ରେଭେନ୍ସା କଲେଜ୍‌ରେ ଆମର ସମ୍ପର୍କ ସ୍ପଷ୍ଟ କରିଦେଲେ । ତାପରେ ତାଙ୍କ କ୍ୱାଟର୍ସରେ ମୋର କ୍ୟାମ୍ପ ପଡ଼ିଲା । ସେ ଘରେ ସେ ଜଣେ ମଣିଷ ସିନା, ତାଙ୍କର ପୋଷ୍ୟ ସହସ୍ର ଛାରପୋକ । ଯାହାହେଉ ରାତି କଟିଲା ।

ତା ପରଦିନ ମୁଁ ମୋ କାମର ଯୋଜନାରେ ଲାଗିଲି । ସେଠିକାର ଆଦିବାସୀ ଗାଦବା, ପାରେଙ୍ଗା, କନ୍ଧ ଓ ପରଜା ପ୍ରଭୃତିଙ୍କ ଭାଷା ଓ ସଂସ୍କୃତି ସମ୍ବନ୍ଧରେ ତଥ୍ୟ ସଂଗ୍ରହ ମୋର ମୂଳକାମ । ପ୍ରଥମତଃ ମୋର ଦରକାର ଜଣେ ଜାଣିବା-କହିବା ଲୋକ । କେତେଜଣଙ୍କୁ ପଚାରା ଉଚୁରା ପରେ ଜଣକୁ ଭେଟିଲି । ନାମ—ଧୁନ୍ଦୁ ହନ୍ତାଲ୍ । ମୋଟାସୋଟା, ଲମ୍ବା ଓ କାଳିଆ ଲୋକଟି । ବଡ଼ ନିଶ ହଳେ ଥାଏ । ମଉଜିଆ କଥା ଓ ହସୁଆ ମୁହଁ । ପରସ୍ପରକୁ ପସନ୍ଦ କଲୁ । ଧୁନ୍ଦୁ ହେଲା ଗୁରୁଦେବ । ତାର ସବୁଠୁ ବଡ଼ ଯୋଗ୍ୟତା ଥିଲା ଯେ ତାର ଗାଁ, ସମାଜ, ଚଳଣି, ଭାଷା ଇତ୍ୟାଦି ବିଷୟରେ ତାର ଶ୍ରଦ୍ଧା ଓ ଗୌରବବୋଧ ।

(ସାଦାସିଧା ମଣିଷ । ମୁହଁରେ ମୁଖା ପିନ୍ଧି ଡିଣ୍ଡିମ ବାଡ଼େଇବାର ସ୍ୱପ୍ନ ବି ସେ ଦେଖି ନାହିଁ । ଏମିତି କୋଟି କୋଟି ମଣିଷ ଅଛନ୍ତି, ଯାହାଙ୍କ କଥା କାହାରି କାନରେ କ୍ୱଚିତ୍ ପଡ଼େ । କିନ୍ତୁ ଏହି ଶ୍ରେଣୀର ପ୍ରତ୍ୟେକ ମଣିଷ ଭିତରେ ଅଛି ଅସରନ୍ତି କାହାଣୀ ।)

ଦିନରାତି ଧୁନ୍ଦୁ ହେଲା ମୋର ସାଥୀ, ତା ସହିତ ଯେତେ କଥା ହେବି ସେତେ ଉପାଦାନ ପାଇବି, ତେଣୁ ନାହିଁନଥିବା କଥା ଆମ ଭିତରେ ଲାଗି ରହୁଥାଏ । ଜାଣିଲି ଯେ ଧୁନ୍ଦୁର ଦୁଇ ସ୍ତ୍ରୀ—ବଡ଼୍‌ଲି, ସାନ୍‌ଲି । ପୁଅ ଦୁଇ ଓ ଝିଅ ତିନି । ଦୁଇଟା ବିବାହର କାରଣ ହେଲା ଯେ ବିଭାଘରର ପାଞ୍ଚ ବର୍ଷ ଯାଏଁ ବଡ଼୍‌ଲିର ଛୁଆ ହେଲାନାହିଁ । ତେଣୁ ସିଏ ହିଁ ତାକୁ ଆଉ ଗୋଟେ ବିଭା କରିବାକୁ କହିଲା । ତେଣୁ ପୁଣି ସାନ୍‌ଲି ଆସିଲା । ମାତ୍ର ତାପରେ କ୍ରମେ ଦୁଇଜଣଙ୍କର ଛୁଆ ହେଲେଣି ପାଞ୍ଚଟି । ଯାହେଉ ଦୁହେଁ ସୁଖରେ ରହନ୍ତି ଓ ମିଳିମିଶି ସବୁ କାମ କରନ୍ତି । ଧୁନ୍ଦୁ ସବୁ ଆଦିବାସୀ ପୁରୁଷମାନଙ୍କଠାରୁ ଆଉଟିକେ ବେଶୀ ଫୁଲାପାଙ୍କିଆ । ସେ ବୁଲେ ବହୁତ, କାରଣ ସେ ମଧ୍ୟ ଗୋଟେ ଦିଶାରି, ମାନେ ଜ୍ୟୋତିଷ ତଥା ବୈଦ୍ୟ ।

ଧୁନ୍ଦୁ ମତେ ବହୁତ କିଛି ଶିଖାଇଲା । ଶିଖିବାରେ ଶେଷନାହିଁ । ତେଣୁ ତାଙ୍କୁ ମୋ ଜାଗାକୁ ଆସିବାକୁ ପ୍ରବର୍ତ୍ତାଇଲି । ରାଜିହେଲା । ମୁଁ ବିଦାୟ ନେଇ ଆସିଲି । କେତେ ଦିନପରେ ବନ୍ଧୁ ଏସ୍.ଇ.ଓ.ଙ୍କୁ ଜଣାଇଲି ଧୁନ୍ଦୁକୁ ପଠାଇବାର ସେ ବ୍ୟବସ୍ଥା କରିବେ । ସେ ତାକୁ ଭଲଭାବରେ ଟ୍ରେନ୍ ବସ୍‌ରେ କେଉଁଠୁ କେମିତି ଯିବାକୁ ହେବ ଏବଂ

Digitized by PPRACHIN, SOA

ଶେଷରେ କାହାକୁ ଭେଟିବ ତା ପାଖକୁ ଚିଠି ଲେଖିଦେଇ ଆବଶ୍ୟକ ବାଟଖର୍ଚ୍ଚ ସହିତ ପଠାଇଦେଲେ ।

ମୁଁ ତାଙ୍କ ଚିଠି ପାଇ ଧୁନ୍ଦୁର ପହଞ୍ଚିଲାପରେ ତାର ବୃତ୍ତାନ୍ତ ଜାଣିଲି । ସେ ଠିକ୍‌ଜାଗାରେ ଟ୍ରେନ୍‌ରୁ ଓହ୍ଲାଇ ବସ୍ ଧରି ଠିକ୍ ଜାଗାରେ ପହଞ୍ଚିଲା । ମାତ୍ର ସେଇଠି ଯାହା ସହିତ ଦେଖା କରିଥିଲେ ମୋ ପାଖକୁ ଆସିବାର ବ୍ୟବସ୍ଥା ହୋଇଥାନ୍ତା, ତାଙ୍କୁ ପାଇବା ସମ୍ଭବ ହେଲାନାହିଁ । କାରଣ ଚିଠି ଖଣ୍ଡିକ ସେ ହଜାଇ ଦେଇଥିଲା । ତାର ଅଜବ ଚେହେରା ଓ ଭାଷା ଶୁଣି ଲୋକେ କୁତୂହଳୀ ହେଲେ । ସେ ଖାଲି କହୁଥାଏ ବଦ୍ରି ଓକିଲ୍ ଓ ପାତର ବାବୁଙ୍କ ପାଖକୁ ଆସିଛି । ଖାଇବାକୁ ପଇସା ସରିଗଲାଣି । ଜଣେ ତାକୁ କାମରେ ଲଗେଇ ଖାଇବାକୁ ଦେଲେ । ବଦ୍ରିଓକିଲ କିଏ ଅନୁମାନ ଲଗାଇଲେ । ସଠିକ ସଂଧାନ ହେଲା । ମାତ୍ର ବଦ୍ରିଓକିଲ ପାତର୍‌ବାବୁ କିଏ ଜାଣି ପାରିଲେ ନାହିଁ । କେମିତି ଓ କାହିଁକି ଆସିଲୁ ପଚାରିଲେ କହିଲା ଯେ ରେଙ୍ଗଟା (ଦୁର୍ବଳିଆ) ବାବୁଟାଏ ଆଲାନ୍‌ତେଣ୍ଡକା ପରି (ଏଣ୍ଡୁଅ) । ସେ ପଠାଇଲା ନନ୍ଦପୁରରୁ । ମୁଁ ପାତରବାବୁର ଗୁରୁ । ତାକୁ ଭାଷା ଜଣାଇବାକୁ ଆସିଛି । ବଦ୍ରିଓକିଲ ଭାବିଥିଲେ ଯିଏ ହେଉ ନିଶ୍ଚୟ ଚିହ୍ନାଲୋକ ହେବେ । ତେଣୁ ସେ ତାକୁ ରଖାଇଲେ । ତାଙ୍କ ମୂଲିଆ କାଠ ଚିରୁଥାଏ । ତାର ଅକର୍ମଣ୍ୟତା ଦେଖି ଧୁନ୍ଦୁ ହସିଦେଲା । କୁରାଢ଼ିଟା ତାଠାରୁ ମାଗିନେଇ ତାର ଦାରୁହଣା କରାମତି ଦେଖାଇଦେଲା । ବଦ୍ରିଓକିଲ ଘରେ ତାର ଆଉ ରହିବାର ସମସ୍ୟା ହେଲାନାହିଁ ।

ଦୈବାତ୍ ଧୁନ୍ଦୁ ପାଇଁ ମୋର ବ୍ୟଗ୍ରତା ଜାଣିଥିବା ଜଣେ ଲୋକ ଧୁନ୍ଦୁକୁ ବଦ୍ରିଓକିଲ ଘରେ ଆବିଷ୍କାର କଲା । ଜଣାପଡ଼ିଗଲା ପ୍ରକୃତରେ ସେ ମୋ ପାଖକୁ ହିଁ ଆସିଛି । ସେ ତାକୁ ନେଇ ଆସିଲା । ମତେ ଦେଖିପକାଇ ଧୁନ୍ଦୁର କି ହସ ! ଆଲାନ୍ ତେଣ୍ଡେକାର ପତର୍ ପାସ୍‌ରିଦେଇ ହରବର ହେଇଗଲି ବୋଲି ଖାଲି ନିଜକୁ ନିନ୍ଦିଲା । ରହିଲା ମୋ ପାଖରେ । କାମ କଲୁ । ଆମଘର ତରକାରି ଓ ପିଠାପଣା ତାକୁ ଭଲଲାଗିଲା । ମାତ୍ର ସବୁବେଳେ ବସିବସି ମୋ ସହିତ କଥାବାର୍ତ୍ତା ହେବାକୁ କ୍ରମଶଃ ତାକୁ ବିଜାର୍ ଲାଗୁଥାଏ । ଜଙ୍ଗଲ ଯେମିତି ତାକୁ ମଝିରେ ମଝିରେ ଡାକୁଥାଏ । ମୁଁ ଏହା ଅନୁଭବ କଲି । ତାର ଲେଉଟାଣି ଘରକୁ ଯିବାର ବ୍ୟବସ୍ଥା କରିଦେଲି ।

ଧୁନ୍ଦୁ ଦେଇଥିବା ଉପାଦାନ ନେଇ ମୁଁ ବହୁତ ଲେଖିଲି । ନାଁ ହେଲା । ଆନ୍ତର୍ଜାତିକ ସେମିନାରରେ ହନଲୁଲୁରେ ଯୋଗ ଦେବାକୁ ନିମନ୍ତ୍ରିତ ହେଲି । ଓ୍ୱାଇକିକେ ବିଚ୍‌ରେ ବସି ପ୍ରଶାନ୍ତ ମହାସାଗରର ପବନ ଖାଉଖାଉ ଭାବୁଥିଲି ନନ୍ଦପୁରର ପ୍ରଥମ ରାତି ଓ ତାପରେ **ଧୁନ୍ଦୁର** ସହାୟତା । ଧୁନ୍ଦୁ କେଉଁଠି [illegible] ବିଶ୍ୱବ୍ରହ୍ମାଣ୍ଡ ଦେଖୁଛି **ତାର ଅବଦାନରେ !**

Digitized by PPRACHIN, SOA

ପ୍ରାୟ ଦଶବର୍ଷପରେ ଗଲି ଥରେ ନନ୍ଦପୁର । ଏଥର ଥାଟରେ ଯାତ୍ରା, ସରକାରୀ ବଙ୍ଗଳାରେ ରହଣି । ପ୍ରଥମେ ଖୋଜାଇଲି ଧୁନ୍ଦୁକୁ । ଖବର ମିଳିଲା—ସେ ନାହିଁ । ଗଲା କୁଆଡ଼େ ? ସକୁଟୁମ୍ବ ଉଠିଗଲା । ଏଠି ବହୁତ ଅଭାବ ପଡ଼ିଲା, ଚଳିପାରିଲା ନାହିଁ । କହିଲା, ନନ୍ଦପୁର ସହର ହୋଇଗଲା ! କୁଆଡ଼େ ଉଠିଗଲା କେହି ସଠିକ୍ ଜାଣିନଥିଲେ ବି ସେ ଦିଶାରି ବୃତ୍ତିକରୁଥିବା, ମାଛକୁଣ୍ଡ ଅଞ୍ଚଳକୁ ଯାଇଥିବା ଅନୁମାନ କରୁଥାନ୍ତି । ଆଉ ତାକୁ ଖୋଜି ପାଇବା ଅସମ୍ଭବ । ଲବଣାକ୍ତ ଜୀବନଭୋଗୀ ଭାରତୀୟ ଜନସମୁଦ୍ରରେ ସେ ବି ତଲ୍ଲୀନ ହୋଇଯାଇଛି ।

ଆଜି ଜୀବନସଂଗ୍ରାମରେ ହଜିଯାଇଥିବା ଧୁନ୍ଦୁର ଗୋଟିଏ କାହାଣୀରୁ ପଦେ ମନେପଡ଼ିଯାଏ—''ଏକ୍‌ଟା ଗଉଡ଼୍ କାଇକରେ—ଗଉଡ଼ନୀ ଗଲା ବାଣ୍ଡିକେ, କଲିଆ ଚାବ୍‌ଲା ମାଣ୍ଡିକେ ।'' ଗଉଡ଼ଟିଏ ସବୁଘରର ଗୋରୁ ନେଇ ଗୋଠକୁ ଯାଏ । ଗଉଡୁଣୀ ମୂଲବାବଦକୁ ଘରଘର ବୁଲି ଜାଉ ମାଗିଆଣେ । ବାଟମାରଣାରେ ଓସ୍ତାଦ୍ ଶିଆଳଟିଏ ଜାଉ ନଦେଲେ ଆଣ୍ଠୁ କାମୁଡ଼ି ଦେବ ବୋଲି ଧମକାଇ ଗଉଡୁଣୀଠାରୁ ଖାଇଯାଏ । ଗଉଡୁଣୀ ତୁଚ୍ଛା ହାତରେ ଗୋଠକୁ ଆସି ଘଟଣାଟି ବୟାନ କରେ । ଗଉଡ଼ କେବଳ ମନରେ ଟିକେ ହତାଶ ଅନୁଭବ କରେ, କାରଣ ଯାହା ଘଟୁଛି ତାକୁ ଅନ୍ୟଥା କରିବାକୁ ଜଣକର ସାଧ ନାହିଁ । ଧୁନ୍ଦୁ ଅଥବା ତାରିଭଳି ବିଶ୍ୱାସୀ ଦେଶିଆଲୋକେ ଚତୁର ଶୃଗାଳର ବାଟମାରଣାକୁ ପ୍ରତିରୋଧ କରିବାର ଉପାୟ କଣ ପାଇବେ ନାହିଁ ? ଶିଆଳର ତାଡ଼ନାରୁ ଧୁନ୍ଦୁ ଏବେ କଣ କେଉଁଠି ନିରାପଦ ?

□□□

Digitized by PPRACHIN, SOA

ଓଡ଼ିଶାର ଆଦିବାସୀ ସମାଜର ସାଂସ୍କୃତିକ ପରିରେଖା

ଓଡ଼ିଶାର ମାନବ-ମାନଚିତ୍ରରେ ପ୍ରତିଫଳିତ ହୁଅନ୍ତି ତିନୋଟି ପ୍ରଜାତି—ଆର୍ଯ୍ୟ, ଦ୍ରାବିଡ଼, ଅଷ୍ଟ୍ରିକ । ଆର୍ଯ୍ୟଗୋଷ୍ଠୀ ଅପେକ୍ଷାକୃତ ଅର୍ବାଚୀନ । କିନ୍ତୁ ଅଷ୍ଟ୍ରିକ ଓ ଦ୍ରାବିଡ଼ ଗୋଷ୍ଠୀ ପ୍ରାଚୀନ ଏବଂ ଯଥାର୍ଥତଃ ଆଦିବାସୀ । ଓଡ଼ିଶାରେ ଏହି ତ୍ରିବିଧ ଗୋଷ୍ଠୀର ୬୨ଟି ସଂପ୍ରଦାୟକୁ ସରକାରୀଭାବେ ଅନୁସୂଚିତ କରାଯାଇଛି, ଯେଉଁମାନଙ୍କ ସଂଖ୍ୟା ୧୯୯୧ ଜନଗଣନା ଅନୁସାରେ ୭୦୩୨୨୧୪ ଏବଂ ଏମାନେ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୩ ଶତାଂଶ । ଭାରତରେ ଉତ୍ତର-ପୂର୍ବ ସୀମାନ୍ତର ରାଜ୍ୟଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ଆଦିବାସୀଙ୍କ ଆନୁପାତିକ ଜନସଂଖ୍ୟା ଏତେ ଅଧିକ ନୁହେଁ । ମଧ୍ୟପ୍ରଦେଶ ପରେ ଓଡ଼ିଶାହିଁ ଦ୍ୱିତୀୟ ଆଦିବାସୀ ସଂଖ୍ୟାବହୁଳ ରାଜ୍ୟ । ତିନୋଟି ସଂପୂର୍ଣ୍ଣ ଜିଲ୍ଲା (ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଅବିଭକ୍ତ କୋରାପୁଟ) ଏବଂ ଅନ୍ୟାନ୍ୟ ଜିଲ୍ଲାର ଅନ୍ତର୍ଗତ ୧୧୮ଟି ବ୍ଲକ୍‌ରେ ଜନସଂଖ୍ୟାର ଅର୍ଦ୍ଧେକରୁ ଅଧିକ ହେଉଛନ୍ତି ଆଦିବାସୀ । (ସଂପ୍ରଦାୟଗୁଡ଼ିକର ତାଲିକା, ଜନସଂଖ୍ୟା ଓ ବାସସ୍ଥାନ ପରିଶିଷ୍ଟରେ ଦ୍ରଷ୍ଟବ୍ୟ ।) ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ଧରାତଳ ଓ କ୍ରମ-ବିବର୍ତ୍ତିତ ଇତିହାସ ଆଦିବାସୀଙ୍କଠାରୁ ଆରମ୍ଭ ।

ଆଦିବାସୀ ସଂଜ୍ଞା ଓ ଲକ୍ଷଣ :

ଏକ ଜନଗୋଷ୍ଠୀର ସଂଜ୍ଞା ଭାବରେ 'ଆଦିବାସୀ' ନାମକରଣ ଖୁବ୍ ନୂତନ । ଆମର ପ୍ରାଚୀନ ଶାସ୍ତ୍ର, ପୁରାଣ, ସାହିତ୍ୟ ଇତ୍ୟାଦିରେ ପ୍ରାୟ ଏହି ଜନଗୋଷ୍ଠୀକୁ ଶବର, ପୁଲିନ୍ଦ, ନିଷାଦ, କିରାତ, ବନଚର ପ୍ରଭୃତି ନାମରେ ନିର୍ଦ୍ଦିଷ୍ଟ କରାଯାଇଥିଲା । ବ୍ରିଟିଶ୍ ଶାସନ କାଳରେ ଏହି ଜନଗୋଷ୍ଠୀ ମଧ୍ୟରେ ବିଭିନ୍ନ ନାମରେ ବହୁ ସଂପ୍ରଦାୟ ଥିବାର ଜଣାପଡ଼ିଲା ଏବଂ ସେ ସମସ୍ତଙ୍କୁ Tribal, Aborginal ବୋଲି ଆଖ୍ୟାତ କରାଗଲା । ଏହି Aboriginal ଶବ୍ଦ ପ୍ରୟୋଗରୁ ଆଦିବାସୀ ସଂଜ୍ଞାର ଉତ୍ପତ୍ତି । Tribe ଶବ୍ଦର ମୂଳ ଲାଟିନ୍ tribus ଯାର ତାତ୍ପର୍ଯ୍ୟ 'ଆଦିମ ରୋମାନ୍ ଲୋକଙ୍କ ଏକ ଶ୍ରେଣୀ', 'ପରଂପରାବଦ୍ଧ ଏକ ଜନସଂପ୍ରଦାୟ' । ଆମ ଦେଶରେ ଏବେ ଏହାର

Digitized by PPRACHIN, SOA

ଅନୁବାଦ ହେଉଛି—ଉପଜାତି, ଅନୁସୂଚିତ ଉପଜାତି, ତଫସିଲଭୁକ୍ତ ଉପଜାତି, ଜନଜାତି ଏବଂ ଗିରିଜନ (ହରିଜନ ସାଦୃଶ୍ୟରେ)। ଏସବୁ ସଂଜ୍ଞାର ମୂଳରେ ଅଛି ଭାରତ ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ କରାଯାଇଥିବା ଆଦିବାସୀ ସଂପ୍ରଦାୟ। ତେଣୁ ସଂବିଧାନର ୩୪୨ ଧାରାରୁ ହିଁ ଏହି ଆଦିବାସୀ ସମାଜର ସ୍ୱତନ୍ତ୍ର ସୃଷ୍ଟି।

ଆଦିବାସୀ ବୋଲି କୌଣସି ଏକ ସଂପ୍ରଦାୟକୁ ଚିହ୍ନଟ କରିବାର ଭିତ୍ତି ସେହି ସଂପ୍ରଦାୟର କିଛି ସ୍ୱତନ୍ତ୍ର ଚାରିତ୍ରିକ ବୈଶିଷ୍ଟ୍ୟ। ସାଧାରଣତଃ ନିମ୍ନୋକ୍ତ ଲକ୍ଷଣଗୁଡ଼ିକ ପ୍ରତି ଲକ୍ଷ୍ୟ କରାଯାଏ—

(କ) ଭୌଗୋଳିକ ଓ ସାଂସ୍କୃତିକ ବିଚ୍ଛିନ୍ନତାଜନିତ ଦୀର୍ଘକାଳ ଧରି ଅପରିବର୍ତ୍ତିତ କିଛି ସାଂସ୍କୃତିକ ବ୍ୟବସ୍ଥା।

(ଖ) ସୀମିତ ବିଶ୍ୱ-ଦୃଷ୍ଟି

(ଗ) ଅସାଧାରଣ ମନସ୍ତାତ୍ତ୍ୱିକ ଭଙ୍ଗୀ

(ଘ) ପୁରୁଷାନୁକ୍ରମିକ ଜୀବନ-ଯାପନ ପ୍ରଣାଳୀଠାରୁ ବ୍ୟତିକ୍ରମ କରିବାର ସ୍ୱଳ୍ପ ସ୍ୱାଧୀନତା।

(ଙ) କ୍ଷୁଦ୍ର ଏବଂ ସଂହତ ସାମାଜିକ ସଂଗଠନ

(ଚ) ସ୍ୱଗୋତ୍ର ସୀମାବଦ୍ଧ କୁଟୁମ୍ବିତା

(ଛ) ପରିବର୍ତ୍ତନ ପରିପନ୍ଥୀ ମନୋବୃତ୍ତିବଶତଃ ଆଧୁନିକ ପ୍ରଯୁକ୍ତିବିଦ୍ୟା ବିଷୟରେ ଅନାସକ୍ତି।

(ଜ) ଅଲୌକିକ ଶକ୍ତି, ଆନୁଷ୍ଠାନିକ ବିଧିବିଧାନ ଏବଂ ପ୍ରଥାଗତ ନିୟମାବଳୀ ପ୍ରତି ଗଭୀର ଆନୁଗତ୍ୟ।

(ଝ) ଜାତିଆଣ ଶ୍ରେଣୀ ବିଭାଜନର ଅନୁପସ୍ଥିତି

(ଞ) ସ୍ୱୟଂସଂପୂର୍ଣ୍ଣ ଆର୍ଥନୈତିକ ସ୍ଥିତି

ଉପରୋକ୍ତ ଲକ୍ଷଣାବଳୀ ପ୍ରତିପାଦିତ କରେ ଯେ ଆଦିବାସୀ ସମାଜ ପରଂପରା ନିବଦ୍ଧ। ସେମାନଙ୍କର ସମାଜରେ ଜୀବନ-ଯାପନ ପ୍ରଣାଳୀକୁ ଅନୁଶାସିତ କରୁଥିବା ନିୟମାବଳୀର ଅନ୍ୟ ନାମ ହେଉଛି ଏହି ପରଂପରା। ଭିନ୍ନଭାବେ କୁହାଯାଇପାରେ ଯେ, ପରଂପରା ହେଉଛି ସମସ୍ତ ବିଶ୍ୱାସ ଓ ମୂଲ୍ୟବୋଧର ଏକ ଆଧାର, ଯାହା ମଧ୍ୟରେ ସମଗ୍ର ସମାଜ ଦେଖେ ବ୍ରହ୍ମାଣ୍ଡର ସ୍ୱରୂପ, ଅଭିବ୍ୟକ୍ତ କରେ ସମସ୍ତ ଚିନ୍ତା-ଭାବନା, ବିଚାର କରେ ନ୍ୟାୟ ଅନ୍ୟାୟ ଏବଂ ନିରୂପିତ କରେ ଏକର ଅନ୍ୟ ସହିତ ବ୍ୟବହାର। ଏହି ପରଂପରାର ଅନ୍ତର୍ଭୁକ୍ତ ହୋଇଥାଏ ଭାଷା, ଜ୍ଞାନ, ପ୍ରଥା, କଳା ଓ ଶିଳ୍ପ, କାରିଗରୀ ବିଦ୍ୟା, ନୈତିକତାବୋଧ ଏବଂ ସଂସ୍କୃତିର ସଂପୂର୍ଣ୍ଣ ସତ୍ତା। ସେମାନଙ୍କର ସାମାଜିକ ଅନୁଷ୍ଠାନ, ବିଧିବିଧାନ ଓ ଭାବଧାରା ସମ୍ବନ୍ଧୀୟ ସମସ୍ତ ତତ୍ତ୍ୱ

Digitized by PPRACHIN, SOA

ଗୋଟିଏ ଶବ୍ଦରେ ଅବଧାରଣା କରାଯାଇପାରେ । ତା ହେଉଛି 'ସାଂସ୍କୃତିକ ପରଂପରା' । ଅପରାପର ପ୍ରାନ୍ତୀୟ ଆର୍ଯ୍ୟ ସଂସ୍କୃତି ଠାରୁ ଓଡ଼ିଆ ସାଂସ୍କୃତିକ ପରଂପରାର ଯାହା ବୈଷମ୍ୟ ବା ସ୍ୱାତନ୍ତ୍ର୍ୟ ଦେଖାଯାଏ ତାହାର ଏକ ମୌଳିକ କାରଣ ହେଉଛି ଏହି ପରଂପରା ଆଦିବାସୀ ସୂତ୍ରରୁ ଉତ୍ସାରିତ ସାଂସ୍କୃତିକ ଧାରା ପ୍ରବାହରେ ସମ୍ମିଳିତ ହୋଇଛି । ସଂସ୍କୃତିର ତ୍ରିତଳ ସଂଗଠନରେ ଦେଖାଯାଏ ଶାସ୍ତ୍ରାଚାର, ଦେଶାଚାର ଓ ଲୋକାଚାର । ଓଡ଼ିଆ ସଂସ୍କୃତିର ଦେଶାଚାର ଓ ଲୋକାଚାର ମଧ୍ୟରେ ଆଦିବାସୀ ସଂସ୍କୃତିର ଆୟତନ ପରିସ୍ଫୁଟ ।

ଓଡ଼ିଶାର ଆଦିବାସୀ ସମାଜ ଯେପରି ବିବିଧ ସେପରି ବିଚିତ୍ର । ପ୍ରତ୍ୟେକ ସଂପ୍ରଦାୟର ଯେପରି ବୈଶିଷ୍ଟ୍ୟ (ethnos) ଅଛି, ସେପରି ମଧ୍ୟ କିଛି ସାମୁଦାୟିକ ବୈଶିଷ୍ଟ୍ୟ (ethnoi) ଲକ୍ଷିତ ହୁଏ । ଭାଷା, ଧର୍ମାଚାର ସାମାଜିକ କର୍ମକର୍ମାଣି, ଖାଦ୍ୟପେୟ, ବେଶଭୂଷା, ଗୃହନିର୍ମାଣ, ପର୍ବପର୍ବାଣି, ବଂଶ-ଗୋତ୍ର, ଚିରାଚରିତ ଶାସନବିଧି ଇତ୍ୟାଦିରେ ପାରସ୍ପରିକ ପ୍ରଭେଦ ସତ୍ତ୍ୱେ ସମଗ୍ର ଆଦିବାସୀ ସମାଜର ବିଶ୍ୱ-ଦୃଷ୍ଟି, ଜୀବନ ଦର୍ଶନ ଓ ମୂଲ୍ୟବୋଧ ପ୍ରାୟ ସମାନ । କିଛି ସଂପ୍ରଦାୟ ଅପେକ୍ଷାକୃତ ଉନ୍ନତ ଓ ସମତଳବାସୀ, କିଛି ଆଦିମ ସ୍ତରରେ ବଣ-ପର୍ବତରେ ରହନ୍ତି । କେତେକ ଖୁବ୍ ବୃହତ୍, ବହୁ ଉପଗୋଷ୍ଠୀରେ ବିଭକ୍ତ ଏବଂ ସାରା ରାଜ୍ୟରେ ବିଛୁରିତ । କେତେକ ସଂଖ୍ୟାଲଘୁ, ଗୋଟିଏ ଭୂଖଣ୍ଡରେ କେନ୍ଦ୍ରିତ ଏବଂ ଅନ୍ୟତ୍ର ସାରା ବିଶ୍ୱରେ ଦୁର୍ଲଭ । ଏକ ପକ୍ଷରେ ସାନ୍ତାଳ, ମୁଣ୍ଡା, କନ୍ଧ ପ୍ରଭୃତି ଏବଂ ଅନ୍ୟ ପକ୍ଷରେ ଜୁଆଙ୍ଗ, ବଣ୍ଡା, ଡିଡାୟୀ ପ୍ରଭୃତିଙ୍କ ସଂଖ୍ୟା, ବିସ୍ତାର ଓ ପ୍ରଗତି ଅତୁଳନୀୟ ।

ଆଦିବାସୀ ଭାଷା ଓ ସାହିତ୍ୟ :

(କ) ଭାଷା—ଓଡ଼ିଶାର ଆଦିବାସୀମାନଙ୍କୁ ପ୍ରଧାନତଃ ତିନୋଟି ଭାଷା ଗୋଷ୍ଠୀରେ ବିଭକ୍ତ କରାଯାଇପାରେ । ଯଥା—ଦ୍ରାବିଡ଼, ଅଷ୍ଟ୍ରିକ୍ (ମୁଣ୍ଡା) ଓ ଭାରତୀୟ ଆର୍ଯ୍ୟ । ଏହିସବୁ ଆଦିବାସୀ ଭାଷା ଓ ଉପଭାଷାଗୁଡ଼ିକ ହେଲା :—

(୧) ମୁଣ୍ଡା—ଭୂମିଜ, ବିର୍‌ହୋର୍, ବଣ୍ଡା, ଡିଡାୟୀ, ଗଦବା, ହୋ, ଜୁଆଙ୍ଗ, ଖଡ଼ିଆ, କୋରକୁ, କୋଡା, ମୁଣ୍ଡାରୀ, ପାରେଂଗା ଇତ୍ୟାଦି ।

(୨) ଦ୍ରାବିଡ଼—ଗୋଣ୍ଡି, କଣ୍ଡା, କୁଇ, କୁଭି-କନ୍ଧ, କିସାନ, କୋୟା, କୋଲାମୀ, ନାଇକି, ଓରାଓଁ, ଓଲାରି (ଗାଦବା) ପାରଜୀ, ପେଙ୍ଗ ଇତ୍ୟାଦି ।

(୩) ଭାରତୀୟ ଆର୍ଯ୍ୟ—ବାଥୁଡୀ, ଭାତ୍ରୀ, ଭୂମିଆ, ଭୂୟାଁ, ଦେଶିଆ, ହାଲବି, ଝରିଆ, କୁରୁମାଳୀ, ସାଦ୍ରୀ, ସାଉଁତି ଇତ୍ୟାଦି ।

Digitized by PPRACHIN, SOA

ଏହି ସବୁ ଭାଷା ମଧ୍ୟରୁ କେବଳ ଚାରିଟି ଭାଷାରେ ଲିଖନ ପ୍ରଣାଳୀ ଏବଂ ବର୍ଣ୍ଣମାଳା ଚଳିତ ଶତାବ୍ଦୀରେ ଉଦ୍ଭାବନ କରାଯାଇଛି । ସେ ଚାରୋଟି ଭାଷା ହେଲା—ସାନ୍ତାଳୀ, ସଉରା, ହୋ ଏବଂ କୁଇ । ସାନ୍ତାଳୀ ଅଲ୍‌ଚିକି ଓ ସଉରା ସୋରାଙ୍ଗ ସୋମପେଙ୍ଗ ଲିପି ଦୁଇଟି କ୍ରମଶଃ ସମୃଦ୍ଧ, ସମାଦୃତ ହେଉଥିବାର ପରିଲକ୍ଷିତ ହୁଏ ।

ଆଦିବାସୀ ଭାଷା ସମ୍ବନ୍ଧରେ ଏକ ସର୍ବସାଧାରଣ ମତ ହେଉଛି ଯେ ଆଦିବାସୀଙ୍କ ଭାଷିକ ସମ୍ପତ୍ତି ଖୁବ୍ ଅନୁନ୍ନତ ଓ ଅଭାବଗ୍ରସ୍ତ ଏବଂ ସେଗୁଡ଼ିକ କେବଳ ଉପଭାଷା ପଦବାଚ୍ୟ । କାରଣ ଲିପି ନଥିଲେ, ଅଳ୍ପ ଲୋକ କହୁଥିଲେ ଓ ଲିଖିତ ସାହିତ୍ୟ ନଥିଲେ ଗୋଟେ ଭାଷା ହୁଏନାହିଁ । ଏହି ଧାରଣା ଭାଷା ଓ ଉପଭାଷା ମଧ୍ୟରେ ପ୍ରଭେଦ ସଂପର୍କରେ ସାଧାରଣ ଜ୍ଞାନ ନଥିବା ଲୋକେ ହିଁ କରିପାରନ୍ତି । ବସ୍ତୁତଃ ଦେଖାଯାଏ, ପ୍ରତ୍ୟେକ ଆଦିବାସୀ ଭାଷାର ବ୍ୟାକରଣିକ ବିନ୍ୟାସ ସ୍ୱତନ୍ତ୍ର ଓ ସ୍ୱାଧୀନ, ଶବ୍ଦ-ଭଣ୍ଡାର ସଂକୀର୍ଣ୍ଣ ହେଲେହେଁ ପ୍ରୟୋଜନାନୁସାରେ ସଂପ୍ରସାରିତ ହୋଇଥାଏ । ନୂତନ ଭାବ ଓ ବସ୍ତୁ ଅଭିବ୍ୟକ୍ତ କରିବା ପାଇଁ ଭାଷାର ସ୍ଥିତିସ୍ଥାପକତା ସହାୟକ ହୁଏ । ଉଦାହରଣ ସ୍ୱରୂପ ଆଗେ 'ବହି' ବସ୍ତୁ, 'ଲେଖିବା' କ୍ରିୟା ନଥିଲା । ଏବେ ସେହି ବସ୍ତୁ ଓ କ୍ରିୟା 'ପତ୍ର' ଓ 'ଗାରେଇବା' କ୍ରିୟାପଦ ଦ୍ୱାରା ବିବୃତ ହେଉଛି । ଓଡ଼ିଆ ଭାଷାର ଉନ୍ମେଷ କାଳରେ ଆଦିବାସୀ ଭାଷା ଥିଲା ଅନ୍ୟତମ ଆଲମ୍ବନ । ଔଡ୍ରୀ ବିଭାଷାର ସ୍ୱରୂପ ବ୍ୟାଖ୍ୟାକରି ମାର୍କଣ୍ଡେୟ 'ପ୍ରାକୃତ ସର୍ବସ୍ୱ'ରେ ଲେଖିଛନ୍ତି ଶବର ଓ ସୌରସେନୀ ଭାଷା ସଂଯୋଗରେ ଏହା ଗଠିତ । ଶବର ଶ୍ରେଣୀବାଚକ ଭାବେ ସମସ୍ତ ଆଦିବାସୀ ଭାଷାକୁ ନିର୍ଦ୍ଦେଶ କରେ । ଓଡ଼ିଆ ଭାଷାର ପ୍ରାଚୀନତମ ରଚନା 'ଚର୍ଯାଗୀତିକା'ଗୁଡ଼ିକରେ ବର୍ତ୍ତମାନ ସାଧୁ ଓଡ଼ିଆରେ ଅପ୍ରଚଳିତ ବହୁ ଶବ୍ଦ ଗଞ୍ଜାମ-କୋରାପୁଟର ଆଞ୍ଚଳିକ ଆଦିବାସୀ ଓଡ଼ିଆ ଭାଷାରେ ଏବେ ବି ପ୍ରଚଳିତ । ଦୃଷ୍ଟାନ୍ତ ସ୍ୱରୂପ ଏହିପରି କେତୋଟି ଶବ୍ଦ ଉଲ୍ଲେଖନୀୟ—ଡଙ୍ଗର (ଚୋର), ଗୁମା (ସଦର ଜାଗା), ହିଣ୍ଡିବା (ବୁଲିବା), କାଙ୍ଗୁ (ଶସ୍ୟବିଶେଷ), ଜନା (ମକ୍‌କାଜାତୀୟ ଶସ୍ୟ), ଟଇଲା (ପାହାଡ ତଳ ଜମି), କାନ୍ଦିବା (ପଶୁପକ୍ଷୀ ରଡ଼ିବା), ଲଙ୍କା (ଦୂରବର୍ତ୍ତୀ ସ୍ଥାନ), ଘାଟ (ପାହାଡ଼ିଆ ସଂକୀର୍ଣ୍ଣ ପଥ) ।

ଆଦିବାସୀ ସମାଜର ପ୍ରଜାତି ତାତ୍ତ୍ୱିକ ପରିଚୟ ସେମାନଙ୍କ ଭାଷାରେ ସ୍ପଷ୍ଟତଃ ପ୍ରତିବିମ୍ବିତ ହୋଇଥାଏ । ମାନବୀୟ ଭାଷା ବ୍ୟବହାରର ଅତି ମୌଳିକ ଲକ୍ଷଣାବଳୀ ଆଦିବାସୀ ଭାଷାର ଶବ୍ଦ ଭଣ୍ଡାର, ଧ୍ୱନ୍ୟାତ୍ମକ ପ୍ରତୀକବାଦ, ବ୍ୟାକରଣିକ ସଂରଚନା ଇତ୍ୟାଦି ସ୍ତରରେ ପରିଲକ୍ଷିତ ହୁଏ । ବିଭିନ୍ନ ସଂପ୍ରଦାୟର ଭିନ୍ନ ଭିନ୍ନ ଭାଷାଥିଲେ ହେଁ, କେତେକ ସାଧାରଣ ଲକ୍ଷଣ ସମାନ ଭାବେ ସବୁଥିରେ ଦେଖାଯାଏ । ଯଥା—ସର୍ବନାମ

Digitized by PPRACHIN, SOA

ପ୍ରୟୋଗରେ ଦ୍ୱିତୀୟ ପୁରୁଷ କ୍ଷେତ୍ରରେ ମାନ୍ୟତା ବୋଧକ ପଦର ଅନୁପସ୍ଥିତି (ତୁ = ତୁ, ତୁମେ, ଆପଣ), ମୂଳ ଶବ୍ଦର କେବଳ ସ୍ୱରଧ୍ୱନି ପରିବର୍ତ୍ତନ ଦ୍ୱାରା ପ୍ରତିଧ୍ୱନ୍ୟାତ୍ମକ ଶବ୍ଦ ଗଠନ (ମାଛ୍ - ମୁଛା) ବକ୍ତାଠାରୁ ଦୂରେଇଯିବା ଏବଂ ବକ୍ତାଆଡ଼କୁ ପାଖେଇ ଆସିବା ଇଙ୍ଗିତ କରୁଥିବା ଦ୍ୱିବିଧ କ୍ରିୟାପଦର ବ୍ୟବହାର, ନିଜର ଏବଂ ଅନ୍ୟ ଜଣକର ଲାଭପ୍ରକାଶ କରୁଥିବା ଅର୍ଥରେ ସ୍ୱତନ୍ତ୍ର ଅନୁଜ୍ଞା ପଦର ପ୍ରୟୋଗ (ମୋକେ ଦେ/ତାକେ ଦେସ୍) ମାନବ ଓ ଇତର ପ୍ରାଣୀ ତଥା ବସ୍ତୁବିଶେଷ ନିର୍ଦ୍ଦେଶ କରୁଥିବା ଭିନ୍ନ ଭିନ୍ନ ବର୍ଗ ବାଚକ ପଦ ପ୍ରୟୋଗ (ପିଲା ଦୁଇଜଣ/ଗାଈ ଦୁଇମୁଣ୍ଡ/କୁକୁଡ଼ା ଦୁଇପଟ) ଅତୀତ ଓ ଅଣ-ଅତୀତ ଦ୍ୱିବିଧ ଭାବରେ କ୍ରିୟାର କାଳ ବିଭାଜନ (ଖାଇବି = ଖାଏଁ, ଖାଇବି) ଏକ-ଶବ୍ଦ ବିଶିଷ୍ଟ ଭାବୋଦ୍ଦୀପକ କ୍ରିୟାପଦ ବ୍ୟବହାର ଇତ୍ୟାଦି । ଏହିପରି କେତେକ ସାମାନ୍ୟ ସ୍ୱତନ୍ତ୍ର ଲକ୍ଷଣାବଳୀ ଆଦିବାସୀ ସମାଜର ସାଂସ୍କୃତିକ ଓ ପ୍ରଜାତି ତାତ୍ତ୍ୱିକ ବୈଶିଷ୍ଟ୍ୟ ଭାଷିକ ସ୍ତରରେ ପ୍ରତିପାଦନ କରିଥାଏ । ଆଦିବାସୀ ଭାଷାଗୁଡ଼ିକର ଏହିପରି ଲକ୍ଷଣମାନ ମାନକ ଓଡ଼ିଆ ଭାଷାରେ ଏବେ ଦେଖାଯାଉ ନଥିଲେ ହେଁ ଆଦିବାସୀ ଅଞ୍ଚଳରେ ପ୍ରଚଳିତ ଓଡ଼ିଆ ଭାଷାଗୁଡ଼ିକରେ ବହୁ ପ୍ରାଚୀନ କାଳରୁ ଆହରଣ କରାଯାଇଛି ।

(ଖ) ସାହିତ୍ୟ—ଆଦିବାସୀ ଭାଷାଗୁଡ଼ିକର ଏକ ସମୃଦ୍ଧ ମୌଖିକ ସାହିତ୍ୟିକ ପରଂପରା ରହିଛି । ଯାହା ପୌରାଣିକ କାହାଣୀ, ଗଳ୍ପ, ଗୀତ, ପ୍ରବଚନ, ଢଗ, ମନ୍ତ୍ର, ତନ୍ତ୍ର ଇତ୍ୟାଦି ଲୋକ-ସାହିତ୍ୟର ଅନ୍ତର୍ଭୁକ୍ତ । ସାନ୍ତାଳୀମାନଙ୍କର ଅଲିଚିକି ଏବଂ ସଉରାମାନଙ୍କର ସୋରାଙ୍ଗ, ସୋମପେଙ୍ଗ ବର୍ଣ୍ଣମାଳାରେ କେତେକ ଲିଖିତ ସାହିତ୍ୟ ସୃଷ୍ଟି କରାଯାଇଛି ଏବଂ ପ୍ରକାଶିତ ହୋଇଛି । କାରଣ ଏହି ଭାଷାର ମୁଦ୍ରଣ ପାଇଁ ଛାପାଖାନା ରହିଛି । ଅନ୍ୟାନ୍ୟ ଭାଷାର କିଛି ସାହିତ୍ୟ ଓଡ଼ିଆ ଓ ରୋମାନ ଲିପିରେ ମଧ୍ୟ ଲେଖାଯାଇଛି । ଡଃ ସୀତାକାନ୍ତ ମହାପାତ୍ରଙ୍କ ଭଳି ସାହିତ୍ୟିକ କେତେ ଆଦିବାସୀ ଲୋକ-କବିତାକୁ ଇଂରାଜୀ ଓ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି ଏବଂ ଗୋପୀନାଥ ମହାନ୍ତିଙ୍କ ଭଳି ସାହିତ୍ୟିକମାନେ ଲୋକଗଳ୍ପ ଓ ଗୀତଗୁଡ଼ିକୁ ସଂଗ୍ରହ ଓ ସଂକଳିତ କରିଛନ୍ତି । କିନ୍ତୁ ଅଧିକାଂଶ ଆଦିବାସୀ ଲୋକସାହିତ୍ୟ ଏଯାବତ୍ ମୌଖିକ ଅବସ୍ଥାରେ ରହିଛି । ଏହି ଗଳ୍ପ ଓ ଗୀତରେ ଆଦିବାସୀ ସଂପ୍ରଦାୟର ଦର୍ଶନ ଓ ପ୍ରଜାତିଗତ ସ୍ୱତନ୍ତ୍ର ସତ୍ତାର ପ୍ରତୀକ ବିଦ୍ୟମାନ ।

ଆଦିବାସୀମାନେ ହେଉଛନ୍ତି ବେଶ୍ ସଂଗୀତପ୍ରିୟ । ସେମାନେ ବଞ୍ଚିବା ପାଇଁ ଗାଆନ୍ତି ଏବଂ ଗାଇବା ପାଇଁ ବଞ୍ଚନ୍ତି । ସେମାନଙ୍କର ପ୍ରତ୍ୟେକଟି ଉତ୍ସବ ଅନୁଷ୍ଠାନ ପାଇଁ

Digitized by PPRACHIN, SOA

ଗୀତ ରହିଛି ଏବଂ ବିଭିନ୍ନ ଭାବ ପ୍ରକାଶ ପାଇଁ ଭିନ୍ନ ଭିନ୍ନ ସୁର୍ ରହିଛି । ଅଧିକାଂଶ ପୁରୁଷ ଓ ସ୍ତ୍ରୀ ହେଉଛନ୍ତି ଆଶୁକବି । ସେମାନେ ଗୀତର ଶୈଳୀ ଓ ଶବ୍ଦ ସଂଯୋଜନା ପ୍ରତି ଯତ୍ନଶୀଳ ନୁହନ୍ତି । ସେମାନେ ଅତି ପ୍ରାଚୀନ କାଳରୁ ଚଳି ଆସୁଥିବା ପିଲା ଭୁଲାଣିଆ ଗୀତ, ବିବାହ ଗୀତ, ବିଭିନ୍ନ ପର୍ବପର୍ବାଣିର ଗୀତ, ଶୋକ ଗୀତ ଓ ଶିକାର ଗୀତଗୁଡ଼ିକରେ ନିଜର ଭାବକୁ ସାବଲୀଳ ଛନ୍ଦରେ ଅତି ସରଳ ଭାବରେ ପ୍ରକାଶ କରିଥାନ୍ତି । ସେମାନଙ୍କର ଗଳ୍ପଗୁଡ଼ିକ ମଧ୍ୟ ଯୁଗପତ୍ ହାସ୍ୟ, ବ୍ୟଙ୍ଗ, ଦୁଃଖ ଓ ଆନନ୍ଦ ଭାବପୂର୍ଣ୍ଣ ହୋଇଥିବାରୁ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ଆଦିବାସୀ ସଂସ୍କୃତିର ଇତିହାସ ଏବଂ ତାଙ୍କର ପ୍ରଜାତିଗତ ଜୀବନ-ଯାପନ ପ୍ରଣାଳୀର ଚିତ୍ର ଆକଳନ କରିବା ଦିଗରେ ଏହି ସାହିତ୍ୟ ହେଉଛି ଏକ ନିର୍ଭରଯୋଗ୍ୟ ଉପାଦାନ ।

ଆଦିବାସୀ ଲୋକସାହିତ୍ୟ—କାହାଣୀ, ଗୀତ, ପ୍ରବାଦ-ପ୍ରବଚନ ଢଗଢମାଳି ଇତ୍ୟାଦିର ପ୍ରଭାବରେ ଓଡ଼ିଆ ଲୋକସାହିତ୍ୟ ପ୍ରାଚୀନ କାଳରେ ପରିପୁଷ୍ଟ ହୋଇଥିବା ଅନୁମେୟ । 'କୋଇଲି' ଜାତୀୟ ସମ୍ବୋଧ ରୀତିକାର ମୂଳ ସଂସ୍କୃତ ମେଘଦୂତ, ହଂସଦୂତ ଇତ୍ୟାଦିରେ ନାହିଁ । ପଣ୍ଡିତ ନୀଳକଣ୍ଠ ଦାସ ଯଥାର୍ଥରେ ତର୍କଣା କରିଛନ୍ତି ଯେ ଆଦିବାସୀ ସଂଗୀତର ପ୍ରଭାବରେ କୋଇଲି କବିତା ସୃଷ୍ଟି ହୋଇଛି । ସାଧାରଣତଃ ଆଦିବାସୀ ସଂଗୀତର ବୃକ୍ଷଲତା, ଜୀବଜନ୍ତୁ ପ୍ରଭୃତିକୁ ସମ୍ବୋଧନ କରି ସେମାନଙ୍କୁ ସାକ୍ଷୀ ସ୍ୱରୂପ ଲକ୍ଷ୍ୟ କରି ଗୀତ ରଚନା କରାଯାଇଥାଏ । ପ୍ରାଚୀନ ଓଡ଼ିଆ ଗୀତି କବିତାରେ କୋଇଲି ଏକ ଦୂତ ନୁହେଁ, ଗୋଟିଏ ସାକ୍ଷୀ । ସେହିପରି ଜୀବଜନ୍ତୁକୁ ନେଇ ରଚିତ ଆଦିବାସୀ ଲୋକଗଳ୍ପଗୁଡ଼ିକ ଓଡ଼ିଆ ଲୋକସାହିତ୍ୟରେ ଅନୁସୃତ ହୋଇଛି । ଡଃ ଶ୍ୟାମସୁନ୍ଦର ମହାପାତ୍ର 'ସାନ୍ତାଳ ଲୋକକାହାଣୀ' ଆଲୋଚନାରେ ଏହା କେତେ ଭାବରେ ପ୍ରତିପାଦନ କରିଛନ୍ତି । ଅନ୍ୟାନ୍ୟ ଆଦିବାସୀ ଭାଷାର ଲୋକଗୀତ ଓ କାହାଣୀ ସଂଗ୍ରହ କରି ବିଶ୍ଳେଷଣ କଲେ ଅଧିକ ତଥ୍ୟ ଉପଲବ୍ଧ ହେବ ।

ଆଦିବାସୀ କଳା ପରମ୍ପରା :

(କ) **କଳା-ଶିଳ୍ପ**—ଆଦିବାସୀ କଳା ଓ ହସ୍ତଶିଳ୍ପର ଏକ ସ୍ୱତନ୍ତ୍ର ଆବେଦନ ରହିଛି । ଆଦିବାସୀ ସଂସ୍କୃତିର ଏହି ଦିଗଟି ଅତୀତ ଓ ଭବିଷ୍ୟତ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ସହ ସାମାଜିକ ଐକ୍ୟ ରକ୍ଷା କରିଥାଏ । ଏହା ପ୍ରାଚୀନ ଉନ୍ନତ-କଳା, ଯାହାକି ଦକ୍ଷ କଳାକାରମାନଙ୍କର ବ୍ୟକ୍ତିନିଷ୍ଠ ବ୍ୟାପାରଠାରୁ ଭିନ୍ନ । କାରଣ ଲୋକକଳା ପ୍ରତ୍ୟେକ ବ୍ୟକ୍ତିଦ୍ୱାରା ପରିପୁଷ୍ଟ, ପ୍ରତ୍ୟେକ ସାଧାରଣ ବ୍ୟକ୍ତିଙ୍କର ଅବଦାନରେ ପରିପୋଷିତ ମଧ୍ୟ ।

ଆଦିବାସୀ ଚିତ୍ରକଳା ଜୀବନର ବିଭିନ୍ନ ଦିଗକୁ ସ୍ପର୍ଶ କରିଥାଏ । କନ୍ଧ ସଂପ୍ରଦାୟର

Digitized by PPRACHIN, SOA

ଲୋକେ ଦୁଆର କାଠ-କବାଟରେ ପାରଂପରିକ ଚିତ୍ର ଖୋଦନ କରିବାରେ ଏବଂ ଝକମକି ନଳୀରେ ବିଭିନ୍ନ ଜ୍ୟାମିତିକ ଚିତ୍ର ଅଙ୍କନ କରିବାରେ ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି । ଜୁଆଙ୍ଗମାନେ ବିଭିନ୍ନ ଆକୃତିରେ ଓ ବିଭିନ୍ନ କାରୁକାର୍ଯ୍ୟରେ ଖଚିତ କାଠ ପାନିଆ ତିଆରି କରିବାରେ ପ୍ରସିଦ୍ଧ । ସଉରାମାନଙ୍କର କାନ୍ଥରେ ତିଆରି ଚିତ୍ର (ଇଡ଼ିତାଲ) ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଛି । ବିଶେଷକରି ସାନ୍ତାଳ ଓ ହୋ ସଂପ୍ରଦାୟ ଲୋକମାନଙ୍କ ଘରର କାନ୍ଥଗୁଡ଼ିକ ବିଭିନ୍ନ ପଶୁପକ୍ଷୀ ଓ ଫୁଲର ଚିତ୍ତାକର୍ଷକ ରଙ୍ଗୀନ୍ ଚିତ୍ରଦ୍ୱାରା ପରିପୂର୍ଣ୍ଣ । ଦକ୍ଷିଣ ଓଡ଼ିଶାରେ ଗଦବା ସଂପ୍ରଦାୟର ଗମ୍ବୁଜ ଆକୃତିର ଚିରାଚରିତ ଘର ଗଠନ ପ୍ରଣାଳୀ ବହିରାଗତ ଆଗନ୍ତୁକମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ ।

ଟୋକେଇ ତିଆରି, ଲୁଗାବୁଣା, ଓଢ଼ଣୀ ସିଲାଇ, ଚିତାକୁଟା ଅଳଂକାର ପରିଧାନ ଇତ୍ୟାଦି କଳାସୃଷ୍ଟି କରିବାର ମାଧ୍ୟମଭାବେ ବହୁତ ସୁଯୋଗ ଦେଇଥାନ୍ତି । ଏହି ଦୃଷ୍ଟିକୋଣରୁ କୋୟା ମୁକୁଟ, ଗଦବାର କାନଭୂଷଣ ଓ ବଣ୍ଡାମାନଙ୍କ କଣ୍ଠଭୂଷଣ ଓ ରଙ୍ଗୀନ୍ ମାଳି ଖଚିତ ହାର ଆଦିବାସୀମାନଙ୍କର କଳା ନୈପୁଣ୍ୟରେ ସ୍ୱତନ୍ତ୍ରତା ପ୍ରତିପାଦନ କରେ । ଯେଉଁପରି ଭାବରେ ଏକ ଗଦବା ରମଣୀ ତାର ହାତତିଆରି ବିଭିନ୍ନ ରଙ୍ଗରେ ରଞ୍ଜିତ ସିଆଡ଼ି ଲତାର ତନ୍ତୁରୁ ତିଆରି ଡୋରାକଟା ଲୁଗା ପରିଧାନ କରିଥାଏ ଓ ଫୁଲପେନ୍ଥା ଖୋସାରେ ଲଗାଇଥାଏ—ତାହା ସେମାନଙ୍କର କଳାପ୍ରୀତିର ପରିଚୟ ଦିଏ । ଆଦିବାସୀମାନେ ଅତ୍ୟନ୍ତ ଗରିବ ହେଲେ ମଧ୍ୟ ଏହି କଳାନୈପୁଣ୍ୟ ମାଧ୍ୟମରେ ନିଜକୁ ସମୃଦ୍ଧ କରିଥାନ୍ତି ।

(ଖ) **ସ୍ଥାପତ୍ୟ କଳା**—ଓଡ଼ିଶାର ଆଦିବାସୀ ସଂପ୍ରଦାୟ ସବୁ ଭିନ୍ନ ଭିନ୍ନ ଧରଣର ଘର ତିଆରି କରନ୍ତି । ଘରକୁ ଦେଖିଲେ କେଉଁ ଉପଜାତିର ହୋଇଥିବ ବୋଲି ଚିହ୍ନା ପଡ଼ିଯାଏ । କନ୍ଧ ଘର ଏକ ବଖରିଆ, ସେଥିରୁ ଏକ ଛୋଟ ଅଂଶ ବିଭକ୍ତ କରି ତାହାକୁ ରୋଷେଇ ଘର ଓ ପାଣି ରଖିବା ସ୍ଥାନ ଭାବେ ବ୍ୟବହାର କରାଯାଏ । ଚୁଲିର ବିପରୀତ ଦିଗରେ ଖାଦ୍ୟଶସ୍ୟ ଓ ଘରକରଣା ଜିନିଷ ରଖିବା ପାଇଁ ଭାଡ଼ିଥାଏ । ଘରକୁ ଲାଗି ପଛପଟେ ଥାଏ ଗୁହାଳ । ତାରି ଭିତରେ ବି ଛେଳି ଓ ଘୁଷୁରିଙ୍କ ପାଇଁ ସ୍ଥାନ ରହେ । କୁକୁଡ଼ା ବସା କିନ୍ତୁ ମୁଖ୍ୟ ଘର ଭିତରେ ଗୋଟିଏ କୋଣକୁ ଥାଏ । ଦୁଇ ପିଢ଼ା ବିଶିଷ୍ଟ ଘରର ଛପର କାଠପଟା ଉପରେ ନାଡ଼ିଆ ଟାଇଲ୍ ଛାଉଣି । କାନ୍ଥ ସ୍ୱରୂପ ଥାଏ ଚଉଡ଼ା ପଟା । କବାଟଟି ସୁନ୍ଦରଭାବେ ଚିତ୍ର ସହ ଖୋଦାଇ ହୋଇଥାଏ । ଅନ୍ୟ ପକ୍ଷରେ ସାନ୍ତାଳ ଘରଗୁଡ଼ିକରେ ଦେଖିବାକୁ ମିଳେ ବହୁ ରଙ୍ଗୀନ୍ ଆକର୍ଷକ ଚିତ୍ରାବଳୀ । ସେମାନେ ଖୁବ୍

Digitized by PPRACHIN, SOA

ପ୍ରଶସ୍ତ ଘର ରୋମାନ ଏଲ (L) ଅକ୍ଷର ଛାଞ୍ଚରେ କରନ୍ତି । କେତେ ଘରର ଛପର ଚାରି ପିଢ଼ାଯୁକ୍ତ, କେତେକ ଦୁଇ ପିଢ଼ାବିଶିଷ୍ଟ । ଧାନ ନଡ଼ା ବା ନାଡ଼ିଆ ଟାଇଲ୍‌ର ଛାଉଣି । ଗୋଟିଏ ବଖରା ହୁଏ ରୋଷେଇ ଓ ଶୋଇବା ଘର । ଭିତର ବଖରାରେ ଥାଏ ପିତୃପୁରୁଷଙ୍କ ପୂଜ୍ୟ ସ୍ଥାନ ଓ ଖାଦ୍ୟଶସ୍ୟ ରଖିବାର ଭାଡ଼ି । କାନ୍ଥ ମାଟିରେ ବା କଞ୍ଚା ଇଟାରେ ତିଆରି କରାଯାଏ ।

ସଉରାମାନଙ୍କ ଘର ଆଉ ଏକ ପ୍ରକାର । ଏହା ଆୟତାକାର, ଦୁଇପିଢ଼ିଆ ଛପର ନଡ଼ା ବା ବଣୁଆ ଘାସ ଛାଉଣି, କାନ୍ଥ ଗୋଡ଼ି ଓ ମାଟିରେ ଗଢ଼ା । ଘରର ଅଧା ଅଂଶରେ କାଠ ପଟାଦିଆ ଆଟୁ । ଭାଡ଼ି ତଳେ ଚୁଲି ଓ ପାଣିହାଣ୍ଡି ରଖିବା ସ୍ଥାନ । ଆଟୁ ଉପରେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ରଖାଯାଏ । ଚୁଲି ପାଖକୁ ଗୋଟାଏ କଣରେ ଗୃହ ଦେବତାଙ୍କ ସ୍ଥାନ । ଦ୍ୱାର ମୁହଁକୁ ଖଣ୍ଡିଏ ବାଉଁଶ ଝୁଲୁଥାଏ । ସେଥିରେ ପଘା ଏବଂ ମାଂସ, ଶୁଖୁଆ ଇତ୍ୟାଦି ଟଙ୍ଗା ହୁଏ । କାନ୍ଥରେ ନାନା ଚିତ୍ର ଆଙ୍କିବାର ଉଦ୍ଦେଶ୍ୟ ପୂର୍ବପୁରୁଷ ଓ ଦେବଦେବୀଙ୍କର ସନ୍ତୋଷ ବିଧାନ ।

ଜୁଆଙ୍ଗ ଘର ମଧ୍ୟ ଆୟତାକାର ଏବଂ ନଡା ବା ଘାସ ଛାଉଣି ଦୁଇପିଢ଼ିଆ ଛପର ବିଶିଷ୍ଟ । କାନ୍ଥଗୁଡ଼ିକ ପାଖାପାଖି କାଠ ଖୁଣ୍ଟ ପୋତି ତିଆରି ହୁଏ ଏବଂ ତା' ଉପରେ ମାଟି ଲେସାଯାଏ । ସଉରାମାନଙ୍କ ପରି ଚିତ୍ର ଅଙ୍କା ନଥାଏ । ଘର ଭିତରେ କାଠର ଭାଡ଼ିଥାଏ । କିନ୍ତୁ ଗାଦବାଙ୍କ ଘର ସଂପୂର୍ଣ୍ଣ ଭିନ୍ନାକାର । ଏଗୁଡ଼ିକ ଦେଉଳିଆ ଓ ଗୋଲାକାର । ଉଭୟ ଭିତର ଓ ବାହାର କାନ୍ଥରେ ବହୁ ପ୍ରକାର ଜ୍ୟାମିତିକ ଚିତ୍ରାବଳୀ ଅଙ୍କାଯାଏ । ଘରଟି ତିନି ଭାଗରେ ବିଭକ୍ତ—ଦ୍ୱାରପାଖ ଅଂଶ ଶୋଇବା ସ୍ଥାନ, ମଝି ଅଂଶ ରନ୍ଧାବଢ଼ା ସ୍ଥାନ ଏବଂ ଭିତର ଅଂଶ ଖାଦ୍ୟଶସ୍ୟ ଓ ଘରକରଣା ସାଇତିବା ସ୍ଥାନ ।

ମୟୂରଭଞ୍ଜର ମାଙ୍କିଡ଼ିଆ ଓ ବିରହୋର୍‌ମାନଙ୍କ ଘର ଯଥାର୍ଥରେ ପତ୍ରପଲା, ଯାହାକୁ କୁହାଯାଏ କୁମ୍ଭା ବା ଟୁକୁ । ଗୋଟିଏ କୁମ୍ଭା ସାଧାରଣତଃ ଲମ୍ବରେ ୪୦ ଫୁଟ, ଓସାରରେ ୧୦ ଫୁଟ ଓ ଉଚ୍ଚାରେ ୫/୬ ଫୁଟ ହୋଇଥାଏ । ଭିତରେ ବଖରା ଥାଏ । ଶୋଇବା ବଖରା ପାଖକୁ ଗୃହପାଳିତ ଜନ୍ତୁ ଛେଳି, ଘୁଷୁରି, କୁକୁଡ଼ାଙ୍କ ପାଇଁ ସ୍ଥାନ ଥାଏ । ଘରର ଛାଉଣି ଡାଳ, କାଠର ଛାଞ୍ଚ ଉପରେ ଘନ ଭାବେ ପତ୍ର ଆଚ୍ଛାଦିତ ହୁଏ । ଭୂମିଠାରୁ ଛପର ଆରମ୍ଭ ହୋଇଥାଏ । ଗୋଟିଏ ଛୋଟ ପ୍ରବେଶ ଦ୍ୱାର ଥାଏ ।

ଆଦିବାସୀ ତାର ପାରଂପରିକ ଘର ତିଆରିରେ ଯେଉଁ ଶିଳ୍ପ କୁଶଳତା ଦେଖାଇ ଆସିଥିଲା ଆଉ ହୁଏତ ତାହା ବେଶୀ ଦିନ ରହିବ ନାହିଁ । ଏବେ 'ଇନ୍ଦିରା ଆବାସ' ଯୋଜନାରେ ଗ୍ରାମକୁ ଗ୍ରାମ ପକ୍‌କା ଓ ଆଜବେଷ୍ଟସ ଛାଉଣି ଘର ତାଙ୍କ ପାଇଁ କରି ଦିଆଯାଉଛି । ପୁରୁଣା ଲୋକେ ପକ୍‌କା ଘରକୁ ଆଦରି ଯାଉନାହାନ୍ତି । କିନ୍ତୁ ଆଗନ୍ତୁକ

Digitized by PPRACHIN, SOA

ପିଢ଼ିର ବଂଶଧରମାନେ ନିଜର ଘର ତିଆରି କୌଶଳ କ୍ରମଶଃ ଭୁଲିଯିବେ ।

(ଗ) ନୃତ୍ୟ-ଗୀତ—କୌଣସି ପେଷାଦାର ନୃତ୍ୟଗୁରୁ ବା ସଂଗୀତଜ୍ଞଙ୍କ ସାହାଯ୍ୟ ନନେଇ ଅଧିକାଂଶ ଆଦିବାସୀ ସଂପ୍ରଦାୟ ସେମାନଙ୍କର ନାଚ ଓ ଗୀତର ବିବିଧ ଉତ୍କର୍ଷ ଓ ବୈଚିତ୍ର୍ୟ ପରିପୂର୍ଣ୍ଣ ଐତିହ୍ୟକୁ ଅଦ୍ୟାବଧି ବଜାୟ ରଖିଛନ୍ତି ଓ ଉନ୍ନତି ସାଧନ କରିଛନ୍ତି । ସଂଗୀତ ଓ ନୃତ୍ୟ ସେମାନଙ୍କ ଜୀବନର ଏକ ପ୍ରଧାନ ଅଙ୍ଗ ଏବଂ ଉପଭୋଗ ଓ ଆମୋଦ ପ୍ରମୋଦର ମୁଖ୍ୟ ଉତ୍ସ ।

ପ୍ରତ୍ୟେକ ସଂପ୍ରଦାୟର ନୃତ୍ୟ-ଗୀତରେ କିଛି କିଛି ଭିନ୍ନତା ଥିଲେ ହେଁ ଅନେକ ଲକ୍ଷଣ ସମସ୍ତଙ୍କ କ୍ଷେତ୍ରରେ ଅଭିନ୍ନ । ଆଦିବାସୀ ନାଚଗୁଡ଼ିକ ସଂଗୀତ ଏବଂ ବାଦ୍ୟଯନ୍ତ୍ରର ସମନ୍ୱୟରେ ହୋଇଥାଏ । ପୁରୁଷ ଓ ନାରୀ, ଯୁବକ ଓ ବୃଦ୍ଧ ସମସ୍ତେ ନାଚରେ ଭାଗ ନିଅନ୍ତି । କିନ୍ତୁ ବାଦ୍ୟଯନ୍ତ୍ରଗୁଡ଼ିକୁ କେବଳ ପୁରୁଷମାନେ ହିଁ ବଜାଇଥାନ୍ତି । ପ୍ରାୟ ସମସ୍ତେ ନାଚିବାବେଳେ ସଂଗୀତ ସହ ତାଳଦେଇ ଗୀତ ମଧ୍ୟ ଗାଇଥାନ୍ତି । ସେମାନଙ୍କ ପାଇଁ ନୃତ୍ୟ ଓ ଗୀତ ଏକ ଗୋଷ୍ଠୀଗତ ପ୍ରକ୍ରିୟା ଏବଂ ତାହା ପର୍ବପର୍ବାଣି, ବିବାହ, ମୃତ୍ୟୁ ଏବଂ ଅନେକ ସମୟରେ ଆମୋଦ ପ୍ରମୋଦ ଓ ଜୀବନ ଉପଭୋଗର ଏକ ଅବଲମ୍ବନ ଭାବରେ କାର୍ଯ୍ୟ କରେ । ନୃତ୍ୟ ଓ ଗୀତଗୁଡ଼ିକୁ ପର୍ବପର୍ବାଣି ଅନୁସାରେ ନାମିତ କରାଯାଇଥାଏ । ଆଦିବାସୀ ନୃତ୍ୟକଳାରେ ମୌଳିକତା ଓ ସ୍ୱତଃସ୍ଫୂର୍ତ୍ତତା ସହିତ ମୁକ୍ତ ଅଙ୍ଗଚାଳନା, ଆବେଗର ମୁକ୍ତ ପରିପ୍ରକାଶ ଏବଂ ରଙ୍ଗବେରଙ୍ଗ ପରିଧାନ ନୃତ୍ୟକୁ ଅଧିକ ମନୋମୁଗ୍ଧ କରାଯାଇଥାଏ । ଗୀତଗୁଡ଼ିକର ବିଷୟବସ୍ତୁ ପ୍ରାକୃତିକ ପରିବେଶ, ଲୋକକଥା ଏବଂ ଆଧିଭୌତିକ କିମ୍ବଦନ୍ତୀଗୁଡ଼ିକରୁ ପ୍ରାୟତଃ ଗୃହୀତ ହୋଇଥାଏ । ନୃତ୍ୟ-ଗୀତରେ ବ୍ୟବହୃତ ବାଦ୍ୟବୃନ୍ଦ ବିବିଧ ଏବଂ ସଂପ୍ରଦାୟ ଭେଦରେ ଭିନ୍ନ ଭିନ୍ନ । ପ୍ରଧାନତଃ ଏଗୁଡ଼ିକ ମଧ୍ୟରେ ଥାଏ ବିଭିନ୍ନ ଆକୃତି ଏବଂ ଆକାରରେ ଢୋଲ, ତାରଯନ୍ତ୍ର, ବଂଶୀ, ଘଣ୍ଟ ଓ ଝାଞ୍ଜ ।

ଆଦିବାସୀମାନଙ୍କର ନୃତ୍ୟକାଳୀନ ବେଶଭୂଷା ଆକର୍ଷଣୀୟ ହୋଇଥାଏ । ଭିନ୍ନ ଭିନ୍ନ ସଂପ୍ରଦାୟ ଭିନ୍ନ ଭିନ୍ନ ପରିପାଟୀରେ ବସ୍ତ୍ର ଓ ଆଭୂଷଣ ପରିଧାନ କରନ୍ତି । ବଣ୍ଡା ସ୍ତ୍ରୀଲୋକମାନେ ସାଧାରଣତଃ ଅଣ୍ଟାରେ ଦୁଇଫୁଟ ଲମ୍ବ ଓ ଏକଫୁଟ ଓସାର 'ରିଙ୍ଗା' ନାମକ ରଙ୍ଗୀନ୍ ଅଣ୍ଟାଲୁଗା ପିନ୍ଧନ୍ତି । ବାସହୀନ ବକ୍ଷଦେଶରେ ପର୍ଯ୍ୟାପ୍ତ ମାଳି ପିନ୍ଧି ନଗ୍ନତା ଆବୃତ୍ତ କରନ୍ତି ଏବଂ କେଶହୀନ ମସ୍ତକରେ ଖଜୁରୀପତ୍ର ବା ଘାସରେ ତିଆରି 'ତୁରୁବା' ନାମକ ବାନ୍ଧେଣୀ ପିନ୍ଧିଥାନ୍ତି । ମାତ୍ର ନାଚବେଳେ ଏଇ ବଣ୍ଡା ସ୍ତ୍ରୀମାନେ ସାରା ଶରୀର ଏକାଧିକ ଶାଢ଼ୀରେ ଢାଙ୍କି ହୁଅନ୍ତି । ଡିଡାୟୀ ସ୍ତ୍ରୀ ଲୋକମାନେ ବଣ୍ଡାମାନଙ୍କ ପରି ମଧ୍ୟ ଅଣ୍ଟାଲୁଗା ପିନ୍ଧନ୍ତି, ଯାର ନାମ 'କିସାଲୋ' । ଗାଦବା ସ୍ତ୍ରୀଲୋକମାନେ

Digitized by PPRACHIN, SOA

ନାଚବେଳେ ନିଜ ତିଆରି ଡୋରାକଟା ଶାଢ଼ୀ ପିନ୍ଧନ୍ତି । କାନରେ ବୃହଦାକାର ରିଙ୍ଗ୍ ପିନ୍ଧନ୍ତି । ମୁଣ୍ଡରେ ଫୁଲ ଓ ପାନିଆ ଖୋଷନ୍ତି । 'ଜୁଆଙ୍ଗ ପୁଅମାନେ ଛୋଟ ଧୋତି ପିନ୍ଧନ୍ତି ଓ ମୁଣ୍ଡରେ ଗାମୁଛା ପଗଡ଼ି ପିନ୍ଧନ୍ତି । ସ୍ତ୍ରୀଲୋକମାନେ ଶାଢ଼ୀ ପିନ୍ଧନ୍ତି ଏବଂ ବିଭିନ୍ନ ଅଳଙ୍କାର ନାକରେ ହାତରେ ଗୋଡ଼ରେ ପିନ୍ଧନ୍ତି । କାଠ ତିଆରି ସୁନ୍ଦର ସୁନ୍ଦର ପାନିଆ ସେମାନଙ୍କ ଗଭା ମଣ୍ଡନ କରେ । ଡଙ୍ଗରିଆ ଓ କୁଟିଆ କନ୍ଧ ସ୍ତ୍ରୀଲୋକମାନେ ଅଣ୍ଟାଲୁଗା ବ୍ୟତୀତ ବକ୍ଷଦେଶ ଆବରଣ କରିବା ପାଇଁ ଖଣ୍ଡିଏ ଛୋଟ କପଡ଼ା ବେକ ପାଖରୁ ତଳକୁ ଝୁଲାଇଥାନ୍ତି । ପୁରୁଷମାନେ ମଧ୍ୟ କାନରେ, ନାକରେ ନୋଳି ପିନ୍ଧନ୍ତି ଓ ମୁଣ୍ଡରେ ଅନେକ ପାନିଆ ଖୋଷନ୍ତି । ସଉରା ପୁରୁଷମାନେ ନର୍ତ୍ତକ ଭାବରେ ନିଜକୁ ଖୁବ୍ ସଜ୍ଜିତ କରନ୍ତି । ମୁଣ୍ଡରେ ପକ୍ଷୀପରଯୁକ୍ତ ପଗଡ଼ି; ଅଣ୍ଟାରେ ଲାଞ୍ଜପରି ଓହଳିଥିବା ଅଣ୍ଟାଲୁଗା, ଛାତି ଉପରେ ଗୁଣନ ଚିହ୍ନପରି ଛକ ପକାଇ ଚାଦର ବାନ୍ଧନ୍ତି । ଓରାଓଁ, କିସାନ, କନ୍ଧ, ସାନ୍ତାଳ ପ୍ରଭୃତିଙ୍କ ନାଚ ବେଳର ପୋଷାକ ପରିଧାନ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥାଏ । ସବୁଠାରୁ ବେଶୀ ଆକର୍ଷଣୀୟ ହୁଅନ୍ତି ଗୟଳ ସିଂହ ଯୁକ୍ତ ମୁକୁଟ ପିନ୍ଧିଥିବା କୟାପୁରୁଷ ଏବଂ ମୁଣ୍ଡରେ ରଙ୍ଗୀନ୍ ପଟି ଲଗାଇ ଛାତିରେ ଟଙ୍କାର ମାଳ ପିନ୍ଧି ହାତରେ ଘୁଙ୍ଗୁର ଲଗା ଛଡ଼ି ଧରା କୟା ସ୍ତ୍ରୀଲୋକମାନେ ।

ଆଦିବାସୀ ସମାଜ : ସତ୍ତା ଓ ସଂଗଠନ :

ଆଦିବାସୀ ସାମାଜିକ ସଂଗଠନ ବିଭିନ୍ନ ଅନୁଷ୍ଠାନ ଓ ବ୍ୟବସ୍ଥାଗୁଡ଼ିକର ଏକତ୍ରୀକରଣରେ ଗଠିତ୍ ଏବଂ ଏହା ପରସ୍ପର ମଧ୍ୟରେ ସୁସଂପର୍କ ସ୍ଥାପିତ କରିଥାଏ । ଆଦିବାସୀ ଗୋଷ୍ଠୀଗୁଡ଼ିକ ପରସ୍ପରଠାରୁ ପୃଥକ ପ୍ରତିପନ୍ନ ହୋଇଥାନ୍ତି । କାରଣ ସେମାନଙ୍କର ସାମାଜିକ ସଂଗଠନରେ କେତେ ସୁସ୍ପଷ୍ଟ ଭିନ୍ନତା ପରିଲକ୍ଷିତ ହୋଇଥାଏ ।

ଅଧିକାଂଶ ଆଦିବାସୀ ସଂପ୍ରଦାୟ ଏକାଧିକ ଉପ-ସଂପ୍ରଦାୟରେ, ପୁଣି ଉପସଂପ୍ରଦାୟଗୁଡ଼ିକ କେତେକ ବଂଶ/ଗୋତ୍ରରେ ବିଭକ୍ତ ହୋଇଥାନ୍ତି । ବଡ଼ ବଡ଼ ଆଦିବାସୀ ସଂପ୍ରଦାୟ ଯଥା—କନ୍ଧ, ସଉରା, ଗଣ୍ଡ ଓ ସାନ୍ତାଳ ଇତ୍ୟାଦି ଯେ କେବଳ ସୁବିସ୍ତୃତ ତାହା ନୁହେଁ, ଏମାନଙ୍କର ମଧ୍ୟ ଅନେକ ସାଂପ୍ରଦାୟିକ ବିଭାଗ ରହିଛି । ଏହି ଉପସଂପ୍ରଦାୟଗୁଡ଼ିକର ଲୋକସଂଖ୍ୟା ବୃଦ୍ଧି ହେଲେ ଏକ ନୂତନ ସଂପ୍ରଦାୟରେ ପରିଗଣିତ ହୁଅନ୍ତି । ଉଦାହରଣ ସ୍ୱରୂପ—କନ୍ଧ ସଂପ୍ରଦାୟ ମଧ୍ୟରେ ତିନୋଟି ଉପ-ସଂପ୍ରଦାୟ ଅଛନ୍ତି, ଯଥା—କୁଟିଆ କନ୍ଧ, ଦେଶିଆ କନ୍ଧ ଓ ଡଙ୍ଗରିଆ କନ୍ଧ । ଏମାନେ କେବଳ ସ୍ୱତନ୍ତ୍ର ସଂପ୍ରଦାୟରେ ପରିଗଣିତ ନୁହନ୍ତି । ଏମାନଙ୍କର ସତ୍ତା ଓ ସଂସ୍କୃତି ମଧ୍ୟ ଭିନ୍ନ ଭିନ୍ନ । ଏହି କାରଣରୁ ପୁଟାସିଙ୍ଗର ଲାଞ୍ଜିଆ ସଉରା ଓ ସମତଳବାସୀ ଶୁଦ୍ଧ ସଉରା ମଧ୍ୟରେ ତାରତମ୍ୟ ପରିଲକ୍ଷିତ ହୁଏ । ଏମାନଙ୍କ ମଧ୍ୟରେ ସଂସ୍କୃତିଗତ ବହୁ ପାର୍ଥକ୍ୟ

Digitized by PPRACHIN, SOA

ଲକ୍ଷ୍ୟ କରାଯାଏ । କିନ୍ତୁ ବଣ୍ଡା, ବିରହୋର୍‌ମାନଙ୍କ ପରି ଅପେକ୍ଷାକୃତ ଛୋଟ ସଂପ୍ରଦାୟରେ ଅନୁରୂପ ବିଭାଗୀକରଣ କମ୍ ଦେଖାଯାଏ । ବିର୍‌ହୋର୍ (ମାଙ୍କିଡ଼ିଆ)ମାନେ ଦୁଇଟି ଦଳରେ ବିଭକ୍ତ—(୧) 'ଥାନି' ଯେଉଁମାନେ ପ୍ରାୟ ଗୋଟିଏ ସ୍ଥାନରେ ସ୍ଥାୟୀ ଜୀବନଯାପନ କରନ୍ତି, (୨) ଅସ୍ଥାୟୀ ବା ଯାଯାବର ଦଳ । ଏହି ଦଳମାନଙ୍କର ସ୍ୱତନ୍ତ୍ର ଆର୍ଥନୈତିକ, ସାମାଜିକ, ସାଂସ୍କୃତିକ ଜୀବନ ରହିଛି ।

ପ୍ରତ୍ୟେକ ଉପ-ସଂପ୍ରଦାୟ ପୁଣି ବିଭିନ୍ନ 'ସିବ୍' ବା ବଂଶରେ ବିଭକ୍ତ । ଯାହାକି ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନର ପ୍ରାଣକେନ୍ଦ୍ର ଅଟେ । ଗୋଟିଏ ଗୋଟିଏ ସଂପ୍ରଦାୟରେ କେତେ ବଂଶ ବା ଗୋଷ୍ଠୀ ରହିବେ, ତାହା ପ୍ରତ୍ୟେକ ସଂପ୍ରଦାୟରେ ଭିନ୍ନ । କନ୍ଧ, ଗଦବା, ପରଜା, ଜୁଆଙ୍ଗ ଓ ସାନ୍ତାଳ ସଂପ୍ରଦାୟରେ ଗୋଷ୍ଠୀ ବ୍ୟବସ୍ଥା ଅତି ଗୁରୁତ୍ୱପୂର୍ଣ୍ଣ । କେବଳ ଜୁଆଙ୍ଗମାନଙ୍କ ଭିତରେ ୨୪ଟି ବଂଶ ବିଦ୍ୟମାନ । କନ୍ଧମାନଙ୍କ ଭିତରେ ବିଭିନ୍ନ ଦଳର ବଂଶଗତ ନାମ ରହିଛି । ଅନେକ ଆଦିବାସୀ ସଂପ୍ରଦାୟରେ ଗୋତ୍ର ପ୍ରତୀକ (ଟୋଟେମ)କୁ ନେଇ ସୃଷ୍ଟି । ଏହି ଟୋଟେମ୍ କୌଣସି ବସ୍ତୁ, ଶସ୍ୟ, ଗଛ ବା ପଶୁ ହୋଇପାରେ । ଗୋଟିଏ ଜାତିର ଲୋକେ ବିଶ୍ୱାସ କରନ୍ତି ଯେ ସେମାନେ ଜଣେ ପୂର୍ବପୁରୁଷଙ୍କଠାରୁ ଜାତ । ଏଣୁ ଏକ ପ୍ରକାର ଟୋଟେମ୍ ନିୟମାବଳୀ ମାନନ୍ତି ଓ ଟୋଟେମ୍ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ସମ୍ମାନ ରହେ । ଏହି ବଂଶ ପ୍ରଥା ଯାହାକି ସବୁ ଆଦିବାସୀ ସଂପ୍ରଦାୟରେ ପରିଲକ୍ଷିତ ହୁଏ, ତାହା ସଉରା ସଂପ୍ରଦାୟରେ ନାହିଁ । ଏମାନଙ୍କ କ୍ଷେତ୍ରରେ ମୁଖ୍ୟ ବିଭାଜନ ହେଉଛି 'ବିରିଣ୍ଡା' ଯାହାର ତାତ୍ପର୍ଯ୍ୟ ଜଣେ ପୂର୍ବପୁରୁଷଙ୍କଠାରୁ ପ୍ରଲମ୍ବିତ ଏକ ସୁବିସ୍ତୃତ ପରିବାର । ଏହି ସଉରା ଜାତିର ଏକ ବିଶିଷ୍ଟ ଲକ୍ଷଣ ହେଉଛି, ଗୋଟିଏ ଝିଅ ବିଭାଘର ପରେ ମଧ୍ୟ ତା'ର ବାପଘରର ବିରିଣ୍ଡାରୁ ବହିର୍ଭୂତ ହୁଏ ନାହିଁ । କିନ୍ତୁ ଅନ୍ୟ ଆଦିବାସୀ ସଂପ୍ରଦାୟରେ ଗୋଟିଏ ଝିଅ ତା'ର ବିଭାଘର ପରେ ତା'ର ସ୍ୱାମୀର ଗୋତ୍ର ଗ୍ରହଣ କରିଥାଏ ।

ଓଡ଼ିଶାର ଆଦିବାସୀ ସଂପ୍ରଦାୟମାନଙ୍କର ପାରିବାରିକ ସଂପର୍କକୁ ମୁଖ୍ୟ ସାଂଗଠନିକ ନୀତି ରୂପେ ଗ୍ରହଣ କରାଯାଏ । ଏହି ଦୃଷ୍ଟିକୋଣରୁ ଦୁଇଟି ବିଭାଗ ଦେଖାଯାଏ—(୧) ରକ୍ତ ସଂପର୍କୀୟ, (୨) ବୈବାହିକ ବା ବନ୍ଧୁ ସଂପର୍କୀୟ । ସେମାନେ ପରସ୍ପରକୁ ସମ୍ବୋଧନ କଲାବେଳେ ବର୍ଗାତ୍ମକ ଓ ବର୍ଣ୍ଣନାତ୍ମକ ଶବ୍ଦ ପ୍ରୟୋଗ କରିଥାନ୍ତି । ବର୍ଣ୍ଣନାତ୍ମକ ଶ୍ରେଣୀରେ ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ସଂପର୍କ ପାଇଁ ଏକ ନିର୍ଦ୍ଦିଷ୍ଟ ନାମ ବା ଶବ୍ଦ ପ୍ରୟୋଗ କରିଥାନ୍ତି । କିନ୍ତୁ ବର୍ଗାତ୍ମକ ବିଭାଗରେ ଗୋଟିଏ ଶବ୍ଦ ଅନେକ ସଂପର୍କକୁ ବୁଝାଇଥାଏ । ଏହି ସଂପର୍କ ପଦ୍ଧତିର ଏକ ବିଶେଷ ଲକ୍ଷଣ ହେଉଛି, ଥଟ୍ଟା ପରିହାସ ସଂପର୍କ କିମ୍ବା ମାନ୍ୟ ପ୍ରଦାନ ସଂପର୍କ ।

Digitized by PPRACHIN, SOA

ଓଡ଼ିଶାର ସବୁ ଆଦିବାସୀ ସଂପ୍ରଦାୟଗୁଡ଼ିକ ପିତୃକୈନ୍ଦ୍ରିକ । ବିବାହ ସାମାଜିକ ସଂଗଠନର ଏକ ପ୍ରଧାନ ଅନୁଷ୍ଠାନ । ସାମାଜିକ ଜୀବନରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ବୈବାହିକ ସଂପର୍କ ମାଧ୍ୟମରେ ହିଁ ଦୁଇଟି ବଂଶ ବା ଗୋଷ୍ଠୀ ମଧ୍ୟରେ ସଂପର୍କ ସ୍ଥାପନ ହୋଇଥାଏ । ଓଡ଼ିଶାର ଆଦିବାସୀମାନଙ୍କ ଭିତରେ ବିବାହ ପ୍ରାପ୍ତ ବୟସରେ ହିଁ ହୋଇଥାଏ । ବଣ୍ଡା ଓ ସଉରାମାନଙ୍କୁ ବାଦ ଦେଲେ ପ୍ରାୟ ଅନ୍ୟ ସବୁ ଆଦିବାସୀ ସଂପ୍ରଦାୟରେ ବିବାହ କରୁଥିବା ପୁଅ ଝିଅଠାରୁ ବୟସରେ ବଡ଼ । କିନ୍ତୁ ସଉରା ଓ ବଣ୍ଡାମାନଙ୍କ ମଧ୍ୟରେ ଠିକ୍ ବିପରୀତ ରୀତି ମଧ୍ୟ ଅନୁସରଣ କରାଯାଏ । ସେହିପରି ଯଦିଓ ଏକପତ୍ନୀ ବିବାହ ଅନୁଷ୍ଠାନ ସର୍ବସମ୍ମତି କ୍ରମେ ଆଦୃତ; ବହୁପତ୍ନୀ ବିବାହ ମଧ୍ୟ କେତେକ କ୍ଷେତ୍ରରେ ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ, ସଉରାମାନଙ୍କ ମଧ୍ୟରେ ସମ୍ପତ୍ତିବାନ୍ ବ୍ୟକ୍ତି ବହୁପତ୍ନୀ ଗ୍ରହଣ କରିବାର ଦେଖାଯାଏ । ଏହା ସଉରା ସଂପ୍ରଦାୟରେ ସମ୍ମାନ ଓ ସ୍ୱଚ୍ଛଳତାର ପରିଚାୟକ ଭାବେ ପରିଗଣିତ ହୁଏ । ଏହା ଅନ୍ୟ ପକ୍ଷରେ ପୋଡୁଚାଷର ପ୍ରସାରରେ ଓ ଅଧିକ ଖାଦ୍ୟଶସ୍ୟ ଆହରଣ କରିବାରେ ସାହାଯ୍ୟ କରେ । ବହୁପତ୍ନୀ ବିବାହ ମଧ ଅନ୍ୟ ଆଦିବାସୀ ସଂପ୍ରଦାୟରେ ଦେଖାଯାଏ । କେତେକ ବିଶେଷ ନିୟମକାନୁନ୍ ଏହି ବିବାହ ଅନୁଷ୍ଠାନକୁ ନିୟନ୍ତ୍ରିତ କରେ । ଅଧିକାଂଶ ଆଦିବାସୀ ସଂପ୍ରଦାୟରେ ନିଜ ଗୋଷ୍ଠୀ ବା ବଂଶଭିତ୍ତିକ ବିବାହ ଦେଖାଯାଏ ଏବଂ ଅନ୍ୟ କେତେକ ସଂପ୍ରଦାୟରେ ବଂଶଭିତ୍ତିକ ଓ ଗ୍ରାମଭିତ୍ତିକ ବିବାହ ମଧ୍ୟ ଦେଖାଯାଏ । ଏତଦ୍ ବ୍ୟତୀତ ବିବାହ ପ୍ରସ୍ତାବ ନିଷ୍ପତ୍ତି ହେବା ପୂର୍ବରୁ ଦୁଇଟିଯାକ ପକ୍ଷ ପ୍ରତି ସମାନ ଗୁରୁତ୍ୱ ଦିଆଯାଇଥାଏ । ଆଦିବାସୀ ବିବାହରେ କନ୍ୟାସୁନା ପ୍ରଦାନ ଚିରାଚରିତ ପ୍ରଥା । ଯଦିଓ ଏ ପ୍ରଥା ସବୁ ଆଦିବାସୀଙ୍କ ମଧ୍ୟରେ ପ୍ରଚଳିତ ତଥାପି କନ୍ୟାସୁନାର ପରିମାଣ ଓ ପ୍ରକାର ବିଭିନ୍ନ ସଂପ୍ରଦାୟରେ ପୃଥକ୍ । ବିବାହ ସମୟରେ ଏହି କନ୍ୟାସୁନା ଅର୍ଥ ଆକାରରେ ହେଉ ବା ଜିନିଷ ଆକାରରେ ହେଉ ପୁଅର ବାପା-ମାଆ ଝିଅର ବାପା-ମାଆକୁ ଦେଇଥାନ୍ତି ।

ଆଦିବାସୀ ସଂପ୍ରଦାୟଗୁଡ଼ିକୁ ଏଯାବତ୍ ନିଜର ଆଭ୍ୟନ୍ତରୀଣ ବ୍ୟାପାରରେ ନିଜେ ନିଜେ ନିଜ ପଦ୍ଧତିରେ ପରିଚାଳନା କରନ୍ତି । ତନ୍ମଧ୍ୟରୁ ଅନେକ ଆଦିବାସୀ ସମାଜରେ ଅତ୍ୟନ୍ତ ଗଣତାନ୍ତ୍ରିକ ସଂଗଠନ ବ୍ୟବସ୍ଥା ଦେଖିବାକୁ ମିଳେ । ଗ୍ରାମ୍ୟ ସ୍ତରରେ ମୁଖିଆକୁ ଜୁଆଙ୍ଗମାନେ 'ନାୟକ', ଭୂୟାଁମାନେ 'ପ୍ରଧାନ', ସଉରାମାନେ 'ଗମାଙ୍ଗୋ', ସାନ୍ତାଳମାନେ 'ମାଝି', ଓରାଓଁମାନେ 'ପ୍ରଧାନ', ହୋମାନେ 'ମୁଣ୍ଡା', ଗଦବାମାନେ 'ବଡ଼ାଇକ୍', ଭୂମିଜମାନେ 'ସରଦାର' ବୋଲି ପଦବୀ ଦେଇଥାନ୍ତି । ଅନ୍ୟ ପକ୍ଷରେ ଗ୍ରାମର ମୁଖ୍ୟ ପୂଜକଙ୍କୁ ଯେ କି ପବିତ୍ର କର୍ମରେ ମୁଖ୍ୟ ବୋଲି ବିବେଚିତ ହୁଅନ୍ତି ତାଙ୍କୁ ଭୂୟାଁମାନେ 'ଦେହୁରୀ', ଜୁଆଙ୍ଗମାନେ 'ବୋଇଟା', ସଉରାମାନେ 'ବୁଇଆ'

Digitized by PPRACHIN, SOA

ଓରାଓଁମାନେ 'କର୍ଣ୍ଣ', କନ୍ଧମାନେ 'ଦେବୁ', ଗଦବାମାନେ 'ଜାନି' ବୋଲି ଡାକିଥାନ୍ତି । ସାଧାରଣତଃ ସେମାନେ ଆଦିବାସୀ ପୂଜା ପାର୍ବଣରେ ମୁଖ୍ୟ ଦାୟିତ୍ୱ ବହନ କରିଥାନ୍ତି । ଗ୍ରାମ୍ୟ ପୂଜକ ଏବଂ ସେମାନଙ୍କର ସହଯୋଗୀ ଓ ଅନୁଗାମୀମାନେ ଗ୍ରାମ୍ୟସ୍ତରୀୟ କର୍ମଚାରୀ ହିସାବରେ ଗାଁରେ ଉପୁଜୁଥିବା ଛୋଟବଡ଼ ମାମଲାକୁ ପାରମ୍ପରିକ ଆଦିବାସୀ ଆଇନ୍‌କାନୁନ ଅନୁସାରେ ବିଚାର କରିଥାନ୍ତି ଏବଂ ଏଥିରେ ଗାଁର ଗୁରୁଜନସ୍ଥାନୀୟ ବ୍ୟକ୍ତିମାନେ ମଧ୍ୟ ଭାଗ ନିଅନ୍ତି । ଏହା ଗ୍ରାମପଞ୍ଚାୟତ । ଏହାଛଡ଼ା ଜୁଆଙ୍ଗ, ଭୂୟାଁ, ଗଣ୍ଡ, ଓରାଓଁ ଓ କନ୍ଧ ପ୍ରଭୃତି କେତେକ ସଂପ୍ରଦାୟରେ ପାଖଆଖ କେତୋଟି ଗାଁକୁ ନେଇ ପଞ୍ଚାୟତ ଗଠନ କରାଯାଏ । ଏଥି ମଧ୍ୟରୁ ସର୍ବପ୍ରଧାନ ଗାଁର ମୁଖିଆ ମିଳିତ ସଭାରେ ପୌରହିତ୍ୟ କରନ୍ତି । ଗାଁ ଗାଁ ଭିତରେ ଉପୁଜୁଥିବା ଗଣ୍ଡଗୋଳ ଓ ଅନ୍ୟାନ୍ୟ ବିଷୟ ସଭାରେ ବସି ଏକାଠି ବିଚାର କରାଯାଏ । ଅଧିକାଂଶ କ୍ଷେତ୍ରରେ ଏହି କର୍ମକର୍ତ୍ତାମାନେ ବଂଶାନୁକ୍ରମେ ନିଯୁକ୍ତ ହୋଇଥାନ୍ତି ।

ଅନେକ ଆଦିବାସୀ ସମାଜରେ ଧାଙ୍ଗଡ଼ା-ଧାଙ୍ଗଡ଼ୀ ଘର ଆଦିବାସୀ ସଂସ୍କୃତିର ପ୍ରାଣକେନ୍ଦ୍ର ଏବଂ ତାହା ପୁରାତନ ପରଂପରାଗୁଡ଼ିକୁ ସୁଦୃଢ଼ କରିଥାଏ । ଓଡ଼ିଶାରେ ମଧ୍ୟ ଏପରି ଅନୁଷ୍ଠାନ ଅନେକ ଆଦିବାସୀ ସଂପ୍ରଦାୟରେ ବିଭିନ୍ନ ଭାବରେ ଦେଖାଯାଏ । ଏହାକୁ ବିଭିନ୍ନ ଆଦିବାସୀ ସଂପ୍ରଦାୟ ନାନା ନାମରେ ନାମିତ କରିଥାନ୍ତି । ଜୁଆଙ୍ଗମାନେ ଏହାକୁ ମାଜାଙ୍ଗ୍ ଓ ଦରବାର, କନ୍ଧମାନେ ଡିଣ୍ଡାଘର, ଭୂୟାଁମାନେ ଧାଙ୍ଗଡ଼ାବାସା ଓ ବଣ୍ଡାମାନେ ଇଙ୍ଗେର୍ ସିନ୍ ବୋଲି କହିଥାନ୍ତି । ଏମାନଙ୍କ ମଧ୍ୟରେ ଜୁଆଙ୍ଗମାନଙ୍କର ଏହି ଅନୁଷ୍ଠାନ ଅତି ସୁସଂଗଠିତ । ଗାଁରେ ସବୁଠୁ ବଡ଼ ଓ ସୁଦୃଶ୍ୟ ଘରଟି ମଣ୍ଡଘର । ଏହାର ତିନି ପାଖରେ କାନ୍ଥ ଓ ସାମନା ପାଖ ଖୋଲାଥାଏ । ଏହାର କାଠ ତିଆରି ଅଂଶ ଏବଂ ପାର୍ଶ୍ୱକାନ୍ଥରେ ନାନା ପ୍ରକାରର ପଶୁମାନଙ୍କର ସାଂକେତିକ ଚିତ୍ର ଅଙ୍କନ କରାଯାଇଥାଏ । ପୁଅମାନେ ସେମାନଙ୍କର ଚାଙ୍ଗୁବାଜା ସେଇଠି ଝୁଲାଇଥାନ୍ତି, ସେମାନେ ନାଚିବା ସମୟରେ ଏହି ଚାଙ୍ଗୁବାଜା ବଜାଇଥାନ୍ତି । ମଣ୍ଡଘର ସାମନାରେ ଯେଉଁ ଖୋଲା ପ୍ରାଙ୍ଗଣ ଥାଏ, ସେଠାରେ ନିଜର ସମସ୍ତ କାମ ସମାପ୍ତି ପରେ ରାତିରେ ନାଚ ହୁଏ । ତେଣୁକରି ଏହି ମଣ୍ଡଘରଟି ହେଉଛି ଏକ ନୃତ୍ୟକେନ୍ଦ୍ର ଏବଂ କଳାକ୍ଷେତ୍ର । ଗାଁର ଗୁରୁଜନମାନେ ସେମାନଙ୍କର ସାମାଜିକ ଜୀବନର ଗୁରୁତ୍ୱପୂର୍ଣ୍ଣ କଥାଗୁଡ଼ିକୁ ଆଲୋଚନା କରିବା ପାଇଁ ସବୁଦିନ ଏଠାରେ ଏକାଠି ହୁଅନ୍ତି । ଏଠାରେ ଗାଁର କଲ୍ୟାଣ ନିମନ୍ତେ ସେମାନେ ନାନା ବିଷୟରେ କଥା ହୁଅନ୍ତି । ପାହାଡ଼ ଜମି ବଣ୍ଟନ ଓ ପର୍ବପର୍ବାଣି ପାଳନର ଦିନ ଓ ସମୟ ନିର୍ଦ୍ଧାରଣ କରନ୍ତି । ଏହିପରି ଭାବରେ ସେଇ ଘରଟି ଗାଆଁର ସାମାଜିକ, ଆର୍ଥନୈତିକ ଓ ଧାର୍ମିକ ଜୀବନରେ 'ଭାଗବତ ଘର' ସଦୃଶ ଏକ କେନ୍ଦ୍ରବିନ୍ଦୁ ଅଟେ ।

Digitized by PPRACHIN, SOA

ଧର୍ମାଚାର :

ଅତି ପ୍ରାଚୀନ କାଳରୁ ପ୍ରଚଳିତ ହୋଇଆସୁଥିବା ଆଦିବାସୀ ଧର୍ମ କେବଳ ପରଂପରା, ବିଶ୍ୱାସ ଏବଂ ଦର୍ଶନର ଅଦ୍ଭୁତ ସମନ୍ୱୟରେ ଗଠିତ ଏବଂ ଏହା ଅଦ୍ୟାବଧି ଅନୁରୂପ ଭାବରେ ଅକ୍ଷୁଣ୍ଣ ହୋଇ ରହିଛି । ବର୍ଷସାରା ଚାଲିଥିବା ଗ୍ରାମ୍ୟ ଜୀବନର ପ୍ରତ୍ୟେକ କର୍ମ ସହିତ ଧର୍ମ ଅଙ୍ଗାଙ୍ଗୀଭାବେ ଜଡ଼ିତ । ସଂସ୍କୃତିର ଏହି ଧର୍ମୀୟ ଦିଗଟି ଆଦିବାସୀ ଜୀବନକୁ ପ୍ରାଣବନ୍ତ ଓ ଅର୍ଥପୂର୍ଣ୍ଣ କରିବା ସଙ୍ଗେ ସାମାଜିକ ସ୍ଥିତିକୁ ସୁଦୃଢ଼ କରିଥାଏ । ଆଦିବାସୀ ସଂପ୍ରଦାୟ ଭିତରେ କେତେ ଧାର୍ମିକ ବ୍ୟକ୍ତି ତାଙ୍କ ସମାଜର ଆଧ୍ୟାତ୍ମିକ ଆବଶ୍ୟକତା ପୂରଣ କରିଥାନ୍ତି । ସଉରା ସଂପ୍ରଦାୟରେ ପୂଜକମାନଙ୍କର ଦୁଇଟି ଶ୍ରେଣୀ ଅଛି—(୧) 'ବୁୟା' କୃଷି ସଂପର୍କିତ ଉତ୍ସବଗୁଡ଼ିକରେ ପୌରହିତ୍ୟ କରନ୍ତି ଏବଂ ସେ ସେହି ଉତ୍ସବରେ ବଳି ପ୍ରଦାନ କରନ୍ତି, (୨) 'କୁଡ଼ାଁନ' ଏକାଧାରରେ ପୂଜାରୀ, ଜ୍ୟୋତିଷ ଓ କବିରାଜ ଭାବରେ କର୍ମ ସଂପାଦନ କରନ୍ତି । ଜୁଆଙ୍ଗମାନଙ୍କର ଧର୍ମମୁଖ୍ୟ ନାଗମ ବା ବୁଇତା, ବଣ୍ଡାମାନଙ୍କର ପୂଜାରୀ ବା ଶିଶା ଏବଂ କନ୍ଧମାନଙ୍କର ଜାନୀ, ପରଜାମାନଙ୍କର ଦିଶାରୀ ନାମରେ ଅଭିହିତ । ଏହି ପଦବୀଗୁଡ଼ିକୁ କର୍ମାନୁଯାୟୀ ଚିହ୍ନଟ କରି ବ୍ୟକ୍ତିବିଶେଷଙ୍କୁ ଦିଆଯାଏ ।

ଆଦିବାସୀ ସମାଜରେ ପୂଜ୍ୟ ଦେବତା ଏବଂ ପିତୃପୁରୁଷ । କେତେକ ଦେବତା ଦୁଷ୍ଟ ଓ କ୍ଷତିକାରକ ବୋଲି ପୂଜ୍ୟ । ସେମାନଙ୍କୁ ତୁଷ୍ଟ କରିବା ପାଇଁ ସବୁ ଉପଚାର । ପ୍ରଧାନ ଓ ଭଲ ଦେବତା ଭାବେ ମୁଖ୍ୟତଃ ଉପରେ ଧରମ ଓ ତଳେ ଧର୍‌ତନୀ ଆରାଧ୍ୟ । ଭକ୍ତିଠାରୁ ଭୟ ସବୁ ଧର୍ମାଚାର ମୂଳରେ ନିହିତ । ପ୍ରକୃତିକୁ ଆୟତ୍ତ କରିବାର ଶକ୍ତି ଓ ବିଜ୍ଞାନ ଆଦିବାସୀର ନାହିଁ । ତେଣୁ ପ୍ରକୃତିର ନିୟନ୍ତା ଭାବରେ ସେ ଦେବଦେବୀ ଓ ସ୍ୱର୍ଗତ ପିତୃପୁରୁଷଙ୍କ ସହାୟତା ସର୍ବଥା କାମନା କରେ । ସେମାନଙ୍କର ସାମୟିକ ଅବତାର କାଳିଶି ରୂପରେ ଘଟେ । ତାରି ମାଧ୍ୟମରେ ଦେବତାର ବକ୍ତବ୍ୟ ଓ ନିର୍ଦ୍ଦେଶ ସେ ଲାଭ କରେ । ଭେରିୟର ଏଲୱଇନ କେବଳ ସଉରା ଜାତିର ଧର୍ମାଚାର ଉପରେ ଏକ ବିରାଟ ଓ ପ୍ରାମାଣିକ ବହି ଲେଖିଛନ୍ତି—Religion of an Indian Tribe (1955) । ସବୁ ସଂପ୍ରଦାୟର ଦେବଦେବୀ, ପୂଜା ପଦ୍ଧତି, ଆଚାର-ବିଚାର ଇତ୍ୟାଦି ସ୍ୱତନ୍ତ୍ର । ଓଡ଼ିଶାର ଧର୍ମ ଧାରଣାରେ ଆଦିବାସୀଙ୍କର ପ୍ରଭାବ ଏବେ ମଧ୍ୟ ସୁସ୍ପଷ୍ଟ । ବହୁ ହିନ୍ଦୁ ଦେବଦେବୀଙ୍କ ପରିକଳ୍ପନା ଆଦିବାସୀଙ୍କ ବିଶ୍ୱାସରୁ ରୂପାନ୍ତରିତ ହୋଇଛି । କୃଷି ସଂପର୍କିତ ବିବିଧ ପର୍ବପର୍ବାଣି ଆଦିବାସୀଙ୍କଠାରୁ ଅନୁସୃତ ହୋଇ ପରେ ଶାସ୍ତ୍ରୀୟ ହୋଇଥିବା ଅନୁମେୟ ।

Digitized by PPRACHIN, SOA

ଆର୍ଥନୈତିକ ସ୍ଥିତି :

ଓଡ଼ିଶାର ଏହି ଆଦିବାସୀ ସଂପ୍ରଦାୟଗୁଡ଼ିକ ବିକାଶର ବିଭିନ୍ନ ସ୍ତରରେ ଥିବାରୁ ପରସ୍ପରଠାରୁ ପୃଥକ୍ ପରିଲକ୍ଷିତ ହୁଅନ୍ତି । ଏମାନଙ୍କ ଭିତରେ ଏକ ପକ୍ଷରେ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରତ ଓ ଶିକାରୀ ବାରବୁଲା ଦଳ ଓ ଅନ୍ୟ ପକ୍ଷରେ ସଭ୍ୟତାର ସ୍ପର୍ଶର ଗଢି ଉଠୁଥିବା ଆଧୁନିକ ଗୋଷ୍ଠୀ ପରିଲକ୍ଷିତ ହୁଅନ୍ତି । ୧୯୮୧ ଜନଗଣନା ଅନୁଯାୟୀ ସମୁଦାୟ ଆଦିବାସୀ ଲୋକସଂଖ୍ୟାର ଶତକଡ଼ା ୯୦ ଭାଗ କୃଷି ଉପରେ ନିର୍ଭରଶୀଳ ଓ ବଳକା ଶତକଡ଼ା ୧୦ ଭାଗ ଲୋକ ଶିକାର, ଖାଦ୍ୟ ଆହରଣ, ଗୃହପାଳିତ ପଶୁପାଳନ, ବଂଶଗତ ବ୍ୟବସାୟ ଓ ଶ୍ରମିକ ଆଦି ବିଭିନ୍ନ ବୃତ୍ତି ରତ । ଅର୍ଥନୈତିକ ଦୃଷ୍ଟିକୋଣରୁ ଓଡ଼ିଶାର ଆଦିବାସୀମାନଙ୍କୁ ପାଞ୍ଚଟି ପ୍ରଧାନ ଶ୍ରେଣୀରେ ବିଭକ୍ତ କରାଯାଇ ପାରିବ—(୧) ଶିକାରୀ ଓ ଜଙ୍ଗଲୀ ଖାଦ୍ୟ ଅନ୍ୱେଷକ ଗୋଷ୍ଠୀ (୨) ପଶୁପାଳକ (୩) ପୋଡୁଚାଷୀ (୪) ସମତଳ ଭୂମି ଚାଷୀ (୫) ଶିଳ୍ପ ଓ ଖଣିଶ୍ରମିକ ।

ଅଧିକାଂଶ ଆଦିବାସୀ ଯେଉଁମାନେ ପାହାଡ଼ ଓ ଜଙ୍ଗଲରେ ବାସ କରନ୍ତି ସେମାନେ ପୋଡୁଚାଷ, ଶିକାର ଓ ଖାଦ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି । ପୋଡୁଚାଷ ଆଦିବାସୀଙ୍କ ଦ୍ୱାରା ଅନୁସୃତ ଏକ ସ୍ୱତନ୍ତ୍ର ଧରଣର କୃଷି କର୍ମ ।

ବିଭିନ୍ନ ଅଞ୍ଚଳର ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ପୋଡୁଚାଷ ପ୍ରଣାଳୀରେ ତାରତମ୍ୟ ପରିଲକ୍ଷିତ ହୁଏ । କିନ୍ତୁ ସାଧାରଣତଃ ପୋଡୁଚାଷ ନିମ୍ନଲିଖିତ କ୍ରମରେ ସଂପାଦନ କରାଯାଇଥାଏ—(୧) ଜଙ୍ଗଲ ଭିତରେ କ୍ଷେତ ନିର୍ଦ୍ଧାରଣ, (୨) ପୂଜା ଓ ବଳି ପ୍ରଦାନ, (୩) ମନୋନୀତ ଜଙ୍ଗଲର କ୍ଷେତ ଜାଗାକୁ କାଟି ସଫା କରିବା, (୪) କାଠ ଗଣ୍ଡି ଓ ଜାଳେଣି କାଠ ସଂଗ୍ରହ, (୫) ଅନାବଶ୍ୟକ କାଠ, ପତ୍ର ଇତ୍ୟାଦି ଜାଳି ତାର ପାଉଁଶକୁ ଖେଳେଇ ପକାଇବା, (୬) ଗୁଳ୍ମ ଓ ବୁଦା ଇତ୍ୟାଦି କାଟି ସଫା କରିବା, (୭) ଅନାବନା ପଦାର୍ଥକୁ ଜାଳି ଜମିକୁ ଚାଷପୋଯୋଗୀ କରିବା, (୮) ବିହନ ବୁଣିବା, (୯) ବାଲୁଙ୍ଗା ବାଛିବା, (୧୦) ଗଛ ଓ ଶସ୍ୟକୁ ବଣୁଆ ପଶୁମାନଙ୍କ କବଳରୁ ବଞ୍ଚାଇବା, (୧୧) ଅମଳ କରିବା, (୧୨) ପରିଶେଷରେ ମହଜୁଦ୍ କରି ରଖିବା । ପରିବାରର ପ୍ରତ୍ୟେକ ବ୍ୟକ୍ତି ଏହିସବୁ ଉପରଲିକ୍ଷିତ କାମରେ ଯେକୌଣସି ପ୍ରକାରରେ ନିଜକୁ ନିୟୋଜିତ କରନ୍ତି । ଜଙ୍ଗଲର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଦୁଇ ତିନିଥର ଚାଷକଲା ପରେ ତାହା ଅନୁର୍ବର ହୋଇଯାଏ । ତେଣୁ ଏହାକୁ ସେମାନେ ପ୍ରାୟ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତି ।

ପାହାଡ଼ର ଗଡ଼ାଣିଆ ଓ ଶିଖର ଅଞ୍ଚଳରେ ସାଧାରଣତଃ ପୋଡୁଚାଷ କରାଯାଇଥାଏ । ଏହି ଜମିସବୁ ସମୁଦାୟ ଗ୍ରାମର ସାଧାରଣ ସଂପତ୍ତି । ଯଦି ଗୋଟିଏ

Digitized by PPRACHIN, SOA

ପରିବାର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବାରମ୍ବାର ଚାଷ କରନ୍ତି ତେବେ ସେଠାରେ ବ୍ୟକ୍ତିଗତ ଅଧିକାର ସ୍ୱତ୍ୱ ଦିଆଯାଇଥାଏ । ଲାଞ୍ଜିଆ ସଉରାପରି କେତେକ ସଂପ୍ରଦାୟରେ ବ୍ୟକ୍ତିଗତ ଅଧିକାର ସ୍ୱତ୍ୱ ବଂଶାନୁକ୍ରମିକ ଭାବେ ସ୍ୱୀକାର କରାଯାଏ । କେତେକ କ୍ଷେତ୍ରରେ ପୋଡୁଚାଷରେ ଏକ ସମୟରେ ଦୁଇ ତିନିଟା ପ୍ରକାରର ଶସ୍ୟ ଏକାଠି ଉତ୍ପାଦନ କରାଯାଏ । ଯଥା—ଧାନ, ମାଣ୍ଡିଆ ଓ ଡାଲିଜାତୀୟ ଶସ୍ୟ ଇତ୍ୟାଦି । ଏଗୁଡ଼ିକ ବୁଣାଯାଇଥିବା କ୍ରମରେ ଅମଳ କରାଯାଇଥାଏ ।

ସାଧାରଣତଃ କୃଷି ଓ ବନ୍ୟଜାତ ଦ୍ରବ୍ୟ ଉପରେ ଖାଦ୍ୟପେୟ ପାଇଁ ନିର୍ଭରଶୀଳ ଆଦିବାସୀମାନଙ୍କର ଖାଦ୍ୟ, ପେୟ, ରନ୍ଧନ ପ୍ରଣାଳୀ, ବାସନକୁସନ ଇତ୍ୟାଦିରେ ସ୍ୱତନ୍ତ୍ରତା ଦେଖାଯାଏ । ସମତଳ ଜମିର ଅଭାବରୁ ଏବଂ ଜଳସେଚନର ସୁବିଧା ସବୁଠି ନଥିବାରୁ ଧାନ ପରିବର୍ତ୍ତେ ମାଣ୍ଡିଆ, ସୁଆଁ, ମକା, କାଙ୍ଗୁ, ରବିଜାତୀୟ ଫସଲ ପାହାଡ଼ ଢାଲୁରେ ଅଧିକ ପରିମାଣରେ ଚାଷ କରାଯାଏ । ତେଣୁ ଭାତ ପରିବର୍ତ୍ତେ ସେମାନେ ବେଶୀ ପରିମାଣରେ ଜାଉ ଖାଆନ୍ତି ଏବଂ ବିଭିନ୍ନ ଶସ୍ୟ ଗୁଣ୍ଡରୁ 'ମାଣ୍ଡୁରୁ', 'ଅଣ୍ଡା' ଭଳି ସ୍ୱାଦିଷ୍ଟ ଖାଦ୍ୟ ରାନ୍ଧନ୍ତି । ବଣର ବିଭିନ୍ନ ଗଛଲତାର ଚେରମୂଳ, ବାଉଁଶ କରଡ଼ି, ନାନା ଜାତୀୟ ଫଳ, ଏପରିକି ଆମ୍ବଟାକୁଆ ଭିତରର କୋଇଲି ଖାଦ୍ୟ ସ୍ୱରୂପ ଗ୍ରହଣ କରାଯାଏ । ସେମାନେ ଆମିଷଭୋଜୀ । ପଶୁ, ପକ୍ଷୀ, କୀଟ, ପତଙ୍ଗ ଇତ୍ୟାଦି ମଧ୍ୟରୁ ଅନେକ ତାଙ୍କର ଭକ୍ଷ୍ୟ । ସିନ୍ଧିକୀଡା, ବଲୁରୀଡ଼ିମ୍ବ, ନାଲି କାଇପିମ୍ପୁଡି, ଝରିପୋକ ପ୍ରଭୃତି କେତେକଙ୍କ ପାଇଁ ଖୁବ୍ ଲୋଭନୀୟ ଖାଦ୍ୟ । ବାସନକୁସନ ମଧ୍ୟରେ ତାଙ୍କର ପ୍ରଧାନ ଉପକରଣ ମାଟିହାଣ୍ଡି, ଆଲୁମିନିୟମର ନକି ଓ ତାବଲା, ଶାଳପତ୍ରର ଦନା, ଲାଉତୁମ୍ବା, କାଠଚଟୁ ପ୍ରଭୃତି ।

ଆମ ଦେଶର ରନ୍ଧନ ପ୍ରଣାଳୀ ମଧ୍ୟରେ ଶଉରୀ ରୀତିର ରାନ୍ଧଣା ଅନ୍ୟତମ । ଏହା ମୂଳତଃ ଆଦିବାସୀ ଶୈଳୀର ରାନ୍ଧଣା । ସାରଳା ଦାସ ମହାଭାରତରେ ଶଉରୀ ରାନ୍ଧଣାର ଏହିପରି ବର୍ଣ୍ଣନା ଦେଇଛନ୍ତି—

ସେ ଶବରୀ ନାନା ବ୍ୟଞ୍ଜନ ରୁଣ୍ଡ କରି
ଗଣ୍ଡା ମୃଗ ମାରି ସମସ୍ତ ମିଶ୍ରିତ କରି
ତ୍ରିବିଧ ଯୋଗାଡ଼ମାନ ସମସ୍ତ ମିଶାଇ
ପତ୍ରେ ଭରି ଶିଆଳି ଲତା ଗୁଡ଼ିଆଇଁ ।
ନିର୍ଦ୍ଧୂମ ଅଗ୍ନିରେ ବସାଇ ତାହା ଆଣି
ଯତ୍ନ କରିଣ ତାହା ପୋଡ଼ଇ ଶବରଣି ।
ସୁପକ୍ୱ ଅନ୍ନରେ ହୋଏ ପାକ ସିଦ୍ଧି
ପରଶରେ ନିର୍ମଳ ସେ ଶଉରୀ ଯୋଗନିଧି ।

Digitized by PPRACHIN, SOA

ବର୍ତ୍ତମାନ ମଧ୍ୟ କୋରାପୁଟର ଆଦିବାସୀମାନଙ୍କ ମଧ୍ୟରେ ଶଉରୀ ରାନ୍ଧଣା ରୀତରେ ପ୍ରସ୍ତୁତ ହୁଏ ପତ୍ର 'ପୁତୁଗା' ଯାହାକୁ ଓଡ଼ିଆରେ ଆମେ କହିପାରିବା ପତ୍ରପୋଡ଼ା । ଜଗନ୍ନାଥ ମନ୍ଦିରରେ ଶଉରୀ ପ୍ରଥାରେ କିଛ ଭୋଗ ପ୍ରସ୍ତୁତ କରିବା ନୀତି ଏଯାବତ୍ ପ୍ରଚଳିତ ଅଛି । ବିଭିନ୍ନ ଶସ୍ୟରୁ ପ୍ରସ୍ତୁତ ନିଶାଯୁକ୍ତ ପାନୀୟ (ହାଣ୍ଡିଆ, କାତୁଲ୍, ପେଣ୍ଡମ), ସଲପରସ, ମହୁଲି ମଦ ଇତ୍ୟାଦି ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ପାରମ୍ପରିକ ପାନୀୟ ।

ଶେଷକଥା :

ଓଡ଼ିଶାର ଅଧିବାସୀ ଆଦିବାସୀମାନଙ୍କ ସମ୍ବନ୍ଧରେ ଏକ ସାର୍ବିକ ଅବଧାରଣା ନିମନ୍ତେ ପ୍ରତ୍ୟେକ ସଂପ୍ରଦାୟର, ସାମାଜିକ, ସାଂସ୍କୃତିକ, ଧାର୍ମିକ ତଥା ଆର୍ଥନୈତିକ ବ୍ୟବସ୍ଥା ଓ ପରଂପରା ପ୍ରତି ଦୃଷ୍ଟିପାତ କରିବା କାମ୍ୟ । ସେହିପରି ସେମାନଙ୍କ ମନ ଓ ଚରିତ୍ରର ସାର୍ବିକ ପରିଚୟ ନିମନ୍ତେ ତାଙ୍କର ବିଶ୍ୱାସ, ବାସନା, ବ୍ୟବହାର ନିଜ ସଂପ୍ରଦାୟର ଲୋକଙ୍କ ମଧ୍ୟରେ ତଥା ଅପରାପର ଲୋକଙ୍କ ମଧ୍ୟରେ କିପରି ପ୍ରକାଶିତ ହେଉଛି ତାହା ଅନୁଧ୍ୟେୟ । ଆଦିବାସୀର ଜଗତ ଓ ଜୀବନ ସରଳ, ସଳଖ ଓ ସଂକୀର୍ଣ୍ଣ ବା ସୀମିତ ହୋଇପାରେ, ମାତ୍ର ତାର ମନୋଜଗତର ଚିନ୍ତା-ଭାବନା, ମୂଲ୍ୟବୋଧ, ସୌନ୍ଦର୍ଯ୍ୟବୋଧ ଇତ୍ୟାଦି ନିତାନ୍ତ ଗୌଣ ନୁହେଁ । ଆଦିବାସୀଙ୍କ ସମ୍ବନ୍ଧରେ ଏହି ସତ୍ତା-ବୋଧ ଅଭାବବଶତଃ ସେମାନଙ୍କ ସମ୍ବନ୍ଧରେ କିଛି ସ୍ଥୂଳ ଧାରଣା କରାଯାଇଛି ଏବଂ ତାଙ୍କ ଭାବମୂର୍ତ୍ତି ଅସ୍ପଷ୍ଟ ରେଖାଙ୍କିତ ରହିଯାଇଛି । ସମୟ ବଦଳୁଛି । କ୍ରମଶଃ ସେମାନେ ନିଜକୁ ଆବିଷ୍କୃତ ଓ ମୂଲ୍ୟାଙ୍କନ କରୁଛନ୍ତି । ବର୍ତ୍ତମାନ ଅନ୍ୟମାନଙ୍କ ପକ୍ଷରେ ନିଜ ମାନଦଣ୍ଡରେ ସେମାନଙ୍କର ବାଛବିଚାର କରିବା କେବଳ ଅହଂକାରିତା ହିଁ ପ୍ରତିପାଦନ କରେ । ଓଡ଼ିଆ ସଂସ୍କୃତିରେ ଅଙ୍ଗୀଭୂତ ବହୁ ଆଦିବାସୀ ଉପାଦାନ ଓଡ଼ିଶାର ଐତିହ୍ୟ ଓ ପରଂପରାର ଆଦିବାସୀ ଭିତ୍ତିକତା ସୂଚିତ କରେ । ଭାଷା, ସାହିତ୍ୟ, ବେଶବାସ, ଧର୍ମାଚାର, ଖାଦ୍ୟପେୟ, କୃଷି ଓ ହସ୍ତଶିଳ୍ପ ଇତ୍ୟାଦି ବିବିଧ ସ୍ତରରେ ଏହି ଭିତ୍ତି ସଂଗୁପ୍ତ । ତାହାର ଏକ ଜୀବନ୍ତ ପ୍ରମାଣ ସ୍ୱୟଂ ଶ୍ରୀଜଗନ୍ନାଥ । ସେଥିପାଇଁ ଆଦିବାସୀ ସମାଜକୁ ସମାନୁଭୂତିଶୀଳ ମାନସିକତା ନେଇ ବୁଝିବା, ତାଙ୍କର ମହତ୍ତ୍ୱ ସନାକ୍ତ କରିବା ଏବଂ ତାଙ୍କ ସଂସ୍କୃତିକୁ ସୁରକ୍ଷା ଦିଗରେ ସହାୟକ ହେବା କାମ୍ୟ ।

Digitized by PPRACHIN, SOA

ପରିଶିଷ୍ଟ

ଓଡ଼ିଶାର ଆଦିବାସୀ

କ୍ର.ସଂ. (୧)	ନାମ (୨)	ଜନସଂଖ୍ୟା (୧୯୮୧) (୩)	ବସବାସ ଅଞ୍ଚଳ (୪)
୧	ଓମାନତ୍ୟ	୧୯,୪୬୪	କୋରାପୁଟ, ଗଞ୍ଜାମ
୨	ଓରାଓଁ	୨,୧୫,୩୩୬	ସୁନ୍ଦରଗଡ଼, ସମ୍ବଲପୁର
୩	କଂଧ	୯,୮୯,୩୪୨	କୋରାପୁଟ, ଫୁଲବାଣୀ
୪	କଂଧ ଗଉଡ	୧୫,୧୯୦	ଫୁଲବାଣୀ, ପୁରୀ
୫	କଂଧ ଦୋରା	୧୭,୪୪୨	କୋରାପୁଟ, ଗଞ୍ଜାମ
୬	କୁଲି, ମହ୍ଲାର	୪,୭୦୦	ଢେଙ୍କାନାଳ, ଗଞ୍ଜାମ
୭	କୱାର	୮,୫୪୭	ସୁନ୍ଦରଗଡ, ସମ୍ବଲପୁର
୮	କିସାନ	୨,୨୭,୯୯୦	ସମ୍ବଲପୁର, ସୁନ୍ଦରଗଡ଼
୯	କୁଟିଆ	୧୯,୧୩୬	କୋରାପୁଟ, ଫୁଲବାଣୀ
୧୦	କୁଲିସ୍	୧,୪୯୮	ସମ୍ବଲପୁର, ବଲାଙ୍ଗୀର
୧୧	କୋରା	୫,୮୨୧	ଢେଙ୍କାନାଳ, କେନ୍ଦୁଝର
୧୨	କୋରୁଆ	୯୮୬	ସମ୍ବଲପୁର, କୋରାପୁଟ
୧୩	କୋଲ	୪,୨୩୫	କେନ୍ଦୁଝର, ଫୁଲବାଣୀ
୧୪	କୋଲ ଲୋହାର	୭,୫୬୨	ସୁନ୍ଦରଗଡ଼
୧୫	କୋହ୍ଲ	୩,୨୬,୫୨୦	ମୟୁରଭଞ୍ଜ, କେନ୍ଦୁଝର
୧୬	କୋୟା	୮୭,୨୬୧	କୋରାପୁଟ
୧୭	ଖଡ଼ିଆ	୧,୪୪,୧୭୪	ସୁନ୍ଦରଗଡ଼, ସମ୍ବଲପୁର
୧୮	ଖରୱାର	୧,୪୩୫	କେନ୍ଦୁଝର, ମୟୂରଭଞ୍ଜ
୧୯	ଗାଦବା	୫୬,୯୧୩	କୋରାପୁଟ
୨୦	ଗଣ୍ଡ	୬,୦୨,୭୪୯	କଳାହାଣ୍ଡି, ସମ୍ବଲପୁର

Digitized by PPRACHIN, SOA

(୧)	(୨)	(୩)	(୪)
୨୧	ଗଣ୍ଡିଆ	୨,୨୬୩	କୋରାପୁଟ, ଢେଙ୍କାନାଳ
୨୨	ଘରା	୬୧୬	କଳାହାଣ୍ଡି, ସମ୍ବଲପୁର
୨୩	ଚେଂଚୁ	୩୯	କଳାହାଣ୍ଡି, ସୁନ୍ଦରଗଡ଼
୨୪	ଜୁଆଂଗ	୩୦,୮୭୫	କେନ୍ଦୁଝର, ଢେଙ୍କାନାଳ
୨୫	ଜାତପୁ	୧୮,୪୫୭	କୋରାପୁଟ, ଗଞ୍ଜାମ
୨୬	ଠାରୁଆ	୧,୦୩୪	ମୟୂରଭଞ୍ଜ, ଗଞ୍ଜାମ
୨୭	ଡାଲ	୧୮,୧୬୩	ବଲାଙ୍ଗୀର, କଳାହାଣ୍ଡି
୨୮	ଡିଡିୟୀ	୧,୯୭୮	କୋରାପୁଟ
୨୯	ଦେଶୁଆ ଭୂମିଜ	୧,୧୮୩	ପୁରୀ, ମୟୂରଭଞ୍ଜ
୩୦	ଧାରୁଆ	୮,୬୧୦	କୋରାପୁଟ, ମୟୂରଭଞ୍ଜ
୩୧	ପରଜା	୨,୬୭,୧୮୩	କୋରାପୁଟ
୩୨	ପାରେଂଗା	୯,୬୧୧	କୋରାପୁଟ
୩୩	ପେଣ୍ଟିଆ	୭,୯୦୯	କଳାହାଣ୍ଡି, ସମ୍ବଲପୁର
୩୪	ବନ୍‌ଜାରା	୧୦,୯୨୫	କୋରାପୁଟ, ମୟୂରଭଞ୍ଜ
୩୫	ବାଇଗା	୧୮୮	କଳାହାଣ୍ଡି
୩୬	ବାଗ୍‌ତା	୨,୬୧୪	କଟକ, ବାଲେଶ୍ୱର
୩୭	ବାଥୁଡି	୧,୪୭,୯୬୭	ମୟୂରଭଞ୍ଜ
୩୮	ବଣ୍ଡା ପରଜା	୫,୮୯୫	କୋରାପୁଟ
୩୯	ବିନ୍‌ଝାଲ	୯୮,୬୩୧	ସମ୍ବଲପୁର, ବଲାଙ୍ଗୀର
୪୦	ବିନ୍‌ଝିଆ	୮,୦୪୧	ସୁନ୍ଦରଗଡ଼, ସମ୍ବଲପୁର
୪୧	ବିର୍‌ହୋର	୧୪୨	ସୁନ୍ଦରଗଡ଼
୪୨	ଭତଡ଼ା	୨,୪୭,୭୦୯	କୋରାପୁଟ, କଳାହାଣ୍ଡି
୪୩	ଭୂମିଆ	୭୫,୨୨୧	କୋରାପୁଟ, ସୁନ୍ଦରଗଡ଼
୪୪	ଭୂଂଜିଆ	୯,୦୭୫	କଳାହାଣ୍ଡି, କୋରାପୁଟ
୪୫	ଭୂମିଜ	୧,୫୭,୬୧୪	ମୟୂରଭଞ୍ଜ, ବାଲେଶ୍ୱର
୪୬	ଭୂୟାଁ	୨,୦୭,୭୯୨	ସୁନ୍ଦରଗଡ଼, କେନ୍ଦୁଝର
୪୭	ମାଙ୍କିଡ଼ି	୨୦୨	କଳାହାଣ୍ଡି, ସୁନ୍ଦରଗଡ଼
୪୮	ମାଙ୍କିଡ଼ିଆ	୧,୦୦୫	ମୟୂରଭଞ୍ଜ, ସମ୍ବଲପୁର

Digitized by PPRACHIN, SOA

(୧)	(୨)	(୩)	(୪)
୪୯	ମାଟିଆ	୧୨,୧୨୧	ଢେଙ୍କାନାଳ, କୋରାପୁଟ
୫୦	ମାଡ଼ିଆ	୧,୦୬୪	କୋରାପୁଟ, ଢେଙ୍କାନାଳ
୫୧	ମାହାଲି	୧୧,୭୬୮	ମୟୂରଭଞ୍ଜ, ସୁନ୍ଦରଗଡ଼
୫୨	ମିର୍ଦ୍ଧା	୨୮,୧୭୭	ସମ୍ବଲପୁର, ବଲାଙ୍ଗୀର
୫୩	ମୁଣ୍ଡା	୩,୩୮,୯୩୭	ସୁନ୍ଦରଗଡ଼, ସମ୍ବଲପୁର
୫୪	ମୁଣ୍ଡାରି	୨୪,୬୬୭	ସୁନ୍ଦରଗଡ଼, ମୟୂରଭଞ୍ଜ
୫୫	ରାଜୁଆର	୨,୩୧୪	ମୟୂରଭଞ୍ଜ, କେନ୍ଦୁଝର
୫୬	ଲୋଧା	୫,୦୮୮	ମୟୂରଭଞ୍ଜ
୫୭	ସଉରା/ଶବର	୩,୭୦,୦୬୧	ଗଞ୍ଜାମ, ସମ୍ବଲପୁର
୫୮	ସାଉଁତି	୬୭,୮୭୧	କେନ୍ଦୁଝର, ମୟୂରଭଞ୍ଜ
୫୯	ସାନ୍ତାଳ	୫,୩୦,୭୭୬	ମୟୂରଭଞ୍ଜ, ବାଲେଶ୍ୱର
୬୦	ଶବର ଲୋଧା	୩,୨୯,୨୦୭	ମୟୂରଭଞ୍ଜ
୬୧	ହଲବା	୮,୮୮୧	କୋରାପୁଟ, କଳାହାଣ୍ଡି
୬୨	ହୋ	୪୪,୪୯୭	ମୟୂରଭଞ୍ଜ, କେନ୍ଦୁଝର

□□□

Digitized by PPRACHIN, SOA

ଆଦିବାସୀ ସମାଜରେ ବିବାହ ପ୍ରଥା

କୋରାପୁଟ ଅଞ୍ଚଳର ଆଦିବାସୀମାନେ 'ଦେଶୀୟା' ନାମରେ ପରିଚିତ । ଅଷ୍ଟ୍ରିକ, ଦ୍ରାବିଡ଼ ଓ ଆର୍ଯ୍ୟଗୋଷ୍ଠୀର ସାମାଜିକ ରୀତିନୀତି ସମନ୍ୱୟରେ ସେମାନଙ୍କ ସମାଜ ବ୍ୟବସ୍ଥା ସଙ୍ଗଠିତ ହୋଇଛି । କୟା, ପାର୍ଜୀ, ଓଲାରି ଇତ୍ୟାଦି ଦ୍ରାବିଡ଼ ଭାଷାଭାଷୀ ତଥା ପାରେଂଗା, ଗାଦବା, ବଣ୍ଡା, ଡିଡାୟୀ ଇତ୍ୟାଦି ମୁଣ୍ଡା ଭାଷାଭାଷୀ ଲୋକମାନେ ଏବଂ ଭତଡ଼ା, ରଣା, ଓମାନାତ୍ୟ, ମାଟିଆ ଇତ୍ୟାଦି ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ସମବାୟରେ ଏକ ବିଶାଳ ଆର୍ଯ୍ୟ-ଅନାର୍ଯ୍ୟ ସମ୍ମିଶ୍ରିତ ସାଂସ୍କୃତିକ-ପରିମଣ୍ଡଳ ମଧ୍ୟରେ ଜୀବନ ଯାପନ କରନ୍ତି । ଓଡ଼ିଶା, ଆନ୍ଧ୍ର ଓ ମଧ୍ୟପ୍ରଦେଶର ଉପାନ୍ତ ଅଞ୍ଚଳ କିମ୍ବା ସ୍ଥୂଳତଃ ଦଣ୍ଡକାରଣ୍ୟ ଏହି ଜନ-ଗୋଷ୍ଠୀର ଚାରଣ-ଭୂମି ।

ଦେଶୀୟା ସମାଜରେ ବିବାହ ଏକ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ । ସେମାନଙ୍କ ଜୀବନର ସର୍ବାଧିକ ବଳିଷ୍ଠ ଆଭିମୁଖ୍ୟ—ବିବାହ ଓ ସ୍ତ୍ରୀ ଲାଭ । ତାଙ୍କ ସମାଜରେ ନାରୀର ସ୍ଥାନ ଓ ମର୍ଯ୍ୟାଦା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶୀୟା ଲୋକର ସମସ୍ତ ପୁରୁଷକାର ଗୋଟିଏ କନ୍ୟାର ହୃଦୟ ଜୟ କରିବାରେ ଏବଂ ଆମରଣ ପତ୍ନୀରୂପେ ତା'ର ଆନୁଗତ୍ୟ ଲାଭ କରିବାରେ ଅଭିନିବିଷ୍ଟ ରହେ । ଧନଧାନ୍ୟ ପ୍ରଲୋଭନରେ କିମ୍ବା ଶକ୍ତି ସାମର୍ଥ୍ୟ ପ୍ରୟୋଗରେ କୌଣସି ସ୍ତ୍ରୀକୁ କରଗତ କରିବା ସେମାନଙ୍କ ନିକଟରେ ଏକ ଜଘନ୍ୟ ପରିକଳ୍ପନା । ତେଣୁ ସ୍ନେହ, ପ୍ରେମ ଓ ପ୍ରକୃତ ମନ ଘେନାଘେନି ସେମାନଙ୍କ ଦାମ୍ପତ୍ୟ ଜୀବନର ଯୋଗସୂତ୍ର । ମନ ଭାଙ୍ଗିଲେ ବିବାହ ବନ୍ଧନ ଛିଣ୍ଡିଯାଏ, ଘର ଭାଙ୍ଗିଯାଏ । ପୁଅ ବୋହୂ ଆଣିଲେ ବାପମାଆ, ଭାଇ ଭଉଣୀଙ୍କୁ ଛାଡ଼ି ତା'ର ନିଜର ଭିନ୍ନ ସଂସାର ରଚନା କରେ । ସ୍ୱାମୀ ସ୍ତ୍ରୀଙ୍କ ବାହାରେ ସେମାନଙ୍କ ନିଜସ୍ୱ ଦୁନିଆ କିଛି ନାହିଁ । ତେଣୁ ପରସ୍ପରର ମନ ଘେନାଘେନିରେ ସ୍ୱାମୀ ସ୍ତ୍ରୀଙ୍କ ସାରାଜୀବନ ଅତିବାହିତ ହୋଇଥାଏ । ଆନ୍ତରିକ ସହଯୋଗରେ ସୁଖଦୁଃଖ, ଭାବ ଅଭାବ ନିର୍ବିଚାରରେ ସୁଖୀ ପରିବାର ଗଠିତ ହୋଇଥାଏ ।

ପରସ୍ପର ସାହଚର୍ଯ୍ୟ ବିନା ନାରୀ ବା ପୁରୁଷର ଏକାଂଗ ଜୀବନ ଯାପନର ପରିକଳ୍ପନା ଦେଶୀୟା ସମାଜରେ ଏକ ଅଭାବିତ ଘଟଣା ।

ଦେଶୀୟାମାନଙ୍କ ମଧ୍ୟରେ ପ୍ରଚଳିତ ବିବାହ ରୀତି ଚତୁର୍ବିଧ—ବିଭା, ଉଦ୍‌ଲିଆ

Digitized by PPRACHIN, SOA

ବିଭା, ସଗର୍ତ୍ତା ବିଭା ଓ ପଇସା ମୁଣ୍ଡି ବିଭା ।

(୧) ବିଭା—ଆମ ସମାଜରେ ସାଧାରଣତଃ ଯେଉଁ ରୀତିରେ ପିତାମାତା କର୍ତ୍ତୃକ ବରକନ୍ୟା ନିର୍ବାଚନ ହୋଇ ବିବାହ କରାଯାଏ ଏହା ତାହା ସହିତ ତୁଳନୀୟ । ପୁଅର ବିବାହ ବୟସ ହେଲେ ଏବଂ ପିତାମାତଙ୍କ ଆର୍ଥିକ ସ୍ୱଚ୍ଛଳତା ଥିଲେ ସେମାନେ କନ୍ୟା ସନ୍ଧାନରେ ପୁରୁଣା ବନ୍ଧୁ ଘରେ ଉପସ୍ଥିତ ହୁଅନ୍ତି । ସାଙ୍ଗରେ ନେଇ ଯାଆନ୍ତି ଉପହାର, ଖାଦ୍ୟସାମଗ୍ରୀ ଓ ମଦ । ଖୁବ୍ ଆନନ୍ଦରେ ଖିଆପିଆ ହୁଏ । ତା'ପରେ ନାନା ଛଳରେ ଅସଲ ଉଦ୍ଦେଶ୍ୟ ବ୍ୟକ୍ତ କରନ୍ତି ବରକର୍ତ୍ତା । ସାଧାରଣତଃ ପ୍ରସଙ୍ଗ ଉତ୍ଥାପନ କରିବାର ରୀତି ଏହିପରି—କନ୍ୟାଘର ଲୋକେ ପଚାରନ୍ତି, ତୁମେମାନେ ଏପରି ଆକସ୍ମିକ ଭାବେ ଆସିବାର ନିଶ୍ଚୟ କିଛି ଉଦ୍ଦେଶ୍ୟ ଅଛି । ହାତରେ ଦାଆଧରି ଆସି କାଟିବା କଥା ଲୁଚାଉଛ କାହିଁକି ? ସେତେବେଳେ ବରକର୍ତ୍ତା ଉତ୍ତର ଦିଅନ୍ତି—ତମ ବାଡ଼ିରେ ଫୁଲ ଫୁଟିଛି, ଆମେ ସେଥିପାଇଁ ଆସିଛୁ । କନ୍ୟାକର୍ତ୍ତା ହସି ହସି ମନ୍ତବ୍ୟ କରନ୍ତି—ବେଶ୍, ଫୁଲ ନେବାକୁ ଇଚ୍ଛା ତ ନିଅ । ଗଛକୁ କାହିଁକି ଆଘାତ କରୁଛ ? ପିନ୍ଧିବା ପାଇଁ ତ ଫୁଲ, ତାକୁ ଦେବାକୁ କିଏ କ'ଣ ନାହିଁ କରେ ? ଏତିକିରୁ ପରସ୍ପର ମନୋଭାବ ଜଣା ପଡ଼ିଯାଏ । ଆଉ ଅଧିକ କଥା ନ ବଢ଼ାଇ ବରକର୍ତ୍ତା ଘରକୁ ଫେରି ଆସନ୍ତି ।

ତା'ପରେ ବରକର୍ତ୍ତା ତାଙ୍କର ପୁରୋହିତ 'ଦିଶାରୀ' ସହିତ ଅକ୍ଷତ ଚାଉଳ ନେଇ ସାକ୍ଷାତ କରନ୍ତି ଏବଂ ଶୁଭଦିନ ନିର୍ଣ୍ଣୟ କରନ୍ତି । ଦୁଇଜଣ ଲୋକଙ୍କୁ 'ଯୋଡ଼ା' ବୋଲି ମଧ୍ୟସ୍ଥ ରୂପେ ପଠାଯାଏ । ସେମାନଙ୍କୁ କୁହାଯାଏ ରାଇବାଡ଼ିଆ । ଖଦ୍ୟପେୟ ଉପହାର ଧରି ସେମାନେ କନ୍ୟାଘରେ ଉପସ୍ଥିତ ହୁଅନ୍ତି । ଗାଁର ବଡ଼ସାନ ସମସ୍ତେ ବସିକରି କନ୍ୟାପଣ 'ଜଲା' ଛିଡ଼ାଇ ଦିଅନ୍ତି । ତା'ପରେ ରାଇବାଡ଼ିଆମାନେ ଫେରିଆସି ଖବର ଦେଲେ ବିବାହର ଆୟୋଜନ ଆରମ୍ଭ ହୋଇଯାଏ । ଚାଉଳପତ୍ର, ମଦ, ମାଂସ, ଲୁଗାପଟା ସବୁ ଯୋଗାଡ଼ ହେଲେ ଗାଆଁର ପୁଅଝିଅ ମିଶି କନ୍ୟା ଗାଆଁକୁ ଯାଆନ୍ତି । ସେଠି ସେ ଗାଆଁର ଲୋକଙ୍କୁ ଭୋଜି ଖୁଆଇ, ଉପହାର ଦେଇ ସାରାରାତି ନାଚଗାନରେ କଟାଇ ଦିଅନ୍ତି । ଡେଉଁସା ନାଚବେଳେ ଦୁଇ ଗାଆଁର ଯୁବକ ଯୁବତୀମାନଙ୍କ ମଧ୍ୟରେ ନାନାରକମ କୌତୁକ ଓ ବୁଦ୍ଧି ପରୀକ୍ଷା ହୁଏ । ବରପକ୍ଷର ଯୁବକମାନେ ଗୀତ ଗାଆନ୍ତି—

ଚାଉଳ ଚକନିରେ ମଇରା ଚାଉଳ ଚ୍ଛେନି
କନିଆ ମଟର ଧାଙ୍ଗଡ଼ିମନକେ ମୁଣ୍ଡେ ଉକୁନି—

Digitized by PPRACHIN, SOA

ଏ ଡଙ୍ଗର ଟକ ମଇରା ସେ ଡଙ୍ଗର ଟକ
କୁଁଟେ ଚଢ଼ି ଦେଖ-ମଇରା କେନ ଧାଙ୍ଗେଡ଼ି ନିକ—

ଇତ୍ୟାଦି । ରାତି ପାହିଲେ କନ୍ୟାକୁ ଧରି ଘରକୁ ବାହୁଡ଼ନ୍ତି । ବାଟରେ ଗାଆଁ ପାଖାପାଖି କ୍ଷେତ ମଝିରେ 'ଧୂଳିସର' ଭାତ ଖୁଆନ୍ତି ଏବଂ ସେଠି ସନ୍ଧ୍ୟାଯାଏ ଉତ୍ସବ କରିକରି ଅପେକ୍ଷା କରନ୍ତି । ଗୋଧୂଳି ସମୟରେ ଦିଶାରୀ ଆସି କୁକୁଡ଼ା ବଳିଦେଇ ପୂଜାବିଧି ସାରିଦେଲେ କନ୍ୟାକୁ ଗାଆଁକୁ ଆଣନ୍ତି । ସେ ରାତି ପୁଣି ଉତ୍ସବ ଲାଗି ରହେ । ସକାଳ ପାହିଲେ କନ୍ୟାକୁ ମୁକୁଟ ବାନ୍ଧି ଦିଅନ୍ତି, ଲଗନ ବୁଲାନ୍ତି ଓ କାଦୁଅ ହାଣ୍ଡି ଖେଳାନ୍ତି । ତା'ପରେ ନଈକୁ ଯାଇ ସେ ହାଣ୍ଡି ଭସାଇ ଦେଇ ଘରକୁ ଫେରି ଖିଆପିଆ କରନ୍ତି, ଉତ୍ସବ ଶେଷ ହୁଏ । ବନ୍ଧୁବାନ୍ଧବ ବାହୁଡ଼ି ଯାଆନ୍ତି । ଆଠ ଦିନପରେ ପୁଣି ବରକନ୍ୟା ଦୁଇଜଣ ଜଣେ ସଙ୍ଗୀକୁ ଧରି କନ୍ୟାଘରକୁ ଆସି ଚାରି ପାଞ୍ଚଦିନ ରହିଯାଆନ୍ତି । ତାକୁ କୁହାଯାଏ ହାଣ୍ଡି ବାହୁଡ଼ାଣି । ବିବାହ ଉତ୍ସବ ଏତିକିରେ ସମାପ୍ତ ହୁଏ ।

(୨) ଉଦ୍‌ଲିଆ ବିଭା—ଏହା ଯଥାର୍ଥତଃ ପ୍ରେମ-ବିବାହ । ଉଦ୍‌ଲିଆ ଶବ୍ଦର ଅର୍ଥ ଗୋପନରେ ପଳାୟନ । ଦୁଇଟି ଯୁବକ ଯୁବତୀଙ୍କ ମଧ୍ୟରେ ମନ ମିଳିଲେ କୌଣସି କାରଣରୁ, ଯଥା—ପିତାମାତାଙ୍କ ଅସମ୍ମତି କିମ୍ବା ଆର୍ଥିକ ଦୁରବସ୍ଥା ରୂପକ ବାଧା ସୃଷ୍ଟି ହେଲେ, ସେମାନେ ଏହି ରୀତିରେ ବିବାହ କରନ୍ତି । ସାଧାରଣତଃ ଦୋଳପର୍ବ ବେଳେ, ଯାହାକି ହଳ ପୋଡ଼ା ଉତ୍ସବ ରୂପେ ପରିଚିତ ଯୁବକ ଯୁବତୀମାନେ ବରକନ୍ୟା ବରଣ କରିଥାଆନ୍ତି । ଡେଉଁସା ଦାଣ୍ଡରେ ନାଚଗୀତ କରୁ କରୁ ପୁଅଝିଅ ସୁତୁରା ଯୁତୁରି ହୋଇଯାଆନ୍ତି । ଯାହାର ବାଧା ନଥାଏ ସେ ତା'ର ବିବାହ ନିର୍ବନ୍ଧ ପ୍ରକାଶ କରିଦିଏ । ଯାହାର ବାଧାଥାଏ ସେ ଗୋପନରେ ପଳାୟନ କରିବାକୁ ମନ୍ତ୍ରଣା କରିଦିଏ । ସମୟ ସମୟରେ ଅପରାପର ଗ୍ରାମର ଯୁବକମାନେ ଆସି କାହାର ମନହରଣ କରି ନେଇ ପଳାନ୍ତି । ଅଦୃଶ୍ୟ ପୁଅଝିଅଙ୍କର ଖୋଜା ପଡ଼ିଯାଏ । ପଳାତକ ବରକନ୍ୟା ଭିନ୍ନ ଗ୍ରାମରେ ଯାଇ ଲୁଚି ରହନ୍ତି । ଦିନାକେତେ ଗଲେ ପୁଅ ଘରକୁ ଖବର ଦିଏ । ବାପମାଆ ଯାଇ ବୋହୂକୁ ଘେନି ଆସି ଲୁଗା ଘୋଡ଼େଇ ପକାଇ ବରଣ କରିନିଅନ୍ତି । ତା'ପରେ କଥା ପ୍ରଘଟ ହୁଏ । କନ୍ୟାଘରର ଲୋକ ସନ୍ଧାନ ପାଇ ଝିଅକୁ ଝିଙ୍କି ଆଣିବାକୁ ଉପସ୍ଥିତ ହୁଅନ୍ତି । ସେ ଗାଆଁର ଲୋକେ ପ୍ରଥମେ ପ୍ରଥମେ ଫାଙ୍କି ଦିଅନ୍ତି । ତା'ପରେ ଗାଆଁର ମୁଖ୍ୟ ନାଇକ ଇତ୍ୟାଦି ଦୁଇପକ୍ଷର କଥା ଶୁଣି ନ୍ୟାୟ କରନ୍ତି । ଜଳାପାତି ଓ ଉପହାର ଦେଇ ଯଥାବିଧି ବିବାହ ଅନୁଷ୍ଠାନ କରନ୍ତି । ଯଦି କୌଣସି କ୍ଷେତ୍ରରେ କନ୍ୟାର ପିତାମାତା

Digitized by PPRACHIN, SOA

ଆଦୌ ସମ୍ମତି ନ ଦିଅନ୍ତି, ତେବେ ବରପକ୍ଷ ଗାଆଁବାଲାଙ୍କୁ ଭୋଜିଭାତ ଦେଇ ବିବାହ କରିଯାଏ । ଏଠାରେ ଲକ୍ଷଣୀୟ ଯେ ବାଧା ସୃଷ୍ଟି କରି କୌଣସି ପୁଅଝିଅଙ୍କ ବିବାହ ବନ୍ଦ କରିବା ଆଦୌ ସମ୍ଭବ ନୁହେଁ ।

(୩) ସଗର୍ତା ବିଭା—ସଗର୍ତା ଅର୍ଥ କ୍ଷତିପୂରଣ । ବିବାହିତା ସ୍ତ୍ରୀକୁ କେହି ଅପହରଣ କରିନେଇ ପୁନର୍ବିବାହ କଲେ ତାକୁ ସଗର୍ତା ବିଭା କୁହାଯାଏ ଏବଂ କନ୍ୟାର ପୂର୍ବ ସ୍ୱାମୀକୁ ଏଥିପାଇଁ ତା'ର ପ୍ରଦତ୍ତ ଜଲା ଟଙ୍କା କ୍ଷତିପୂରଣ ରୂପେ ଦେବାକୁ ପଡ଼ିଥାଏ । ଦେଶୀୟା ପୁରୁଷ ସ୍ତ୍ରୀର ମନ ଘେନିବାକୁ ସର୍ବଦା ଜାଗ୍ରତ ରହୁଥିଲେ ବି ସମୟ ସମୟରେ ଅନ୍ୟ ପୁରୁଷର ଆକର୍ଷଣରେ ସ୍ତ୍ରୀ ଛାଡ଼ି ଚାଲିଯାଏ । ବିବାହିତା ସ୍ତ୍ରୀ ଓ ଜାର ପୁରୁଷ ମଧ୍ୟରେ ଗୋପନରେ ପ୍ରଣୟର ସୂତ୍ରପାତ ହୁଏ । ଦୁହିଁଙ୍କ ମଝିରେ ମଧ୍ୟସ୍ଥ କରନ୍ତି କେହି ଜଣେ ଦି'ଜଣ—'ସାର୍‌ତି କାରିଆଣୀ' । ଶେଷରେ ପଳାଇଯିବାର ଦିନବାର ଠିକ୍ ହୁଏ ଏବଂ ନିଶାର୍ଦ୍ଧରେ ମଧ୍ୟସ୍ଥର ସହଯୋଗରେ ସେମାନେ ଦୂର ଗ୍ରାମକୁ ପଳାୟନ କରି ଆତ୍ମଗୋପନ କରନ୍ତି । ତା'ପରେ ପରିତ୍ୟକ୍ତ ସ୍ୱାମୀ ବିଚରା ଖୋଜାଖୋଜି କରି ଖବର ପାଇଲେ ଗାଆଁ ଲୋକଙ୍କ ସାହାଯ୍ୟରେ ତାଙ୍କ ପାଖରେ ଉପସ୍ଥିତ ହୋଇ ନିଜର ଦାବି ଜଣାଏ । ହଜିଲା ଗୋରୁ ଖୋଜିବାକୁ ଆସିଛୁ ବୋଲି କହି ଅନୁସନ୍ଧାନ ଆରମ୍ଭ କରନ୍ତି । ଅପରପକ୍ଷ ପ୍ରଥମେ ପ୍ରଥମେ ଅସ୍ୱୀକାର କରନ୍ତି । ତା'ପରେ କ୍ରମେ ସବୁକଥା ପ୍ରକାଶ ପାଏ । ସେମାନେ ସ୍ତ୍ରୀ ବାବଦକୁ କ୍ଷତିପୂରଣ ଦାବି କରନ୍ତି । ନାଇକ ବାରିକ ବସି ମଧ୍ୟସ୍ଥତା କରି ଅର୍ଥର ପରିମାଣ ସ୍ଥିର କରିଦିଅନ୍ତି । ତା'ପରେ ଦୁଇ ଗାଆଁର ଲୋକ ଭୋଜିଭାତ ଖାଇ ଆନନ୍ଦ କରନ୍ତି । ଗାଆଁ ଲୋକଙ୍କ ପ୍ରୀତ୍ୟର୍ଥେ ସଦର ଭେଟ, ନାଇକର ମାନ୍ୟାର୍ଥେ ମୁଣ୍ଡଟଙ୍କା (ନଦୀର ପ୍ରଶାନ୍ତି) ରୂପେ କିଛି କିଛି ଅର୍ଥ ପ୍ରଦାନ କରି ଅପହାରକ ପୁରୁଷ କନ୍ୟାକୁ ପୁନର୍ବିବାହ କରି ସଂସାର କରେ ।

(୪) ପଇସା ମୁଣ୍ଡି ବିଭା—ଆମ ସମାଜରେ ସାଧାରଣତଃ ଏ ପ୍ରକାର ବିବାହ ପରିଦୃଷ୍ଟ ହୁଏ ନାହିଁ । ପଇସା ମୁଣ୍ଡି ଶବ୍ଦଟି ମୂଳ ସମ୍ଭବତଃ ପ୍ରବିଷ୍ଟାମୁଣ୍ଡା । ଏହାର ମର୍ମ ହେଉଛି ଗୋଟିଏ ବିବାହିତା ବା ଅବିବାହିତା କନ୍ୟା କୌଣସି ପୁରୁଷ ପ୍ରତି ପୂର୍ଣ୍ଣ ଆସକ୍ତ ହୋଇ ବିବାହ ଉଦ୍ଦେଶ୍ୟରେ ତା' ଗୃହରେ ସ୍ୱଇଚ୍ଛାରେ ପ୍ରବେଶ କରି ଆତ୍ମ ନିବେଦନ କଲେ ତାକୁ କୁହାଯାଏ ପଇସାମୁଣ୍ଡି । ଏହି ପ୍ରକାର ବିବାହ ଖୁବ୍ ବିରଳ । ତଥାପି ଏହି ରୀତିରେ

Digitized by PPRACHIN, SOA

ବିବାହ ସମାଜ ଦ୍ୱାରା ଅନୁମୋଦିତ । ଏପରି କ୍ଷେତ୍ରରେ ପୁରୁଷ ବିବାହର କୌଣସି ଘନଘଟା ନକରି 'ଲୁଗା ଘୋଡ଼ାଇ' ପକାଇ କନ୍ୟାକୁ ବଧୂରୂପେ ଗ୍ରହଣ କରେ ଏବଂ ଶକ୍ତିମତ ଗ୍ରାମବାସୀଙ୍କୁ ଭୋଜିଭାତ ପ୍ରଦାନ କରେ ।

ପ୍ରାଚୀନ ଭାରତରେ ଅଷ୍ଟବିଧ ବିବାହ ଗୀତିର ପ୍ରଚଳନ ଥିଲା—ବ୍ରାହ୍ମ, ଦୈବ, ଆର୍ଷ, ପ୍ରାଜାପତ୍ୟ, ଆସୁର, ଗାନ୍ଧର୍ବ, ରାକ୍ଷସ ଓ ପୈଶାଚ । ଏହା ସହିତ ଦେଶୀୟା ସମାଜରେ ପ୍ରଚଳିତ ବିବାହ ରୀତି ଚତୁଷ୍ଟୟ ତୁଳନୀୟ । ହଳ ପୋଡ଼ା ଉତ୍ସବରେ ବରକନ୍ୟା ନିର୍ବାଚନ ବାସ୍ତବତଃ ଏକପ୍ରକାର ସ୍ୱୟମ୍ବରସଭା । ଉଦ୍‌ଲିଆ ବିଭା ଗାନ୍ଧର୍ବ ରୀତି · ସହିତ ଏବଂ ସାଧାରଣ ବିବାହ ପ୍ରାଜାପତ୍ୟ ରୀତି ସହିତ ତୁଳନୀୟ । ଆସୁର ରୀତିର ବିବାହର ବୈଶିଷ୍ଟ୍ୟ କନ୍ୟାପଣ ପ୍ରଦାନ । ଏହି ରୀତି 'ଜଲା' ବା 'ସଗର୍ତା' ପ୍ରଦାନ ପ୍ରଥା ମଧ୍ୟରେ ଲକ୍ଷଣୀୟ ।

ପରିଶେଷରେ ବିବାହ ସଂକ୍ରାନ୍ତୀୟ ଏକ କୌତୁକ ଗଳ୍ପ ପ୍ରଦତ୍ତ ହେଲା । ଗୋଟିଏ ଯୁବକ ଗୋଟିଏ ଯୁବତୀକୁ ବହୁତ ସୁତୁରାଇଲା ଏବଂ ତାକୁ ବିବାହ ପରେ ଶହେ ଟଙ୍କାର ଫୁଲ ଦେବାକୁ ପ୍ରତିଶ୍ରୁତି ଦେଲା । ଝିଅଟି ପ୍ରଲୁବ୍ଧ ହୋଇ ଯୁବକ ସହିତ ଉଦ୍‌ଲିଆ ବାହାରିଗଲା । କିଛିଦିନପରେ ସେମାନଙ୍କର ଯଥାରୀତି ବିବାହ ହେଲା । ଝିଅଟି ପ୍ରତିଶ୍ରୁତି ପୂରଣ ପାଇଁ ତାଗିଦା ଦେବାରୁ ଯୁବକଟି ଦିନେ କିଛି କାଠ ଚମ୍ପା ଫୁଲ ଆଣି ଥୋଇଦେଲା । ଏହା ଦେଖି ଝିଅଟି ପ୍ରତାରିତ ହୋଇଛି ବୋଲି କ୍ଷୋଭ ଓ ଦୁଃଖରେ ନିଜ ଘରକୁ ଫେରିଆସିଲା । ବାପାମାଆ, ସାହିଭାଇ ଆଶ୍ଚର୍ଯ୍ୟ ହୋଇଗଲେ । ତା'ପରେ ସମସ୍ତ କଥା ଶୁଣି ତାକୁ ବୁଝାଇଦେଲେ ଯେ କାଠ ଚମ୍ପା ଫୁଲକୁ ହିଁ କହନ୍ତି "ଶହେ ଟଙ୍କାର ଫୁଲ" । ଝିଅଟି ନିଜର ମୂର୍ଖତା ପାଇଁ ଲଜ୍ଜିତା ହୋଇ ତା'ର ସ୍ୱାମୀ ଘରକୁ ପୁଣି ବାହୁଡ଼ିଲା ।

□□□

Digitized by PPRACHIN, SOA

ଆଦିବାସୀ ସମାଜ : ପରମ୍ପରା ଓ ଆଧୁନିକତା

ଆଦିବାସୀ ସଂପ୍ରଦାୟ ତାହାର ସୁପ୍ରାଚୀନ ସ୍ୱତନ୍ତ୍ର ପରମ୍ପରା ଭିତ୍ତିରେ ଚିହ୍ନିତ ହୁଏ। କିଛି ବାଧବାଧକତାମୂଳକ ପରିସ୍ଥିତି ଯୋଗୁଁ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇ ନ ପଡ଼ିଲେ, ଆଦିବାସୀ ଲୋକେ ତାଙ୍କର ପୁରୁଷାନୁକ୍ରମିକ ପରମ୍ପରା ସହିତ ଗଭୀର ବିଶ୍ୱାସରେ ଜଡ଼ିତ ରୁହନ୍ତି। ଯେତେବେଳେ କୌଣସି ଏକ ଜନଗୋଷ୍ଠୀକୁ ଆଦିବାସୀ ଭାବେ ନାମିତ କରାଯାଏ, ସେତେବେଳେ ଦେଖାଯାଏ ସେହି ଗୋଷ୍ଠୀର ଐତିହାସିକ ପ୍ରାଚୀନତା, ବିଶିଷ୍ଟ ନୃତାତ୍ତ୍ୱିକ ସତ୍ତା ଏବଂ ନିମ୍ନଲିଖିତ ଲକ୍ଷଣାବଳୀ :—

(କ) ଭୌଗୋଳିକ ଓ ସାଂସ୍କୃତିକ ବିଚ୍ଛିନ୍ନତାଜନିତ ଦୀର୍ଘକାଳ ଧରି ଅପରିବର୍ତ୍ତିତ କିଛି ସାଂସ୍କୃତିକ ବ୍ୟବସ୍ଥା।

(ଖ) ସୀମିତ ବିଶ୍ୱ-ଦୃଷ୍ଟି

(ଗ) ଅସାଧାରଣ ମନସ୍ତାତ୍ତ୍ୱିକ ଭଙ୍ଗୀ

(ଘ) ପୁରୁଷାନୁକ୍ରମିକ ଜୀବନ-ଯାପନ ପ୍ରଣାଳୀ ଠାରୁ ବ୍ୟତିକ୍ରମ କରିବାର ସ୍ୱଳ୍ପ ସ୍ୱାଧୀନତା।

(ଙ) କ୍ଷୁଦ୍ର ଏବଂ ସଂହତି ସାମାଜିକ ସଂଗଠନ

(ଚ) ସ୍ୱଗୋତ୍ର ସୀମାବଦ୍ଧ କୁଟୁମ୍ବିତା

(ଛ) ପରିବର୍ତ୍ତନ ପରିପନ୍ଥୀ ମନୋବୃତ୍ତିବଶତଃ ଆଧୁନିକ ପ୍ରଯୁକ୍ତି ବିଦ୍ୟା ବିଷୟରେ ଅନାସକ୍ତି।

(ଜ) ଅଲୌକିକ ଶକ୍ତି, ଆନୁଷ୍ଠାନିକ ବିଧିବିଧାନ ଏବଂ ପ୍ରଥାଗତ ନିୟମାବଳୀ ପ୍ରତି ଗଭୀର ଆନୁଗତ୍ୟ।

(ଝ) ଜାତିଆଣ ଶ୍ରେଣୀ ବିଭାଜନର ଅନୁପସ୍ଥିତି

(ଞ) ସ୍ୱୟଂସଂପୂର୍ଣ୍ଣ ଅର୍ଥନୈତିକ ସ୍ଥିତି।

ଉପରୋକ୍ତ ଲକ୍ଷଣାବଳୀ ପ୍ରତିପାଦିତ କରେ ଯେ ଆଦିବାସୀ ସମାଜ ପରମ୍ପରା ନିବଦ୍ଧ। ସେମାନଙ୍କ ସମାଜରେ ଜୀବନଯାପନ ପ୍ରଣାଳୀକୁ ଅନୁଶାସିତ କରୁଥିବା

Digitized by PPRACHIN, SOA

ନିୟମାବଳୀର ଅନ୍ୟନାମ ହେଉଛି ଏହି ପରମ୍ପରା । ଭିନ୍ନଭାବେ କୁହାଯାଇପାରେ ଯେ, ପରମ୍ପରା ହେଉଛି ସମସ୍ତ ବିଶ୍ୱାସ ଓ ମୂଲ୍ୟବୋଧର ଏକ ଆଧାର । ଯାହା ମଧ୍ୟରେ ସମଗ୍ର ସମାଜ ଦେଖେ ବ୍ରହ୍ମାଣ୍ଡର ସ୍ୱରୂପ, ଅଭିବ୍ୟକ୍ତ କରେ ସମସ୍ତ ଚିନ୍ତା-ଭାବନା, ବିଚାର କରେ ନ୍ୟାୟ-ଅନ୍ୟାୟ ଏବଂ ନିରୂପିତ କରେ ଏକର ଅନ୍ୟ ସହିତ ବ୍ୟବହାର । ଏହି ପରମ୍ପରାର ଅର୍ନ୍ତଭୁକ୍ତ ହୋଇଥାଏ ଭାଷା, ଜ୍ଞାନ, ପ୍ରଥା, କଳା, ଶିଳ୍ପ, କାରିଗରୀ ବିଦ୍ୟା, ନୈତିକତାବୋଧ ଏବଂ ସଂସ୍କୃତିର ସଂପୂର୍ଣ୍ଣ ସତ୍ତା । ସେମାନଙ୍କ ସାମାଜିକ ଅନୁଷ୍ଠାନ, ବିଧିବିଧାନ ଓ ଭାବଧାରା ସମ୍ବନ୍ଧୀୟ ସମସ୍ତ ତତ୍ତ୍ୱ ଗୋଟିଏ ଶବ୍ଦରେ ଅବଧାରଣା କରାଯାଇପାରେ । ତା ହେଉଛି ସାଂସ୍କୃତିକ ପରଂମ୍ପରା ।

ପ୍ରାଗ୍ ଐତିହାସିକ କାଳରୁ ଆଦିବାସୀ ସମାଜ ନିଜର ଅଞ୍ଚଳ ଓ ଗୋଷ୍ଠୀ ମଧ୍ୟରେ ଅନ୍ତରୀଣ ଭାବରେ ରହିଆସିଥିଲେ ଏବଂ ବିଶ୍ୱ ବ୍ୟାପାରରେ ବା ତାଙ୍କ ଦୁନିଆ ବାହାରେ ଥିବା ଲୋକମାନଙ୍କ ବିଷୟରେ ନିଜକୁ ନିର୍ଲିପ୍ତ ରଖିଥିଲେ । ଅପରାପର ଆଦିବାସୀ ବା ଅଣଆଦିବାସୀ ସମାଜ ସହିତ ସେମାନଙ୍କର ସମ୍ପର୍କ ଥିଲା ସାମୟିକ, ପ୍ରୟୋଜନ-ମୂଳକ, ପାରସ୍ପରିକ ଉପକାରାତ୍ମକ ଏବଂ ନିରପେକ୍ଷ ସହାବସ୍ଥାନ ଭିତ୍ତିକ । ଏପରିକି ସେମାନଙ୍କ ଅଞ୍ଚଳ ରାଜୁଡ଼ା ଶାସନାଧୀନ ହେଲାପରେ ମଧ୍ୟ ଶାସକଗଣ କୌଣସି ପ୍ରକାରର ସାଂସ୍କୃତିକ ଆକ୍ରମଣ କିମ୍ବା ସଂସ୍କୃତିରେ ଦୀକ୍ଷାନ୍ତରୀକରଣ ପାଇଁ ପ୍ରଚେଷ୍ଟା କରି ନଥିଲେ । ସୁଦୀର୍ଘ ଆଦିବାସୀ ଇତିହାସରେ ପ୍ରଥମଥର ପାଇଁ ବ୍ରିଟିଶ ସରକାର ସାଂସ୍କୃତିକ ଓ ପ୍ରଶାସନିକ ବଶୀକରଣ ଦିଗରେ ହସ୍ତକ୍ଷେପ କରିଥିଲେ । ଏହା ଫଳରେ ସେମାନଙ୍କ ଅର୍ଥନୈତିକ ପରିସ୍ଥିତି ଆଲୋଡ଼ିତ ହୋଇଥିଲା, କାରଣ ବହୁସଂଖ୍ୟକ ବାହାର ଲୋକେ ନୂତନ ସୁଯୋଗ ସଂଧାନରେ ଆଦିବାସୀ ଅଞ୍ଚଳରେ ଅନୁପ୍ରବେଶ କରିଥିଲେ ଏବଂ ତତ୍ ସଙ୍ଗେ ସଙ୍ଗେ ସେମାନଙ୍କ ସାମାଜିକ-ସାଂସ୍କୃତିକ ପରିବେଶ ମଧ୍ୟ ଖ୍ରୀଷ୍ଟଧର୍ମ, ଶିକ୍ଷା ଓ ସଂସ୍କାର-ଚେଷ୍ଟାର ପ୍ରସାର ଫଳରେ ଅସ୍ଥିର ହୋଇ ପଡ଼ିଥିଲା । ଆଦିବାସୀମାନେ ଏହାକୁ ସମୟେ ସମୟେ ବାଧା ଦେଇଥିଲେ ଏବଂ ବିଦ୍ରୋହ କରିଥିଲେ କିମ୍ବା ଅମନୋଯୋଗୀ ହୋଇ ମାନି ନେଇଥିଲେ ।

ସ୍ୱାଧୀନତା ଲାଭ ପରେ କିନ୍ତୁ ଦୃଶ୍ୟପଟ ପରିବର୍ତ୍ତିତ ହେଲା । ସଂବିଧାନ ପ୍ରଣେତାଗଣ ଆଦିବାସୀ ସମାଜର ସ୍ୱତନ୍ତ୍ର ସାମାଜିକ ଅର୍ଥନୈତିକ ପରିସ୍ଥିତି ଉପଲବ୍ଧି ପୂର୍ବକ ମୌଳିକ ଅଧିକାରରେ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟତିକ୍ରମ ନିର୍ଦ୍ଦେଶ କଲେ, ଯାହାର ଆଭିମୁଖ୍ୟ ଥିଲା ଫଳପ୍ରଦ ସୁରକ୍ଷା ପ୍ରଦାନ, ପରିପୂରଣାତ୍ମକ ସଂରକ୍ଷଣ ପ୍ରଚଳନ ଏବଂ ସର୍ବତୋମୁଖୀ ବିକାଶ ସାଧନ । ଏହାପରେ ଏହି ପରିବର୍ତ୍ତିତ ପରିସ୍ଥିତିରେ, ପାରମ୍ପରିକ ଆଦିବାସୀ ସମାଜ ସିଧାସଳଖ ଉନ୍ନୟନମୂଳକ ନୂତନ ପ୍ରକ୍ରିୟାର ସମ୍ମୁଖୀନ ହେଲା । କିନ୍ତୁ ଉଭୟ ଉନ୍ନୟନ ଯୋଜନାର ପ୍ରଣେତା ପକ୍ଷ ଓ ତାର

Digitized by PPRACHIN, SOA

ଗ୍ରହୀତା ଆଦିବାସୀ ପକ୍ଷଙ୍କ ମଧ୍ୟରେ ବିସ୍ମୟ ସୃଷ୍ଟି ହେଲା ଯେ କେହି କାହାପ୍ରତି ବିନା ଦ୍ୱିଧା ଓ ସଂଶୟରେ ହସ୍ତପ୍ରସାରଣ କରୁନାହାନ୍ତି । ପ୍ରଶ୍ନ ଉଠୁଛି, ଏହା କାହିଁକି ହେଉଛି ? ଏହାର ଏକ ସମ୍ଭାବ୍ୟ କାରଣ ହୋଇପାରେ, ଆଦିବାସୀ ସମାଜର ପରମ୍ପରାରେ ଦୃଢ଼ମୂଳ ପ୍ରତିଷ୍ଠା ଏବଂ ସେହି କାରଣରୁ ନୂତନତା ପ୍ରତି ପରଙ୍‌ମୁଖତା ।

ଆଦିବାସୀ ଅଞ୍ଚଳରେ ଅନୁଷ୍ଠିତ ବିବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସ୍ପଷ୍ଟତଃ ନିର୍ଦ୍ଦେଶ କରେ ଯେ ପରିବର୍ତ୍ତନ ଆଣୁଥିବା ଯେ କୌଣସି ଯୋଜନାର ଅନୁମୋଦନ ବା ପରିବର୍ଜ୍ଜନ ପ୍ରସଙ୍ଗରେ ସାଂସ୍କୃତିକ କାରଣ ସମୂହ ହିଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଏହା ମଧ୍ୟ ଲକ୍ଷ୍ୟ କରାଯାଏ ଯେ ଅର୍ଥନୀତି ସଂପର୍କିତ ଯତ୍‌ସାମାନ୍ୟ ନୂତନ ପ୍ରକଳ୍ପ ମଧ୍ୟ ସାଂସ୍କୃତିକ ପରିପାର୍ଶ୍ୱକୁ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ତାହା କାର୍ଯ୍ୟକାରୀ କରିବା ପୂର୍ବରୁ ଭଲଭାବେ ବିଚାରଣୀୟ । ଏଭଳି ପରିସ୍ଥିତିରେ ଏହା ଆମର ଏକ ଭ୍ରାନ୍ତ ଓ ନିଷ୍ଫଳ ବିଶ୍ୱାସ ଯେ ଆଦିବାସୀ ଉନ୍ନୟନକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତି ଓ ଆଧୁନିକ ପ୍ରୟୋଗ କୌଶଳ ପ୍ରତି ସେମାନେ ହାତପାଖରେ ପାଇବାମାତ୍ରେ ଦ୍ୱିଧାହୀନ ଭାବେ ଆକୃଷ୍ଟ ହେବେ । ମାତ୍ର ଆମର ସ୍ମରଣ ରଖିବା ଉଚିତ ଯେ ଏସବୁ ଯନ୍ତ୍ରପାତି ଓ ପ୍ରୟୋଗବିଧି ଆଦିବାସୀ ଗୋଷ୍ଠୀ ମାନସିକତା, ମୂଲ୍ୟବୋଧ ଓ ସାମାଜିକ-ସାଂସ୍କୃତିକ ପ୍ରକରଣ ସହିତ ସମତାନିକ ନହେଲେ ସେସବୁ ନିଶ୍ଚିତ ଭାବେ ଅଗ୍ରାହ୍ୟ ହେବ । ଦୃଷ୍ଟାନ୍ତ ସ୍ୱରୂପ, ସ୍ୱାସ୍ଥ୍ୟରକ୍ଷା ଓ ପରିଚ୍ଛନ୍ନତା ସମ୍ପର୍କିତ ସାମାନ୍ୟ ନୂତନ ପ୍ରବର୍ତ୍ତନର ମଧ୍ୟ ଲୋକଙ୍କ ଚିରାଚରିତ ଅଭ୍ୟାସ ସହିତ ମେଳ ନଖାଇବାରୁ ପ୍ରତିରୋଧ କରାଯାଏ । ଏଣୁ, ବାଚିକ ପ୍ରଶିକ୍ଷଣ କିମ୍ବା ବ୍ୟାବହାରିକ ପ୍ରଦର୍ଶନ ଆଦିବାସୀମାନଙ୍କୁ ସନାତନୀ ଜୀବନଧାରାରୁ ଅପସରି ଆସିବାକୁ ପ୍ରବୃତ୍ତ କରିପାରିବ ନାହିଁ, ଯଦି ତାହା ସେମାନଙ୍କ ଚିରାଚରିତ ଅଭ୍ୟାସ, ପ୍ରଥା ଓ ସଂସ୍କୃତିରେ ପରିବର୍ତ୍ତନ ସୃଷ୍ଟି କରେ । ବସ୍ତୁତଃ, ପ୍ରଥମେ ହିଁ ନୂତନ ଯୋଜନା ଓ ତା'ପ୍ରତି ଆଦିବାସୀମାନଙ୍କ ମନୋଭାବ ନିରୂପଣ କରି, ତା'ପରେ ଦ୍ୱିତୀୟ ପର୍ଯ୍ୟାୟରେ ଦେଖିବାକୁ ପଡ଼ିବ ଯେ ଆଦିବାସୀ ପରମ୍ପରା ସହିତ କିପରି ଏହାର ସଂଶ୍ଳେଷଣ କରିପାରିଲେ ଏହା ଗ୍ରହଣୀୟ ହୋଇପାରିବ ।

ସମୟ ବଦଳୁଛି । ଧୀର ଗତିରେ ହେଲେ ବି ଦୂରାନ୍ତ ଓ ବିଚ୍ଛିନ୍ନ ଆଦିବାସୀ ଗ୍ରାମରେ ତାର ପଦଧ୍ୱନି ଶୁଭିଲାଣି । ବଣ୍ଡା ଉପଜାତି ଭଳି ଏକ ଆଦିମତମ ସଂପ୍ରଦାୟ ମଧ୍ୟ ପରିବର୍ତ୍ତନର ଅଭିଜ୍ଞତା ଅନୁଭବ କରୁଛି—ଯେତେବେଳେ ଦେଖାଯାଉଛି ଯେ ତାଙ୍କ ପିଲାଏ ଲେଖି ପାରିଲେଣି ଓ ପଢ଼ି ଜାଣିଲେଣି, ତାଙ୍କ ଝିଅମାନଙ୍କର ଏକଦା ଲଣ୍ଡିତ ମୁଣ୍ଡରେ ଦୀର୍ଘକୁନ୍ତଳ ଲହଡ଼ି ଭାଙ୍ଗିଲାଣି ଓ ଅନାବୃତ ଦେହରେ ଶାଢ଼ୀ ମଣ୍ଡିତ ହେଲାଣି ଏବଂ ବୁଢ଼ୀମାନେ ହାଟରେ ଜିନିଷ ବଦଳାଇ ସଉଦା କରିବା ପରିବର୍ତ୍ତେ ହାଟରେ

Digitized by PPRACHIN, SOA

ନୋଟ ଏବଂ ମୁଦ୍ରା ଧରି ଦରଦାମ୍ କରୁଛନ୍ତି ! ଅନୁରୂପ ଭାବେ କ୍ରମପରିବର୍ତ୍ତନ ମଧ୍ୟ ଅନ୍ୟାନ୍ୟ ଆଦିମ ଉପଜାତିମାନଙ୍କ ମଧ୍ୟରେ ପରିଦୃଶ୍ୟ ହେଲାଣି । ଲାଞ୍ଜିଆ ସଉରା, ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ, ପାହାଡ଼ି ଭୂୟାଁ, ଜୁଆଙ୍ଗ, ଡିଡାୟୀ, ମାଙ୍କିଡ଼ିଆ ଇତ୍ୟାଦି ସଂପ୍ରଦାୟରେ ସମନ୍ବିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଅଣୁ-ଉନ୍ନୟନ ସଂସ୍ଥା ସମୂହର ଅବିରତ ଚେଷ୍ଟା ଫଳରେ ଏହା ସମ୍ଭବ ହୋଇପାରିଛି । ଫଳରେ ବର୍ତ୍ତମାନ ଆଦିବାସୀ ସମାଜ ପରମ୍ପରା ଓ ଆଧୁନିକତାର ସନ୍ଧିସ୍ଥଳରେ ଉପନୀତ ହେଉଛି । ଦେଖିବାକୁ ଅସ୍ୱାଭାବିକ ଲାଗିପାରେ, ମାତ୍ର ନାକରେ ମୁଦି ବା ବସଣି ଓ ବାହୁରେ ବଳା ପିନ୍ଧିଥିବା ଡଙ୍ଗରିଆ କନ୍ଧ ଯୁବକ କଟଟିରେ ଘଡ଼ିଟିଏ ମଧ୍ୟ ପିନ୍ଧି ପକାଇଛି । ଏହାର କାରଣ, ତାର ଗୋଟିଏ ଗୋଡ଼ ପରମ୍ପରାରେ ଗଭୀର ଭାବେ ପ୍ରୋଥିତ ଏବଂ ଆଉ ଗୋଟିଏ ଗୋଡ଼ ଆଧୁନିକତା ଆଡ଼କୁ ଗତି କରିବାପାଇଁ ଉତ୍ତୋଳିତ । ସୁତରାଂ ଏହି ମୁହୂର୍ତ୍ତରେ କେବଳ ଆଶା କରାଯାଉ ଯେ ସେ ତାର ପ୍ରଗତି ପଥରେ ପୃଷ୍ଠଦେଶରେ ବହନ କରିନେଉ ତାର ସୁଦୂରପ୍ରସାରିତ ପରମ୍ପରାର ଉତ୍କର୍ଷତା ଏବଂ ସାମ୍ନାରେ ସାଉଁଟି ନେଉ ଆଧୁନିକ ସଭ୍ୟତା ଓ ସଂସ୍କୃତିର କେବଳ ସର୍ବୋତ୍ତମ ଉପକରଣାବଳୀ ।

□□□

Digitized by PPRACHIN, SOA

ଆଦିବାସୀ ଘର

ଗତ ଭୁବନେଶ୍ୱର ପୁସ୍ତକ ମେଳାରେ ଆଦିବାସୀ ଏକାଡେମୀ ଦ୍ୱାରା ପ୍ରକାଶିତ ଏବଂ ଡଃ ସୀତାକାନ୍ତ ମହାପାତ୍ର ଓ ଡଃ ନିତ୍ୟାନନ୍ଦ ପଟ୍ଟନାୟକଙ୍କ ଦ୍ୱାରା ସଂକଳିତ 'ପ୍ୟାଟର୍ଣ୍ଣସ୍ ଅଫ୍ ଟ୍ରାଇବାଲ ହାଉସିଂ' ନାମକ ବହିଟିଏ ପ୍ରଦର୍ଶିତ ହେଉଥିଲା । ଜନୈକ ବହି ବିତରକ ଦର୍ଶକଙ୍କୁ ବହିଟିର କଥା ଉଲ୍ଲେଖ କଲେ । ଦର୍ଶକ ତୁରନ୍ତ ଉତ୍ତର ଦେଇଥିଲେ—''ସେମାନେ ତ ବଣ ଜଙ୍ଗଲରେ ଗୁମ୍ଫା କି କୁଡ଼ିଆରେ କି ଗଛ ଉପରେ ଥାଆନ୍ତି, ତାଙ୍କ ଘର ତିଆରି ବିଷୟରେ କ'ଣ ଜାଣିବାର ଅଛି ?'' ମନ୍ତବ୍ୟଟି ଅଜ୍ଞତା ଓ ଅବଜ୍ଞତା ସୂଚକ । ବାସ୍ତବରେ ଘର ତିଆରିରେ ସେମାନଙ୍କ କାରିଗରୀ ବୁଦ୍ଧି, ସୌନ୍ଦର୍ଯ୍ୟବୋଧ ଓ ବ୍ୟାବହାରିକ ଜ୍ଞାନ ଆଶ୍ଚର୍ଯ୍ୟଜନକ । ନିମ୍ନରେ ଓଡ଼ିଶାର କେତୋଟି ଆଦିବାସୀଙ୍କ ଘର ସମ୍ପର୍କରେ ସୂଚନା ଦ୍ରଷ୍ଟବ୍ୟ ।

ଓଡ଼ିଶାରେ ଥିବା ବାଷଠିରୁ ଉର୍ଦ୍ଧ୍ୱ ଆଦିବାସୀ ଉପଜାତି ଭିନ୍ନ ଭିନ୍ନ ଧରଣର ଘର ତିଆରି କରନ୍ତି । ଘରକୁ ଦେଖିଲେ କେଉଁ ଉପଜାତିର ହୋଇଥିବ ବୋଲି ଚିହ୍ନା ପଡ଼ିଯାଏ । କନ୍ଧ ଘର ଏକ ବଖରିଆ, ସେଥିରୁ ଏକ ଛୋଟ ଅଂଶ ବିଭକ୍ତ କରି ତାହାକୁ ରୋଷେଇ ଘର ଓ ପାଣି ରଖିବା ସ୍ଥାନ ଭାବେ ବ୍ୟବହାର କରାଯାଏ । ଚୁଲିର ବିପରୀତ ଦିଗରେ ଖାଦ୍ୟଶସ୍ୟ ଓ ଘରକରଣା ଜିନିଷ ରଖିବା ପାଇଁ ଭାଡ଼ି ଥାଏ । ଘରକୁ ଲାଗି ପଛପଟେ ଥାଏ ଗୁହାଳ । ତାରି ଭିତରେ ବି ଛେଳି ଓ ଘୁଷୁରିଙ୍କ ପାଇଁ ସ୍ଥାନ ରହେ । କୁକୁଡ଼ା ବସା କିନ୍ତୁ ମୁଖ୍ୟ ଘର ଭିତରେ ଗୋଟିଏ କଣକୁ ଥାଏ । ଦୁଇ ପିଢ଼ା ବିଶିଷ୍ଟ ଘରର ଛପର କାଠପଟା ଉପରେ ନାଡ଼ିଆ ଟାଇଲ୍ ଛାଉଣି । କାନ୍ଥ ସ୍ୱରୂପ ଥାଏ ଚଉଡ଼ାପଟା । କବାଟଟି ସୁନ୍ଦର ଭାବେ ଚିତ୍ରସହ ଖୋଦାଇ ହୋଇଥାଏ । ଅନ୍ୟ ପକ୍ଷରେ ସାନ୍ତାଳ ଘରଗୁଡ଼ିକରେ ଦେଖିବାକୁ ମିଳେ ବହୁ ରଂଗୀନ୍ ଆକର୍ଷକ ଚିତ୍ରାବଳୀ । ସେମାନେ ଖୁବ୍ ପ୍ରଶସ୍ତ ଘର ରୋମାନ ଏଲ୍ (L) ଅକ୍ଷର ଛାଞ୍ଚରେ କରନ୍ତି । କେତେ ଘରର ଛପର ଚାରି ପିଢ଼ାଯୁକ୍ତ, କେତେକ ଦୁଇ ପିଢ଼ାବିଶିଷ୍ଟ । ଧାନ ନଡା ବା ନାଡ଼ିଆ ଟାଇଲର ଛାଉଣି । ଗୋଟିଏ ବଖରା ହୁଏ ରୋଷେଇ ଓ ଶୋଇବା ଘର । ଭିତର ବଖରାରେ ଥାଏ ପିତୃପୁରୁଷଙ୍କ ପୂଜାସ୍ଥାନ ଓ ଖାଦ୍ୟଶସ୍ୟ ରଖିବାର ଭାଡ଼ି । କାନ୍ଥମାଟିରେ ବା କଞ୍ଚା ଇଟାରେ ତିଆରି କରାଯାଏ ।

Digitized by PPRACHIN, SOA

ସଉରାମାନଙ୍କ ଘର ଆଉ ଏକପ୍ରକାର । ଏହା ଆୟତାକାର, ଦୁଇପିଢ଼ିଆ ଛପର ନଡ଼ା ବା ବଣୁଆ ଘାସ ଛାଉଣି, କାନ୍ଥ ଗୋଡ଼ି ଓ ମାଟିରେ ଗଢ଼ା । ଘରର ଅଧା ଅଂଶରେ କାଠପଟାଦିଆ ଆଟୁ । ତାରି ତଳେ ଚୁଲି ଓ ପାଣି ହାଣ୍ଡି ରଖିବା ସ୍ଥାନ । ଆଟୁ ଉପରେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ରଖାଯାଏ । ଚୁଲି ପାଖକୁ ଗୋଟିଏ କଣରେ ଗୃହ ଦେବତାଙ୍କ ସ୍ଥାନ । ଦ୍ୱାର ମୁହଁକୁ ଖଣ୍ଡିଏ ବାଉଁଶ ଝୁଲୁଥାଏ, ସେଥିରେ ପଘା ଇତ୍ୟାଦି ଏବଂ ମାଂସ ଶୁଖୁଆ ଟଙ୍ଗା ହୁଏ । କାନ୍ଥରେ ନାନା ଚିତ୍ର ଆଙ୍କିବାର ଉଦ୍ଦେଶ୍ୟ—ପୂର୍ବପୁରୁଷ ଓ ଦେବଦେବୀଙ୍କର ସନ୍ତୋଷବିଧାନ ।

ଜୁଆଙ୍ଗ ଘର ମଧ ଆୟତାକାର ଏବଂ ନଡ଼ା ବା ଘାସ ଛାଉଣି ଦୁଇପିଢ଼ିଆ ଛପର ବିଶିଷ୍ଟ । କାନ୍ଥଗୁଡ଼ିକ ପାଖାପାଖି କାଠ ଖୁଣ୍ଟ ପୋତି ତିଆରି ହୁଏ ଏବଂ ତା' ଉପରେ ମାଟି ଲେସା ଯାଏ । ସଉରାମାନଙ୍କ ପରି ଚିତ୍ର ଅଙ୍କା ନଥାଏ ଘର ଭିତରେ କାଠର ଭାଡ଼ି ଥାଏ । କିନ୍ତୁ ଗାଦବାଙ୍କ ଘର ସଂପୂର୍ଣ୍ଣ ଭିନ୍ନାକାର । ଏଗୁଡ଼ିକ ଦେଉଳିଆ ଓ ଗୋଲାକାର । ଉଭୟ ଭିତର ଓ ବାହାର କାନ୍ଥରେ ବହୁ ପ୍ରକାର ଜ୍ୟାମିତିକ ଚିତ୍ରାବଳୀ ଅଙ୍କାଯାଏ । ଘରଟି ତିନି ଭାଗରେ ବିଭକ୍ତ । ଦ୍ୱାରପାଖ ଅଂଶ ଶୋଇବା ସ୍ଥାନ, ମଝି ଅଂଶ ରନ୍ଧାବଢ଼ା ସ୍ଥାନ ଏବଂ ଭିତର ଅଂଶ ଖାଦ୍ୟଶସ୍ୟ ଓ ଘରକରଣା ସାଇତିବା ସ୍ଥାନ ।

ମୟୂରଭଞ୍ଜର ମାଙ୍କିଡ଼ିଆ ବା ବିରହୋରମାନଙ୍କ ଘର ଯଥାର୍ଥରେ ପତ୍ରପଲା, ଯାହାକୁ କୁହାଯାଏ କୁମ୍ଭା ବା ଡୁକୁ । ଗୋଟିଏ କୁମ୍ଭା ସାଧାରଣତଃ ଲମ୍ବରେ ୪୦ ଫୁଟ, ଓସାରରେ ୧୦ ଫୁଟ ଓ ଉଚ୍ଚାରେ ୫/୬ଫୁଟ ହୋଇଥାଏ । ଭିତରେ ବଖରା ଥାଏ । ଶୋଇବା ବଖରା ପାଖକୁ ଗୃହପାଳିତ ଜନ୍ତୁ ଛେଳି, ଘୁଷୁରି, କୁକୁଡ଼ାଙ୍କ ପାଇଁ ସ୍ଥାନ ଥାଏ । ଘରର ଛାଉଣି ଡାଳ କାଠର ଛାଞ୍ଚ ଉପରେ ଘନଭାବେ ପତ୍ର ଆଚ୍ଛାଦିତ ହୁଏ । ଭୂମିଠାରୁ ଛପର ଆରମ୍ଭ ହୋଇଥାଏ । ଗୋଟିଏ ଛୋଟ ପ୍ରବେଶ ଦ୍ୱାର ଥାଏ ।

ଉପଜାତି ଅନୁସାରେ ଗୋଟିଏ ଗାଆଁ ବା ବସ୍ତିରେ ଘରଗୁଡ଼ିକର ଅବସ୍ଥିତି ଭିନ୍ନ ଭିନ୍ନ । କେଉଁଠି ପ୍ରତ୍ୟେକ ଘର ସ୍ୱତନ୍ତ୍ର ଓ ଚାରିପଟେ ବାଡ଼ ଥାଏ, କେଉଁଠି ଘରଗୁଡ଼ିକ ଲଗାଲଗି ଭାବେ ଧାଡ଼ିରେ ଥାଏ ଏବଂ ଦୁଇ ଧାଡ଼ିକି ଘର ମଝିରେ ଚଉଡ଼ା ଦାଣ୍ଡ ଥାଏ । ସାଧାରଣତଃ ସମତଳ ବସ୍ତିରେ ଧାଡ଼ିଘର ଦେଖାଯାଏ । ପ୍ରତି ଗାଆଁରେ ମଝିରେ ବା ମୁଣ୍ଡରେ ପଞ୍ଚାୟତି ସ୍ଥାନ ଥାଏ, ଠାକୁର ସ୍ଥାନ ଥାଏ ଏବଂ ଥାଏ ଅବିବାହିତ ପୁଅ ଓ ଝିଅଙ୍କ ପାଇଁ ସ୍ୱତନ୍ତ୍ର ବସା । ଏହାକୁ ଜୁଆଙ୍ଗମାନେ କହନ୍ତି ମାଜେଙ୍ଗ ବା ମଣ୍ଡଘର, ବଣ୍ଡା କହନ୍ତି ଇଙ୍ଗେରସିନ୍ । ସାଧାରଣତଃ ଏହି ଘରଟି ବହୁତ ସୁନ୍ଦର ଓ ସଜ୍ଜିତ ହୋଇଥାଏ । ଏହା ଗାଆଁର କୋଠ ସମ୍ପତ୍ତି ଭଳି ସମସ୍ତଙ୍କ ଯତ୍ନ ଓ ଦାନରେ ଗଢ଼ାହୁଏ ।

Digitized by PPRACHIN, SOA

ଆଦିବାସୀ ତା'ର ପାରମ୍ପରିକ ଘର ତିଆରିରେ ଯେଉଁ ଶିଳ୍ପ କୁଶଳତା ଦେଖାଇ ଆସିଥିଲା ଆଉ ହୁଏତ ତାହା ବେଶୀ ଦିନ ରହିବ ନାହିଁ। ଏବେ ଇନ୍ଦିରା ଆବାସ ଯୋଜନାରେ ଗ୍ରାମକୁ ଗ୍ରାମ ପକ୍‌କା ଓ ଆଜବେଷ୍ଟସ ଛାଉଣି ଘର ତାଙ୍କ ପାଇଁ କରି ଦିଆଯାଉଛି। ପୁରୁଣା ଲୋକେ ପକ୍‌କା ଘରକୁ ଆଦରି ଯାଉନାହାନ୍ତି। କିନ୍ତୁ ଆଗନ୍ତୁକ ପିଢ଼ିର ବଂଶଧରମାନେ ନିଜର ଘର ତିଆରି କୌଶଳ କ୍ରମଶଃ ଭୁଲିଯିବେ। ଏହି ଆଦିବାସୀ ଘରଗୁଡ଼ିକର ସ୍ମୃତି ସଂରକ୍ଷଣ ପାଇଁ ଭୁବନେଶ୍ୱରରେ ଏକ 'ମାନବ ସଂଗ୍ରହାଳୟ' ପ୍ରତିଷ୍ଠା କରାଯାଇ ଅଦ୍ୟାବଧି ପାଞ୍ଚଟି ଆଦିବାସୀ ଉପଜାତିର ଯଥା—କନ୍ଧ, ସଉରା, ଜୁଆଙ୍ଗ, ଗାଦବା ଓ ସାନ୍ତାଳମାନଙ୍କର ଘର ନିର୍ମାଣ କରି ଦର୍ଶନୀୟ ବସ୍ତୁ ଭାବେ ସୁରକ୍ଷିତ କରାଯାଇଛି।

□□□

Digitized by PPRACHIN, SOA

ସଉରା ଭାଷା ଓ ସଂସ୍କୃତି

ଆମ ରାଜ୍ୟରେ ଅନୁସୂଚିତ ୬୨ ପ୍ରକାର ଉପଜାତିଙ୍କ ମଧ୍ୟରେ ସଉରା ଅନ୍ୟତମ ବୃହତ୍ ଉପଜାତି । ରାଜ୍ୟର ମୋଟ ଉପଜାତୀୟ ଜନସଂଖ୍ୟା ୫,୯୧୫,୦୬୭ ମଧ୍ୟରେ ସଉରାମାନଙ୍କର ଜନସଂଖ୍ୟା ତିନି ଲକ୍ଷ ସତୁରି ହଜାର ଷାଠିଏ (୧୯୮୧, ଜନଗଣନା) । ଏମାନେ ରାଜ୍ୟର ସବୁ ଜିଲ୍ଲାରେ କିଛି କିଛି ସଂଖ୍ୟାରେ ଅଛନ୍ତି; ମାତ୍ର ଦକ୍ଷିଣାଞ୍ଚଳୀୟ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଅଞ୍ଚଳରେ ବହୁ ପରିମାଣରେ ବସବାସ କରନ୍ତି । ପ୍ରତିବେଶୀ ଆନ୍ଧ୍ରପ୍ରଦେଶରେ ମଧ୍ୟ ଏମାନଙ୍କର ସଂଖ୍ୟା ପ୍ରାୟ ପଚାଶ ହଜାର । ସଉରାମାନେ ନିଜକୁ 'ସୋରା' ବୋଲି କହନ୍ତି । ଅନ୍ୟମାନେ 'ସଉରା, 'ଶବର', 'ସହର', 'ସିଅର' ଇତ୍ୟାଦି ନାମ ଦେଇଥାନ୍ତି । ଏମାନଙ୍କ ମଧ୍ୟରେ କେତୋଟି ଉପଗୋଷ୍ଠୀ ମଧ୍ୟ ଦେଖାଯାଏ । ତନ୍ମଧ୍ୟରୁ ଶୁଦ୍ଧ ସଉରା, ଲାଞ୍ଜିଆ ସଉରା, ଜୁରାଇ ବା ଜରା ସଉରା, ଆରସି ସଉରା ଇତ୍ୟାଦି ଉପଗୋଷ୍ଠୀ ଉଲ୍ଲେଖଯୋଗ୍ୟ । ବର୍ତ୍ତମାନ କେତେକାଞ୍ଚଳରେ ସଉରାମାନେ ଖୁବ୍ ଶିକ୍ଷିତ ଓ ଉନ୍ନତ ହେଲେ ହେଁ, ଆଉ କେତେକାଞ୍ଚଳରେ ଆଦିମ ଅବସ୍ଥାରେ ଅଛନ୍ତି । ରାୟଗଡ଼ା ଜିଲ୍ଲାର ପୁଟାସିଂ ଏବଂ ଗଜପତି ଜିଲ୍ଲାର ସେରଙ୍ଗ ଓ ଚନ୍ଦ୍ରଗିରି ଅଞ୍ଚଳର ସଉରାମାନଙ୍କୁ ଆଦିମ ଜାତି ବା Primitive Tribe ବୋଲି ଚିହ୍ନଟ କରାଯାଇଛି ଏବଂ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଣୁଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି । ସଉରାମାନଙ୍କ ଆଦିମ ସ୍ୱରୂପ ଜାଣିବା ପାଇଁ ଭେରିଅର ଏଲ୍‌ୱିଇନଙ୍କ 'ରିଲିଜିଅନ୍ ଅଫ ଆନ୍ ଇଣ୍ଡିଆନ୍ ଟ୍ରାଇବ୍' (୧୯୫୫), ଡକ୍‌ଟର ଭୂପପିନ୍ଦର ସିଂଙ୍କ 'ସଉରା ହାଇଲାଣ୍ଡରସ୍' (୧୯୮୪), ଆଦିବାସୀ ଓ ହରିଜନ ଗବେଷଣା ପ୍ରତିଷ୍ଠାନ ପ୍ରକାଶିତ 'ସଉରା' (୧୯୮୯) ପ୍ରଭୃତି ପୁସ୍ତକ ପ୍ରଣିଧେୟ ।

ସଉରାମାନଙ୍କର ଏକ ନିଜସ୍ୱ ଭାଷା ଅଛି, ଯାହାକି ଅଷ୍ଟ୍ରୋଏସିଆଟିକ୍ ଭାଷା ଗୋଷ୍ଠୀର ଅନ୍ତର୍ଭୁକ୍ତ । ଭାରତରେ ଏହି ଭାଷା ପରିବାର ମୁଣ୍ଡା ଭାଷାଗୋଷ୍ଠୀ ଭାବରେ ପରିଚିତ । ସଉରା ଏବଂ ଗାଦ୍‌ବା, ବଣ୍ଡା, ପାରେଙ୍ଗା ଓ ଡିଡାୟୀ ଦକ୍ଷିଣାଞ୍ଚଳୀୟ ମୁଣ୍ଡା ଭାଷା ନାମରେ ଖ୍ୟାତ । ସଉରା ଭାଷାର ସ୍ୱତନ୍ତ୍ର ଓ ମହତ୍ତ୍ୱ ଅଦ୍ୟାବଧି ବହୁ ଦେଶୀ ବିଦେଶୀ ଭାଷାବିଜ୍ଞାନୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ବିଶେଷତଃ ଜି.ଭି. ରାମମୂର୍ତ୍ତି ଲିଖିତ

Digitized by PPRACHIN, SOA

ବ୍ୟାକରଣ (୧୯୩୧) ଓ ଅଭିଧାନ (୧୯୩୮), ଷ୍ଟାନ୍‌ଲେ ଷ୍ଟାରଷ୍ଟା (୧୯୬୭) ଏଚ.ଏସ୍. ବିଲ୍‌ଗିରି (୧୯୬୫), ଆରଲିନ୍ ଜାଇଡ (୧୯୭୧) ପ୍ରମୁଖ ଭାଷାବିଜ୍ଞାନୀଙ୍କ ଆଲୋଚନା ସଉରା ଭାଷାର ସମ୍ୟକ୍ ପରିଚୟ ଦେଇଥାଏ । ଓଡ଼ିଆରେ ଶ୍ରୀ ଗୋପୀନାଥ ମହାନ୍ତିଙ୍କ ଲେଖା ସଉରା ଭାଷା (୧୯୭୮) ଏକ ଉଲ୍ଲେଖନୀୟ କୃତି । ମିଶନାରୀମାନେ ମଧ୍ୟ ସଉରା ଭାଷାରେ ଧର୍ମ ସଂପର୍କୀୟ ବହୁ ଗ୍ରନ୍ଥର ଅନୁବାଦ ପ୍ରକାଶ କରିଛନ୍ତି । ଧର୍ମ ଓ ସଂସ୍କୃତି ଆଲୋଚନା ପ୍ରସଙ୍ଗରେ ଜଗନ୍ନାଥଙ୍କୁ ମୂଳତଃ ଶବର ଦେବତା ବୋଲି ଗ୍ରହଣ କରାଯାଇ ସେହି ସୂତ୍ରରେ ଓଡ଼ିଆ ସଂସ୍କୃତି ଉପରେ ଶବର ସଂସ୍କୃତିର ପ୍ରଭାବ ନିରୂପଣ କରାଯାଏ । ସେହିପରି ଭାଷା ପ୍ରସଙ୍ଗରେ ଆଲୋଚନା ସମୟରେ ଓଡ଼ିଆ ଭାଷାରେ ସଉରା ଭାଷାର ପ୍ରଭାବ ମଧ୍ୟ କଳନା କରାଯାଏ । ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ବହୁ ପାରିଭାଷିକ ଶବ୍ଦ ସଉରା ଭାଷାରୁ ଗୃହୀତ ବୋଲି ସୂଚନା ମିଳେ । ଏପରିକି 'ଓଡ଼ିଶା' ନାମ ସହିତ ଜଡ଼ିତ 'ଓଡ' ଶବ୍ଦଟି ମୂଳତଃ ସଉରା 'ଅଡ' ଶବ୍ଦରୁ ବ୍ୟୁତ୍ପାଦିତ ହୋଇଛି, ଯାହାର ଅର୍ଥ 'ଚାଷ କରିବା' ବା 'ଚାଷୀ' । ଜଗନ୍ନାଥ ମନ୍ଦିର ଶବ୍ଦାବଳୀ ବ୍ୟତୀତ କୃଷିକାର୍ଯ୍ୟ, ବୃକ୍ଷଲତା ଓ ପଶୁପକ୍ଷୀଙ୍କ ନାମ, ଗୃହ ଉପକରଣ, ଖାଦ୍ୟଶସ୍ୟ ପ୍ରଭୃତିର ନାମ ଓଡ଼ିଆ ଓ ସଉରା ଭାଷାରେ ବହୁ ସ୍ଥଳରେ ସମାନ ଭାବରେ ଦେଖାଯାଏ । ଓଡ଼ିଆରେ ଦେଶୀ ଶବ୍ଦ ଭାବରେ ଚିହ୍ନିତ ବହୁ ଶବ୍ଦାବଳୀ ହୁଏତ ସଉରା ଭାଷାରୁ ପ୍ରଥମେ ଆହୃତ ହୋଇଥିଲା । ସେଥିପାଇଁ ମାର୍କେଣ୍ଡେୟ କହିଛନ୍ତି—''ଶବର୍ଯ୍ୟା' ଏବୌଡ୍ରୀ ଯୋଗାତ୍ ତଦ୍ଦେଶ୍ୟ ସୌର ସେନ୍ୟାଦେଃ'' (ପ୍ରକୃତ ସର୍ବସ୍ୱମ) ।

ସଉରା ଭାଷାର ବିବିଧ ବୈଶିଷ୍ଟ୍ୟ ଧ୍ୱନିତତ୍ତ୍ୱ, ବାକ୍ୟତତ୍ତ୍ୱ ଓ ବ୍ୟାକରଣିକ ସଂରଚନା ସ୍ତରରେ ପରିଲକ୍ଷିତ ହୁଏ । ଦୃଷ୍ଟାନ୍ତ ସ୍ୱରୂପ ସଉରା ଭାଷାରେ ଓଡ଼ିଆଠାରୁ ଅଧିକ ତିନୋଟି ସ୍ୱର ଧ୍ୱନି ଦେଖାଯାଏ, ଯଥା—ଅତିହ୍ରସ୍ୱ 'ଇ' ଏବଂ 'ଅ' ତଥା ଏକ ନିମ୍ନ ଧ୍ୱନି 'ଅ୍ୟାୟ' । ସେହିପରି ବ୍ୟଞ୍ଜନ ଧ୍ୱନି ମଧ୍ୟରେ ସଉରାରେ କେବଳ ଦେଖାଯାଏ ପ, ବ, ତ, ଡ, ସ, ଜ, କ, ଗ, ମ, ନ, ଞ, ଙ, ଲ, ର, ଡ଼, ୟ ଏବଂ ଗୋଟିଏ କାକଲ୍ୟ ଧ୍ୱନି । ଏହି ଧ୍ୱନିତାତ୍ତ୍ୱିକ ବିଶେଷତା ଯୋଗୁଁ ସଉରାରୁ ଓଡ଼ିଆକୁ ଆହୃତ ଶବ୍ଦାବଳୀ ଏବଂ ଓଡ଼ିଆରୁ ସଉରାକୁ ଗୃହୀତ ଶବ୍ଦାବଳୀ ଭିନ୍ନ ରୂପ ଗ୍ରହଣ କରିଥାଏ । ସଉରା ଭାଷାର ବ୍ୟାକରଣିକ ସଂରଚନାରେ ମୁଣ୍ଡା ଭାଷା ପରିବାରର ସ୍ୱାତନ୍ତ୍ର୍ୟ ରହିବା ସ୍ୱାଭାବିକ । ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ ଯେ ସଉରା କ୍ରିୟାପଦରେ କାଳଗତ ପାର୍ଥକ୍ୟ କେବଳ ଅତୀତ ଓ ଅଣ-ଅତୀତ ଏପରି ଦୁଇଟି କାଳରେ ଦେଖାଯାଏ । ଅର୍ଥାତ୍ ବର୍ତ୍ତମାନ ଓ ଭବିଷ୍ୟତ କାଳପାଇଁ ଗୋଟିଏ ଅଣ-ଅତୀତ କାଳ ପ୍ରୟୋଗ କରାଯାଏ ।

Digitized by PPRACHIN, SOA

ଆଦିବାସୀ ଭାଷା ସମୂହ କଥିତ ଭାଷା । ପ୍ରଥମେ ମିଶନାରୀମାନେ ରୋମାନ୍ ଲିପିରେ ଲେଖିଲେ । ବର୍ତ୍ତମାନ କେତେ ଭାଷା ବିଭିନ୍ନ ଭାରତୀୟ ଲିପିରେ ଲେଖିବାର ଉଦ୍ୟମ କରାଯାଉଛି । ମାତ୍ର ୧୯୩୦ ଦଶକରେ ଓଡ଼ିଶାର ଦୁଇଟି ଆଦିବାସୀ ଗୋଷ୍ଠୀ ନିଜସ୍ୱ ଲିପି ଉଦ୍ଭାବନ କରିଥିଲେ । ଗୋଟିଏ ପଣ୍ଡିତ ରଘୁନାଥ ମୁର୍ମୁକୃତ ସାନ୍ତାଳୀ ଲିପି 'ଅଲଚିକି' ଓ ଅନ୍ୟଟି ହେଲା ଗୁରୁ ମଙ୍ଗେଇ ଗମାଙ୍ଗୋ ଉଦ୍ଭାବିତ ସଉରା ଲିପି 'ସୋରାଙ୍ ସୋମପେଙ୍' ।

ସଉରା ଧର୍ମଧାରଣାର ୨୪ଟି ପ୍ରଧାନ ଦେବତାଙ୍କ ନାମର ମୂଳ ଅକ୍ଷର ଧରି ଏହି ଲିପିରେ ୨୪ଟି ଅକ୍ଷର ପରିକଳ୍ପିତ । ଏହି ସଉରା ଲିପିରେ ବର୍ତ୍ତମାନ ବହୁ ବହି ପ୍ରକାଶ ପାଇଛି । ଏଥିପାଇଁ ପଦ୍ମପୁର (ଗୁଣପୁର) ବ୍ଲକ ଅନ୍ତର୍ଗତ 'ଡମ୍ବସରା' ଗ୍ରାମରେ ଏକ ଛାପାଖାନା ରହିଛି । ଏହି ଲିପିକୁ ସଉରାମାନେ ଜଗନ୍ନାଥଙ୍କ 'ଅକ୍ଷର ବ୍ରହ୍ମ' ରୂପରେ ଗ୍ରହଣ କରନ୍ତି । ମରିଚିଗୁଡ଼ା ଗ୍ରାମରେ ପ୍ରତିଷ୍ଠିତ ଏକ ମନ୍ଦିରରେ ଏହି ଲିପି ପୂଜା ପାଉଛନ୍ତି । ଗୁରୁ ମଙ୍ଗେଇ ଗମାଙ୍ଗୋ ସଉରା ଜାତିକୁ ସଭ୍ୟ, ଶିକ୍ଷିତ ଓ ଉନ୍ନତ କରିବା ଉଦ୍ଦେଶ୍ୟରେ ଗୋଟିଏ ନବଜାଗରଣ ସୃଷ୍ଟି କରିଥିଲେ, ଯାହାର ଭିତ୍ତି ଥିଲା ଏହି ଲିପି ଏବଂ 'ମଣ୍ଡାର ବ୍ନମ ଡ଼ମରି' ଧର୍ମ; ଅର୍ଥାତ୍ 'ଆଖିମେଲି ଚାହିଁବା ଏବଂ ପ୍ରବୁଦ୍ଧ ଓ ଭଲ ମଣିଷ' ହେବାର ଧର୍ମ । ଗୁଣପୁର ଅଞ୍ଚଳର ସଉରାମାନେ ଏହି ଲିପି ମାଧ୍ୟମରେ ନିଜ ଭାଷାର ଉନ୍ନତି ପାଇଁ ଓ ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସୀ ।

□□□

Digitized by PPRACHIN, SOA

ଶବର ଦେବତା ଜଗନ୍ନାଥଙ୍କ ଅକ୍ଷର ବ୍ରହ୍ମ ରୂପ

ଜଗନ୍ନାଥ ମୂଳତଃ ଶବର ଦେବତା ବୋଲି ସୁବିଦିତ । ଶ୍ରୀ ଗୋପୀନାଥ ମହାନ୍ତିଙ୍କ ପ୍ରମାଣରେ ତାଙ୍କର ମୂଳ ରୂପ ଓ ନାମ ଜନାଂଲୋ ଏବଂ ଡ. ବଂଶୀଧର ମହାନ୍ତିଙ୍କ ମତରେ ତାଙ୍କର ନାମ ଜନଙ୍ଗ-ଲୋ । ଯାହେଉ, ବ୍ରାହ୍ମଣ୍ୟ-କରଣ ପ୍ରକ୍ରିୟାରେ ସେହି ଦେବତା ଐତିହାସିକ କ୍ରମରେ ନୀଳାଚଳବାସୀ ଶ୍ରୀଜଗନ୍ନାଥ ଭାବେ ବିବର୍ତ୍ତିତ ଓ ପ୍ରତିଷ୍ଠିତ ହେଲେ । ପୁରୀରେ ତାଙ୍କର ସେବାରେ ନିଯୁକ୍ତ ଦଇତାମାନେ ଶବର ବୋଲି ଚିହ୍ନିତ ହୁଅନ୍ତି ସିନା ଶବର ଆଦିବାସୀ ସଂପ୍ରଦାୟ ସହିତ ଆଉ ଠାକୁରଙ୍କର ସଂପର୍କ ରହିଲା ନାହିଁ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରିପ୍ରେକ୍ଷୀରେ ଆଦିବାସୀ ସମାଜ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ ଖ୍ରୀ. ୧୯୩୦ ବେଳକୁ ଶବର ସଂପ୍ରଦାୟ ମଧ୍ୟରେ ଏକ ନବଜାଗରଣର ବାୟୁମଣ୍ଡଳ ସୃଷ୍ଟି କଲା । ଏହି ସମୟରେ ତାଙ୍କ ମଧ୍ୟରେ ଜଣେ ଧର୍ମପ୍ରାଣ ସମାଜସଂସ୍କାରକ ମହାପୁରୁଷ ଭାବେ ଶ୍ରୀ ମଂଗେଇ ଗମାଂଗ (୧୯୧୬ - ୧୯୮୦) ଅଭ୍ୟୁଦିତ ହେଲେ । ସେତେବେଳେ ଖ୍ରୀଷ୍ଟାନ୍ ମିଶନାରୀମାନଙ୍କ ପ୍ରଚାର ପ୍ରବଳ ଭାବେ ସଉରା ସଂପ୍ରଦାୟରେ ଧର୍ମାନ୍ତରୀକରଣ ପ୍ରସାର କରୁଥାଏ । ଏହା ତରୁଣ ଓ ଶିକ୍ଷିତ ମଙ୍ଗେଇଙ୍କୁ ଏପରି ବିବ୍ରତ କରିଥିଲା ଯେ ସେ ସରକାରୀ ଚାକିରି ପରିତ୍ୟାଗ କରି ନିଜର ଜାତୀୟ ଧର୍ମର ପୁନଃପ୍ରବର୍ତ୍ତନ ପାଇଁ ପ୍ରାୟ ତପଃଶ୍ଚର୍ଯ୍ୟା କଲାଭଳି ସମାଜସଂସ୍କାର ଓ ଧର୍ମାନୁଚିନ୍ତାରେ ନିମଗ୍ନ ହୋଇଗଲେ । ହିନ୍ଦୁ ଧର୍ମ ସହିତ ନିଜ ଆଦିବାସୀ ଧର୍ମର ସମନ୍ୱୟ ସାଧନ ତାଙ୍କର ଥିଲା ପ୍ରଧାନ ଅଭିଲକ୍ଷ୍ୟ । ସୁତରାଂ, ତାଙ୍କର ନିଜସ୍ୱ ଆରାଧ୍ୟ ଦେବତା ଦାରୁବ୍ରହ୍ମଙ୍କ ସହିତ ପୁନରାୟ ନିଜ ସମ୍ପ୍ରଦାୟର ସଂଯୋଗ ସ୍ଥାପନ ପାଇଁ ସେ ପରିକଳ୍ପନା କଲେ ଜଗନ୍ନାଥଙ୍କ ନୂତନ ପ୍ରତିରୂପ—ଅକ୍ଷର ବ୍ରହ୍ମ ଅର୍ଥାତ୍ ଏକ ଓଁକାର ମଧ୍ୟରେ ସ୍ୱଉଦ୍‌ଭାବିତ ସଉରା ଭାଷାର ଲିପିମାଳା ।

ଗୁରୁ ଶ୍ରୀ ରାମାଙ୍ଗ ଏହି ସମୟର ସ୍ମୃତି ଚାରଣ କରି କୁହନ୍ତି—"ଶବର ଲୋକଯାକ ସମସ୍ତେ ଶ୍ରୀ ଦାରୁବ୍ରହ୍ମ ସେବା କରିଥିଲେ । ସେ ଦାରୁବ୍ରହ୍ମ ସେବା କରିଥିଲେ

Digitized by PPRACHIN, SOA

ଯେବେ ଲଳିତା କନ୍ୟା ସେ ତାଙ୍କର ଗୁପ୍ତରହସ୍ୟ ସବୁଯାକ ବ୍ରାହ୍ମଣକୁ କଇକରି ବ୍ରାହ୍ମଣ ଆଡ଼େ ମତାଇଲେ, ସେବେ ସିଏ ଦାରୁବ୍ରହ୍ମ ବିଷୟରୁ ବ୍ରାହ୍ମଣ କଥା ଶୁଣିଲେ ସିନା ଶବରର କଥା ଶୁଣିଲା ନାହିଁ। ତା ଉତ୍ତାରୁ ମଗ୍ନ ହୋଇଗଲେ। ସେ ଯୋଗୁ ଡାକିଲେ ବି ସେ ଶୁଣନ୍ତେ ନାହିଁ—ଶୁଣିଲେ ନାହିଁ। ସେ ଯୋଗୁ ଏ ଶବରର ଲୋକ କଣ କହିଲା—ଭଲାରେ ଭଲା, ମୋ କଥା ନଶୁଣୁନୁ ସେ ବ୍ରାହ୍ମଣର କଥା ଶୁଣିକରି, ପଦାଲୋକ କଥା ଶୁଣିକରି ମତେ କଥା କହୁନାହିଁ କାହିଁକି। ଆଜିଠାରୁ ଯେତେଦିନ ପର୍ଯ୍ୟନ୍ତ ଭଲମନ୍ଦ କଥାଯାକ ମତେ ନ କହିବ, ସେତେଦିନ ପର୍ଯ୍ୟନ୍ତ ତୋର ମୁଣ୍ଡରେ ଏବଂ ତୋ ନାଁ ଯୋଉଠି ଗାନ ହେଉଥିବ ଏବଂ ଯୋଉଠି ପୂଜା ହେଉଥିବ, ଜୁହାର ବେପାର ସବୁ କରିବୁ; ଶେଷ ପଦରେ ତୋ ମୁଣ୍ଡରେ ରକ୍ତ ଏବଂ ମଦ ଇଡ଼ିକରି ଯିବୁ। ଯେତେବେଳେ, ଯେବେ ଆମ ଘରକୁ ଜନ୍ମକୁ ଆସିବୁ, ଯେବେ ଭଲକଥା କହିବ, ଜ୍ଞାନକଥା କହିବ, ତେବେଠାରୁ ପୂର୍ବପରି ଫୁଲକୁଶ ଦେଇକରି ପୂଜା କରିବୁ ବୋଲି ପ୍ରମାଣ କରିଦେଲା ଶବର। ସେଇଯୋଗୁ ଯେତେ ଲୋକ, ଶବର—ଏ ଆଦିବାସୀ ଅଛନ୍ତି କୁକୁଡ଼ା, ଛେଳି, ମେଣ୍ଢା, ପୋଡ଼, ବଳଦ, ମଣିଷ ବି ପୂଜା କରୁଛନ୍ତି। ଜୁଆର ଜୁଆର କରିବାର, ତା ମୁଣ୍ଡରେ ରକ୍ତ ଇଡ଼ିଦେବାର, ରକ୍ତ ଏବଂ ମଦ। ଆଜି କେତେଦିନ ପରେ, ଏ କଳି ଶେଷରେ ଦାରୁବ୍ରହ୍ମ ବଦଳରେ, ଶ୍ରୀ ଅକ୍ଷରବ୍ରହ୍ମ ସ୍ୱରୂପରେ ମୁଁ ଆସୁଛି ତମ ଘରକୁ, ମତେ ସେବା କର ବୋଲି କହିଲେ। ସେ ଅକ୍ଷରବ୍ରହ୍ମ ଶ୍ରୀ ମଉାର ବନୌ ବନ୍‌ଜାନ୍ ପର୍ବତରେ ସେଟା ଦୃଶ୍ୟ ହେଲେ। ସେ ଦେଖିଯିବ ବୋଲି ବୋଇଲେ। ଦେଖିଲାବେଳକୁ ସିଏ ଚବିଶଟା ଅକ୍ଷର ସେଟି ଦୁଶିଲା, ସେ ଦୁଶିବା ତକ୍ଷଣେ ଏକା ସେଇଟି ମନ୍ଦିର ବନ୍ଧାହେଲା। ସେଟି ପୂଜା ହେଉଛି ଅକ୍ଷରବ୍ରହ୍ମ।"

ଦ୍ରଷ୍ଟବ୍ୟ—ଓଡ଼ିଆ ଭାଷା ଓ ଲିପି



Digitized by PPRACHIN, SOA

ଗୁଣପୁର ଠାରୁ ପ୍ରାୟ ୧୫ ମାଇଲ ଦୂରବର୍ତ୍ତୀ ମରିଚିଗୁଡ଼ା ଗ୍ରାମ ସନ୍ନିକଟ ଏକ ପାହାଡ଼ରେ ଏବେ ଅକ୍ଷରବ୍ରହ୍ମଙ୍କ ମନ୍ଦିର ବିରାଜିତ । ଓଡ଼ିଆ ଓଁ ଅକ୍ଷର ଦେହରେ ୨୪ଟି ବର୍ଣ୍ଣ, ୧୨ ପର୍ଯ୍ୟନ୍ତ ସଂଖ୍ୟା ଏବଂ ଏକ ସଂକେତ-ଶିକ୍ଷା ଅଙ୍କିତ କରି ଅକ୍ଷରବ୍ରହ୍ମଙ୍କ ମୂର୍ତ୍ତି ପରିକଳ୍ପନା କରାଯାଇଛି । କ୍ରମଶଃ ଏହି ଧର୍ମ-ସଂପ୍ରଦାୟର ଶାଖା ବିଭିନ୍ନ ସୋରା-ଗ୍ରାମରେ ପ୍ରତିଷ୍ଠିତ ହୋଇଛି ଏବଂ ଏସବୁ ଶାଖାରେ ଧର୍ମଜ୍ଞାନ ସହିତ ଅକ୍ଷର ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି । ଏହି ଲିପିରେ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ପାଇଁ ଧର୍ମସଂସ୍ଥା ପକ୍ଷରୁ ମଧ୍ୟ ନିଜସ୍ୱ ପ୍ରେସ୍ ସ୍ଥାପନା କରାଯାଇଛି ଡମ୍ବସରା ଗ୍ରାମରେ, ଯେଉଁଠାରୁ ଅଦ୍ୟାବଧି କୋଡ଼ିଏ ଖଣ୍ଡ ଯାଏ ପୁସ୍ତକ ପ୍ରକାଶ ପାଇଛି । ଗୁରୁ ଶ୍ରୀ ଗମାଙ୍ଗଙ୍କ ପ୍ରତିଷ୍ଠିତ ଧର୍ମ ପରମ୍ପରାର ସେ ନାମ ଦେଇଛନ୍ତି 'ମତ୍ତାରବ୍ନମ ଡମ୍ବ୍ରୀ' ଅର୍ଥାତ୍ ଆଖିମେଲି ଚାହିଁବା ଏବଂ ପ୍ରବୁଦ୍ଧ ଓ ଭଲ ମଣିଷ ହେବାର ଧର୍ମ । ସଉରା ସମ୍ପ୍ରଦାୟର ନବଜାଗରଣ ସହିତ ଜଗନ୍ନାଥ ଧର୍ମର ନବରୂପରେ ପ୍ରବର୍ତ୍ତନ ଜଗନ୍ନାଥ ଧର୍ମ ଧାରାରେ ଏକ ବିଶେଷ ଐତିହାସିକ ଘଟଣା ।

□□□

Digitized by PPRACHIN, SOA

କେଡୁ

ତୁଆକେଲା । ବେଲ୍‌ଘରଠାରୁ କୋଶେ ଦୂରରେ ଉତେଇ ନଈ ସେପାରିର ଛୋଟ ଗାଁଟିଏ । ସେଠି ମାତ୍ର ପଚିଶି ଘର କୁଟିଆ କନ୍ଧଙ୍କ ବସତି । ତିନି ପାଖରେ ଥାକ ଥାକ ପାହାଡ଼ ଓ ବଣ । ଗାଁ ଦାଣ୍ଡର ଦୁଇ ପାଖରେ ଦୁଇ ଧାଡ଼ି ଲଗାଲଗି ଘର । ମଝିଦାଣ୍ଡରେ ମେରିଆ ଖମ୍ବ—ଧରଣୀ ଦେବୀଙ୍କ ପୂଜାପୀଠ । ଦଶବର୍ଷ ପରେ ସେହି ଗାଆଁର ଧରଣୀ ଦେବୀ ଚେଇଁ ଉଠିଛନ୍ତି । ସଙ୍ଗରେ ଥୁଆ ପୁରୁଣା ଦିନର ଅସ୍ତ୍ରଶସ୍ତ୍ର କାନ୍ଦି ପକାଉଛନ୍ତି । ପୂଜା ଦରକାର । ବଳି ଦାନ ଆବଶ୍ୟକ । ସାହେବମାନେ ନରବଳି କେବେଠାରୁ ଉଠାଇ ଦେଇଛନ୍ତି । ମଇଁଷି ବଳି ଦିଆଯିବ । ଏଣିକି ଆଉ 'ମେରିଆ' ଉତ୍ସବ ନାହିଁ, ଅଛି 'କେଡୁ' । କନ୍ଧ ଭାଷାରେ ଯା'ର ଅର୍ଥ—ମହାନ୍ ପର୍ବ ।

ଗାଆଁର ଜାନି ତିତ୍ରା ମାଝୀ ସହକାରୀମାନଙ୍କ ସହ ପରାମର୍ଶ କଲା । ବାରିକ ବୃନ୍ଦାବନ ସହ ପରାମର୍ଶ କଲା । ବାରିକ ବୃନ୍ଦାବନ ନାଏକ ହାକରା ଦେଲା । ଗାଆଁର ସବୁଲୋକ ଏକାଠି ହେଇ ବିଚାର କଲେ—ଅମୁକ ଦିନ କେଡୁ ହେବ । ଚାନ୍ଦାଭେଦା ସ୍ଥିର ହେଲା । ଜ୍ଞାତି କୁଟୁମ୍ବଙ୍କୁ ଖବର ଦିଆଗଲା । ଜାତିର ମହାନ୍ ପର୍ବ କେଡୁ ପାଇଁ ମନପ୍ରାଣ ଦେଇ ସମସ୍ତେ ଆୟୋଜନରେ ଲାଗିଗଲେ । ଘରଦ୍ୱାର ଲିପାପୋଛା କରି ଚିତ୍ରିତ କଲେ । ସାରାଦାଣ୍ଡରେ ଛାମୁଣ୍ଡିଆ ବନ୍ଧା ହେଲା । ହାଣ୍ଡି ହାଣ୍ଡି 'କାଡୁଲ' ମଦ କରିବା ପାଇଁ କୁଏରୀ ଗୁଣ୍ଡ କରି ବତୁରା ହେଲା । ବାରିକ ମଇଁଷି, ଘୁଷୁରି, ଛେଳି, କୁକୁଡ଼ା କିଣି ଆଣି ଯୋଗାଇଦେଲା ।

ପର୍ବ ଲାଗିଲା ତିନି ଦିନ—ଶୁକ୍ର, ଶନି, ରବିବାର । ପ୍ରଥମ ଦିନ ପୁରୁଣା ମେରିଆ ଖମ୍ବ ପାଖରେ ଧରଣୀ ଦେବୀଙ୍କ ଆସ୍ଥାନ ତିଆରି ହେଲା । ବାଉଁଶ ବଣରେ ଘେରା କୁଡ଼ିଆ ଘର । ତାଳପତ୍ର, ରଙ୍ଗୀନ୍ କାଗଜର ପତାକା ଓ କଡ଼ି ଦେଇ ସଜା ହେଲା । ତା ଭିତରେ ଦେବୀ ପ୍ରତିଷ୍ଠା ହେଲେ । ଜାନି ପୂଜା ଆରମ୍ଭ କଲା—କୁଇ-ଭାଷାରେ ବେଦମନ୍ତ୍ର ଉଚ୍ଚାରଣ କଲାପରି ଅନର୍ଗଳ ଛନ୍ଦୋବଦ୍ଧ ମନ୍ତ୍ର ପାଠ । ବେକରୁ ଝୁଲୁଥିବା ଛୋଟ ଘଣ୍ଟିଟିଏ ଗୋଟେ ହାତରେ ବାଜୁଥାଏ ।

ସନ୍ଧ୍ୟାରେ ବର୍ଷା-ଦେବତା ବିମା ପେନୁ ଏବଂ ଗ୍ରାମ-ଦେବତୀ ଓ୍ୱାଡ଼େ ପେନୁଙ୍କ ପୂଜା । ଗାଁ ମୁଣ୍ଡରେ ଗୋଟିଏ ଖମ୍ବ ଗ୍ରାମଦେବତୀଙ୍କ ପ୍ରତୀକ । ତାପରେ ଚାଲିଲେ ଗ୍ରାମ

Digitized by PPRACHIN, SOA

ବାହାରେ ଧରଣୀ ଦେବୀଙ୍କ ପ୍ରାଚୀନ ଆସ୍ଥାନ ସ୍ଥଳକୁ । ପୂଜା ହେଲା, ଛେଳି କୁକୁଡ଼ା ମାନସିକ କରାଗଲା । ତାପରେ ଡଙ୍ଗରପେନୁଙ୍କ ପୂଜା । ସେ ବଣ-ଦେବତା । ସେଠି ମଧ୍ୟ ଛେଳି କୁକୁଡ଼ା ମାନସିକ କରାଗଲା । ସମସ୍ତେ ଗାଆଁକୁ ଫେରିଲେ । ସମସ୍ତଙ୍କର ପ୍ରାୟ ଉପାସ । କେବଳ କାତୁଲ ମଦ ହିଁ ପେୟ ।

ଦ୍ୱିତୀୟ ଦିନ ଶନିବାର ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆଜି ନୂଆ ମେରିଆ ଖମ୍ବ ଆସିବ । ଧରଣୀ ଦେବୀଙ୍କ ଆସ୍ଥାନରେ ପୂଜା ଚାଲିଲା । ତାପରେ ସମସ୍ତେ ଚାଲିଲେ ବଣ-ଦେବତାଙ୍କ ପୀଠକୁ । ବିରାଟ ବାହାଡ଼ା ଗଛ ମୂଳରେ ପଥର ଖଣ୍ଡିଏ ଦେବତାଙ୍କ ସ୍ୱରୂପ । ସେଠି ମାନସିକ କରିଥିବା ଲୋକଙ୍କ ଛେଳି, କୁକୁଡ଼ା ସବୁ ବଳି ଦିଆଗଲା । ଶିଆଳୀ ପତ୍ରରେ ବଢ଼ା ଅରୁଆ ଚାଉଳ ଉପରେ ରକ୍ତ ନିଗାଡ଼ି ଦେଲେ । ରକ୍ତ ଚାଉଳର ଟିକା ଘେନିଲେ । ପୁଣି ଗାଁକୁ ଫେରିଆସି ପ୍ରତି ଘର ଚାଳ ଉପରେ ଗୃହ ଦେବତାଙ୍କ ପୂଜାକଲେ, ବଳି ଦେଲେ ଛେଳି ବା କୁକୁଡ଼ା । ତାପରେ ସମବେତ କାତୁଲ ପାନ । ଉତ୍ସବ ଜମି ଉଠୁଥାଏ । ଧରଣୀ ଦେବୀଙ୍କ ଅନୁମତି ନେଇ ଟାଙ୍ଗିଆ ଧରି, ବାଜା-ବାଇଦ ମାରି ଚାଲିଲେ ସମସ୍ତେ ବଣକୁ—ନୂଆ ମେରିଆ ଖମ୍ବ ଆସିବ । ଗଛ ବଛା ଆରମ୍ଭ ହେଲା । ଜଗନ୍ନାଥଙ୍କ ଦାରୁ ବାଛିବା ଭଳି କେତେ ପଦ୍ଧତିରେ ଗଛ ଚିହ୍ନଟ କରାଗଲା । ଜଣେ ଚଢ଼ି ଦେଖିଲା, ଜଣେ ଗଣ୍ଡିରେ କାନ ଦେଇ ଶୁଣିଲା—ଉପରେ କିଛି ନାହିଁ, ଭିତରେ କିଛି ନାହିଁ । ଉପଯୁକ୍ତ ଗଛ । ମନ୍ତ୍ରପାଠ ସହିତ ଅକ୍ଷତ ଚାଉଳ ବିଛାଡୁଥାଏ ଜାନି । ଗଛ କଟା ହେଲା । ଦୁଇଟି ଗଣ୍ଡି କରାଗଲା । କାଠ ଠେଙ୍ଗାରେ ପିଟି ପିଟି ବକଳା ଛଡ଼ାଇ ଦିଆଗଲା । ତାପରେ ବୋହି ଆଣିଲେ ଗାଆଁକୁ । ଦୁଇଜଣ ଟାଙ୍ଗିଆରେ ତାକୁ ରୂପ ଦେବାକୁ ଲାଗିଲେ । ସୁନ୍ଦର ଖମ୍ବ ତିଆରି ହୋଇଗଲା । ଗୋଟିଏ ଘୁଷୁରିକୁ ଖମ୍ବ ଉପରେ ବାଡ଼େଇ ବାଡ଼େଇ ତାର ରକ୍ତ ନିଗାଡ଼ି ଦିଆଗଲା । ଜାନି ଭାବ ଗଦ୍‌ଗଦ ହେଇ ପୂଜା କଲା । ତାପରେ ବଡ଼ ଗଣ୍ଡିର ନୂଆ ଖମ୍ବଟି ଗାଁ ମଝିରେ ଏବଂ ଛୋଟ ଗଣ୍ଡିର ଖମ୍ବଟି ପ୍ରାଚୀନ ଧରଣୀ ଦେବୀଙ୍କ ଆସ୍ଥାନରେ ପୋତି ଦିଆଗଲା । ରାତି ପାହିଲା ବେଳକୁ ଏସବୁ ସରିଗଲା ଏବଂ ମଇଁଷିଟି ଆଣି ମେରିଆ ଖମ୍ବରେ ବାନ୍ଧିଦେଲେ ।

ତୃତୀୟ ଦିନ ରବିବାର । ପୂର୍ଣ୍ଣିମାତିଥି । ଆଜି ଶେଷ ଦିନ । ଆଜି ମେରିଆ ବଳି ଦିଆଯିବ । ସମସ୍ତେ ବ୍ୟଗ୍ର, ବ୍ୟସ୍ତ । ମଇଁଷିକୁ ଇଚ୍ଛାମତେ ଚିଡ଼ାଉଥାନ୍ତି । ସେ ଯେତେ କାନ୍ଦିବ, ଯେତେ ରକ୍ତ ନିଗାଡ଼ିବ ଦେବୀ ସେତେ ସୁଖୀ ହେବେ—ଏଇ ବିଶ୍ୱାସରେ ତାକୁ ଯାତନା ଦିଆଯାଉଥାଏ । ବେକରୁ ଝୁଲୁଥିବା ଛୋଟ ଛୋଟ ଘଣ୍ଟି ତା କାନ ପାଖରେ ଟିଙ୍ଗ୍ ଟିଙ୍ଗ୍ କରି ଲାଙ୍ଗୁଡ଼ି ମୋଡ଼ି, ଅଣ୍ଡକୋଷ ଚିପି ତାକୁ ଦଣ୍ଡେ ଠିଆ ହେବାର କେହି ଫୁରସତ୍ ଦେଉ ନ ଥାନ୍ତି । କ୍ରମଶଃ ସମସ୍ତେ ନିଜ ନିଜର ହାତ ହତିଆର ଆଣି ଧରଣୀ

Digitized by PPRACHIN, SOA

ଦେବୀଙ୍କ ଆସ୍ଥାନରେ ରଖିଲେ । ପୂଜା ଚାଲିଲା । ସ୍ତ୍ରୀ ଲୋକମାନେ ପାଣି ବୋହିଆଣି ଦେଲେ । ହଳଦୀ ଲଗାଇ ସମସ୍ତେ ଦାଣ୍ଡରେ ଗାଧୋଇଲେ । ମଇଁଷିକୁ ଖମ୍ବରୁ ଖୋଲି ଘରଘର ବୁଲାଇଲେ । ତା' ପରେ ତାକୁ ନେଇ ହାତ ହତିଆର ଧରି ସମସ୍ତେ ଦଉଡ଼ିଲେ ପୁରୁଣା ଧରଣୀ ଦେବୀଙ୍କ ଆସ୍ଥାନକୁ । ସେଠି ନୂଆ ଖମ୍ବରେ ମଇଁଷି ବନ୍ଧା ହେଲା । ପୂଜାପୂଜି ଚାଲିଲା । ଶେଷରେ ତାକୁ ବଳି ଦିଆଗଲା । ଥାଳି ଥାଳି ରକ୍ତ ଏବଂ ମୁଣ୍ଡା ମୁଣ୍ଡା ମାଂସ ଅସ୍ତ୍ରରେ ଝୁଲାଇ ସମସ୍ତେ ନିଜ ନିଜର ଜମିରେ ପୋତିବାକୁ ଦଉଡ଼ିଲେ । ମୁଣ୍ଡଟା ଓ ଫଡ଼ିଆଟାଏ ଦୁଇ ଜଣ କାନ୍ଧରେ ପକାଇ ଗାଆଁକୁ ଫେରିଲେ । ଘର ଘର ତାକୁ ବୁଲାଇ ଦେଖାଇଲେ । ଶେଷରେ ନେଇ ଧରଣୀ ଦେବୀଙ୍କ ଆସ୍ଥାନରେ ଅର୍ପଣ କଲେ । ଏଇଠି ହେଲା ପର୍ବର ସମାପ୍ତି ।

ଆଜିର ଏହି କେଡୁ ପର୍ବ ସ୍ମରଣ କରାଇଦିଏ, ସେଦିନର ମେରିଆ ପର୍ବ । ୧୮୩୫-୩୬ ବେଳକୁ ରସେଲ ଓ ମାକଫର୍ସନ ଆବିଷ୍କାର କଲେ ଏକ ଭୟାନକ ତଥ୍ୟ—କନ୍ଧମାନେ ଧରଣୀଦେବୀଙ୍କ ସନ୍ତୋଷ ବିଧାନ ପାଇଁ ନରବଳି ଦିଅନ୍ତି ! ଏହି ଅମାନୁଷିକ ପ୍ରଥା ବନ୍ଦ କରିବା ପାଇଁ ବ୍ରିଟିଶ ସରକାର ପ୍ରଭାବିତ ହେଲେ । ଖାଲି ଶାସକର ଭୟ ଦେଖାଇ ନୁହେଁ, ସେମାନଙ୍କୁ ପ୍ରବର୍ତ୍ତାଇ, କଲ୍ୟାଣକର ବ୍ୟବସ୍ଥାରେ ପ୍ରଲୁବ୍ଧ କରି ଏହି ପ୍ରଥାରୁ ନିବର୍ତ୍ତାଇବାର ପ୍ରଚେଷ୍ଟା ହେଲା । ୧୮୪୫ରେ 'ମେରିଆ ଏଜେନ୍‌ସି' ପ୍ରତିଷ୍ଠିତ ହେଲା । କନ୍ଧ ରାଜ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଯାତାୟାତ ଦିଗରେ ସୁବିଧା କରାଗଲା । କ୍ୟାପ୍‌ଟେନ୍ ଫ୍ରାଏ ସେମାନଙ୍କ କୁଇ ଭାଷା ଶିଖି ପାଠ୍ୟବହି ଲେଖିଲେ । କ୍ରମଶଃ କନ୍ଧମାନେ ସରକାରଙ୍କ କଥା ଶୁଣିବାକୁ ମାନିଲେ । ମାତ୍ର ସର୍ତ୍ତ ରହିଲା—ଯେମିତି ବିଧିବିଧାନ ସହ ନରବଳି ଦିଆଯାଉଥିଲା ଅବିକଳ ସେ ସବୁ ପାଳନ କରି ମଣିଷ ବଦଳରେ ମଇଁଷି ବଳି ଦିଆଯିବ ଏବଂ ସରକାର ଓ ତାଙ୍କ କର୍ମଚାରୀଙ୍କ ନାମ ଧରି ସେମାନଙ୍କ ଯୋଗୁଁ ମଣିଷ ବଳି ଦେବାରୁ ନିବୃତ୍ତ ହେଉଥିବାରୁ ଏଥିପାଇଁ ସେମାନଙ୍କ ଉପରେ ହିଁ ଦୋଷ ଲାଗୁ ବୋଲି ଧରଣୀ ଦେବୀଙ୍କୁ କୁହାଯିବ । ଏ ସର୍ତ୍ତ ସରକାର ସ୍ୱୀକାର କଲେ, ମେରିଆ ଏଜେନ୍‌ସି ୧୮୬୧ରେ ଉଠିଗଲା । ମଣିଷ ପରିବର୍ତ୍ତେ ଅର୍ପଣ କରାଗଲା ମଇଁଷି ବଳି । ମେରିଆ ପରିବର୍ତ୍ତେ ଅନୁଷ୍ଠିତ ହେଲା କେଡୁ ।

ବର୍ତ୍ତମାନ କେଡୁ ପର୍ବର ମଧ୍ୟ ସଂସ୍କାର କରିବାର ସମୟ ଆସିଛି । ମଇଁଷି ପରି ଏକ ମୂଲ୍ୟବାନ୍ ଓ ସାହାଯ୍ୟକାରୀ ଜୀବକୁ ନୃଶଂସ ଭାବେ ହତ୍ୟା କରିବା ମୂଳରେ ଯେଉଁ ଅନ୍ଧ ବିଶ୍ୱାସ ଅଛି, ତାହା ଦୂର କରିବା ବାଞ୍ଛନୀୟ । ସେମାନଙ୍କ ଧର୍ମ ବିଶ୍ୱାସରେ କୌଣସି ପ୍ରକାର ଆଘାତ ନ ଆଣି ଦର୍ଶାଇ ଦେବାକୁ ପଡ଼ିବ ଯେ ଜମିରେ ରକ୍ତ-ମାଂସ ନଦେଇ ସାର ଦେଲେ ଭଲ ଫସଲ ହେବ, ଦେବୀ ଜୀବଜଗତର ମାଆ ଏବଂ ସେ

Digitized by PPRACHIN, SOA

ସନ୍ତାନର ରକ୍ତ ଚାହାନ୍ତି ନାହିଁ, ମଇଁଷି ଚାଷକାମରେ ବହୁତ ସାହଯ୍ୟ କରୁଥିବାରୁ ଏବଂ ବହୁତ ଦାମିକା ହୋଇଥିବାରୁ ତାକୁ ବଳିଦେବା ଅନୁଚିତ ଇତ୍ୟାଦି । ସର୍ବୋପରି ଏହି ଉତ୍ସବରେ ଯେଉଁ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି ରହିଛି, ତାକୁହିଁ ଉତ୍ସବର ମୁଖ୍ୟ ବିଭାବ ଭାବେ ପ୍ରତିପନ୍ନ କରିବାକୁ ପଡ଼ିବ । ରଜପର୍ବ ପରି କେତେ ଆନନ୍ଦ-ଉଲ୍ଲାସର କେତୁ ପର୍ବକୁ ରକ୍ତରଞ୍ଜିତ ନକରି ନାଚଗୀତ, ଖେଳକୁଦ, ଖିଆପିଆ, ବେଶଭୂଷା, ବନ୍ଧୁ ଭେଟାଭେଟି ଇତ୍ୟାଦି ପାଇଁ ଏକ ମହାନ୍ ଅବସର ବୋଲି ପ୍ରଭାବିତ କରିବାକୁ ପଡ଼ିବ । ପର୍ବର ସାମାଜିକ-ସାଂସ୍କୃତିକ ଦିଗଟିକୁ ତାତ୍ପର୍ଯ୍ୟପୂର୍ଣ୍ଣ, ଆକର୍ଷଣୀୟ ଓ ଧର୍ମାନ୍ଧତାନିରପେକ୍ଷ କରିବା ଦିଗରେ ପ୍ରାଥମିକ ପର୍ଯ୍ୟାୟରେ ସମସ୍ତ ପ୍ରକାରର ସହାୟତା ଓ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ଦେବାପାଇଁ ସରକାରୀ ବ୍ୟବସ୍ଥା କରାଯିବା କାମ୍ୟ । ବ୍ରିଟିଶ ସରକାର ଯେଉଁ ପନ୍ଥାରେ ଦିନେ ସଂସ୍କାର ଆଣି ପାରିଥିଲେ, ଆମର ଗଣତାନ୍ତ୍ରିକ ସରକାର ତାହାଠାରୁ ଅଧିକ ସମ୍ବେଦନଶୀଳ ରୀତିରେ ପୁନଃସଂସ୍କାର କରିବା ଆଦୌ ଅସମ୍ଭବ ନୁହେଁ ।

□□□

Digitized by PPRACHIN, SOA

ଓଡ଼ିଶାର ଆଦିବାସୀ ଭାଷା ଓ ଲିପି

ଓଡ଼ିଶାରେ ବାଷଠିଟି ଆଦିବାସୀ ସଂପ୍ରଦାୟ ବାସ କରନ୍ତି । ଅତୀତରେ ହୁଏତ ପ୍ରତ୍ୟେକ ସଂପ୍ରଦାୟର ନିଜସ୍ୱ ଭାଷା ଥିଲା । ମାତ୍ର ପରବର୍ତ୍ତୀ କାଳରେ କେତେକ ତାହା ବ୍ୟବହାର ନ କରି ଓଡ଼ିଆ ଭାଷାକୁ ମାତୃଭାଷା ଭାବେ ଗ୍ରହଣ କରିଛନ୍ତି । ତେଣୁ ବର୍ତ୍ତମାନ କେବଳ ନିମ୍ନଲିଖିତ ଆଦିବାସୀ ଭାଷାଗୁଡ଼ିକ ସଂପୃକ୍ତ ସଂପ୍ରଦାୟ ମଧ୍ୟରେ ପ୍ରଚଳିତ ହେଉଛି ।

(କ) ମୁଣ୍ଡା ଭାଷା ଗୋଷ୍ଠୀ :

ଗତାଃ (ଡ଼ିଡ଼ାୟୀ)	ସଉରା
ଗୁତବ (ଗାଦବା)	ଗରୁମ୍ (ପାରେଙ୍ଗା)
ଜୁଆଙ୍ଗ	ରେମୋ (ବଣ୍ଡା)
କୋଡ଼ା	ଖରିଆ
ବିରହୋର (ମାଙ୍କିଡ଼ିଆ)	କୋରୁଆ
ମୁଣ୍ଡାରି (ମୁଣ୍ଡା)	ଭୂମିଜ
ସାନ୍ତାଳୀ	ହୋ (କୋହ୍ଲ)
	ମାହାଲି

(ଖ) ଦ୍ରାବିଡ଼ ଭାଷା ଗୋଷ୍ଠୀ

ପାର୍‌ଜୀ (ଧାରୁଆ)	କୁରୁଖ୍ (ଓରାଓଁ)
କୁଇ (କନ୍ଧ)	ଗଣ୍ଡି
କୁବି/କଣ୍ଡା (କନ୍ଧ)	ମାଡ଼ିଆ
କୁଭି (କନ୍ଧ)	ପେଙ୍ଗୁ (ପେଙ୍ଗ କନ୍ଧ)
ଓଲାରି (ଗାଦବା)	କିସାନ୍

ଉପରୋକ୍ତ ଦୁଇଟି ଭାଷାଗୋଷ୍ଠୀର ଅନ୍ତର୍ଭୁକ୍ତ ଭାଷାଗୁଡ଼ିକ ମଧ୍ୟରେ ପାରିବାରିକ ଏବଂ ରୂପଗତ ସହ ସମ୍ବନ୍ଧ ରହିଛି । ନିମ୍ନାଙ୍କିତ ନକ୍‌ସା ମଧ୍ୟରେ ତାହା ଦ୍ରଷ୍ଟବ୍ୟ :

Digitized by PPRACHIN, SOA

ମୁଣ୍ଡା

ଦକ୍ଷିଣ ମୁଣ୍ଡା	କେନ୍ଦ୍ରୀୟ ମୁଣ୍ଡା	ଉତ୍ତର ମୁଣ୍ଡା
ସଉରା	ଜୁଆଙ୍ଗ	ସାନ୍ତାଳୀ
ପାରେଙ୍ଗା	ଖରିଆ	ହୋ
ଗାଦବା		ଭୂମିଜ
ବଣ୍ଡା		ମୁଣ୍ଡାରୀ
ଡିଡାୟୀ		ବିରହୋର
		ମାହିଲୀ
		କୋରୁଆ

ଦ୍ରାବିଡ଼

ଦକ୍ଷିଣାଞ୍ଚଳୀୟ	କେନ୍ଦ୍ରୀୟାଞ୍ଚଳୀୟ			ଉତ୍ତରାଞ୍ଚଳୀୟ	
ତାମିଲ	ତେଲୁଗୁ	କୁଇ	ଗଣ୍ଡି	ଓରାଓଁ	ବ୍ରାହୁଇ
କନ୍ନଡ଼	ପାର୍ଜୀ	କୁଭି	କୋୟା	ମାଲ୍ତୋ	
ଇତ୍ୟାଦି	ଓଲାରି	କଣ୍ଡା	ମାଡ଼ିଆ	କିସାନ୍	
		ପେଙ୍ଗୁ			

ଆଦିବାସୀ ଭାଷାଗୁଡ଼ିକ କଥିତ ଭାଷା । ଏଥିରେ ଲେଖିବା ପାଇଁ ଲିପି ନାହିଁ ଏବଂ ଲିଖିତ ସାହିତ୍ୟ ନାହିଁ । ତେବେ ଯାହାହେଉ, ବର୍ତ୍ତମାନ ସୁଦ୍ଧା ଚାରୋଟି ଆଦିବାସୀ ଭାଷାର ସ୍ୱତନ୍ତ୍ର ଲିପି ଉଦ୍‌ଭାବିତ ହୋଇଛି । ଏହି ଚାରୋଟି ଲିପିର ସଂକ୍ଷିପ୍ତ ପରିଚୟ ପ୍ରଦତ୍ତ ହେଲା ।

ସାନ୍ତାଳୀ ଲିପି (ଅଲ୍‌ଚିକି) :

ସାନ୍ତାଳ ଲିପିର ଉଦ୍‌ଭାବକ ପଣ୍ଡିତ ରଘୁନାଥ ମୁର୍ମୁ (୧୯୦୫ - ୧୯୮୨) । ସେ ୧୯୩୫-୩୬ ବେଳକୁ ଏହା ସୃଷ୍ଟି କଲେ । ବିଭିନ୍ନ ବସ୍ତୁ ଓ ବ୍ୟବହାରରେ ସାଙ୍କେତିକ ଚିତ୍ର ଅନୁରୂପରେ ବର୍ଣ୍ଣ ସମୂହର ରୂପ ନିର୍ଦ୍ଧାରଣ କରିଛନ୍ତି । ଏହି ଲିପିମାଳାରେ ନିମ୍ନଲିଖିତ ବର୍ଣ୍ଣମ ସମୂହ ଅନ୍ତର୍ଭୁକ୍ତ ।

ସ୍ୱର	ବ୍ୟଞ୍ଜନ			
ଅ	ଅତ୍	ଅକ୍’	ଅଙ୍	ଅଲ୍
ଆ	ଆକ୍	ଆଜ୍’	ଆମ୍	ଆଓ୍ୱ
ଇ	ଇସ୍	ଇହ୍	ଇଞ୍	ଇର୍
ଉ	ଉଚ୍	ଉଦ୍’	ଉଁଣ୍	ଉୟ
ଏ	ଏପ୍	ଏଡ୍	ଏନ୍	ଏଳ
ଓ	ଓଟ୍	ଓବ୍’	ଓଁମ୍	ଓହଃ

Digitized by PPRACHIN, SOA



OL SCRIPT

ଅଲଚିକି





ଏହି ଲିପିରେ ମୁଦ୍ରଣ ପାଇଁ ଛାପାଖାନା ଅଛି ଓ ମୁଦ୍ରିତ ପୁସ୍ତକାବଳୀ ଉପଲବ୍ଧ ହୁଏ ।

Digitized by PPRACHIN, SOA

ସଉରା ଲିପି (ସୋରାଙ୍ ସୋମ୍ପେଙ୍)

ସଉରା ଲିପିର ଉଦ୍‌ଭାବକ ଗୁରୁ ମଙ୍ଗେଇ ଗମାଙ୍ଗ (୧୯୧୬ - ୧୯୮୦) । ସେ ୧୯୩୬ ବେଳକୁ ଏହା ପ୍ରଚଳନ କଲେ । ସଉରା ଜାତିର ବିଭିନ୍ନ ଦେବଦେବୀଙ୍କ ନାମରେ ମୂଳଅକ୍ଷର ଧରି ସେ ନିମ୍ନଲିଖିତ ବର୍ଣ୍ଣମାଳା ସୃଷ୍ଟି କଲେ ଓ ପ୍ରତ୍ୟେକର ନାମକରଣ କଲେ ।

-ସଉରା ଲିପି -

SORA SCRIPT



ବ୍ୟଞ୍ଜନ—	ସା	ତା	ବା	ଚା	ଡା	ଗା
	ମା	ଙା	ଲା	ନା	ଓ୍ୟା	ପା
	ଯା	ରା	ହା	କା	ଜା	ଞା
ସ୍ୱର—	ଆ	ଏ	ଇ	ଉ	ଓ	ଅ୍ୟାୟ
	ବିଶେଷ	ଅକ୍ଷର		ମ୍ୟାୟ		

Digitized by PPRACHIN, SOA

ଏହି ଲିପିରେ ମୁଦ୍ରଣ ପାଇଁ ଛାପାଖାନା ତମ୍ପସରା (ଗୁଣପୁର) ଠାରେ ଅଛି ଏବଂ ଅନେକଗୁଡ଼ିଏ ପୁସ୍ତକ ଛପା ଯାଇଛି ।

ହୋ ଲିପି

HO SCRIPT

- स्वर वर्ण - Vowels

- अक्षरें- Alphabets

बड़ा Capitals	छोटा Small	उच्चारण Pronunciation	हिन्दी Hindi	उड़िया Oriya	अंग्रेजी English
		ङ	ं		n
		अ	अ	ଅ	a
		वि : इ	ि	ି	i
		यु : उ	ु	ଉ	u
		य :	:		?
		यो	य	ଋ	ea
		इ	ई, ी	ଈ	ii
		उ	ऊ, ु	ଊ	uu
		ए	े, ए	ଏ	e
		ोअ	ो, ओ	ଓ	o

- व्यजन वर्ण - Conosonant

		ोङ्	ङ	ଙ୍	ng
		ग्	ग्	ଗ୍	g
		क्	क्	କ୍	k, ch
		विज्	ज्	ଞ୍	n
		विज्	ज्	ଜ୍	
		विज्	च्	ଚ୍	ch,c
		एण	ण्	ଣ୍	N
		ोड़	ड़	ଡ଼୍	d

Digitized by PPRACHIN, SOA



टे:ए	ट्	ଟ୍	t
नुड:	न्	ନ୍	n
द	द्	ଦ୍	d
ित्	त्	ତ୍	t
ह्म	म्	ମ୍	m
बू	ब्	ବ୍	b
पु:उ	प्	ପ୍	p
ह्मो	ह	ହ୍	h
ह्ल	ल्	ଲ୍	l
हड़	ड़्	ଡ଼	l,r
ह	र	ର୍	r
षू	ष्	ଷ୍	sh
सी	स्	ସ୍	s

ଏହାର ଉଦ୍‌ଭାବକ ଶ୍ରୀ କୋଲ ଲକୋ ବୋଦରା (ଝିଙ୍କ ପାଣି, ସିଂହଭୂମି)

ସ୍ୱର— ଅ ଯ ଇ ଉ ଏ ଓ ॰ ଃ

ବ୍ୟଞ୍ଜନ- ଙ ଗ କ ॥ ଞ ଜ ଚ ॥ ଣ ଡ଼ ଟ ॥ ନ ଦ ତ॥
ମ ବ ପ ॥ ହ ଲ ଡ଼ ॥ ର ଷ ସ ॥

କନ୍ଧଲିପି (କୁଇଲିପି ବର୍ଣ୍ଣମାଳା) :

ଏହାର ଉଦ୍‌ଭାବକ ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ (ଜି. ଉଦୟଗିରି) ସଭାପତି ଶ୍ରୀ ଦୟାନିଧି ମାଲିକ। ଏହି ଲିପି ସହିତ ଓଡ଼ିଆ ଓ ଦେବନାଗରୀ ଲିପି ପ୍ରୟୋଗ କରି ସେ କୁଇ ଭାଷାର ଏକ ବ୍ୟାକରଣ ପ୍ରଣୟନ କରିଛନ୍ତି।

କୁଇ ଲିପି
KUI SCRIPT

ସ୍ୱର ବର୍ଣ୍ଣ

स्वरवर्ण्ण



ଅ ଆ ଇ ଈ ଉ ଊ ଋ ୠ ଏ ଐ ଓ ଔ ୦ ଃ ଁ

अ आ इ ई उ ऊ ऋ ॠ ए ऐ ओ औ : ँ

Digitized by PPRACHIN, SOA



ବ୍ୟଞ୍ଜନ ବର୍ଣ୍ଣ

ब्यञ्जनवर्ण्ण



କ	ଖ	ଗ	ଘ	ଙ	ଚ଼	ଛ	ଜ	ଝ	ଞ	ଟ	ଠ
क	ख	ग	घ	ङ	त	छ	ज	झ	अ	ट	ठ



ଡ	ଢ	ଣ	ତ	ଥ	ଦ	ଧ	ନ	ପ	ଫ	ବ	ଭ
ड	ढ	ण	त	थ	द	ध	न	प	फ	ब	उ

ମ	ଯ	ର	ଳ	ବ	ଶ	ଷ	ସ	ହ	କ୍ଷ	ୟ	ଲ ଡ଼ ଢ଼
म	य	र	ल	ब	श	ष	स	ह	क्ष	य	ल ड़ ड़

ସ୍ୱର ବର୍ଣ୍ଣ— ଅ ଅ ଇ ଈ ଏ ଓ ଂ ଃ

ବ୍ୟଞ୍ଜନ ବର୍ଣ୍ଣ— କ ଗ ଙ ।। ଚ ଦ ଞ ।। ଟ ଡ଼ ଣ ।।

ତ ଦ ନ ।। ପ ବ ମ ।। ର ସ ହ ।।

ୟ ଲ ଡ଼ ।।

ବର୍ତ୍ତମାନ ନିଜସ୍ୱ ଆଦିବାସୀ ଭାଷା ପରିବର୍ତ୍ତେ କେତେକ ଆଦିବାସୀ ସଂପ୍ରଦାୟ ଓଡ଼ିଆ ଉପଭାଷା ବ୍ୟବହାର କରନ୍ତି । କେତେକ ଏହାକୁ ମାତୃଭାଷା ଭାବରେ ଏବଂ କେତେକ ଏହାକୁ ସାମାଜିକ ଭାଷା ଭାବରେ ଉପଯୋଗ କରନ୍ତି । ଏହି ଉପଭାଷାଗୁଡ଼ିକର ସଂଜ୍ଞା ଦିଆଯାଇପାରେ 'ଆଦିବାସୀ ଓଡ଼ିଆ ଉପଭାଷା' । ଏହି ଉପଭାଷା ମଧ୍ୟରେ ନିମ୍ନଲିଖିତ ଉପଭାଷାଗୁଡ଼ିକ ଚିହ୍ନଟ କରାଯାଇପାରେ ।

(କ) ଦକ୍ଷିଣାଞ୍ଚଳୀୟ ଉପଭାଷା—ଦେଶିଆ, ଝରିଆ, ମାଟିଆ, ଭତ୍ରୀ, ହାଲ୍‌ବୀ, ଭୁଞ୍ଜିଆ ଇତ୍ୟାଦି ।

(ଖ) ଉତ୍ତରାଞ୍ଚଳୀୟ ଉପଭାଷା—ବାଥୁଡ଼ି, ଭୁୟାଁ, କୁର୍‌ମାଲୀ, ସାଉଁତି ଇତ୍ୟାଦି ।

(ଜ) ପଶ୍ଚିମାଞ୍ଚଳୀୟ ଉପଭାଷା—ସାଦ୍ରୀ, ଲରିଆ, ଅଘ୍ରିଆ, କନ୍ଧାନ୍, ବାଇଗା ଇତ୍ୟାଦି ।

Digitized by PPRACHIN, SOA

ସଂପ୍ରତି ଆଦିବାସୀ ଭାଷାରେ ବ୍ୟାକରଣ, ଅଭିଧାନ ଓ ଲୋକସାହିତ୍ୟ ସଂକଳନ ଦିଗରେ ଉଦ୍ୟମ କରାଯାଉଛି । 'ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ' ବିଧିବଦ୍ଧ ଭାବେ ପ୍ରତ୍ୟେକ ଭାଷା ସଂପର୍କରେ ସ୍ୱତନ୍ତ୍ର ଗ୍ରନ୍ଥ ପ୍ରକାଶ କରୁଛନ୍ତି । ଅନ୍ୟ କେତେକ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ମଧ୍ୟ ଆଦିବାସୀ ଭାଷା ଓ ସାହିତ୍ୟ ଆଲୋଚନା ଦିଗରେ ପ୍ରବୃତ୍ତ ହୋଇଛନ୍ତି । ଓଡ଼ିଆ ଓ ଆଦିବାସୀ ଭାଷା ମଧ୍ୟରେ ଅନୁବାଦ ମାଧ୍ୟମରେ ଆଦାନପ୍ରଦାନ ବିଶେଷ ଭାବରେ ଦେଖାଯାଉଛି । ଏ ସମସ୍ତ ପ୍ରଚେଷ୍ଟା ବିଶ୍ୱାସ ପ୍ରଦାନ କରେ ଯେ ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକର ସଂରକ୍ଷଣ ଓ ସମୃଦ୍ଧିକରଣ ଅବଶ୍ୟମ୍ଭାବୀ ।

□□□

Digitized by PPRACHIN, SOA

ଆଦିବାସୀ ସମାଜରେ ଶିକ୍ଷାର ପ୍ରସାର

ଆମ ଦେଶରେ ଓଡ଼ିଶା ହେଉଛି ଅନ୍ୟତମ ଆଦିବାସୀବହୁଳ ରାଜ୍ୟ । ଆଦିବାସୀଙ୍କ ମୋଟ ଜନସଂଖ୍ୟା ଦୃଷ୍ଟିରୁ ମଧ୍ୟପ୍ରଦେଶ ପ୍ରଥମ ଏବଂ ଆମ ରାଜ୍ୟ ଦ୍ୱିତୀୟ, କିନ୍ତୁ ରାଜ୍ୟର ମୋଟ ଜନସଂଖ୍ୟା ଅନୁପାତରେ ଆଦିବାସୀଙ୍କ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ପ୍ରଥମ । ଆମ ରାଜ୍ୟର ମୋଟ (୨୪୩୭୦୨୭୧) ଜନସଂଖ୍ୟା ମଧ୍ୟରେ ଆଦିବାସୀଙ୍କ ସଂଖ୍ୟା ୫୯୧୫୦୬୭ ଅର୍ଥାତ୍ ଏମାନଙ୍କ ସଂଖ୍ୟା ଶତକଡ଼ା ୨୨.୪୩ । କେତୋଟି ଜିଲ୍ଲା ଓ ଅଞ୍ଚଳରେ ଏମାନେ ସଂଖ୍ୟାଗରିଷ୍ଠ । ଯେପରି ମୟୂରଭଞ୍ଜରେ ଶତକଡ଼ା ୫୭.୬୭, କୋରାପୁଟରେ ୫୫.୨୧ ଏବଂ ସୁନ୍ଦରଗଡ଼ରେ ୫୧.୨୫ ସଂଖ୍ୟକ ଲୋକ ଆଦିବାସୀ (୧୯୮୧ ଜନଗଣନା) ।

ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଆଦିବାସୀ ଜନଗୋଷ୍ଠୀର ଆଉ ଏକ ବୈଚିତ୍ର୍ୟ ଉପଜାତିର ବିବିଧତା । ଭାରତ ସରକାରଙ୍କ ସ୍ୱୀକୃତି ଅନୁସାରେ ଆମ ରାଜ୍ୟରେ ୬୨ ପ୍ରକାର ଉପଜାତି ଅଛନ୍ତି, ଯଦିଓ କ୍ଷେତ୍ର ଅନୁସନ୍ଧାନ ଦ୍ୱାରା ସମ୍ପ୍ରତି ଜଣାପଡୁଛି ଯେ, ଏହି ତାଲିକା ସମ୍ପୂର୍ଣ୍ଣ ଓ ତ୍ରୁଟିହୀନ ନୁହେଁ । ଏହି ଉପଜାତିଗୁଡ଼ିକ ମଧ୍ୟରେ ଖୁବ୍ ସଂଖ୍ୟାଗରିଷ୍ଠ ଗୋଷ୍ଠୀ ଅଛନ୍ତି ଏବଂ ଅତି ସଂଖ୍ୟାନ୍ୟୂନ ଗୋଷ୍ଠୀ ମଧ୍ୟ ଅଛନ୍ତି । ପୁଣି କେତେକ ଉପଜାତି ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ଭାବେ ରହିଛନ୍ତି ତ କେତେକ କେବଳ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ । ଆଉ ଏକ ବିଶେଷତା, ଆମ ରାଜ୍ୟର କେତେକ ଗୋଷ୍ଠୀ ଭାରତ ବର୍ଷରେ ଅନ୍ୟ କେଉଁଠି ନାହାନ୍ତି । ପ୍ରଜାତି-ତତ୍ତ୍ୱ ଅନୁସାରେ ଏହି ସମସ୍ତ ଆଦିବାସୀ ଗୋଷ୍ଠୀ ତ୍ରିବିଧ ବୃହତ୍ତର ଗୋଷ୍ଠୀର ଅନ୍ତର୍ଭୁକ୍ତ । ତେଣୁ ଦ୍ରାବିଡ଼, ଅଷ୍ଟ୍ରିକ ଓ ଆର୍ଯ୍ୟ ପ୍ରଜାତିର ବିବିଧ ଶାଖା ଉପଶାଖାର ଆଦିବାସୀ ଓଡ଼ିଶାରେ ଦେଖାଯାନ୍ତି ଏବଂ ପ୍ରତିବେଶୀ ଭାବରେ ମଧ୍ୟ ବସବାସ କରନ୍ତି । ଉଦାହରଣ ସ୍ୱରୂପ କୋରାପୁଟରେ ଦ୍ରାବିଡ଼ ଗୋଷ୍ଠୀର କନ୍ଧ, କୋୟା, ଗଣ୍ଡ, ଯାତପୁ, ପେଙ୍ଗ, ମାଡ଼ିଆ ଇତ୍ୟାଦି ସହିତ ଅଛନ୍ତି ଅଷ୍ଟ୍ରିକ୍ ଗୋଷ୍ଠୀର ଗାଦବା, ବଣ୍ଡା, ପାରେଙ୍ଗା, ଡିଡାୟୀ, ସଉରା ଇତ୍ୟାଦି ଏବଂ ଆର୍ଯ୍ୟ ଗୋଷ୍ଠୀର ପରଜା, ହଲବା, ମାଟିଆ, ଭୂମିଆ, ଭତରା ଇତ୍ୟାଦି ।

Digitized by PPRACHIN, SOA

ଆଦିବାସୀଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଅତି ସୀମିତ । ପ୍ରାକ୍ ସ୍ୱାଧୀନତା କାଳରେ ଏହାଥିଲା ଶତକଡା ୧.୫; ସ୍ୱାଧୀନତା ପରେ ଏହା କ୍ରମଶଃ ବଢୁଛି । ଗତ ତିନୋଟି ଜନଗଣନାର ପରିସଂଖ୍ୟାନ ଅନୁସାରେ ୧୯୬୧ରେ ଥିଲା ଶତକଡ଼ା ୭.୪, ୧୯୭୧ରେ ୯.୫ ଏବଂ ୧୯୮୧ରେ ଶତକଡ଼ା ୧୩.୯୬ । ଶିକ୍ଷା ପ୍ରସାରରେ ଏଭଳି ସଂକୋଚନରେ ପ୍ରଧାନ ଦ୍ୱିବିଧ କାରଣ ସ୍ପଷ୍ଟ । ପ୍ରଥମତଃ, ଏମାନେ ବିଚ୍ଛିନ୍ନ ଭାବେ ବଣ ପାହାଡ଼ର ଦୁର୍ଗମ ଅଞ୍ଚଳରେ ବାସ କରୁଥିଲେ ଏବଂ ନିଜ ଗୋଷ୍ଠୀର ପରିଧି ମଧ୍ୟରେ ହିଁ ଆତଯାତ ହେଉଥିଲେ । ଦ୍ୱିତୀୟତଃ, ନିଜ ମାତୃଭାଷାରେ ଲିଖିତ ସାହିତ୍ୟ ନଥିଲା । ଦେଶ ସ୍ୱାଧୀନତା ଲାଭ କଲାପରେ ଶିକ୍ଷାର ପ୍ରସାର ପାଇଁ ଗତ ଚାଳିଶ ବର୍ଷ ମଧ୍ୟରେ ଯାହା କିଛି ପ୍ରାଥମିକ ପ୍ରଚେଷ୍ଟା କରାଯାଇଛି । ସୁତରାଂ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଓଡ଼ିଶା ରାଜ୍ୟରେ ଆଦିବାସୀଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଖୁବ୍ ସଂକୀର୍ଣ୍ଣ ହୋଇଥିବା ସ୍ୱାଭାବିକ ।

ବର୍ତ୍ତମାନ ଏ ଦିଗରେ ଏପରି ଗୁରୁତ୍ୱ ଦିଆଯାଉଛି ଯେ, ଶିକ୍ଷା ବିଭାଗ ବ୍ୟତୀତ ଆଦିବାସୀ କଲ୍ୟାଣ ବିଭାଗ ମଧ୍ୟ ସକ୍ରିୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ହରିଜନ ଆଦିବାସୀ ପିଲାଙ୍କ ପାଇଁ ସେବାଶ୍ରମ, ଆଶ୍ରମ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟମାନ ବହୁତ ସଂଖ୍ୟାରେ ପ୍ରତିଷ୍ଠା କରାଯାଉଛି । ଏହି ସବୁ ବିଦ୍ୟାଳୟର ଛାତ୍ରାବାସରେ ଖାଦ୍ୟ, ବସ୍ତ୍ର, ପାଠ୍ୟପୁସ୍ତକ, ଖେଳ ଉପକରଣ ଇତ୍ୟାଦି ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଛି । ସରକାରଙ୍କ ଲକ୍ଷ୍ୟ ଅଛି ଆଦିବାସୀ ଅଞ୍ଚଳର ୧୪୧୧ଟି ଗ୍ରାମପଞ୍ଚାୟତରେ ୪୦ଟି ସ୍ଥାନ ବିଶିଷ୍ଟ ଛାତ୍ରାବାସର ପ୍ରତିଷ୍ଠା । ଏହା ବ୍ୟତୀତ ଶିକ୍ଷାର ସୁପରିଚାଳନା ପାଇଁ ସ୍ୱତନ୍ତ୍ର ପରିଦର୍ଶକ ସଂସ୍ଥା ଗଠନ କରାଯାଇଛି ଏବଂ ଶିକ୍ଷକମାନଙ୍କୁ କାର୍ଯ୍ୟଦକ୍ଷ କରିବା ପାଇଁ ଛାତ୍ରମାନଙ୍କ ପରୀକ୍ଷା ଫଳ ଅନୁସାରେ ସେମାନଙ୍କୁ ପ୍ରୋତ୍ସାହନ ମୂଳକ ଆର୍ଥିକ ପୁରସ୍କାର ଦିଆଯାଉଛି ।

ଆଦିବାସୀଙ୍କ ମଧ୍ୟରେ ଶିକ୍ଷାର ପ୍ରସାରଣ ଦିଗରେ ଅନ୍ୟ ଏକ ବଡ଼ ପ୍ରତିବନ୍ଧକ ହେଉଛି ଶିକ୍ଷାଦାନର ଭାଷା ମାଧ୍ୟମ । ସେମାନଙ୍କର ଘରୋଇ ଭାଷା ଓ ପାଠ୍ୟ-ପୁସ୍ତକର ଭାଷା ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ପିଲାମାନେ ବଡ଼ ହେବା ସଙ୍ଗେ ସଙ୍ଗେ ଅବଶ୍ୟ ସ୍ଥାନୀୟ ଆଞ୍ଚଳିକ ଓଡ଼ିଆ ଉପଭାଷା ଶିଖନ୍ତି, କିନ୍ତୁ ତାହା ମାନକ ଓଡ଼ିଆ ଭାଷା ଉପରେ ଅକ୍ତିଆର ଆଣିବାରେ ଯଥେଷ୍ଟ ସାହାଯ୍ୟ କରିପାରେନା । ଦ୍ୱିତୀୟତଃ, ବହିର ଓଡ଼ିଆ ଭାଷାକୁ ସେମାନଙ୍କୁ ବୁଝାଇବା ପାଇଁ ଶିକ୍ଷକମାନଙ୍କର ଆଦିବାସୀ ଭାଷରେ ଜ୍ଞାନ ନଥିବା ହେତୁ ସେମାନେ ମଧ୍ୟ ଶିକ୍ଷାଦାନରେ ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହୋଇପାରନ୍ତି ନାହିଁ । ଏହି ଅସୁବିଧା ଦୂର କରିବା ପାଇଁ ଗୋଟିଏ ସୂତ୍ର ହେଉଛି ମାତୃଭାଷାରେ ଶିକ୍ଷା ଦେବା ଏବଂ ସେହି ଭାଷାଭାଷୀ ଶିକ୍ଷକଙ୍କୁ ନିଯୁକ୍ତ କରିବା । ମାତ୍ର ଏହା ଯେ ଅସମ୍ଭବ,

Digitized by PPRACHIN, SOA

ତାର କାରଣ ଗୋଟିଏ ବିଦ୍ୟାଳୟରେ ତଥା ଗୋଟିଏ ଶ୍ରେଣୀରେ ଭିନ୍ନ ଭିନ୍ନ ଉପଜାତିର ପିଲା ପଢ଼ନ୍ତି ଏବଂ ପ୍ରତ୍ୟେକ ଉପଜାତିର ଭାଷା ଭିନ୍ନ ଭିନ୍ନ। ସବୁ ଭାଷାରେ ଶିକ୍ଷା ଦେଇପାରିଲା ଭଳି ଯୋଗ୍ୟତାସମ୍ପନ୍ନ ଶିକ୍ଷକ ଆଦିବାସୀଙ୍କ ମଧ୍ୟରୁ ମିଳିବା ମଧ୍ୟ ବର୍ତ୍ତମାନ ଅବସ୍ଥାରେ ସମ୍ଭବ ନୁହେଁ।

ଏହି ସମସ୍ୟାର ସମାଧାନ ପାଇଁ ଆଉ ଏକ ସୂତ୍ର ହେଉଛି ଯେ, ଆଦିବାସୀ ଅଞ୍ଚଳର କଥିତ ଓଡ଼ିଆ ଉପଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ବ୍ୟବହାର କରିବା। ଏଥିପାଇଁ କୋରାପୁଟ ଜିଲ୍ଲାରେ ସବୁ ଉପଜାତିର ଲୋକେ ବୁଝୁଥିବା ଦେଶୀୟା ଭାଷା, ସୁନ୍ଦରଗଡ଼ରେ ସାଦ୍ରୀ ଭାଷା, କେନ୍ଦୁଝରରେ ଭୂୟାଁ ଭାଷା, ମୟୂରଭଞ୍ଜରେ ବାଥୁଡି ଓ କୁର୍ମାଳୀ ଭାଷା, କଳାହାଣ୍ଡି-ବଲାଙ୍ଗିର ଅଞ୍ଚଳରେ ଲରିଆ ବା ସମ୍ବଲପୁରୀ ଭାଷା ବ୍ୟବହାର୍ଯ୍ୟ। ପ୍ରଥମେ ମାନକ ଓଡ଼ିଆ ଔପଭାଷିକ ଓଡ଼ିଆ ଏବଂ ଆଦିବାସୀ ଭାଷା ସମ୍ମିଶ୍ରିତ ଭାବେ ପ୍ରୟୋଗ କରି ପାଠ୍ୟପୁସ୍ତକ ପ୍ରଚଳନ କରାଯାଇପାରେ ଏବଂ କ୍ରମଶଃ ଅନ୍ୟାନ୍ୟ ଭାଷାର ଅନୁପାତ ହ୍ରାସ କରି ମାଧ୍ୟମିକ ସ୍ତରକୁ ସମ୍ପୂର୍ଣ୍ଣ ମାନକ ଓଡ଼ିଆ ପ୍ରଚଳନ କରାଯାଇପାରେ। ଅନ୍ୟପକ୍ଷରେ ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଭାଷା ଶିକ୍ଷଣ ଦିଗରେ ତାଲିମ ନେବା ବାଧ୍ୟତାମୂଳକ କରି ସେହି ଯୋଗ୍ୟତାର ମାନଦଣ୍ଡରେ ନିଯୁକ୍ତି ଓ ପଦୋନ୍ନତି ଦିଆଯିବା ପଦ୍ଧତି ପ୍ରଚଳନ କଲେ, ଶିକ୍ଷକମାନେ ମଧ୍ୟ ଆଦିବାସୀ ପିଲାଙ୍କୁ ଭଲ ଭାବେ ବୁଝାଇ ପଢ଼ାଇବା ପାଇଁ ସକ୍ଷମ ହେବେ।

ଭାଷାର ମାଧ୍ୟମ ସହିତ ପାଠ୍ୟପୁସ୍ତକରେ ବିଷୟବସ୍ତୁ ମଧ୍ୟ ସ୍ୱତନ୍ତ୍ର ହେବା କାମ୍ୟ। ବଣ ଜଙ୍ଗଲରେ ଏକ ନିବୁଜ ସମାଜ-ବ୍ୟବସ୍ଥା ମଧ୍ୟରେ ଏବଂ ପାରମ୍ପରିକ ସାଂସ୍କୃତିକ ବାତାବରଣ ମଧ୍ୟରେ ରହୁଥିବା ଆଦିବାସୀ ପିଲାର ଅବଧାରଣା ଓ କଳ୍ପନାଶକ୍ତି ଉପକୂଳାଞ୍ଚଳୀୟ ଓଡ଼ିଆ ପିଲଙ୍କଠାରୁ ଭିନ୍ନ। ତେଣୁ ସ୍ଥାନ ଓ ପରିବେଶ ଚିତ୍ରଣ, ଚରିତ୍ରମାନଙ୍କର ନାମକରଣଠାରୁ ଆଚାର ବ୍ୟବହାର ଇତ୍ୟାଦି ବର୍ଣ୍ଣନ, ସହଜ ବୋଧଗମ୍ୟ ଓ ପରିଚିତ ଭାବ ଓ ବସ୍ତୁର ଉଲ୍ଲେଖ ଏବଂ ସ୍ଥାନୀୟ ପାରିଭାଷିକ ଶବ୍ଦାବଳୀ ପ୍ରୟୋଗ ଇତ୍ୟାଦି ଅନ୍ତର୍ଭୁକ୍ତ କରି ପାଠ୍ୟପୁସ୍ତକକୁ ତାଙ୍କର ଅଧିଗମ୍ୟ କରିବା ଆବଶ୍ୟକ। ବହିର ଭାଷା ଓ ବିଷୟ ଯେପରି ଆଦିବାସୀ ପିଲାର ଅଭିଜ୍ଞତାର ପରିସର ମଧ୍ୟରେ ରହିପାରେ ତାହାହିଁ ପ୍ରଧାନ ଆବଶ୍ୟକତା। ଓଡ଼ିଶା ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ କିଛି ବହି ପ୍ରକାଶିତ ହୋଇଛି। ଏହି ପ୍ରକଳ୍ପ ସ୍ୱାଗତଯୋଗ୍ୟ। ତେବେ ଏହାକୁ ଆହୁରି ଆକର୍ଷଣୀୟ, ତ୍ରୁଟିଶୂନ୍ୟ ଏବଂ ବ୍ୟବହାରଯୋଗ୍ୟ କରିବା କାମ୍ୟ।

Digitized by PPRACHIN, SOA

ଆଦିବାସୀ ପିଲାଙ୍କର ଶିକ୍ଷା କ୍ଷେତ୍ରରେ କିଛି ବିଶେଷ ପାରିବାରିକ ପ୍ରତିବନ୍ଧକ ଦେଖାଯାଏ, ଯେଉଁଥିପାଇଁ କି ବିଦ୍ୟାଳୟରେ ପୂର୍ଣ୍ଣତଃ ଆତ୍ମନିୟୋଗ କରିବା ସମ୍ଭବ ହୁଏ ନାହିଁ । ପ୍ରତ୍ୟେକ ପିଲା ପରିବାରର ଜଣେ ସହକାରୀ କର୍ମୀ । ପିଲାଦିନରୁ ଶକ୍ତିମତେ ଘରର ଆୟ ପନ୍ଥାରେ ସହଯୋଗ କରିବା ସମସ୍ତଙ୍କର କର୍ତ୍ତବ୍ୟ । ପିଲା ବିଦ୍ୟାଳୟକୁ ଆସିଲେ ଘର କାମରେ କିଛିଟା ଅପୂରଣୀୟ ହୁଏ । ଫଳରେ ଅଭିଭାବକ କେବେ ପିଲାକୁ ଛାଡ଼େନା ତ କେବେ ପିଲା ମଧ୍ୟ ଆସେନା । ଏହି ପରିସ୍ଥିତିରେ ଆଦିବାସୀ ଅଞ୍ଚଳରେ ଶିକ୍ଷାର ବ୍ୟବସ୍ଥା ଟିକିଏ ସ୍ୱତନ୍ତ୍ର କରାଯିବା ଉଚିତ । ଅନ୍ୟାନ୍ୟ ସବୁ ବିଦ୍ୟାଳୟ ପରି ଦୈନିକ ରୁଟିନ୍, ରବିବାରରେ ସାପ୍ତାହିକ ଛୁଟି ଓ ଗ୍ରୀଷ୍ମଛୁଟି, ପୂଜାଛୁଟି ଇତ୍ୟାଦି ପରିବର୍ତ୍ତେ ସ୍ଥାନୀୟ ପରିବେଶ ବିଚାର ଅନୁସାରେ ବିଦ୍ୟାଳୟର ପ୍ରାତ୍ୟହିକ ରୁଟିନ୍ ପରିବର୍ତ୍ତନୀୟ, ରବିବାର ପରିବର୍ତ୍ତେ ହାଟ ବାରରେ ସାପ୍ତାହିକ ଛୁଟି ହେବା ଦରକାର, ଦୀର୍ଘ ଅବକାଶ ସେପରି ଚାଷକାର୍ଯ୍ୟ ଓ ସାମାଜିକ ପର୍ବପର୍ବାଣି ଅନୁସାରେ ନିର୍ଦ୍ଧାରିତ ହେବା ଉଚିତ । ଏହା ଫଳରେ ପରିବାର ଓ ସମାଜ ପାଠପଢ଼ା ପାଇଁ ପିଲାର ଅନୁପସ୍ଥିତି ଅନୁଭବ କରିବ ନାହିଁ ଏବଂ ଏହାକୁ ସମର୍ଥନ କରିବାକୁ କୁଣ୍ଠିତ ହେବ ନାହିଁ । ଆଦିବାସୀ ସମାଜରେ ଶିକ୍ଷାର ପ୍ରସାର ଦିଗରେ ଯୋଜନା କଲାବେଳେ ଏହି କେତୋଟି ପ୍ରସଙ୍ଗ ପ୍ରତି ଧ୍ୟାନ ଦେବା ଦ୍ୱାରା ସୁଫଳ ମିଳିବାର ସମ୍ଭାବନା ବର୍ଦ୍ଧିତ ହେବ ବୋଲି ଆଶା କରାଯାଇପାରେ ।

□□□

Digitized by PPRACHIN, SOA

ଆଦିବାସୀ ବିଦ୍ୟାଳୟରେ ଶିକ୍ଷାଦାନର ମାଧ୍ୟମ

ଆଦିବାସୀଙ୍କ ମଧ୍ୟରେ ଶିକ୍ଷାର ପ୍ରସାରଣ ଦିଗରେ ଏକ ବଡ଼ ପ୍ରତିବନ୍ଧକ ହେଉଛି ଶିକ୍ଷାଦାନର ଭାଷା ମାଧ୍ୟମ । ସେମାନଙ୍କର ଘରୋଇ ଭାଷା ଓ ପାଠ୍ୟପୁସ୍ତକର ଭାଷା ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ପିଲାମାନେ ବଡ଼ ହେବା ସଙ୍ଗେ ସଙ୍ଗେ ଅବଶ୍ୟ ସ୍ଥାନୀୟ ଆଞ୍ଚଳିକ ଓଡ଼ିଆ ଉପଭାଷା ଶିଖନ୍ତି, କିନ୍ତୁ ତାହା ମାନକ ଓଡ଼ିଆ ଭାଷା ଉପରେ ଅକ୍ତିଆର ଆଣିବାରେ ଯଥେଷ୍ଟ ସାହାଯ୍ୟ କରିପାରେନା । ଦ୍ୱିତୀୟତଃ, ବହିର ଓଡ଼ିଆ ଭାଷାକୁ ସେମାନଙ୍କୁ ବୁଝାଇବାପାଇଁ ଶିକ୍ଷକମାନଙ୍କର ଆଦିବାସୀ ଭାଷାରେ ଜ୍ଞାନ ନଥିବା ହେତୁ ସେମାନେ ମଧ୍ୟ ଶିକ୍ଷାଦାନରେ ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହୋଇପାରନ୍ତି ନାହିଁ । ଏହି ଅସୁବିଧା ଦୂର କରିବା ପାଇଁ ଗୋଟିଏ ସୂତ୍ର ହେଉଛି ମାତୃଭଷାରେ ଶିକ୍ଷାଦେବା ଏବଂ ସେହି ଭାଷାଭାଷୀ ଶିକ୍ଷକଙ୍କୁ ନିଯୁକ୍ତ କରିବା । ମାତ୍ର ଏହା ଯେ ଅସମ୍ଭବ, ତାର କାରଣ ଗୋଟିଏ ବିଦ୍ୟାଳୟରେ ତଥା ଗୋଟିଏ ଶ୍ରେଣୀରେ ଭିନ୍ନ ଭିନ୍ନ ଉପଜାତିର ପିଲା ପଢ଼ନ୍ତି ଏବଂ ପ୍ରତ୍ୟେକ ଉପଜାତିର ଭାଷା ଭିନ୍ନ ଭିନ୍ନ । ସବୁ ଭାଷାରେ ଶିକ୍ଷା ଦେଇପାରିଲା ଭଳି ଯୋଗ୍ୟତାସମ୍ପନ୍ନ ଶିକ୍ଷକ ଆଦିବାସୀଙ୍କ ମଧ୍ୟରୁ ମିଳିବା ବର୍ତ୍ତମାନ ଅବସ୍ଥାରେ ସମ୍ଭବ ନୁହେଁ ।

ଏହି ସମସ୍ୟାର ସମାଧାନ ପାଇଁ ଆଉ ଏକ ସୂତ୍ର ହେଉଛି ଯେ, ଆଦିବାସୀ ଅଞ୍ଚଳର କଥିତ ଓଡ଼ିଆ ଉପଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ବ୍ୟବହାର କରିବା । ଏଥିପାଇଁ କୋରାପୁଟ ଜିଲ୍ଲାରେ ସବୁ ଉପଜାତିର ଲୋକେ ବୁଝୁଥିବା ଦେଶିଆ ଭାଷା, ସୁନ୍ଦରଗଡ଼ରେ ସାଦ୍ରୀ ଭାଷା, କେନ୍ଦୁଝରରେ ଭୂୟାଁ ଭାଷା, ମୟୂରଭଞ୍ଜରେ ବାଥୁଡି ଓ କୁର୍ମାଳୀ ଭାଷା, କଳାହାଣ୍ଡି - ବଲାଙ୍ଗିର ଅଞ୍ଚଳରେ ଲରିଆ ବା ସମ୍ବଲପୁରୀ ଭାଷା ବ୍ୟବହାର୍ଯ୍ୟ । ପ୍ରଥମେ ମାନକ ଓଡ଼ିଆ, ଔପଭାଷିକ ଓଡ଼ିଆ ଓ ଆଦିବାସୀ ଭାଷା ସମ୍ମିଶ୍ରିତ ଭାବେ ପ୍ରୟୋଗ କରି ପାଠ୍ୟପୁସ୍ତକ ପ୍ରଚଳନ କରାଯାଇପାରେ ଏବଂ କ୍ରମଶଃ ଅନ୍ୟାନ୍ୟ ଭାଷାରେ ଅନୁପାତ ହ୍ରାସକରି ମାଧ୍ୟମିକ ସ୍ତରକୁ ସମ୍ପୂର୍ଣ୍ଣ ମାନକ ଓଡ଼ିଆ ପ୍ରଚଳନ କରାଯାଇପାରେ । ଅନ୍ୟପକ୍ଷରେ ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟ

Digitized by PPRACHIN, SOA

ଶିକ୍ଷକମାନଙ୍କୁ ଆଦିବାସୀ ଭାଷା ଶିକ୍ଷଣ ଦିଗରେ ତାଲିମ ନେବା ବାଧ୍ୟତାମୂଳକ କରି ସେହି ଯୋଗ୍ୟତାର ମାନଦଣ୍ଡରେ ନିଯୁକ୍ତି ଓ ପଦୋନ୍ନତି ଦିଆଯିବା ପଦ୍ଧତି ପ୍ରଚଳନ କଲେ, ଶିକ୍ଷକମାନେ ମଧ୍ୟ ଆଦିବାସୀ ପିଲାଙ୍କୁ ଭଲଭାବେ ବୁଝାଇ ପଢ଼ାଇବା ପାଇଁ ସକ୍ଷମ ହେବେ ।

ଭାଷାର ମାଧ୍ୟମ ସହିତ ପାଠ୍ୟପୁସ୍ତକର ବିଷୟବସ୍ତୁ ମଧ୍ୟ ସ୍ୱତନ୍ତ୍ର ହେବା କାମ୍ୟ । ବଣ ଜଙ୍ଗଲରେ ଏକ ନିବୁଜ ସମାଜ-ବ୍ୟବସ୍ଥା ମଧ୍ୟରେ ଏବଂ ପାରମ୍ପରିକ ସାଂସ୍କୃତିକ ବାତାବରଣ ମଧ୍ୟରେ ରହୁଥିବା ଆଦିବାସୀ ପିଲାର ଅବଧାରଣା ଓ କଳ୍ପନାଶକ୍ତି ଉପକୂଳାଞ୍ଚଳୀୟ ଓଡ଼ିଆ ପିଲାଙ୍କଠାରୁ ଭିନ୍ନ । ତେଣୁ ସ୍ଥାନ ଓ ପରିବେଶ ଚିତ୍ରଣ, ଚରିତ୍ରମାନଙ୍କର ନାମକରଣଠାରୁ ଆଚାର-ବ୍ୟବହାର ଇତ୍ୟାଦି ବର୍ଣ୍ଣନ, ସହଜ ବୋଧଗମ୍ୟ ଓ ପରିଚିତ ଭାବ ଓ ବସ୍ତୁର ଉଲ୍ଲେଖ ଏବଂ ସ୍ଥାନୀୟ ପାରିଭାଷିକ ଶବ୍ଦାବଳୀ ପ୍ରୟୋଗ ଇତ୍ୟାଦି ଅନ୍ତର୍ଭୁକ୍ତ କରି ପାଠ୍ୟପୁସ୍ତକକୁ ତାଙ୍କର ଅଧିଗମ୍ୟ କରିବା ଆବଶ୍ୟକ । ବହିର ଭାଷା ଓ ବିଷୟ ଯେପରି ଆଦିବାସୀ ପିଲାର ଅଭିଜ୍ଞତାର ପରିସର ମଧ୍ୟରେ ରହିପାରେ, ତାହାହିଁ ପ୍ରଧାନ ଆବଶ୍ୟକ । ଓଡ଼ିଶା ରାଜ୍ୟଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ କିଛି ବହି ପ୍ରକାଶିତ ହୋଇଛି । ଏହି ପ୍ରକଳ୍ପ ସ୍ୱାଗତଯୋଗ୍ୟ । ତେବେ ଏହାକୁ ଆହୁରି ଆକର୍ଷଣୀୟ, ତ୍ରୁଟିଶୂନ୍ୟ ଏବଂ ବ୍ୟବହାରଯୋଗ୍ୟ କରିବା କାମ୍ୟ ।

□□□

Digitized by PPRACHIN, SOA

ପଣ୍ଡିତ ରଘୁନାଥ ମୁର୍ମୁ

ରାଇରଙ୍ଗପୁର ସହରଠାରୁ ଚାରି କିଲୋମିଟର ଦୂରବର୍ତ୍ତୀ ଏକ ଛୋଟ ଗାଆଁ ଦାଣ୍ଡବୋଷରେ ୧୯୦୫ ମଇ ୫ ତାରିଖରେ ରଘୁନାଥ ମୁର୍ମୁଙ୍କ ଆବିର୍ଭାବ। ପିତା ନନ୍ଦଲାଲଙ୍କ ପ୍ରଚେଷ୍ଟାରେ ସେ ମାଟ୍ରିକ୍ୟୁଲେସନ ଯାଏ ପାଠ ପଢ଼ି ତତ୍‌କାଳୀନ ମୟୂରଭଞ୍ଜ ଷ୍ଟେଟ୍‌ର ବାରିପଦା ପାୱାର ହାଉସ୍‌ରେ ଏକ ଶିକ୍ଷାନବିସ ରୂପେ ଯୋଗ ଦେଲେ। ସେଠାରେ ଏକ ଯନ୍ତ୍ର ସ୍ଥାପନା କୌଶଳର ବ୍ଲୁ-ନକ୍ସାରେ କେତେକ ତ୍ରୁଟି ଥିବାର ଷ୍ଟେଟ୍ ମୁଖ୍ୟଯନ୍ତ୍ରୀଙ୍କ ଦୃଷ୍ଟିକୁ ଆଣି ତରୁଣ ବୟସରେ ପ୍ରଭାବିତ ବିଜ୍ଞତାର ପରିଚୟ ଦେଇ ପାରିଥିଲେ। ତାପରେ କାର୍ପେଟ ବୁଣିବା କାର୍ଯ୍ୟ ହାତକୁ ନେଇ ସୂତା କାଢ଼ିବାର ସରଳ ତଥା ଉନ୍ନତ କୌଶଳ ଏବଂ ଉନ୍ନତ ମାନର କାର୍ପେଟ ନିର୍ମାଣରେ ଦକ୍ଷତା ପ୍ରଦର୍ଶନ କରି ସେ ସମସ୍ତଙ୍କ ନଜରକୁ ଆସିଥିଲେ। ତାଙ୍କର ଏହି ପ୍ରତିଭା ଯୋଗୁଁ ତତ୍‌କାଳୀନ ବାରିପଦା ଇଷ୍ଟେଟ୍‌ର ଦେୱାନ ଡା: ପି.କେ. ସେନ୍ ବୈଷୟିକ ତାଲିମ ପାଇଁ ତାଙ୍କୁ କଲିକତା ପଠାଇଥିଲେ। ତାଲିମ ପାଇ କଲିକତାରୁ ଫେରିଲା ପରେ ତାଙ୍କୁ ବାରିପଦା ପୂର୍ଣ୍ଣଚନ୍ଦ୍ର ଶିଳ୍ପ ସଂସ୍ଥାନର ଉପଦେଷ୍ଟା ହିସାବରେ ନିଯୁକ୍ତି ଦିଆଗଲା। ତେବେ ପିତାଙ୍କ ଦେହାବସାନ ଘଟନ୍ତେ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଘର ନିକଟକୁ ବଦଳି ହୋଇ ଆସି 'ବାଦାମ ତଳିଆ' ମଡ଼େଲ ସ୍କୁଲର ପ୍ରଧାନ ଶିକ୍ଷକ ହିସାବରେ କାର୍ଯ୍ୟଭାର ଗ୍ରହଣ କଲେ।

ଶିକ୍ଷକତା ବୃତ୍ତି ସମୟରେ ପଣ୍ଡିତ ରଘୁନାଥ ମୁର୍ମୁ ଜାତିର ଉନ୍ନତି ପାଇଁ କିଛିଟା କରିବାକୁ ଚାହୁଁଥିଲେ। ଏହାର ପ୍ରଥମ ପ୍ରଚେଷ୍ଟା ସ୍ୱରୂପ ସାନ୍ତାଳୀ ଭାଷା ପାଇଁ ଏକ ସ୍ୱୟଂସଂପୂର୍ଣ୍ଣ ନୂତନ ଲିପି ଆବିଷ୍କାରର ଯୋଜନା ପ୍ରଣୟନ କଲେ। ଅକ୍ଲାନ୍ତ ପ୍ରଚେଷ୍ଟା ଓ ବନ୍ଧୁ ମହଲରୁ ଅନେକ ସାହାଯ୍ୟ ଓ ପରାମର୍ଶ ନେଇ ସେ ଆଗେଇଲେ। ଅବଶେଷରେ ତାଙ୍କର ସାଧନା ସଫଳ ହେଲା। ଗଭୀର ଅନୁଧ୍ୟାନ ଓ ଅଧ୍ୟବସାୟ ଫଳରେ ୧୯୩୫-୩୬ ମସିହାରେ ଜନ୍ମହେଲା ୩୦ ଅକ୍ଷର ବିଶିଷ୍ଟ ସାନ୍ତାଳୀ ଲିପି ଏବଂ ଏହି ଆବିଷ୍କୃତ ଲିପିକୁ ପ୍ରସାର ଓ ପ୍ରଚାର ପାଇଁ ସେ ନିଜେ ଏକ ହାତଚଳା ଛାପାଖାନା ମଧ୍ୟ କଲେ। ତାଙ୍କରି ଆବିଷ୍କୃତ ଲିପି ହିଁ ଆଜିର ସର୍ବଜନାଦୃତ 'ଅଲଚିକି'। ମୁର୍ମୁଙ୍କ ଏହି

Digitized by PPRACHIN, SOA

ଆବିଷ୍କୃତ ଲିପି ଓ ହାତଚଳା ଛାପାଖାନା ବାରିପଦା ଶିକ୍ଷାବିଭାଗର ସୁପରିନ୍ଟେଣ୍ଡେଣ୍ଟ୍ ସ୍କୁଲ ପରିଦର୍ଶନ ସମୟରେ ଦେଖି ମୁର୍ମୁଙ୍କ ଅଧ୍ୟବସାୟ ଦ୍ୱାରା ଖୁବ୍ ପ୍ରଭାବିତ ହୋଇଯାଇଥିଲେ । ୧୯୩୫ ମସିହାରେ ମୟୂରଭଞ୍ଜ ପ୍ରଦର୍ଶନୀରେ ଉକ୍ତ ଲିପି ପ୍ରଦର୍ଶନ କରି ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କଠାରୁ ଅନୁଗ୍ରହ ଲାଭପୂର୍ବକ ବାରିପଦା ରାଜ୍ୟରେ ଏହାର ପ୍ରସାର ନିମିତ୍ତ ଅନୁମତି ପାଇଥିଲେ । ତାର ତିନିବର୍ଷ ପରେ ପଦୋନ୍ନତି ପାଇ ତାଙ୍କୁ ରାଇରଙ୍ଗପୁର ହାଇସ୍କୁଲରୁ ବଦଳି ହୋଇ ଆସିବାକୁ ପଡ଼େ । ତେବେ ପାରିବାରିକ କାରଣରୁ ସେ ୧୯୪୬ ମସିହାରେ ଚାକିରିରୁ ଇସ୍ତଫା ଦେଇଦେଲେ ଏବଂ ସାନ୍ତାଳ ସମାଜର ସେବାରେ ନିଜକୁ ନିୟୋଜିତ କଲେ ।

ଏହି ସମୟରେ ତାଙ୍କର ସୃଜନଶୀଳ ମାନସରୁ ଜନ୍ମ ନିଏ ନାଟକ 'ବିଦୁ ଚନ୍ଦନ' (ଓଡ଼ିଆ ଲିପିରେ - ୧୯୪୨, ବଙ୍ଗଳା ଲିପିରେ - ୧୯୪୮) ଏବଂ ପରେ 'ଖେରୱାଲ ବୀର' ନାଟକ ଉଭୟ ଓଡ଼ିଆ (୧୯୪୪) ଓ ବଙ୍ଗଳା (୧୯୫୨) ଲିପିରେ ଛାପା ହୋଇଥିଲା । ଏହା ସାନ୍ତାଳ ଜନମାନସରେ ଖୁବ୍ ଆଦୃତ ହେବା ସଂଗେ ସଂଗେ ଆଭ୍ୟନ୍ତରୀଣ ସାନ୍ତାଳ ଗ୍ରାମମାନଙ୍କରେ ଅନେକଥର ଅଭିନୀତ ମଧ୍ୟ ହୋଇଥିଲା । ଅନ୍ୟପକ୍ଷରେ ଜାମସେଦପୁରର ଖେରୱାର ଜାର୍‌ପା ସମିତି 'ଅଲଚିକି'କୁ ଛାପା ଉପଯୋଗୀ କରିବା ପାଇଁ ଏଥିରେ ଆବଶ୍ୟକ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇ ପୃଷ୍ଠପୋଷକତା କରିବାରୁ ପଣ୍ଡିତ ମୁର୍ମୁ କଲିକତା ଯାଇ ଛାପାଖାନା ନିମନ୍ତେ ଆବଶ୍ୟକ ଟାଇପ୍ ଉପକରଣ ସ୍ୱଦେଶୀ ଟାଇପ୍ ଫାଉଣ୍ଡରୀରୁ କରାଇ ଆଣିଲେ ।

ଖେରୱାର ଜାର୍‌ପା ସମିତି ତାପରେ ଚନ୍ଦନ ପ୍ରେସ୍ ବସାଇ 'ସାଗେନ୍ ସାକାମ୍' ତଥା 'ଅଲଚେମେଦ୍' ବହି ଅଲଚିକିରେ ପ୍ରଥମେ ବାହାର କଲେ । ଅଲଚିକି ବ୍ୟବହାର କରି ପଣ୍ଡିତ ମୁର୍ମୁ ମଧ୍ୟ ଏହି ସମୟରେ ପ୍ରାଥମିକ ସ୍ତରରୁ ସାନ୍ତାଳୀ ଭାଷା ଶିକ୍ଷା ପାଇଁ ଅନେକ ପୁସ୍ତକ ଲେଖିଲେ, ଯଥା—ଅଲଚେମେଦ୍ (ଲେଖା ଶିକ୍ଷା) ପାର୍ଶି ପୋହା, ଲେଖା ପତବ୍, ରନଳଃ (ବ୍ୟାକରଣ ବହି) ଇତ୍ୟାଦି ।

ରଘୁନାଥ ମୁର୍ମୁ ସାନ୍ତାଳୀ ଭାଷାର ସ୍ୱତନ୍ତ୍ର ଲିପି ପ୍ରବର୍ତ୍ତନ ପାଇଁ କିପରି ସିଦ୍ଧାନ୍ତ କଲେ ସେ ସଂପର୍କରେ କହିଥାନ୍ତି ଯେ, ପ୍ରାଚୀନ କିମ୍ବଦନ୍ତୀ ତଥା ପାରମ୍ପରିକ ଗୀତ, ବିଶେଷତଃ 'ବିନ୍‌ତି'ମାନଙ୍କରେ ସେ 'ଅଲ' ଲିପିର ସ୍ୱରୂପ ପାଇଥିଲେ । 'ରୂପ ନ ଥାଇ ନାମ କାହିଁ ?' ଏହା ତାଙ୍କ ମନରେ ଅନେକ ପ୍ରଶ୍ନବାଚୀ ଆଣି ଦେଉଥିଲା । ତେଣୁ ତାର ଉତ୍ତର ନିଜେ ଖୋଜିବାକୁ ଯାଇ ରୂପ ଦେଲେ 'ଅଲଚିକି' । ରଘୁନାଥ ମୁର୍ମୁ ଜଣେ ସଚେତନ ସାନ୍ତାଳ ଲୋକ ଏବଂ ସାନ୍ତାଳ ସଂସ୍କୃତି ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ଥିଲେ । ସେ ନିଜେ ଅନୁଭବ କରୁଥିଲେ, ସାନ୍ତାଳୀମାନେ କିପରି ଅଣ-ଆଦିବାସୀ 'ଦିକୁ'ମାନଙ୍କ ଦ୍ୱାରା ଉପେକ୍ଷିତ । ଶିକ୍ଷାର ଅଭାବ ହିଁ ଏହାର କାରଣ ବୋଲି ସିଦ୍ଧାନ୍ତ କରି ସାନ୍ତାଳ

Digitized by PPRACHIN, SOA

ସମାଜକୁ ନିଜ ମାତୃଭାଷାରେ ଶିକ୍ଷିତ କରିବା ପାଇଁ ସେ ଦୃଢ଼ ପଦକ୍ଷେପ ଗ୍ରହଣ ସ୍ୱରୂପ ନିଜ ଭାଷାର ଲିପି ଆବିଷ୍କାର କରିବାକୁ ଉଦ୍ୟମ କରିଥିଲେ ।

ଓଡ଼ିଶାର ଅଧିବାସୀ ବାଷଠିଟି ଗୋଷ୍ଠୀର ଆଦିବାସୀଙ୍କ ମଧ୍ୟରେ ସାନ୍ତାଳ ଅନ୍ୟତମ ବୃହତ୍ତମ ଆଦିବାସୀ ସଂପ୍ରଦାୟ । ୧୯୮୧ ଜନଗଣନା ଅନୁସାରେ ଓଡ଼ିଶାର ୫୯୧୫୦୬୭ ଆଦିବାସୀ ଜନସଂଖ୍ୟା ମଧ୍ୟରେ ସାନ୍ତାଳ ସଂପ୍ରଦାୟର ସଂଖ୍ୟା ୫୩୦୭୭୬ ଏବଂ ଏମାନେ ମୁଖ୍ୟତଃ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲାରେ ବସବାସ କରୁଥିଲେ ହେଁ କଟକ, ଢେଙ୍କାନାଳ, ପୁରୀ ଓ କୋରାପୁଟ ଜିଲାରେ ମଧ୍ୟ ସ୍ୱଳ୍ପାଧିକ ସଂଖ୍ୟାରେ ରହିଛନ୍ତି । ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ବିହାର ଓ ଆସାମ ରାଜ୍ୟରେ ମଧ୍ୟ ଏମାନେ ବହୁ ସଂଖ୍ୟାରେ ଅଧିବାସୀ । ଭାରତରେ ଏମାନଙ୍କ ସଂଖ୍ୟା ପ୍ରାୟ ୪୦ ଲକ୍ଷ ଏବଂ ଭିଲ ଓ ଗୋଁଡ଼ ପରେ ଏହା ତୃତୀୟ ବୃହତ୍ତମ ଜନଜାତି ।

ସାନ୍ତାଳ ସଂପ୍ରଦାୟର ଏକ ନିଜସ୍ୱ ଭାଷା ଅଛି, ଯାହାକୁ ଜାତିର ନାମ ଅନୁସାରେ କୁହାଯାଏ—'ସାନ୍ତାଳୀ' । ଏହି ଭାଷା ଜନଜାତୀୟ ଭାଷାତତ୍ତ୍ୱ ଦୃଷ୍ଟିରୁ 'ମୁଣ୍ଡା' ଭାଷା ପରିବାର ଅନ୍ତର୍ଗତ ଓ ଅନ୍ୟାନ୍ୟ ସଜାତୀୟ ଭାଷା ସହିତ ସଂପର୍କିତ । ମୁଣ୍ଡା ଭାଷା ପରିବାର ବୃହତ୍ତର ଅଷ୍ଟ୍ରୋ-ଏସିଆଟିକ୍ ଭାଷା ପରିବାରର ଏକ ଭାରତୀୟ ଶାଖା । ଏହି ମୁଣ୍ଡା ପରିବାର ପୁନଶ୍ଚ ତିନି ଭାଗରେ ବିଭକ୍ତ—ଦକ୍ଷିଣ ମୁଣ୍ଡା, କେନ୍ଦ୍ରୀୟ ମୁଣ୍ଡା ଏବଂ ଉତ୍ତର ମୁଣ୍ଡା । ଦକ୍ଷିଣ ମୁଣ୍ଡା ଗୋଷ୍ଠୀର ଅନ୍ତର୍ଭୁକ୍ତ କୋରାପୁଟ ଅଞ୍ଚଳର ଗାଦ୍‌ବା, ସୋରା, ପାରେଙ୍ଗା, ବଣ୍ଡା ଓ ଡିଡାୟୀ ଜନଜାତୀୟ ଭାଷା । କେନ୍ଦ୍ରୀୟ ମୁଣ୍ଡା ଗୋଷ୍ଠୀର ଦୁଇଟି ଭାଷା—ଖଡ଼ିଆ ଓ ଜୁଆଙ୍ଗ । ଉତ୍ତର ମୁଣ୍ଡା ଭାଷାଗୋଷ୍ଠୀ ଦୁଇ ଭାଗରେ ବିଭକ୍ତ । ଗୋଟିଏ ଭାଗ କୋର୍‌କୁ ଓ ଦ୍ୱିତୀୟ ଭାଗଟି ଖେରୱାରୀ । ଏହି ଖେରୱାରୀ ଶାଖା ମଧ୍ୟରେ ଗୋଟିଏ ଧାରା ସାନ୍ତାଳୀ, ମାହାଲୀ, ବିର୍‌ହୋର । ଆଉ ଗୋଟିଏ ଧାରା ମୁଣ୍ଡାରୀ, ହୋ, ଭୂମିଜ, କୋରୁଆ ଇତ୍ୟାଦି ।

ଓଡ଼ିଶାର ଆଦିବାସୀ ଗୋଷ୍ଠୀର ଭାଷା ସମୂହ ମଧ୍ୟରେ ସାନ୍ତାଳୀ ଭାଷା ଅପେକ୍ଷାକୃତ ଭାବେ ବହୁଚର୍ଚ୍ଚିତ । ବିଶେଷତଃ ସାଂପ୍ରତିକ କାଳରେ ଅନ୍ୟାନ୍ୟ ଆଦିବାସୀ ଭାଷା ତୁଳନାରେ ସାନ୍ତାଳୀ ଭାଷାରେ ଲିଖିତ ସାହିତ୍ୟ କ୍ରମଶଃ ସମୃଦ୍ଧି ଲାଭ କରୁଛି । ଏଥିରୁ ଅନେକ ଗ୍ରନ୍ଥ ଓଡ଼ିଆ ଲିପିରେ ଏବଂ ଅବଶିଷ୍ଟ ସାନ୍ତାଳୀ ଭାଷାର ନିଜସ୍ୱ ଲିପି 'ଅଲଚିକି'ରେ ଲେଖାଯାଇଛି । ଉପନ୍ୟାସ, ନାଟକ, କବିତା, ଗଳ୍ପ, ବ୍ୟାକରଣ, ପାଠ୍ୟପୁସ୍ତକ, ପତ୍ରପତ୍ରିକା ଇତ୍ୟାଦି ବିବିଧ ଧରଣର ସାହିତ୍ୟ ଏହି ଭାଷାରେ ଉପଲବ୍ଧ ହୁଏ । ଶ୍ରୀରାମ ଦାସ ମୁର୍ମୁଙ୍କ ଦ୍ୱାରା ପ୍ରସ୍ତୁତ ଗୋଟିଏ ତାଲିକାରୁ ୧୫୭ ଖଣ୍ଡ ବହି 'ଅଲଚିକି'ରେ ଲେଖାଯାଇଥିବାର ବିବରଣୀ ମିଳେ । ସାନ୍ତାଳୀ ଭାଷାରେ ସାହିତ୍ୟ

Digitized by PPRACHIN, SOA

ସୃଷ୍ଟିର ପ୍ରଧାନ ପ୍ରେରଣାର ଉତ୍ସ ହେଉଛନ୍ତି ପଣ୍ଡିତ ରଘୁନାଥ ମୁର୍ମୁ । ତାଙ୍କ ରଚିତ ନାଟକ 'ବିଦୁ-ଚନ୍ଦନ' (୧୯୪୨) ଓ 'ଖେରଓ୍ୱାଲ ବୀର' (୧୯୪୪) ଦାରେଗେ ଧାନ (୧୯୬୬) 'ହିତାଲ' ଓ 'ବାଖେନ୍' ପଦ୍ୟ ଗ୍ରନ୍ଥ ସମୂହ ଉଚ୍ଚମାନ ତଥା ଲୋକପ୍ରିୟତା ଦୃଷ୍ଟିରୁ ସାନ୍ତାଳୀ ସାହିତ୍ୟକୁ ଉଜ୍ଜୀବିତ କରିଛି ।

ପଣ୍ଡିତ ମୁର୍ମୁଙ୍କର ଐତିହାସିକ ଅବଦାନ 'ଅଲଚିକି' ଲିପିମାଳା ୩୦ଟି ଅକ୍ଷର ବିଶିଷ୍ଟ । ଏହାର ବିନ୍ୟାସ କ୍ରମ ସ୍ୱତନ୍ତ୍ର ଧରଣର । ଯଥା : ୬ଟି ସ୍ୱରବର୍ଣ୍ଣ— ଅ,ଆ,ଇ,ଉ,ଏ,ଓ ସହିତ ଚାରୋଟି ଲେଖା ବ୍ୟଞ୍ଜନ ଧ୍ୱନି କ୍ରମବଦ୍ଧ ହୋଇଥାଏ । ଉଦାହରଣ ସ୍ୱରୂପ 'ଅ' ସହିତ ଆସେ 'ଅତ୍', ଅକ୍, ଅଙ୍, ଅଲ । ସେହିପରି 'ଆ' ସହିତ ଆସେ 'ଆକ୍', ଆଜ୍, ଆମ୍, ଆଓ୍ୱ । 'ଇ' ସହିତ ଆସେ ଇସ୍, ଇହ, ଇଞ୍ଚ, ଇର୍ । 'ଉ' ସହିତ ଆସେ ଉଚ୍, ଉଦ୍, ଉଣ୍, ଉୟ । 'ଏ' ସହିତ ଆସେ ଏପ୍, ଏଡ୍, ଏନ୍, ଏଲ୍ । 'ଓ' ସହିତ ଆସେ ଓଟ୍, ଓବ୍, ଓଉମ୍, ଓହଃ । ଏହିପରି ଧ୍ୱନିମାଳା ଛଅଟି ବର୍ଗରେ ଶ୍ରେଣୀବଦ୍ଧ ।

ଅକ୍ଷରଗୁଡ଼ିକର ଆକୃତି ଚିତ୍ରଲିପି ସହିତ ତୁଳନୀୟ । ଗୋଟିଏ ଗୋଟିଏ ବସ୍ତୁ ବା ବିଷୟ ଅନୁସରଣରେ ଅକ୍ଷରଗୁଡ଼ିକର ଆକୃତି ଓ ନାମକରଣ କରାଯାଇଛି । ଉଦାହରଣ ସ୍ୱରୂପ 'ଅ' ଅକ୍ଷରଟି 'ଲ' ବିଷୟ ସହିତ ସଂପୃକ୍ତ । 'ଲ'ର ଅର୍ଥ ସାନ୍ତାଳୀ ଭାଷାରେ ପୋଡ଼ିବା କ୍ରିୟା । ଏହି 'ଅ' ଅର୍ଥ ସହିତ ସମ୍ବନ୍ଧାନ୍ୱିତ ଚାରୋଟି ବ୍ୟଞ୍ଜନ ଧ୍ୱନି, ଯଥା—'ଅତ୍' ମାନେ ପୃଥିବୀ, 'ଅକ୍' ମାନେ ବାନ୍ତିମାଡ଼ିବା, ଅଙ୍ ମାନେ ଫୁଙ୍କିବା, 'ଅଲ୍' ମାନେ ଲେଖିବା । ଏହିପରି ଭାବେ ପ୍ରତ୍ୟେକ ଅକ୍ଷରର ଗୋଟିଏ ଗୋଟିଏ ଅର୍ଥପୂର୍ଣ୍ଣ ନାମ ରହିଛି ଏବଂ ସେହି ନାମ ଅନୁରୂପ ଅକ୍ଷରର ଆକୃତି ପରିକଳ୍ପିତ ହୋଇଛି ।

'ଲିପି' ମାତ୍ରକେ ସଂକେତ । ଭାଷାର ଯେକୌଣସି ଧ୍ୱନିକୁ ଯେକୌଣସି ବିଶେଷ ସଂକେତ ଦ୍ୱାରା ଲିପିବଦ୍ଧ କରାଯାଇପାରେ । ସବୁ ଭାଷା ପରି ସାନ୍ତାଳୀ ଭାଷାର କିଛି ସ୍ୱତନ୍ତ୍ର ଧ୍ୱନି ରହିଛି । ସେହି ସ୍ୱତନ୍ତ୍ର ଧ୍ୱନିଗୁଡ଼ିକୁ ସଠିକ ଭାବେ ଲେଖିବା ପାଇଁ ସ୍ୱତନ୍ତ୍ର ଲିପି ନିତାନ୍ତ ଆବଶ୍ୟକ ବୋଲି ଅନେକ ଯୁକ୍ତି କରନ୍ତି । ବସ୍ତୁତଃ କୌଣସି ଭାଷାର ଧ୍ୱନି ସହିତ ଲିପିର କିଛି ଆନ୍ତରିକ ସଂପର୍କ କେବଳ ବ୍ୟାବହାରିକ । ସାନ୍ତାଳୀ ଭାଷା ଯେ ଅନ୍ୟ କୌଣସି ଲିପିରେ ଲେଖାଯାଇପାରିବ ନାହିଁ, ଏପରି କହିବା ଅସଙ୍ଗତ । ତେଣୁ ପଣ୍ଡିତ ମୁର୍ମୁଙ୍କ ଦ୍ୱାରା 'ଅଲଚିକି' ଲିପି ଉଦ୍ଭାବନର ଏକମାତ୍ର ମୂଳ କାରଣ ଏହା ନଥିଲା, ବରଂ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିଜ ଭାଷାର ସାବୟବ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ପାଇଁ ଏକ ନିଜସ୍ୱ ଲିପିର ଆବଶ୍ୟକତା ।

Digitized by PPRACHIN, SOA

ଯାହାହେଉ, ବର୍ତ୍ତମାନ ଏହି ଲିପି ଯଥେଷ୍ଟ ପ୍ରଚାର ଓ ପ୍ରସାର ଲାଭ କରିଛି । ଏପରିକି ପଶ୍ଚିମବଙ୍ଗ ସରକାର ଏହାକୁ ୧୯୭୯ ଜୁଲାଇ ୫ ତାରିଖରେ ସରକାରୀ ସ୍ତରରେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଲିପିରେ ପାଠ୍ୟପୁସ୍ତକ ଲେଖାଯାଇ ଶିକ୍ଷାଦାନ କରାଯାଉଛି । ରାଇରଙ୍ଗପୁରଠାରେ ଅବସ୍ଥାପିତ Board of Santali Education ଏବଂ 'ଆଦିବାସୀ ସୋସିଓ-ଏଜୁକେଶନାଲ ଆଣ୍ଡ କଲ୍‌ଚରାଲ୍ ଏସୋସିଏସନ' ବହୁସ୍ଥାନରେ ଅଣ-ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ସ୍ଥାପନ କରି ଏହି ଲିପିରେ ଲେଖାପଢ଼ା ବିଷୟରେ ଶିକ୍ଷାଦାନ କରୁଛନ୍ତି ।

କେବଳ ଭାଷାସଂସ୍କାରକ କହିଲେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପାଣ୍ଡିତ୍ୟ ପ୍ରତି ଅସମ୍ମାନ ହେବ । ସେ ସାନ୍ତାଳୀ ସମାଜସଂସ୍କାରକ ଏବଂ ଆଦିବାସୀ ସଂସ୍କୃତିର ଜଣେ ସ୍ୱାଭିମାନୀ ଉଦ୍‌ଗାତା ମଧ୍ୟ । ନିଜ ସଂସ୍କୃତିର ଆଦର୍ଶକୁ ଆଖିଆଗରେ ରଖି ସଂସ୍କୃତି ସଚେତନ ହେବାକୁ ସେ ସର୍ବଦା ଇଙ୍ଗିତ କରିବାକୁ କୁଣ୍ଠିତ ହୋଇନାହାନ୍ତି । ଏଣୁ ନିଶାର କୁପ୍ରଭାବ, ଜାତି-ବର୍ଣ୍ଣ-ଭିତ୍ତିକ ବିବାହ ପ୍ରଥା ତଥା ବ୍ୟକ୍ତିଗତ ଚରିତ୍ର ନିର୍ମାଣ ଉପରେ ତିର୍ଯ୍ୟକ୍ ଦୃଷ୍ଟି ଦେଇଛନ୍ତି । ସେଥିପାଇଁ ସେ ଆମର ଗୁରୁଗମ୍‌କେ ।

ପଣ୍ଡିତ ମୁର୍ମୁଙ୍କ ରଚନାବଳୀ ବିଦୁ ଚନ୍ଦନ, ଖେରୱାଲ ବୀର ଓ ଦାରେଗେଧାନ ନାଟକରେ ତାଙ୍କର ବିଚାରଧାରା ପ୍ରତିଫଳିତ ହୋଇଛି । ତାଙ୍କର ଅନ୍ୟ ଏକ ରଚନା ଦୁଇଖଣ୍ଡରେ ସଂକଳିତ 'ହିତାଲ' ସୃଷ୍ଟିକର୍ତ୍ତାଙ୍କ ଉଦ୍ଦେଶ୍ୟରେ ସଂରଚିତ ସ୍ତୁତିମାଳା । ଏହାଛଡ଼ା 'ବାଖେଣ' କବିତା ସଂକଳନ ସାନ୍ତାଳ ଦେବଦେବୀଙ୍କ ପ୍ରାର୍ଥନା ସମ୍ବଳିତ । ଏହା ବିଭିନ୍ନ ପର୍ବପର୍ବାଣିରେ ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଗାନ କରାଯାଉଥିବା ଏକ ପ୍ରାର୍ଥନା ସଂଗୀତ - ସଂକଳନ । ତାଙ୍କର ନାଟକଗୁଡ଼ିକ ଉଭୟ ବିଷୟବସ୍ତୁ ତଥା ମଞ୍ଚାଭିନୟ ଉପଯୋଗିତା ଦୃଷ୍ଟିରୁ ଲୋକପ୍ରିୟ ଏବଂ ଆକର୍ଷଣୀୟ । ସାନ୍ତାଳୀ ଚରିତ୍ରର ମୌଳିକ ବୈଶିଷ୍ଟ୍ୟ ତାଙ୍କର ନାଟକର ନାୟକ 'ବିଦୁ' ଏବଂ 'ଖେରୱାର' ଚରିତ୍ର ଦ୍ୱୟ ମଧ୍ୟରେ ରୂପାୟିତ ହୋଇଛି ।

ସର୍ବଶେଷରେ ଜାତି ଉଦ୍ଦେଶ୍ୟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନିମ୍ନଲିଖିତ ବାଣୀ ଆମର ଚିରସ୍ମରଣୀୟ—

"ସେଣାଃ ଏମ୍ ମନେ ଏଦଖାନ୍
ପା-ରସ ମାଣାଂ ସେଣାୟତାମ୍
ପାଲରସ୍ ସେଣାମ୍ ମେନ୍ ଏଦଖାନ୍
ଅଲମାଣା ସେଣାମ୍ ତାମ୍ ।"

Digitized by PPRACHIN, SOA

ଏହାର ଓଡ଼ିଆ ଅର୍ଥ ହେଉଛି :

"ତୁମେ ଯେବେ ବଡ଼ ହେବାକୁ ଚାହୁଁଥାଅ
ପ୍ରଥମରେ ତୁମ୍ଭର ଭାଷାକୁ ବଡ଼ କର
ତୁମେ ଯେବେ ଭାଷାକୁ ବଡ଼ କରିବାକୁ ଚାହୁଁଥାଅ
ତେବେ ପ୍ରଥମେ ତୁମେ ତୁମ ଲେଖାକୁ ବଡ଼ କର ।"

ପଣ୍ଡିତ ମୁର୍ମୁ ୧୯୮୨ ଫେବୃଆରୀ ପହିଲାରେ ମରଶରୀର ତ୍ୟାଗ କଲେ । ମାତ୍ର ସାନ୍ତାଳୀ ଭାଷା ଓ ସାହିତ୍ୟରେ ସେ ଚିର ଅମର । ତାଙ୍କର କର୍ମକ୍ଷେତ୍ର ସାନ୍ତାଳ ସମାଜ ହେଲେ ହେଁ ସେ ସାରା ଭାରତର ଆଦିବାସୀ ପ୍ରତିଭାର ଏକ ପ୍ରଚଣ୍ଡ ପରିପ୍ରକାଶ ।

□□□

Digitized by PPRACHIN, SOA

ସାନ୍ତାଳୀ ଭାଷା ଓ ଅଲ୍‌ଚିକି (ଲିପି)

ଓଡ଼ିଶାର ଅଧିବାସୀ ବାଷଠିଟି ଗୋଷ୍ଠୀର ଆଦିବାସୀଙ୍କ ମଧ୍ୟରେ ସାନ୍ତାଳ ଅନ୍ୟତମ ବୃହତ୍ ଆଦିବାସୀ ସଂପ୍ରଦାୟ । ୧୯୮୧ ଜନଗଣନା ଅନୁସାରେ ଓଡ଼ିଶାର ୫୯୧୫୦୬୭ ଆଦିବାସୀ ଜନସଂଖ୍ୟା ମଧ୍ୟରେ ସାନ୍ତାଳ ସଂପ୍ରଦାୟର ସଂଖ୍ୟା ୫,୩୦୭୭୭ ଏବଂ ଏମାନେ ମୁଖ୍ୟତଃ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାରେ ବସବାସ କରୁଥିଲେହେଁ କଟକ, ଢେଙ୍କାନାଳ, ପୁରୀ କୋରାପୁଟ ଜିଲ୍ଲାରେ ମଧ୍ୟ ସ୍ୱଳ୍ପାଧିକ ସଂଖ୍ୟାରେ ରହିଛନ୍ତି । ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ବିହାର ଓ ଆସାମ ରାଜ୍ୟରେ ମଧ୍ୟ ଏମାନେ ବହୁ ସଂଖ୍ୟାରେ ଅଧିବାସୀ । ଭାରତରେ ଏମାନଙ୍କ ସଂଖ୍ୟା ତୃତୀୟ ଏବଂ ଭିଲ, ଗୋଁଡ ପରେ ଏହା ତୃତୀୟ ବୃହତ୍ତମ ଜନଜାତି ।

ସାନ୍ତାଳ ସଂପ୍ରଦାୟର ଏକ ନିଜସ୍ୱ ଭାଷା ଅଛି, ଯାହାକୁ ଜାତିର ନାମ ଅନୁସାରେ କୁହାଯାଏ—'ସାନ୍ତାଳୀ' । ଏହି ଭାଷା ଜନଜାତୀୟ ଭାଷାତତ୍ତ୍ୱ ଦୃଷ୍ଟିରୁ 'ମୁଣ୍ଡା' ଭାଷା ପରିବାର ଅନ୍ତର୍ଗତ ଓ ଅନ୍ୟାନ୍ୟ ସ୍ୱଜାତୀୟ ଭାଷା ସହିତ ସମ୍ପର୍କିତ । ମୁଣ୍ଡା ଭାଷା ପରିବାର ବୃହତ୍ତର ଅଷ୍ଟ୍ରୋ-ଏସିଆଟିକ୍ ଭାଷା ପରିବାରର ଏକ ଭାରତୀୟ ଶାଖା । ଏହି ମୁଣ୍ଡା ପରିବାର ପୁନଶ୍ଚ ତିନି ଭାଗରେ ବିଭକ୍ତ—ଦକ୍ଷିଣ ମୁଣ୍ଡା, କେନ୍ଦ୍ରୀୟ ମୁଣ୍ଡା ଏବଂ ଉତ୍ତର ମୁଣ୍ଡା । ଦକ୍ଷିଣ ମୁଣ୍ଡା ଗୋଷ୍ଠୀର ଅନ୍ତର୍ଭୁକ୍ତ କୋରାପୁଟ ଅଞ୍ଚଳର ଗାଦ୍‌ବା, ସଉରା, ପାରେଙ୍ଗା, ବଣ୍ଡା ଓ ଡିଡାୟୀ ଜନଜାତୀୟ ଭାଷା । କେନ୍ଦ୍ରୀୟ ମୁଣ୍ଡା ଗୋଷ୍ଠୀର ଦୁଇଟି ଭାଷା—ଖଡ଼ିଆ ଓ ଜୁଆଙ୍ଗ । ଉତ୍ତର ମୁଣ୍ଡା ଭାଷା ଗୋଷ୍ଠୀ ଦୁଇ ଭାଗରେ ବିଭକ୍ତ । ଗୋଟିଏ ଭାଗ କୋର୍‌କୁ ଓ ଦ୍ୱିତୀୟ ଭାଗଟି ଖେରୱାରୀ । ଏହି ଖେରୱାରୀ ଶାଖା ମଧ୍ୟରେ ଗୋଟିଏ ଧାରା ସାନ୍ତାଳୀ, ମାହାଲୀ, ବିର୍‌ହୋର୍ । ଆଉ ଗୋଟିଏ ଧାରା ମୁଣ୍ଡାରୀ, ହୋ, ଭୂମିଜ, କୋରୁଆ ଇତ୍ୟାଦି ।

ଓଡ଼ିଶାର ସମସ୍ତ ଆଦିବାସୀ ଗୋଷ୍ଠୀର ଭାଷାଠାରୁ ସାନ୍ତାଳୀ ଭାଷା ଅପେକ୍ଷାକୃତ ଭାବେ ବହୁଚର୍ଚ୍ଚିତ । ସାନ୍ତାଳ ଜାତି ଓ ସାନ୍ତାଳ ଭାଷା ବିଷୟରେ କେତେ ବ୍ୟାପକ ଲେଖାପଢ଼ା ହୋଇଛି, ତାହା ଜାଣିବା ପାଇଁ J. Troisiଙ୍କ ଦ୍ୱାରା ୧୯୭୬ରେ ସଙ୍କଳିତ ଖଣ୍ଡିଏ ବହି "The Santals—A Classified and Annotated Bibliography" ଦ୍ରଷ୍ଟବ୍ୟ । ବିଶେଷତଃ ସାଂପ୍ରତିକ କାଳରେ ଅନ୍ୟାନ୍ୟ ଆଦିବାସୀ

Digitized by PPRACHIN, SOA

ଭାଷା ତୁଳନାରେ ସାନ୍ତାଳୀ ଭାଷାରେ ଲିଖିତ ସାହିତ୍ୟ କ୍ରମଶଃ ସମୃଦ୍ଧି ଲାଭ କରୁଛି । ଏଥିରୁ ଅନେକ ଗ୍ରନ୍ଥ ଓଡ଼ିଆ ଲିପିରେ ଲେଖାଯାଇଛି ଏବଂ ଅବଶିଷ୍ଟ ସାନ୍ତାଳୀ ଭାଷାର ନିଜସ୍ୱ ଲିପି 'ଅଲ୍‌ଚିକି'ରେ ଲେଖାଯାଇଛି । ଉପନ୍ୟାସ, ନାଟକ, କବିତା, ଗଳ୍ପ, ବ୍ୟାକରଣ, ପାଠ୍ୟପୁସ୍ତକ, ପତ୍ରପତ୍ରିକା ଇତ୍ୟାଦି ବିବିଧ ଧରଣର ସାହିତ୍ୟ ଏହି ଭାଷାରେ ଉପଲବ୍ଧ ହୁଏ । ଶ୍ରୀ ରାମ ଦାସ ମୁର୍ମୁଙ୍କ ଦ୍ୱାରା ପ୍ରସ୍ତୁତ ଗୋଟିଏ ତାଲିକାରୁ ୧୫୭ ଖଣ୍ଡ ବହି 'ଅଲ୍‌ଚିକି'ରେ ଲେଖାଯାଇଥିବା ବିବରଣୀ ମିଳେ । ସାନ୍ତାଳୀ ଭାଷାରେ ସାହିତ୍ୟ ସୃଷ୍ଟିର ପ୍ରଧାନ ପ୍ରେରଣାର ଉତ୍ସ ହେଉଛନ୍ତି ପଣ୍ଡିତ ରଘୁନାଥ ମୁର୍ମୁ । ତାଙ୍କ ରଚିତ 'ବିଦୁ-ଚନ୍ଦନ' ନାଟକ (୧୯୪୨) ଓ 'ଖେରୱାଲ୍‌ବୀର' ନାଟକ (୧୯୪୪) ଏବଂ ହିତାଲ ଓ ବାଖେନ ଗ୍ରନ୍ଥ ସମୁହ ଗୁଣାତ୍ମକ ତଥା ଲୋକପ୍ରିୟତା ଦୃଷ୍ଟିରୁ ସାନ୍ତାଳୀ ସାହିତ୍ୟକୁ ଉଦ୍‌ଜୀବିତ କରିଛି ।

ଏହି ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଅନ୍ୟ ଏକ ଐତିହାସିକ ଅବଦାନ ସାନ୍ତାଳୀ ଭାଷା ପାଇଁ 'ଅଲ୍‌ଚିକି' ଲିପିର ଉଦ୍ଭାବନ । ସାଧାରଣତଃ ଆଦିବାସୀ ଭାଷାଗୁଡ଼ିକ କଥିତ ଭାଷା । ତାହାର ନିଜସ୍ୱ ସ୍ୱତନ୍ତ୍ର ଲିପି ନଥିଲା । କଥିତ ଆଦିବାସୀ ଭାଷାକୁ ଲିଖିତ ରୂପେ ପ୍ରଥମେ ପ୍ରକାଶ କଲେ ମିଶନାରୀମାନେ । ଏଥିପାଇଁ ବ୍ୟବହୃତ ହେଲା ରୋମାନ୍ ଲିପି । ଏଥିରେ ଅନେକ ଭାଷାରେ ବାଇବେଲ ଓ ଖ୍ରୀଷ୍ଟଧର୍ମ ସମ୍ପର୍କୀୟ ଲେଖା ଲିପିବଦ୍ଧ ହୋଇଛି । ଏହି ସମୟରେ ଓଡ଼ିଆ ଲିପିରେ ଲେଖିବାର ବିଧିବଦ୍ଧ ଚେଷ୍ଟା ହୋଇ ନଥିବା ଅସଙ୍ଗତ ମନେହୁଏ । ସ୍ୱାଧୀନତା ସଂଗ୍ରାମ କାଳରେ ଦେଶର ସବୁ ଅଞ୍ଚଳର ଓ ସବୁ ଶ୍ରେଣୀର ଲୋକଙ୍କ ମଧରେ ଏକ ନବ-ଜାଗରଣ ସୃଷ୍ଟି ହେଲା । ବିଶେଷତଃ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କୁ ତାଙ୍କର ମାନବିକ ଓ ନାଗରିକ ଅଧିକାର ସମ୍ପର୍କରେ ସଚେତନ କରାଇ ଜାତୀୟ ମୁଖ୍ୟଧାରା ସହ ସମନ୍ୱିତ କରିବାକୁ ଉଦ୍ୟମ କରାଗଲା । ଏହା ଫଳରେ ଅନ୍ୟ ଗୋଷ୍ଠୀଠାରୁ ବିଚ୍ଛିନ୍ନ ଏବଂ ନିଜ ଗୋଷ୍ଠୀ ଭିତରେ ବିକ୍ଷିପ୍ତ ହୋଇ ରହିଥିବା ଆଦିବାସୀ ସମାଜ ଯଥେଷ୍ଟ ଉଦ୍‌ବୁଦ୍ଧ ହେଲା । ସେମାନେ ଆତ୍ମ-ସଚେତନ ହେବା ସଙ୍ଗେ ଆତ୍ମ-ପ୍ରତିଷ୍ଠା ପାଇଁ ଆଗ୍ରହୀ ହେଲେ । ସେମାନଙ୍କ ମନରେ ଉପ-ଜାତୀୟତାବୋଧ ଜାଗ୍ରତ ହେବା ସଙ୍ଗେ ତାହାର ସ୍ୱାତନ୍ତ୍ର୍ୟ ଓ ମହତ୍ତ୍ୱ ପ୍ରଦର୍ଶନ ପାଇଁ ନିଜର ଐତିହ୍ୟ, ଭାଷା, ସଂସ୍କୃତି ଓ ଧର୍ମ ଭିତ୍ତିରେ ସଂଗଠନ କରାଗଲା । ଏହି ପରିସ୍ଥିତିରେ ଭାଷାଗତ ସ୍ୱତନ୍ତ୍ର ସତ୍ତାର ଦୃଢ଼ୀକରଣ ନିମନ୍ତେ ଓଡ଼ିଆ ବା ରୋମାନ୍ ଲିପି ଗ୍ରହଣ କରିବା ପରିବର୍ତ୍ତେ ନିଜସ୍ୱ ଲିପି ଉଦ୍ଭାବନ ପାଇଁ ଉଦ୍ୟମ କରାଗଲା । ଏହିଭଳି ଏକ ପରିସ୍ଥିତିରେ ପଣ୍ଡିତ ରଘୁନାଥ ମୁର୍ମୁ (୧୯୦୫-୧୯୮୨) ସାନ୍ତାଳ ଜାତିର ଐତିହ୍ୟ, ସଂସ୍କୃତି ଓ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଲିପି ୧୯୩୫-୩୬ ବେଳକୁ ଉଦ୍ଭାବନ କଲେ । ଏହାର ନାମ ଦେଲେ 'ଅଲ୍‌ଚିକି' ଅର୍ଥାତ୍ ଲେଖିବା ଲିପି ।

Digitized by PPRACHIN, SOA

'ଅଲଚିକି' ଲିପିମାଳା ୩୦ଟି ଅକ୍ଷର ବିଶିଷ୍ଟ । ଏହାର ବିନ୍ୟାସ କ୍ରମ ସ୍ୱତନ୍ତ୍ର ଧରଣର । ଯଥା : ୬ଟି ସ୍ୱରବର୍ଣ୍ଣ—ଅ,ଆ,ଇ,ଉ,ଏ,ଓ ସହିତ ଚାରୋଟି ଲେଖା ବ୍ୟଞ୍ଜନ ଧ୍ୱନି କ୍ରମବଦ୍ଧ ହୋଇଥାଏ । ଉଦାହରଣ ସ୍ୱରୂପ 'ଅ' ସହିତ ଆସେ 'ଅତ୍' ଅକ୍, ଅଙ୍, ଅଲ୍ । ସେହିପରି 'ଆ' ସହିତ ଆସେ 'ଆକ୍' ଆଜ୍, ଆମ୍, ଆୱ୍, 'ଇ' ସହିତ ଆସେ ଇସ୍, ଇହ, ଇଞ୍ଚ, ଇର୍ । 'ଉ' ସହିତ ଆସେ ଉଚ୍, ଉଦ୍, ଉଣ୍, ଉୟ । 'ଏ' ସହିତ ଆସେ ଏପ୍, ଏଡ୍, ଏନ୍, ଏଲ୍ । 'ଓ' ସହିତ ଆସେ ଓଟ୍, ଓବ୍, ଓଊମ୍, ଓହଃ । ଏହିପରି ଧ୍ୱନିମାଳା ଛଅଟି ବର୍ଗରେ ଶ୍ରେଣୀବଦ୍ଧ ।

ଅକ୍ଷରଗୁଡ଼ିକର ଆକୃତି ଚିତ୍ରଲିପି ସହିତ ତୁଳନୀୟ । ଗୋଟିଏ ଗୋଟିଏ ବସ୍ତୁ ବା ବିଷୟ ଅନୁସରଣରେ ଅକ୍ଷରଗୁଡ଼ିକର ଆକୃତି ଓ ନାମକରଣ କରାଯାଇଛି । ଉଦାହରଣ ସ୍ୱରୂପ 'ଅ' ଅକ୍ଷରଟି' 'ଲ' ବିଷୟ ସହିତ ସଂପୃକ୍ତ । 'ଲ'ର ଅର୍ଥ ସାନ୍ତାଳୀ ଭାଷାରେ ପୋଡ଼ିବା କ୍ରିୟା । ଏହି 'ଅ' ଅର୍ଥ ସହିତ ସମ୍ବନ୍ଧାନ୍ୱିତ ଚାରୋଟି ବ୍ୟଞ୍ଜନ ଧ୍ୱନି, ଯଥା—'ଅତ' ମାନେ ପୃଥିବୀ, 'ଅକ୍' ମାନେ ବାନ୍ତିମାଡ଼ିବା, 'ଅଙ୍' ମାନେ ଫୁଙ୍କିବା, 'ଅଲ୍' ମାନେ ଲେଖିବା । ଏହିପରି ଭାବେ ପ୍ରତ୍ୟେକ ଅକ୍ଷରର ଗୋଟିଏ ଗୋଟିଏ ଅର୍ଥପୂର୍ଣ୍ଣ ନାମ ରହିଛି ଏବଂ ସେହି ନାମ ଅନୁରୂପ ଅକ୍ଷରର ଆକୃତି ପରିକଳ୍ପିତ ହୋଇଛି ।

'ଲିପି' ମାତ୍ରକେ ସଙ୍କେତ । ଭାଷାର ଯେ କୌଣସି ଧ୍ୱନିକୁ ଯେ କୌଣସି ବିଶେଷ ସଙ୍କେତ ଦ୍ୱାରା ଲିପିବଦ୍ଧ କରାଯାଇପାରେ । ସବୁ ଭାଷା ପରି ସାନ୍ତାଳୀ ଭାଷାର କିଛି ସ୍ୱତନ୍ତ୍ର ଧ୍ୱନି ରହିଛି । ସେହି ସ୍ୱତନ୍ତ୍ର ଧ୍ୱନିଗୁଡ଼ିକ ସଠିକ ଭାବେ ଲେଖିବା ପାଇଁ ସ୍ୱତନ୍ତ୍ର ଲିପି ନିତାନ୍ତ ଆବଶ୍ୟକ ବୋଲି ଅନେକ ଯୁକ୍ତି କରନ୍ତି । ବସ୍ତୁତଃ କୌଣସି ଭାଷାର ଧ୍ୱନି ସହିତ ଲିପିର କିଛି ଆନ୍ତରିକ ସମ୍ପର୍କ କେବଳ ବ୍ୟାବହାରିକ । ସାନ୍ତାଳୀ ଭାଷା ଯେ ଅନ୍ୟ କୌଣସି ଲିପିରେ ଲେଖାଯାଇ ପାରିବ ନାହିଁ, ଏହିପରି କହିବା ଅସଙ୍ଗତ । ତେଣୁ ପଣ୍ଡିତ ମୁର୍ମୁଙ୍କ ଦ୍ୱାରା ଅଲ୍‌ଚିକି ଲିପି ଉଦ୍ଭାବନର ଏକମାତ୍ର ମୂଳକାରଣ ଏହା ନଥିଲା । ବରଂ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିଜର ଭାଷାର ସାବୟବ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ପାଇଁ ଏକ ନିଜସ୍ୱ ଲିପିର ଆବଶ୍ୟକତା ।

ଯାହା ହେଉ, ବର୍ତ୍ତମାନ ଏହି ଲିପି ଯଥେଷ୍ଟ ପ୍ରଚାର ଓ ପ୍ରସାର ଲାଭ କରିଛି । ଏପରିକି ପଶ୍ଚିମବଙ୍ଗ ସରକାର ଏହାକୁ ୧୯୭୯ ଜୁଲାଇ ୫ ତାରିଖରେ ସରକାରୀ ସ୍ତରରେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଲିପିରେ ପାଠ୍ୟପୁସ୍ତକ ଲେଖାଯାଇ ଶିକ୍ଷାଦାନ କରାଯାଉଛି । ରାଇରଙ୍ଗପୁରଠାରେ 'Board of Santali Education' ଏବଂ 'ଆଦିବାସୀ ସୋସିଓ ଏଡୁକେଶନାଲ ଆଣ୍ଡ କଲ୍‌ଚରାଲ୍ ଏସୋସିଏସନ୍' ବହୁ ସ୍ଥାନରେ

Digitized by PPRACHIN, SOA

ଅଣ-ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ସ୍ଥାପନ କରି ଏହି ଲିପିରେ ଲେଖାପଢ଼ା ବିଷୟରେ ଶିକ୍ଷାଦାନ କରୁଛନ୍ତି ।

ଓଡ଼ିଶାରେ ଆଦିବାସୀ ଭାଷାର ସଂଖ୍ୟା ଅନେକ ଏବଂ ଅଦ୍ୟାବଧି ଆଉ ତିନୋଟି ଆଦିବାସୀ ଭାଷାର ଯଥା—ସଉରା, କୁଇ ଓ ହୋ' ଭାଷାର ଲିପି ଉଦ୍ଭାବିତ ହୋଇଛି । ଭବିଷ୍ୟତରେ ଅନ୍ୟ ଭାଷାଭାଷୀ ଆଦିବାସୀ ସମାଜ ନିଜସ୍ୱ ଲିପି ସୃଷ୍ଟି କରିବେ । ଏହି ପରିସ୍ଥିତିରେ ଏକ ପକ୍ଷରେ ଆଦିବାସୀ ଭାଷାର ସୁରକ୍ଷା ଓ ସମୃଦ୍ଧି ପ୍ରତି କର୍ତ୍ତବ୍ୟ ଏବଂ ଅନ୍ୟ ପକ୍ଷରେ ପ୍ରତ୍ୟେକଟି ଭାଷା ପାଇଁ ସ୍ୱତନ୍ତ୍ର ଲିପି ପ୍ରଚଳନର ଜଟିଳ ପରିଣତି ପ୍ରତି ସତର୍କତା ଉଭୟ ଆଦିବାସୀ ଏବଂ ରାଜ୍ୟର ଅନ୍ୟାନ୍ୟ ଅଧିବାସୀଙ୍କର ବିଚାର୍ଯ୍ୟ ।

ପ୍ରସଙ୍ଗତଃ ପରିଶେଷରେ ଗୋଟିଏ କଥା କୁହାଯାଇପାରେ ଯେ, ନିକଟରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ଓଡ଼ିଆ ଲିପିରେ ସ୍ୱତନ୍ତ୍ର ସଙ୍କେତ ବ୍ୟବହାର କରି ସାନ୍ତାଳୀ ଭାଷାର ବ୍ୟାକରଣ, ଲୋକସାହିତ୍ୟ ଓ ଶବ୍ଦକୋଷ ସମ୍ବଳିତ ଗୋଟିଏ ଗ୍ରନ୍ଥ ପ୍ରକାଶ ପାଇଛି । 'ଅଲଚିକି' ଲିପି ଶିଖି ନଥିବା ବ୍ୟକ୍ତି ପକ୍ଷରେ ଏହି ବହି ସହାୟତାରେ ସାନ୍ତାଳୀ ଭାଷା ଶିକ୍ଷା କରିବା ସହଜସାଧ୍ୟ ହୋଇପାରେ । ଆମ ରାଜ୍ୟର ଅଣ-ଆଦିବାସୀ ଲୋକମାନଙ୍କ ମଧ୍ୟରେ ଆଦିବାସୀ ଭାଷା ଶିକ୍ଷାର ପ୍ରସାର ନିମନ୍ତେ ଲିପିର ପ୍ରତିବନ୍ଧକ ଦୂର କରିବା ସମୀଚୀନ । ଭାଷା ମାଧ୍ୟମରେ ପାରସ୍ପରିକ ମନର ମିଳନ ଘଟେ । ତେଣୁ ୧,୨୮,୨୩୫ ଜଣ ସାନ୍ତାଳୀ ଲୋକ ଓଡ଼ିଆ ଜାଣିଥିବା ସ୍ଥଳେ ମାତ୍ର ୬୪୩୫ ଜଣ ଓଡ଼ିଆ ଲୋକ ସାନ୍ତାଳୀ କହିପାରିବା ଏକ ଚରମ ବୈଷମ୍ୟ-ଜନକ ସ୍ଥିତି ।

□□□

Digitized by PPRACHIN, SOA

ପାତୁଆ ପାତୁଈ

ଫକୀରମୋହନ ସେନାପତି ପ୍ରଧାନତଃ ଉପନ୍ୟାସକାର ଭାବରେ ସୁଖ୍ୟାତ ହେଲେ ହେଁ ସେ କେତେଗୁଡ଼ିଏ କବିତା ମଧ୍ୟ ଲେଖିଛନ୍ତି, ଯାହାକି ତାଙ୍କର ଏକାନ୍ତ ବ୍ୟକ୍ତିଗତ ଚିନ୍ତା-ଭାବନା, ଅନୁଭବ-ଉପଲବ୍ଧି ଓ ସୁଖ-ଦୁଃଖର ଅଭିବ୍ୟକ୍ତି। ତାଙ୍କର ଗୋଟିଏ କବିତା ସଂକଳନର ନାମ 'ଅବସର ବାସରେ' (୧୯୦୮) ଏବଂ ସେଥିରେ ସଂକଳିତ ଗୋଟିଏ କବିତାର ନାମ 'ପାତୁଆ-ପାତୁଈ'। ଏହି କବିତାର ନାମରୁ କୌଣସି ବିଷୟବସ୍ତୁଗତ ସୂଚନା ମିଳେ ନାହିଁ। କିନ୍ତୁ କବିତାଟି ପଢ଼ିଲେ ପତ୍ର ପରିଧାନ କରୁଥିବା ଦୁଇଟି ନାରୀ ପୁରୁଷଙ୍କ ଜୀବନ ଚିତ୍ର ଉଦ୍‌ଭାସିତ ହୋଇଥାଏ।

ନାହିଁ ଧର୍ମାଧର୍ମ ଜ୍ଞାନ ଭୂତ ଭବିଷ୍ୟତ
ପ୍ରକୃତି ଚାଳିତ କାର୍ଯ୍ୟ କରନ୍ତି ସମସ୍ତ
ସଭ୍ୟତା ସୌଭାଗ୍ୟ ବିଦ୍ୟା ବିଳାସ ବାସନା
ସ୍ୱଭାବର ଶିଶୁଗଣେ କିଛି ନାହିଁ ଜଣା।

x x x

ନାହିଁ ଲୋଡ଼ା ସେ ସଭ୍ୟତା କି ହେବ ସେ ଜ୍ଞାନେ
ଦେବାକୁ ଯଦ୍ୟପି ହେବ କଷ୍ଟ ପର ପ୍ରାଣେ
ଯେ ବିଦ୍ୟା ସଭ୍ୟତା କ୍ଷଣଭଙ୍ଗୁର ଜୀବନ
କଳୁଷିତ କରେ, କିବା ତହିଁ ପ୍ରୟୋଜନ ?

x x x

ବରଞ୍ଚ ପାତୁଆ ବେଶେ ଭ୍ରମିବା ବନରେ
ଉଚିତ, କଳୁଷ ପ୍ରାଣେ ସଭ୍ୟ ସମାଜରେ
ଅନୁଚିତ ବାସ ଯାହା ନରକ ଆକର !
ପାତୁଆ ଜୀବନ ବହୁଗୁଣେ ଶ୍ରେଷ୍ଠତର।

ଫକୀରମୋହନ କେନ୍ଦୁଝରରେ ୧୮୯୦-୯୧ ସମୟରେ ରାଜାଙ୍କର ମେନେଜର ଭାବେ କାର୍ଯ୍ୟ କରିଥିଲେ। ପ୍ରଶାସନିକ ସମସ୍ୟା ସହିତ ଧରଣୀଧରର ଭୂୟାଁ ମେଳି

Digitized by PPRACHIN, SOA

ତାଙ୍କୁ ହୁଏତ କେନ୍ଦୁଝରର ଜନସାଧାରଣଙ୍କ ନିକଟବର୍ତ୍ତୀ ହେବାକୁ ଯଥେଷ୍ଟ ଅବସର ଦେଇ ନଥିଲା । ତଥାପି ଫକୀରମୋହନ ଭଳି ଲୋକ-ନୃତତ୍ତ୍ୱ ଅନୁସନ୍ଧାନୀ ବ୍ୟକ୍ତି ପକ୍ଷରେ କେନ୍ଦୁଝରର ଏକ ବିଶିଷ୍ଟ ଜନଗୋଷ୍ଠୀ ନିଶ୍ଚୟ ଅବଜ୍ଞାତ ନଥିଲେ । ଏହି ଜନଗୋଷ୍ଠୀ ଆଜି ଆମ ନିକଟରେ 'ଜୁଆଙ୍ଗ' ଆଦିବାସୀ ଗୋଷ୍ଠୀ ଭାବେ ଚିହ୍ନିତ । ଫକୀରମୋହନଙ୍କ ସମୟରେ କେନ୍ଦୁଝରରେ ସେମାନେ କେତେ ବହିର୍ଜଗତରେ ପରିଚିତ ଥିଲେ ଏବଂ କେଉଁ ନାମରେ ଲୋକେ ତାଙ୍କୁ ଆଖ୍ୟାତ କରୁଥିଲେ, ଫକୀରମୋହନଙ୍କ କବିତାଟି ପଢ଼ିଲେ ସନ୍ଧାହାନ ହେବାକୁ ପଡ଼େ । କାରଣ ଫକୀରମୋହନ ତାଙ୍କ କବିତାରେ ବର୍ଣ୍ଣିତ ନରନାରୀ ଦୁହିଁଙ୍କୁ ଜୁଆଙ୍ଗ ଦମ୍ପତି ବୋଲି ପରିଚିତ ନ କରାଇ ଅନ୍ୟଥା ପାତୁଆ-ପାତୁଈ ବୋଲି ବର୍ଣ୍ଣନାତ୍ମକ ନାମ ଦେଇ ନଥାନ୍ତେ । ତାହା ଯାହା ହେଉନା କାହିଁକି, ଊନବିଂଶ ଶତାବ୍ଦୀର ଶେଷାବଧି କେନ୍ଦୁଝର ଅରଣ୍ୟରେ ଜୁଆଙ୍ଗ ଆଦିବାସୀ ନାରୀପୁରୁଷ ଯେ ଗଛଲତାର ପତ୍ରକୁ ପରିଧାନ ଭାବେ ବ୍ୟବହାର କରି ଚଳପ୍ରଚଳ ହେଉଥିଲେ, ଏହା ଏକ ବିଶେଷ ନୃତାତ୍ତ୍ୱିକ ତଥ୍ୟ ।

ବର୍ତ୍ତମାନ ସରକାରୀ ସୁମାରି ଅନୁସାରେ ଆମ ଓଡ଼ିଶାରେ ୬୨ ପ୍ରକାରର ତଫସିଲଭୁକ୍ତ ଉପଜାତି ଥିବାର ଜଣାଯାଏ । ଏମାନଙ୍କର ସଂଖ୍ୟା ପ୍ରାୟ ୭୦ ଲକ୍ଷ ଏବଂ ରାଜ୍ୟ ଜନସଂଖ୍ୟାର ୨୩ ଶତାଂଶ ହେଉଛନ୍ତି ଆଦିବାସୀ । ଏମାନଙ୍କର ମଧ୍ୟରେ ଗୋଟିଏ ଗୋଷ୍ଠୀର ନାମ ଜୁଆଙ୍ଗ ଏବଂ ଏମାନଙ୍କର ମୂଳ ବସତିସ୍ଥଳ କେନ୍ଦୁଝରର ଗୋନାସିକା ପର୍ବତମାଳା, ଯାହାର ନାମକରଣ କରାଯାଏ 'ଜୁଆଙ୍ଗ ପୀଢ଼' । ୧୯୮୧ ଜନଗଣନା ଅନୁସାରେ ଏମାନଙ୍କର ଜନସଂଖ୍ୟା କେନ୍ଦୁଝର ଜିଲ୍ଲାରେ ୧୫୪୬୭ ଏବଂ ଢ଼େଙ୍କାନାଳ ଜିଲ୍ଲାରେ ୧୪୫୭୩ । ଢେଙ୍କାନାଳର ଜୁଆଙ୍ଗମାନେ ଜୁଆଙ୍ଗ ସମାଜ ଭିତରେ 'ଭାଗୁଡ଼ିଆ' ନାମରେ ପରିଚିତ । ଏମାନେ ମୂଳ ଜୁଆଙ୍ଗ ପୀଢ଼ ଛାଡ଼ି ସ୍ଥାନାନ୍ତରିତ ହୋଇଛନ୍ତି । ଗୋନାସିକାରେ ଯେଉଁମାନେ ରହି ଯାଉଛନ୍ତି ସେମାନେ ଆଦିମ ଜୁଆଙ୍ଗ ଏବଂ ଏବେ ମଧ୍ୟ ଓଡ଼ିଶାର ଆଦିବାସୀ ଗୋଷ୍ଠୀ ସମୂହ ମଧ୍ୟରେ ଅନ୍ୟତମ ଆଦିମତମ (Primitive) ଜନଜାତି ଭାବରେ ପରିଗଣିତ । ଏମାନଙ୍କୁ ତେଣୁ କୁହାଯାଏ 'ଥାନିଆ' ।

ଜୁଆଙ୍ଗ ଏକ ଆକର୍ଷଣୀୟ ଆଦିବାସୀ ସମାଜ । ଲୋକଗୁଡ଼ିକ ଖର୍ବକାୟ, ବଳିଷ୍ଠ, ଗୌରବର୍ଣ୍ଣ ଏବଂ ସ୍ୱାଧୀନଚେତା । ପାହାଡ଼ ଉପରୁ ଜଙ୍ଗଲ କାଟି ଏମାନେ କିଛି କିଛି ଚାଷ କରନ୍ତି । ଅନ୍ୟଥା ଜଙ୍ଗଲର ଫଳମୂଳ ଉପରେ ଖାଦ୍ୟ ପାଇଁ ନିର୍ଭର କରନ୍ତି । ଜୁଆଙ୍ଗ ଗାଆଁଗୁଡ଼ିକ ଛୋଟ ଛୋଟ । ପ୍ରତି ଗାଆଁ କେନ୍ଦ୍ରରେ ଥାଏ 'ମଣ୍ଡଘର' ଏବଂ ତା'ଠାରୁ ଟିକେ ଦୂରରେ ଅବିବାହିତ ଝିଅମାନଙ୍କର 'ବସାଘର' । ମଣ୍ଡଘରର ଭୂମିକା ଭାଗବତ ଟୁଙ୍ଗୀ ସହ କେତେକାଂଶରେ ତୁଳନୀୟ । ଗାଁର ଭଲମନ୍ଦ, ପର୍ବପର୍ବାଣି,

Digitized by PPRACHIN, SOA

ସଭାସମିତି ଇତ୍ୟାଦି ସବୁକିଛି ମଣ୍ଡଘରେ ହିଁ ସମ୍ପାଦିତ ହୁଏ । ମଣ୍ଡଘର ମଝି ଅଗଣାରେ ଅଲିଭା ଜୁଇ ସଦାସର୍ବଦା ଜଳୁଥାଏ । କାନ୍ଥରେ ଖଞ୍ଜାଯାଇଥିବା ହରିଣ, ଗୟଳ ଶିଙ୍ଗରେ ଗୋଟି ଗୋଟି ଚାଙ୍ଗୁବାଜା ଝୁଲୁଥାଏ । ସନ୍ଧ୍ୟାହେଲେ ଲୋକେ ନିଆଁକୁ ଘେରି ବସନ୍ତି, ନିଆଁରେ ଚାଙ୍ଗୁ ଉଷୁମ କରି ବଜାନ୍ତି । ଗାଆନ୍ତି ଆଉ ନାଚନ୍ତି ।

ଜୁଆଙ୍ଗମାନଙ୍କର ସାମାଜିକ, ସାଂସ୍କୃତିକ ସଂଗଠନ ବହୁ ଭାବରେ ସ୍ୱତନ୍ତ୍ର । ସେମାନେ ନିଜସ୍ୱ ଭାଷା ବ୍ୟବହାର କରନ୍ତି । ନିଜ ଗାଆଁର ପୁଅଝିଅଙ୍କ ମଧ୍ୟରେ ବିବାହ ହୁଏନାହିଁ । ବିବାହ ପରେ ପୁଅ ବୋହୂ ସ୍ୱତନ୍ତ୍ର ଘର ପରିବାର ଗଠନ କରନ୍ତି । ଛାଡ଼ପତ୍ର ଏବଂ ବିଧବା ବିବାହ ପ୍ରଚଳିତ ଅଛି । ସେମାନଙ୍କର ପ୍ରଧାନ ଦେବଦେବୀ ଧରମ ଦେଓତା (ସୂର୍ଯ୍ୟ) ବସୁମାତା ଏବଂ ଗ୍ରାମ ଶିରୀ । ଗାଆଁର ଭଲମନ୍ଦ ବୁଝିବାକୁ ଜଣେ ଥାନ୍ତି 'ପ୍ରଧାନ' ଏବଂ ତାଙ୍କ ସରକାରୀଙ୍କୁ କୁହାଯାଏ 'ଡାଙ୍ଗୁଆ' ।

ସମ୍ପ୍ରତି ଫକୀରମୋହନଙ୍କ କାଳର ପାତୁଆ-ପାତୁଈମାନେ ନିଜର ଆଦିମ ଅବସ୍ଥାରୁ ଅଗ୍ରସର ହେଉଛନ୍ତି । ଜୁଆଙ୍ଗ ଗୋଷ୍ଠୀର ସାମଗ୍ରିକ ଉନ୍ନତି ପାଇଁ ଏକ ସ୍ୱତନ୍ତ୍ର 'ଜୁଆଙ୍ଗ ଅଣୁ ଉନ୍ନୟନ' ଯୋଜନା ଗୋନାସିକାଠାରେ କାର୍ଯ୍ୟକାରୀ ହେଉଅଛି । ଦୂରବର୍ତ୍ତୀ ଗ୍ରାମଗୁଡ଼ିକ ତଥାପି ଅବହେଳିତ ହୋଇଥିଲେ ହେଁ ନିକଟବର୍ତ୍ତୀ ଗୋନାସିକା, କଦଳୀବାଡ଼ି, ବୈତରଣୀ ପ୍ରଭୃତି ଗ୍ରାମଗୁଡ଼ିକର ତୁଳନାତ୍ମକ ଭାବେ ଉନ୍ନତ ହେଲାଣି । ଶିକ୍ଷାର ବିସ୍ତାର କ୍ରମଶଃ ଦେଖାଯାଉଛି । ଏସବୁ ପରିବର୍ତ୍ତନ ଲକ୍ଷ୍ୟ କରି କୁହାଯାଇପାରେ ଯେ ଫକୀରମୋହନଙ୍କ ଯୁଗର ଜୁଆଙ୍ଗ ସମାଜ ବର୍ତ୍ତମାନ ପ୍ରଗତି ପଥର ଯାତ୍ରୀ । କିନ୍ତୁ ଏହି 'ସ୍ୱଭାବର ଶିଶୁଗଣଙ୍କୁ' ଆମର ସଭ୍ୟତା କବଳରୁ ସ୍ୱଭାବ ସୁନ୍ଦର କରି ରଖିବା ଆମର କର୍ତ୍ତବ୍ୟ ।

□□□

Digitized by PPRACHIN, SOA

ଆଦିବାସୀଙ୍କ କଷଣ : ସମାଧାନର ଉପାୟ

ଶ୍ରୀ ରାମଚନ୍ଦ୍ର ଗୁହ ଜୁଲାଇ ୭,୧୯୯୨ 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ଆଦିବାସୀମାନଙ୍କର ସତରେ କ'ଣ କିଛି ଉନ୍ନତି ହେବାର ସମ୍ଭବ—ଏହି ପ୍ରଶ୍ନଟି ଉଠାଇ କେତୋଟି ସମସ୍ୟାପ୍ରତି ଧ୍ୟାନ ଆକର୍ଷଣ କରିଥିଲେ । ତାଙ୍କ ଆଲୋଚନାରେ ଦୁଇଟି ପୂର୍ବ ପ୍ରକାଶିତ ଲେଖାର ପର୍ଯ୍ୟାଲୋଚନା କରାଯାଇଛି—(୧) ଭେରିଅର ଏଲ୍‌ୱିନ-ଲସ୍ ଅଫ୍ ନର୍ଭ (୧୯୪୨) ଏବଂ (୨) ସାତପୁରା କି ଘାଟି : ପିପୁଲ୍ସ ଷ୍ଟ୍ରଗଲ ଇନ୍ ହୋସାଙ୍ଗାବାଦ (୧୯୯୨) ପିପୁଲ୍ସ ୟୁନିଅନ ଫର୍ ଡେମୋକ୍ରାଟିକ୍ ରାଇଟସ୍ । ଶ୍ରୀ ଗୁହଙ୍କ ବକ୍ତବ୍ୟ, ପଚାଶ ବର୍ଷ ତଳେ ଯାହା ଏଲ୍‌ୱିନ୍ ଉପଲବ୍ଧି କରିଥିଲେ ଏବେ ମଧ୍ୟ ତାହାହିଁ ପିୟୁଡିଆର ଦେଖିବାକୁ ପାଇଛନ୍ତି । ତାହେଲେ କି ପ୍ରଗତି ହୋଇଛି ? ଶ୍ରୀ ଗୁହଙ୍କ ଅଭିମତ ଆମ ରାଜ୍ୟରେ ଆଦିବାସୀଙ୍କ ସମସ୍ୟା ପରିପ୍ରେକ୍ଷୀରେ ଅବଶ୍ୟ ପ୍ରଣିଧେୟ ।

ସ୍ୱାଧୀନତା ଲାଭ ପରେ ଭାରତର ଆଦିବାସୀମାନଙ୍କ ଭାଗ୍ୟ ଫିଟିବା ଆଶା କରାଯାଇଥିଲା । ସମ୍ବିଧାନରେ ମଧ୍ୟ କେତେକ ସ୍ୱତନ୍ତ୍ର ସୁବିଧା-ସୁଯୋଗ ସେମାନଙ୍କ ପାଇଁ ନିର୍ଦ୍ଧାରିତ କରାଗଲା । କିନ୍ତୁ ଏଲ୍‌ୱିନ (୧୯୪୨) ପିୟୁଡ଼ିଆର୍ (୧୯୯୨) ଲେଖା ଦୁଇଟି ମଧ୍ୟରେ ୫୦ ବର୍ଷର ବ୍ୟବଧାନ ଥିଲେ ମଧ୍ୟ କଥା ରହିଛି ସମାନ—ଆଦିବାସୀଙ୍କ ଭାଗ୍ୟ ଫିଟିନାହିଁ । ତଫସିଲଭୁକ୍ତ ଜାତି-ଉପଜାତି କମିଶନରଙ୍କ ସର୍ବାଧୁନିକ ପ୍ରତିବେଦନରେ ପୁଣି ତାହାହିଁ ଦେଖିବାକୁ ମିଳେ । ତେବେ କାହିଁକି ଏପରି ହୋଇଛି ଓ ହେଉଛି ?

ଆଦିବାସୀଙ୍କ ହାତରେ ଜମି ଅତି କମ୍, ତାହା ପୁଣି ଉନ୍ନତ ଚାଷର ଅଯୋଗ୍ୟ । ପାହାଡ଼ ଉପରେ ପୋଡୁଚାଷ ବନ୍ଦ କରାଯିବା ପରେ ଜମି କାହିଁ ? ପାଣି କାହିଁ ? ଚାଷରୁ ପେଟ ପୋଷିବା ସମ୍ଭବ ନୁହେଁ ବୋଲି ସେମାନେ ଜଙ୍ଗଲ ସମ୍ପଦ ଉପରେ ନିର୍ଭର କରନ୍ତି, କିନ୍ତୁ କାଠ କାଟିବା ତାଙ୍କୁ ମନା । କେନ୍ଦୁପତ୍ର ତୋଳି ବେପାର କରିବା ବଡ଼ ବଡ଼ ବ୍ୟବସାୟୀଙ୍କର ଏକାଚାଟିଆ କାରବାର । ପତ୍ର ତୋଳିବା, ଶାଳମଞ୍ଜି ଖୁଣ୍ଟିବା, ଅନ୍ୟାନ୍ୟ ଜିନିଷ ସଂଗ୍ରହ କରିବା ପାଇଁ ସେମାନଙ୍କର ଅଧିକାର ନାହିଁ । ମୂଲିଆ

Digitized by PPRACHIN, SOA

ଭାବରେ ବ୍ୟବସାୟୀଙ୍କ ପାଇଁ ଏହି ସବୁ କାମ କରି ସାମାନ୍ୟ ମଜୁରି ପାଆନ୍ତି। ୧୮୭୮ ମସିହାର ପ୍ରସ୍ତୁତ ଜଙ୍ଗଲ ସୁରକ୍ଷା ଆଇନ ଏ ଯାଏଁ ଅପରିବର୍ତ୍ତିତ ରହିଛି। ତେଣୁ ପ୍ରତ୍ୟେକ ଦିନ କେହି ନା କେହି ଜଣେ ଆଦିବାସୀ ଜଙ୍ଗଲ ଆଇନ ଭଙ୍ଗ ଅପରାଧରେ ଦଣ୍ଡିତ ହେଉଛି। ଦେଶ ସାରା ସବୁ ରାଜ୍ୟରେ ସମାନ ସ୍ଥିତି। ଏଣୁ ଆଦିବାସୀମାନଙ୍କ ମଧ୍ୟରେ ବିପ୍ଳବର ବୀଜ ବପନ କରିବାର ପରିସ୍ଥିତି ଦେଖାଯାଉଛି। ତାଙ୍କର ତ୍ରାଣକର୍ତ୍ତାମାନଙ୍କୁ ରାଜନୈତିକ ବିଦ୍ରୋହୀ କିମ୍ବା ନକ୍ସଲପନ୍ଥୀ ବୋଲି ଦମନ କରିବାକୁ ପ୍ରଶାସନ ସକ୍ରିୟ ରହୁଛି।

ଜଳ ବିନା ମାଛ ଭଳିଆ ଜଙ୍ଗଲ ବିନା ଆଦିବାସୀର ଜୀବନ ଛଟପଟ ହୁଏ। ସେମାନେ ଚାହାନ୍ତି ଜଙ୍ଗଲ ରହୁ। କିନ୍ତୁ ଜୀବନଧାରଣର ଅନ୍ୟ ଅର୍ଥକାରୀ ଉପାୟ ଅଭାବରୁ ସେମାନେ ଜଙ୍ଗଲର କିଛି ହାନି କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟ ପକ୍ଷରେ କିଛି ଧନୀଲୋକ ସେମାନଙ୍କୁ ଏହି କାର୍ଯ୍ୟ କରିବାକୁ ପ୍ରରୋଚିତ କରି ଶସ୍ତାରେ ଜଙ୍ଗଲର ଦୁର୍ମୂଲ୍ୟ ଦ୍ରବ୍ୟ ହାସଲ କରୁଛନ୍ତି। ଚୋର ବୋଲି ଧରାପଡୁଛି ଆଦିବାସୀ, ଯଦିଓ ଚୋରା ଜିନିଷର ଫାଇଦା ସେ ପାଏ ଯତ୍‌ସାମାନ୍ୟ। ଏହାହିଁ ଅସଲ ବିଡ଼ମ୍ବନା !

ପଶ୍ଚିମବଙ୍ଗରେ ଗୋଟିଏ ନୂଆ ପରୀକ୍ଷଣ କରାଯାଇଛି। ଗ୍ରାମବାସୀଙ୍କୁ ସଂଗଠିତ କରି ଫରେଷ୍ଟ ପ୍ରୋଟେକ୍ସନ୍ କମିଟି ଗାଁଆଁରେ ଗାଆଁରେ ଗଠନ କରାଯାଇଛି। ସରକାର ଓ ଗ୍ରାମ କମିଟି ମିଳିତ ଭାବରେ ଜଙ୍ଗଲ ଜମିର ହେପାଜତ କରିବା ଯୋଜନା କରାଯାଇଛି। ପ୍ରାୟ ୩୦୦୦ ଏପରି କମିଟି ଗଠିତ ହେଲାଣି। ସରକାରଙ୍କ ଭଳି ସେମାନଙ୍କର ଜଙ୍ଗଲ ଉପରେ ଅଧିକାର ରହିଛି ଏବଂ ତାହାର ସୁରକ୍ଷା କରିବା ଉଭୟ ପକ୍ଷର ଦାୟିତ୍ୱ ବୋଲି ଲୋକେ ହୃଦୟଙ୍ଗମ କରୁଛନ୍ତି। ଜଙ୍ଗଲ ଅଧିକାରୀ ବା 'ଜମାନ'ମାନଙ୍କ ପୋଥିପଢ଼ା ଜ୍ଞାନଠାରୁ ଆଦିବାସୀଙ୍କ ଅଭିଜ୍ଞତାଲବ୍ଧ ଚେତନା ଢେର୍ ଉନ୍ନତ ଓ ଫଳପ୍ରସୂ। ତେଣୁ ଜଙ୍ଗଲ ବିଭାଗୀୟ ଅଧିକାରୀ ଏବଂ ସେମାନଙ୍କ ସହଧର୍ମୀ ପୁଲିସ୍ ଓ ଅବକାରୀ ଅଧିକାରୀମାନେ ବ୍ରିଟିଶ ଯୁଗର ଆଇନ୍ ଓ ଦୃଷ୍ଟିଭଙ୍ଗୀ ବଦଳାଇ ଜଙ୍ଗଲ ରକ୍ଷା କରିବା ଦିଗରେ ଆଦିବାସୀଙ୍କୁ ସହଯୋଗିତା ଓ ସହାୟତା ପ୍ରଦାନ କରିବା କାମ୍ୟ। ଆଦିବାସୀ ଅଞ୍ଚଳ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ, ମାତ୍ର ମାନବ ସମ୍ବଳର ସେଠି ବିକାଶ ହେଉନଥିବାରୁ ତାଙ୍କର ସମ୍ପଦ ଥାଇ ସେମାନେ ଦୀନହୀନ। ଶିକ୍ଷା ଓ ନିମ୍ନତମ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଯଦି ସ୍ୱାଧୀନ ଭାରତରେ ୪୫ ବର୍ଷ ମଧ୍ୟରେ ବି ସେମାନେ ପାଇଲେ ନାହିଁ, ତାଙ୍କର କଷଣ ଆଉ କେବେ ଘୁଞ୍ଚିବ ?

ଆମ ଓଡ଼ିଶା ରାଜ୍ୟ ଏକ ଆଦିବାସୀବହୁଳ ରାଜ୍ୟ। ଜନସଂଖ୍ୟା ୭୦,୩୨,୨୧୪ ଅର୍ଥାତ୍ ରାଜ୍ୟ ଜନସଂଖ୍ୟାର ୨୨.୨୧ ଶତକଡ଼ା ହେଉଛନ୍ତି ଆଦିବାସୀ। ଆଦିବାସୀଙ୍କ ଖାସ୍ ରାଜ୍ୟ ମିଜୋରାମ, ନାଗାଲାଣ୍ଡ, ମେଘାଳୟ,

Digitized by PPRACHIN, SOA

ଅରୁଣାଚଳ ପ୍ରଦେଶ ପ୍ରଭୃତି ଠାରୁ ଆମ ରାଜ୍ୟରେ ଏମାନେ ସଂଖ୍ୟାଧିକ । ତେଣୁ ଆମ ରାଜ୍ୟରେ ଆଦିବାସୀଙ୍କ ଉନ୍ନତି ପାଇଁ ସାବଧାନତା ସହ କାର୍ଯ୍ୟକରିବା ସମୁଚିତ । ଏବେ ଆଉ ସେମାନଙ୍କୁ ଆଦେଶ-ନିର୍ଦ୍ଦେଶ ଦେବାର ସମୟ ନୁହେଁ । ଯେଉଁମାନେ ବଣରୁ ବାହାରି ରାସ୍ତା କଡ଼ରେ ଠିଆ, ସେମାନଙ୍କ ହାତଧରି ଆଗେଇନେବା ପାଇଁ ପ୍ରତିବଦ୍ଧ ହେବା ବାଞ୍ଛନୀୟ । ସଚିବାଳୟରେ ବସି ଯୋଜନାର ଖସଡ଼ା ତିଆରି କରିବା ବା ଆର୍ଥିକ ଉନ୍ନତି କରିବାର ପ୍ରବଳ ଆକାଂକ୍ଷା ନେଇ ସାମାଜିକ-ସାଂସ୍କୃତିକ ଭିତ୍ତିକୁ ଦୋହଲାଇ ଦେବା ସମସ୍ୟାର ସମାଧାନ ପାଇଁ ସହଜ ପନ୍ଥା ନୁହେଁ । ୧୯୯୦ ଜାନୁଆରୀ ମାସରେ ଅଷ୍ଟମ ଯୋଜନାରେ ଆଦିବାସୀ ଉନ୍ନୟନ ପାଇଁ କଣ କରଣୀୟ ବୋଲି ସବୁ ଅଞ୍ଚଳର ଓ ସବୁ ସମ୍ପ୍ରଦାୟର ମୁଖିଆ ଆଦିବାସୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରାଯାଇଥିଲା । ତାହାର ବିବରଣୀ ଆଦିବାସୀ ଏକାଡେମୀ ପକ୍ଷରୁ ବହି ଆକାରରେ ଛପାଇ ସରକାରୀ ଦପ୍ତର ଓ ଅଧିକାରୀମାନଙ୍କୁ ଦିଆଯାଇଥିଲା । କିନ୍ତୁ ମୁଁ ଅନ୍ତତଃ କେଉଁଠି ଏହି ଆଲେଚନାର ଉଲ୍ଲେଖ ଶୁଣିନାହିଁ । ଆମର ଯୋଜନା ପ୍ରଣେତାମାନଙ୍କର ନିଶ୍ଚୟ ଧାରଣା ରହିଛି ଯେ ଆଦିବାସୀମାନେ କ'ଣ ଉନ୍ନୟନ ବିଷୟରେ ଜାଣନ୍ତି ? ଅଥଚ ଏହି ବିବରଣୀରେ ଶିକ୍ଷା, ଚାଷ, ଜଙ୍ଗଲ ରକ୍ଷା ଇତ୍ୟାଦି ବହୁ ବିଷୟରେ ସେମାନେ ସ୍ପଷ୍ଟ କରି କହିଦେଇଛନ୍ତି ଯେ ଯୋଜନାରେ ଆଗରୁ କି ଦୋଷ ରହିଛି ଏବଂ ନୂଆ ଯୋଜନାରେ ଏଥିପାଇଁ କି ପ୍ରତିକାର କରିବାକୁ ହେବ । ଆଦିବାସୀ କଲ୍ୟାଣ ପାଇଁ କୁମ୍ଭୀରକାନ୍ଦଣାରେ ବ୍ୟସ୍ତ ଅଧିକାରମାନେ ଏହି ବିବରଣୀରୁ ଆଦିବାସୀଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗୀ ଅନୁଭବ କରିବା ନିତାନ୍ତ ଆବଶ୍ୟକ । ଆଦିବାସୀ କାହିଁକି ଜଙ୍ଗଲ କାଟେ ବା ପୋଡ଼େ, ପିଲାକୁ ସ୍କୁଲକୁ ପଠାଇ ପାରେନା ବା ପିଲାଏ ପଢ଼ା ଛାଡ଼ନ୍ତି, ମଦ ଖାଏ, ଡାକ୍ତରି ଔଷଧ ନପାଇ ରୋଗରେ ମରେ, ରାଜ୍ୟ ଶାସନକୁ ସନ୍ଦେହକରି ଧର୍ମକୁ ନିର୍ଭର କରେ ଇତ୍ୟାଦି ବହୁ ବିଷୟରେ ଖୁବ୍ ସରଳ ଉତ୍ତରମାନ ଏହି ବିବରଣୀରେ ଅଭିବ୍ୟକ୍ତ ହୋଇଛି । ତେଣୁ ବର୍ତ୍ତମାନ ଆଦିବାସୀଙ୍କୁ ପଚାରି, ତାଙ୍କୁ ସମ୍ପୃକ୍ତ କରାଇ ଓ ତାଙ୍କର ସ୍ୱାଭିମାନକୁ ମର୍ଯ୍ୟାଦା ଦେଇ ତାଙ୍କର ଉନ୍ନୟନପାଇଁ ଯୋଜନା ନକଲେ, ଭବିଷ୍ୟତକୁ ବିପଦ ସମ୍ଭାବ୍ୟ ।

■■■

Digitized by PPRACHIN, SOA

ISBN 81-7401-136-6

Digitized by PPRACHIN, SOA

ISBN 81-7401-136-6

3
M

Digitized by PPRACHIN, SOA